# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୨/୨୦୧୯ (୨୦ ପୃଷ୍ଠା) | Bhubaneswar, Sunday, September 22/2019 (ଛୁଟିଦିନ ସହ) | ★★★★★★

୪୫ଶ ଭାଗ ୨୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


**ଆଜିର ସମ୍ପାଦକୀୟ**

## ଅଭିବୃଦ୍ଧିର କାରକ

**ଆଜିର ମନ୍ତବ୍ୟ**

"ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପା-ଶିବସେନା ମେଣ୍ଟକୁ ୨୫୦ ଆସନ ମିଳିବା।"

–ରାମଦାସ ଅଠାୱାଲେ, କେନ୍ଦ୍ରମନ୍ତ୍ରୀ

**ମନିଲଣ୍ଡରିଂ ମାମଲା**

## ସିମ୍ପାଞ୍ଜିକୁ ଜବତ କଲା ଇଡି

**ନୂଆଦିଲ୍ଲୀ,୨୧।୯(ପି.ଟି.)**

ବନ୍ୟଜନ୍ତୁ ଚୋରା କାରବାର କରୁଥିବା ପଶ୍ଚିମବଙ୍ଗର ଜଣେ ବ୍ୟକ୍ତିଙ୍କ ଘର ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଧିକାରୀମାନେ ଚଢ଼ାଉ କରି ୩ଟି ସିମ୍ପାଞ୍ଜି ଓ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ୪ଟି ମାଙ୍କଡ଼ ଜବତ କରିଛି। କୌଣସି ତଦନ୍ତକାରୀ ସଂସ୍ଥା ଜୀବଜନ୍ତୁ ଜବତ କରିବା ଏହା ପ୍ରଥମ ଘଟଣା।

**ଦେଶରେ ପ୍ରଥମ**



ଏକ ଗୁରୁତର ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ଇଡି ପିଏମ୍ଏଲ୍ଏ ଆଇନରେ ଉପରୋକ୍ତ ଜୀବଜନ୍ତୁଙ୍କୁ ଜବତ କରିଛି। ଚୋରାବେପାରୀ ସେମାନଙ୍କୁ ବାହାରକୁ ନେଇଯିବା ପାଇଁ ଉଦ୍ୟମ ଚଳାଇଥିଲା। ଜୀବଜନ୍ତୁଙ୍କୁ କୋଲକାତା ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ଜବତ ହୋଇଥିବା ୩ ସିମ୍ପାଞ୍ଜି ☞ପୃଷ୍ଠା–୪

# ଅକ୍ଟୋବର ୨୧ରେ ବିଜେପୁର ଭୋଟ

## ଉପନିର୍ବାଚନ ପାଇଁ ବାଜିଲା ବିଗୁଲ

- ବରଗଡ଼ ଜିଲାରେ ଆଚରଣବିଧି ଲାଗୁ
- ମତଦାନ କରିବେ ୨ ଲକ୍ଷ ୩୨ ହଜାର ଭୋଟର
- ୨୮୫ ବୁଥ୍ ପାଇଁ ୧୪୦୦ କର୍ମଚାରୀ
- ୨୪ରେ ଗଣତି

**ଭୁବନେଶ୍ୱର,୨୧।୯(ବ୍ୟୁରୋ)**

ବିଜେପୁରବାସୀଙ୍କ ପ୍ରତୀକ୍ଷାର ଅନ୍ତ ଘଟିଛି। ଠିକ୍ ମାସକ ପରେ ଏହି ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଅକ୍ଟୋବର ୨୧ରେ ଭୋଟ ଗ୍ରହଣ ଓ ୨୪ରେ ଭୋଟ ଗଣତି କରାଯିବ। ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ଏନେଇ ଶନିବାର ଘୋଷଣା କରାଯାଇଛି। ଏଥିସହ ବରଗଡ ଜିଲାର ବହୁଚର୍ଚ୍ଚିତ ନିର୍ବାଚନମଣ୍ଡଳୀ ବିଜେପୁର ଉପନିର୍ବାଚନ ପାଇଁ ବିଧିବଦ୍ଧଭାବେ ବିଗୁଲ ବାଜିଛି।

ଗତ ବିଧାନସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁର ଓ ତାଙ୍କ ପାରମ୍ପରିକ ହିଞ୍ଜିଳି ଆସନରୁ ବିଜୟୀ ହୋଇଥିଲେ। ନିୟମାନୁଯାୟୀ ସେ ଗୋଟିଏ ହିଞ୍ଜିଳି ଆସନକୁ ରଖି ବିଜେପୁର ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। ମୁଖ୍ୟ ନିର୍ବାଚନ କମିଶନର(ସିଇସି) ସୁନୀଲ ଆରୋରା ଶନିବାର ଭାଜପା ଶାସିତ ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ପାଇଁ ତାରିଖ ଘୋଷଣା କରିଛନ୍ତି। ଏହା ସହ ୧୮ ରାଜ୍ୟର ୬୪ ଆସନରେ ଉପନିର୍ବାଚନ ଲାଗି ମଧ ତାରିଖ ଘୋଷଣା କରାଯାଇଛି। ଏହା ମଧ୍ୟରେ ରହିଛି ବିଜେପୁର ଉପନିର୍ବାଚନ। ସିଇସିଙ୍କ ଘୋଷଣା ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ବିଜେପୁର ଉପନିର୍ବାଚନ ପରିଚାଳନା ନେଇ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛନ୍ତି। ସୁରେନ୍ଦ୍ର କହିଛନ୍ତି ଯେ, ଚଳିତ ମାସ ୨୩ (ସୋମବାର) ଉପନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ସେହିପରି ଆସନ୍ତା ୩୦ (ସୋମବାର)ରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ଅକ୍ଟୋବର ୧ (ମଙ୍ଗଳବାର) ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ସେହିଭଳି ଅକ୍ଟୋବର ୩ (ଗୁରୁବାର) ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ରଖାଯାଇଛି। ଅକ୍ଟୋବର ୨୧ (ସୋମବାର) ଭୋଟ ଗ୍ରହଣ କରାଯିବ। ଅକ୍ଟୋବର ୨୪ (ଗୁରୁବାର) ଭୋଟ ଗଣତି ହେବ। ସେହିମାସ ୨୭(ରବିବାର)ରେ ଏହି ଉପନିର୍ବାଚନ ପ୍ରକ୍ରିୟା ସମାପ୍ତ ହେବ ବୋଲି ସୁରେନ୍ଦ୍ର କହିଛନ୍ତି। ଏହି ପ୍ରକ୍ରିୟାରେ ପ୍ରାୟ ୧୪୦୦ ଅଧିକାରୀ ନିର୍ବାଚନ ପରିଚାଳନା କରିବେ।

ଇସିଙ୍କ ନିର୍ବାଚନ ତାରିଖ ଘୋଷଣା ସହ ବିଜେପୁର ସମେତ ସମଗ୍ର ବରଗଡ ଜିଲାରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ଏହି ଉପନିର୍ବାଚନରେ ୨୮୫ ବୁଥ୍‌ରେ ୨ ଲକ୍ଷ ୩୨ ହଜାର ୫ ଜଣ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଭୋଟରଙ୍କ ମଧ୍ୟରେ ୧,୧୯,୯୧୬ ପୁରୁଷ, ୧,୧୨,୦୭୪ ମହିଳା ଏବଂ ୧୫ ଜଣ ତୃତୀୟ ଲିଙ୍ଗ ଭୋଟର ମତଦାନ କରିବେ ବୋଲି ସିଇଓ ସୂଚନା ଦେଇଥିଲେ। ଉଲ୍ଲେଖଯୋଗ୍ୟ, କଂଗ୍ରେସ ଟିକେଟ୍‌ରେ ବିଜେପୁରରୁ ଲଗାତର ୩ ଥର(୨୦୦୪,୨୦୦୯,୨୦୧୪) ବିଜୟୀ ହୋଇଥିବା ସୁବଳ ସାହୁଙ୍କ ୨୦୧୭ରେ ପରଲୋକ ହୋଇଥିଲା। ଏହା ପରେ ସେହି ଆସନଟି ଖାଲି ହୋଇଥିବାରୁ ୨୦୧୮ରେ ମଧ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବିଜେଡି ସେହି ନିର୍ବାଚନରେ ୨୦୧୪ରେ ପରାସ୍ତ ହୋଇଥିବା ପ୍ରସନ୍ନ ଆଚାର୍ଯ୍ୟ କିମ୍ବା ଅନ୍ୟ କାହାରିକୁ ପ୍ରାର୍ଥୀ କରି ନ ଥିଲା। ସ୍ୱର୍ଗତ ସୁବଳ ସାହୁଙ୍କ ପତ୍ନୀ ରୀତା ସାହୁ ଏବଂ ସମର୍ଥକ ବିଜେଡିରେ ☞ପୃଷ୍ଠା–୪

**ମହାରାଷ୍ଟ୍ର, ହରିୟାଣା ବିଧାନସଭା ନିର୍ବାଚନ ୨୧ରେ** ପୃଷ୍ଠା ୨












"ହରିୟାଣା ବିଧାନସଭା ନିର୍ବାଚନରେ ଭାଜପା ୯୦ରୁ ୭୫ ଆସନରେ ବିଜୟୀ ହେବ।
-ମନୋହର ଲାଲ୍ ଖଟ୍ଟର, ହରିୟାଣା ମୁଖ୍ୟମନ୍ତ୍ରୀ



# ମହାରାଷ୍ଟ୍ର, ହରିୟାଣା ଭୋଟ ୨୧ରେ

ନୂଆଦିଲ୍ଲୀ,୨୧।୯ (ପି.ଟି./ଆଇଏଏନ୍ଏସ୍)

ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ନିର୍ବାଚନ ଅକ୍ଟୋବର ୨୧ରେ ଅନୁଷ୍ଠିତ ହେବ। ସେହିଦିନ ୧୭ ରାଜ୍ୟର ୬୪ ବିଧାନସଭା ଆସନ ଏବଂ ଗୋଟିଏ ଲୋକ ସଭା ଆସନ ପାଇଁ ଉପନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରା ଶନିବାର ଘୋଷଣା କରିଛନ୍ତି। ୨୪ ତାରିଖରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ । ଲୋକ ସଭା ନିର୍ବାଚନ ଜିତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ଦ୍ୱିତୀୟ ଥର କେନ୍ଦ୍ରରେ କ୍ଷମତାକୁ ଆସିବା ପରେ ଏହା ପ୍ରଥମ ବିଧାନସଭା ନିର୍ବାଚନ। ଭାଜପା ନିର୍ବାଚନ ପ୍ରଚାରରେ ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ମୁଖ୍ୟ ପ୍ରସଙ୍ଗ କରିବ ବୋଲି କୁହାଯାଉଛି। ଉଭୟ ରାଜ୍ୟରେ ଭାଜପା ପୁଣିଥରେ କ୍ଷମତାକୁ ଫେରିବା ନେଇ ଦୃଢ଼ ଆଶାବାଦୀ ରହିଛି।



ନୂଆଦିଲ୍ଲୀରେ ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା (ମଝି) ନିର୍ବାଚନ ତାରିଖ ଘୋଷଣା କରୁଛନ୍ତି।

## ୨୪ରେ ଗଣତି

୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ଓ ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ସେପ୍ଟେମ୍ବର ୨୭ରେ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାବେଳେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଅକ୍ଟୋବର ୪ ରହିଛି। ୫ରେ ନାମାଙ୍କନପତ୍ର ଯାଞ୍ଚ ହେବ। ପ୍ରାର୍ଥୀ ଚାହିଁଲେ ୭ ତାରିଖ ସୁଦ୍ଧା ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ ବୋଲି ସିଇସି ଆରୋରା କହିଛନ୍ତି । ମହାରାଷ୍ଟ୍ରର ୮.୯୫ କୋଟି ଭୋଟରଙ୍କ ପାଇଁ ୯୫,୪୭୩ ବୁଥ୍ ଓ ହରିୟାଣାର ୧.୮୩ କୋଟି ଭୋଟରଙ୍କ ପାଇଁ ୧୯,୪୨୫ ଭୋଟଗ୍ରହଣ କେନ୍ଦ୍ର କରାଯିବ। ହରିୟାଣା ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨ ପର୍ଯ୍ୟନ୍ତ ରହିଥିବାବେଳେ ମହାରାଷ୍ଟ୍ର ବିଧାନସଭା ନଭେମ୍ବର ୯ରେ ଶେଷ ହେଉଛି।

୨୦୧୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପା ୧୨୨ ଏବଂ ଶିବସେନା ୬୩ ଆସନରେ ଜିତିଥିବାବେଳେ କଂଗ୍ରେସ ୪୨ ଏବଂ ଏନ୍‌ସିପି ୪୧ ଆସନରେ ବିଜୟୀ ହୋଇଥିଲା। ଅନ୍ୟ ଦଳଗୁଡ଼ିକ ୨୦ ଆସନ ହାତେଇଥିଲେ। ସେତେବେଳେ ଭାଜପା ଓ ଶିବସେନା ମଧ୍ୟରେ ଆସନ ବୁଝାମଣା ହୋଇ ନ ପାରିବାରୁ ଉଭୟ ଅଲଗା ନିର୍ବାଚନ ଲଢ଼ିଥିଲେ। ସରକାର ଗଢ଼ିବା ଲାଗି ସେମାନଙ୍କ ମଧ୍ୟରେ ନିର୍ବାଚନ ପରବର୍ତ୍ତୀ ମେଣ୍ଟ ହୋଇଥିଲା। ଏଥର ଦୁଇ ଦଳ ମଧ୍ୟରେ ମେଣ୍ଟ ପାଇଁ ଆଲୋଚନା ଜାରି ରହିଥିବାବେଳେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇପାରି ନାହିଁ।

ସେହିପରି ୨୦୧୪ ହରିୟାଣା ବିଧାନସଭା ନିର୍ବାଚନରେ ଭାଜପାକୁ ୪୭ ଆସନ ମିଳିଥିବାବେଳେ ଇଣ୍ଡିଆନ ନ୍ୟାଶନାଲ ଲୋକ ଦଳ (ଆଇଏନ୍ଏଲ୍‌ଡି)୧୯ ଓ ଶାସକ କଂଗ୍ରେସ ଦଳ ୧୫ ଆସନରେ ଜିତିଥିଲା। ହରିୟାଣା ଜନହିତ କଂଗ୍ରେସ (ଏଚ୍‌ଜେସି)କୁ ଦୁଇଟି, ଶିରୋମଣି ଅକାଳୀ ଦଳ ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି)କୁ ଗୋଟିଏ ଲେଖାଏ ଆସନ ମିଳିଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ୫ଟି ଆସନରେ ବିଜୟୀ ହୋଇଥିଲେ।

ଦେଶରେ ଏକସଙ୍ଗେ ନିର୍ବାଚନ କରାଇବା ଲାଗି ଆଲୋଚନା ଚାଲିଥିବାବେଳେ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ କାହିଁକି ତାରିଖ ଘୋଷଣା କରାଗଲାନି ବୋଲି ଖବରଦାତାମାନଙ୍କ ପ୍ରଶ୍ନରେ ଆରୋରା କହିଥିଲେ, ସେଠାରେ ବିଧାନସଭା କାର୍ଯ୍ୟକାଳ ଜାନୁୟାରୀ ୯ରେ ଶେଷ ହେବ। ଯଦି ଗୃହର ନେତା ବିଧାନସଭା ଭଙ୍ଗ କରନ୍ତି ତେବେ ଆଗୁଆ ନିର୍ବାଚନ ହୋଇପାରେ। ଇସି କ'ଣ ପାଇଁ ଆଗୁଆ ନିର୍ବାଚନ କରାଇବେ ବୋଲି ସିଇସି ପ୍ରଶ୍ନ କରିଥିଲେ।

## ୬୪ ବିଧାନସଭା, ଗୋଟିଏ ଲୋକ ସଭା ଆସନ ଲାଗି ଉପନିର୍ବାଚନ ତାରିଖ ଘୋଷଣା

**ନୂଆଦିଲ୍ଲୀ,୨୧।୯(ପି.ଟି.):** ୧୭ ରାଜ୍ୟର ୬୪ ବିଧାନସଭା ଆସନ ଏବଂ ବିହାରର ସମସ୍ତିପୁର ଲୋକ ସଭା ଆସନ ଲାଗି ଅକ୍ଟୋବର ୨୧ରେ ଉପନିର୍ବାଚନ ଅନୁଷ୍ଠିତ ହୋଇ ୨୪ରେ ଭୋଟଗଣତି କରାଯିବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରା ଶନିବାର ଘୋଷଣା କରିଛନ୍ତି। କର୍ଣାଟକର ୧୫ ବିଧାନସଭା ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ଏହିସବୁ ଆସନର ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ସେହିପରି ଉତ୍ତରପ୍ରଦେଶର ୧୧ ଆସନ ମଧ୍ୟରୁ ଅଧିକାଂଶ ବିଧାୟକ ଗତ ସାଧାରଣ ନିର୍ବାଚନରେ ଲୋକ ସଭାକୁ ନିର୍ବାଚିତ ହୋଇଥିବାରୁ ସେହିସବୁ ଆସନ ଖାଲିପଡ଼ିଥିଲା। ସମସ୍ତିପୁର ଲୋକ ସଭା ଆସନର ସଦସ୍ୟ ରାମଚନ୍ଦ୍ର ପାଶ୍ୱାନଙ୍କର ଗତ ଜୁଲାଇରେ ପରଲୋକ ହେବାରୁ ସେଠାରେ ଉପନିର୍ବାଚନ ଜରୁରୀ ହୋଇପଡିଥିଲା। ତେବେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ସହ ସତାରା ଲୋକ ସଭା ଆସନ ଲାଗି ଉପନିର୍ବାଚନ ହେବନାହିଁ ବୋଲି ଆରୋରା କହିଛନ୍ତି। ସେଠାର ଏନ୍‌ସିପି ଏମ୍‌ପି ଉଦୟନରାଜେ ଭୋସଲେ ନିକଟରେ ଲୋକ ସଭାରୁ ଇସ୍ତଫା ଦେଇ ଭାଜପାରେ ଯୋଗଦେଇଥିଲେ। ସେହିପରି ପଶ୍ଚିମବଙ୍ଗ ଓ ଉତ୍ତରାଖଣ୍ଡରେ ଉପନିର୍ବାଚନ ଅନୁଷ୍ଠିତ ହେବ ନାହିଁ। ଦୁର୍ଗାପୂଜା ପାଇଁ ଉପନିର୍ବାଚନ ଘୁଞ୍ଚାଇବାକୁ ପଶ୍ଚିମବଙ୍ଗ ସରକାର ଅନୁରୋଧ କରିଥିବାବେଳେ ଉତ୍ତରାଖଣ୍ଡରେ ପଞ୍ଚାୟତ ନିର୍ବାଚନ ଚାଲିଥିବାରୁ ଉପନିର୍ବାଚନ କରାଇବା ସମ୍ଭବ ନୁହେଁ ବୋଲି ସିଇସି କହିଛନ୍ତି। ସେହିପରି ଅନ୍ୟ କେତେକ ରାଜ୍ୟରେ ନିର୍ବାଚନ ସଂକ୍ରାନ୍ତ ମାମଲା ଅଦାଲତରେ ବିଚାରାଧୀନ ଥିବାରୁ ସେଠାରେ ଉପନିର୍ବାଚନ ହେବ ନାହିଁ। ଯେଉଁ ରାଜ୍ୟଗୁଡ଼ିକରେ ବିଧାନସଭା ଉପନିର୍ବାଚନ ହେବାକୁ ଯାଉଛି ସେଗୁଡ଼ିକ ହେଲା ଅରୁଣାଚଳପ୍ରଦେଶ, ଛତିଶଗଡ, ତେଲେଙ୍ଗାନା, ମଧ୍ୟପ୍ରଦେଶ, ମେଘାଳୟ, ଓଡିଶା, ପୁଡୁଚେରୀ (ପ୍ରତ୍ୟେକରେ ଗୋଟିଏ ଆସନ), ଆସାମ (୫), ବିହାର (୫), ଗୁଜରାଟ (୪), ହିମାଚଳପ୍ରଦେଶ (୨), କେରଳ (୫), ପଞ୍ଜାବ (୪), ରାଜସ୍ଥାନ (୨), ତାମିଲନାଡୁ (୨) ଓ ସିକ୍କିମ (୩)। ଏଥିପାଇଁ ସେପ୍ଟେମ୍ବର ୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିବା ଥିବାବେଳେ ସେହିଦିନଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ।

## ସୁପ୍ରିମକୋର୍ଟରେ ରହିବ ସ୍ଥାୟୀ ସାମ୍ବିଧାନିକ ପୀଠ

ନୂଆଦିଲ୍ଲୀ,୨୧।୯



ପାଖାପାଖି ୭୦ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ସୁପ୍ରିମକୋର୍ଟରେ ସ୍ଥାୟୀ ଭାବେ ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ ହେବାକୁ ଯାଉଛି। ଜଟିଳ ସାମ୍ବିଧାନିକ ପ୍ରଶ୍ନର ସମାଧାନ ଏବଂ ଆଇନର ବ୍ୟାଖ୍ୟା ପାଇଁ ଏହା କାର୍ଯ୍ୟ କରିବ।

୧୯୫୦ରେ ୮ ଜଣ ବିଚାରପତିଙ୍କୁ ନେଇ ସୁପ୍ରିମକୋର୍ଟ ଆରମ୍ଭ ହୋଇଥିଲା। ଏବେ ଏହାର ବିଚାରପତି ସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ଅକ୍ଟୋବର ୧ରୁ ସ୍ଥାୟୀ ସାମ୍ବିଧାନିକ ବେଞ୍ଚ୍ ଗଠନ ଲାଗି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କୁ ସ୍ୱାଧୀନତା ପ୍ରଦାନ କରାଯାଇଛି। ପୂର୍ବ ବ୍ୟବସ୍ଥା ଅନୁଯାୟୀ କୌଣସି ଆଇନ ସମ୍ପର୍କିତ ପ୍ରଶ୍ନ ଗୁରୁତ୍ୱପୂର୍ଣ୍ଣ ମନେକଲେ ୨ ଜଣିଆ ଖଣ୍ଡପୀଠ ଏହାକୁ ତିନି ଜଣିଆ ଖଣ୍ଡପୀଠଙ୍କ ପାଖକୁ ପଠାଉଥିଲେ। ନିର୍ଦ୍ଦିଷ୍ଟ କେତେକ ଗୁରୁତ୍ୱପୂର୍ଣ୍ଣ ମାମଲା ସାମ୍ବିଧାନିକ ପୀଠକୁ ଯାଉଥିଲା। ପରେ ସିଜେଆଇ ମାମଲାର ଗୁରୁତ୍ୱକୁ ଅନୁଭବ କରି ଏଥିପାଇଁ ବିଚାରପତିଙ୍କୁ ନିୟୋଜିତ କରୁଥିଲେ। ତେବେ ଗତ ୩ ଦଶନ୍ଧିରେ ମୌଳିକ ଅଧିକାର ସମ୍ପର୍କିତ ମାମଲା, ଗୁରୁତ୍ୱପୂର୍ଣ୍ଣ ଜନସ୍ୱାର୍ଥ ମାମଲା ସଂଖ୍ୟା ଏତେ ବଢ଼ିଯାଇଥିଲା ଯେ ୫ ଜଣିଆ ସାମ୍ବିଧାନିକ ପୀଠ ଗଠନ ସିଜେଆଇମାନଙ୍କ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା।

## ୪ ହାଇକୋର୍ଟ ପାଇଁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ନିଯୁକ୍ତ

ନୂଆଦିଲ୍ଲୀ,୨୧।୯(ପି.ଟି.)

୪ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ଦିଆଯିବା ପରେ ସେମାନଙ୍କ ସ୍ଥାନରେ ୪ ଜଣଙ୍କୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି। ଜଷ୍ଟିସ୍ ରାଜୀବ ଶର୍ମା, ମହମ୍ମଦ ରଫିକ୍, ସି.ଭି.କେ. ଅବଦୁଲ ରହିମ୍ ଏବଂ ଧରମଚନ୍ଦ୍ ଚୌଧୁରୀଙ୍କୁ ଯଥାକ୍ରମେ ପଞ୍ଜାବ ଓ ହରିୟାଣା, ରାଜସ୍ଥାନ, କେରଳ ଏବଂ ହିମାଚଳପ୍ରଦେଶ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ନିଯୁକ୍ତ କରାଯାଇଥିବା ଆଇନ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି। ଦୁଇଦିନ ପୂର୍ବରୁ ଜଷ୍ଟିସ୍ କ୍ରିଷ୍ଣ ମୁରାରି, ଏସ୍.ଆର୍. ଭଟ୍ଟ, ହୃଷୀକେଶ ରାୟ ଏବଂ ଭି. ରାମସୁବ୍ରମଣ୍ୟନ୍ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିଲେ।

ଅନ୍ୟପକ୍ଷରେ ସୁପ୍ରିମକୋର୍ଟ କଲେଜିୟମ୍ ଜଷ୍ଟିସ୍ ଅକିଲ କୁରେଶୀଙ୍କୁ ତ୍ରିପୁରା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି ସୁପାରିସ କରିଛନ୍ତି। ପୂର୍ବରୁ ତାଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ନିଯୁକ୍ତି ଲାଗି ସୁପାରସ କରାଯାଇଥିଲା।

## ଶିବକୁମାରଙ୍କ ଜାମିନ ଆବେଦନ ରାୟ ୨୫ରେ



**ନୂଆଦିଲ୍ଲୀ,୨୧।୯(ପି.ଟି.):** କର୍ନାଟକ କଂଗ୍ରେସର ବରିଷ୍ଠ ନେତା ଡି.କେ. ଶିବକୁମାରଙ୍କ ଜାମିନ ଆବେଦନର ରାୟ ୨୫ରେ ପ୍ରକାଶ ପାଇବ। ମନିଲଣ୍ଡରିଂ ମାମଲାରେ ଗିରଫ ଶିବକୁମାର ସାକ୍ଷୀଙ୍କୁ ପ୍ରଭାବିତ କରିପାରନ୍ତି ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଶନିବାର ଦିଲ୍ଲୀର ଏକ ଅଦାଲତଙ୍କୁ କହିଥିଲା। ଇଡି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ କେ.ଏମ୍. ନଟରାଜ ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହାରଙ୍କ ଅଦାଲତରେ ଶିବକୁମାରଙ୍କ ଜାମିନ ଆବେଦନକୁ ବିରୋଧ କରିଥିଲେ। କେବଳ ଟିକସ ଦେଇ ଶିବକୁମାର ତାଙ୍କର ବେଆଇନ ସମ୍ପତ୍ତିକୁ ଆଇନସମ୍ମତ କରିପାରିବେ ନାହିଁ ବୋଲି ନଟରାଜ କହିଥିଲେ।

## 'ଚାଇନାର ଶକ୍ତିବୃଦ୍ଧି ବିଶ୍ୱକୁ ବିପଦ'



**ୱାଶିଂଟନ,୨୧।୯(ପି.ଟି.):** ଚାଇନାର ସାମରିକ ଶକ୍ତିବୃଦ୍ଧିକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚିନ୍ତାବ୍ୟକ୍ତ କରିବା ସହ ଏହା ସାରା ବିଶ୍ୱ ପାଇଁ ବିପଦ ବୋଲି କହିଛନ୍ତି। ଏହି କମ୍ୟୁନିଷ୍ଟ ରାଷ୍ଟ୍ର ଆମେରିକାର ବୌଦ୍ଧିକ ସମ୍ପତ୍ତି ଚୋରି କରି ଏହାର ପ୍ରତିରକ୍ଷା ସାମର୍ଥ୍ୟ ବୃଦ୍ଧି କରିଛି। ଏହାକୁ ରୋକି ନ ଥିବା ଆମେରିକାର ପୂର୍ବତନ ରାଷ୍ଟ୍ରପତିମାନଙ୍କୁ ଟ୍ରମ୍ପ୍ ଦାୟୀ କରିଛନ୍ତି। ବିବାଦୀୟ ଦକ୍ଷିଣ ଚାଇନା ସାଗରରେ ଆମେରିକାର ପ୍ରବେଶକୁ ପ୍ରତିହତ କରିବା ଲାଗି ବେଜିଂ ଏହାର ପ୍ରତିରକ୍ଷା ବ୍ୟୟ ୧୫୨ ବିଲିୟନ ଡଲାରକୁ ବୃଦ୍ଧି କରିଛି। ସେମାନେ ସାମରିକ ଶକ୍ତିର ଦ୍ରୁତ ବୃଦ୍ଧି କରୁଥିବାରୁ ଏହା ବିଶ୍ୱ ପାଇଁ ବିପଜ୍ଜନକ ବୋଲି ଟ୍ରମ୍ପ୍ କହିଛନ୍ତି। ତାଙ୍କ ସହ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ୍ ଉପସ୍ଥିତ ଥିଲେ। ତାଙ୍କ ପୂର୍ବରୁ ଆମେରିକା ରାଷ୍ଟ୍ରପତିମାନେ ଚାଇନାକୁ ବର୍ଷକୁ ୫୦୦ ବିଲିୟନରୁ ଊର୍ଦ୍ଧ୍ୱ ଆର୍ଥିକ ସହାୟତା ଯୋଗାଉଥିଲେ। ଏଥିସହିତ ଆମେରିକାର ବୌଦ୍ଧିକ ସମ୍ପତ୍ତି ଓ ସମ୍ପତ୍ତି ଅଧିକାରକୁ ମଧ୍ୟ ବେଜିଂ ଚୋରି କରିଥିଲା। ସେ ଏଭଳି ହେବାକୁ ଦେବେନାହିଁ ବୋଲି ଟ୍ରମ୍ପ କହିଛନ୍ତି।

## ରାଜୀବ କୁମାରଙ୍କୁ ମିଳିଲାନି ଆଗୁଆ ଜାମିନ

**କୋଲକାତା,୨୧।୯(ପି.ଟି.):** କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କ ଆଗୁଆ ଜାମିନ ଆବେଦନକୁ ଆଲିପୁର ଜିଲା ଓ ଦୌରା ଅଦାଲତ ଶନିବାର ଖାରଜ କରିଦେଇଛନ୍ତି। ସାରଦା ଚିଟଫଣ୍ଡ ଦୁର୍ନୀତି ମାମଲାରେ ସମ୍ପୃକ୍ତ ରାଜୀବଙ୍କୁ ଜେରା ପାଇଁ ହାଜର ହେବା ଲାଗି ସିବିଆଇର ସମନ ସତ୍ତ୍ୱେ ସେ ଏହାକୁ ଏଡାଇ ଚାଲିଥିଲେ। ତାଙ୍କୁ ଗିରଫ କରିବା ଲାଗି ସିବିଆଇକୁ ଗିରଫ ପରୱାନା ଆବଶ୍ୟକ ନାହିଁ ବୋଲି ଅଦାଲତ କହିବା ପରେ ରାଜୀବ ଶୁକ୍ରବାର ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ।

## ଆଜି ହାଓଡି ମୋଦି କାର୍ଯ୍ୟକ୍ରମ

ହ୍ୟୁଷ୍ଟନ୍,୨୧।୯(ଆଇଏଏନ୍ଏସ୍)

ଆମେରିକାର ଟେକ୍ସାସ୍ ପ୍ରଦେଶ ଅନ୍ତର୍ଗତ ହ୍ୟୁଷ୍ଟନ୍ ସହରରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଅନୁଷ୍ଠିତ ହେବ 'ହାଓଡି ମୋଦି' କାର୍ଯ୍ୟକ୍ରମ। ପ୍ରଧାନମନ୍ତ୍ରୀ ଶନିବାର ରାତିରେ ହ୍ୟୁଷ୍ଟନ୍‌ରେ ପହଞ୍ଚିଛନ୍ତି। ୩ ଘଣ୍ଟା ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଆମେରିକା କଂଗ୍ରେସ ଓ ସିନେଟ ସଦସ୍ୟଙ୍କ ସମେତ ୫୦ ହଜାର ଉତ୍ସାହୀ ପ୍ରବାସୀ ଭାରତୀୟ ଯୋଗଦେଇ ତାଙ୍କୁ ଅଭିନନ୍ଦନ ଜଣାଇବେ। ମୋଦିଙ୍କୁ ସ୍ୱାଗତ କରିବା ଲାଗି ହ୍ୟୁଷ୍ଟନ୍‌ରେ ଜୋରଦାର ପ୍ରସ୍ତୁତି ଚାଲିଛି।

ଟେକ୍ସାସ ଇଣ୍ଡିଆ ଫୋରମ୍ (ଟିଆଇଏଫ୍) ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏନ୍‌ଆର୍‌ଜି ଫୁଟ୍‌ବଲ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଏହି ଐତିହାସିକ କାର୍ଯ୍ୟକ୍ରମରେ ୧୦୦୦ରୁ ଊର୍ଦ୍ଧ୍ୱ ଗୁଜରାଟୀ ଯୋଗଦେଇ ଦାଣ୍ଡିଆ ନୃତ୍ୟ ପରିବେଷଣ କରିବେ। ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ଜଣେ ରାଷ୍ଟ୍ର ମୁଖ୍ୟଙ୍କ ପାଇଁ ଏହା ସର୍ବବୃହତ କାର୍ଯ୍ୟକ୍ରମ। ଆମେରିକାରେ ଏଭଳି କାର୍ଯ୍ୟକ୍ରମ ପୂର୍ବରୁ କେବେ ହୋଇନାହିଁ ବୋଲି ଟିଆଇଏଫ୍ ମୁଖପାତ୍ର ଗିତେଶ ଦେଶାଇ କହିଛନ୍ତି। ଏହି ମେଗା ଶୋ'ରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ, ଯାହାର ଶୀର୍ଷକ ରହିଛି 'ୱଭନ'। ଭାରତୀୟ ଆମେରିକୀୟ ସମ୍ପ୍ରଦାୟ କିପରି ଆମେରିକାର ଅଂଶ ପାଲଟିଲେ ତାହା ଏଥିରେ ପ୍ରଦର୍ଶିତ ହେବ। ଅଂଶଗ୍ରହଣକାରୀ କଳାକାରମାନଙ୍କୁ ନେବା ଆଣିବା ପାଇଁ ଶତାଧିକ ବସ୍ ନିୟୋଜିତ ହୋଇଛି।

ହାଓଡି ମୋଦି କାର୍ଯ୍ୟକ୍ରମ ପୂର୍ବରୁ ଶୁକ୍ରବାର ହ୍ୟୁଷ୍ଟନରେ ଏକ କାର ରାଲି ଆୟୋଜିତ ହୋଇଥିଲା। ମୋଦିଙ୍କ ଗସ୍ତ ପୂର୍ବରୁ ସେଠାରେ ଇମେଲ୍ଡା ଘୂର୍ଣ୍ଣିଝଡ଼ଜନିତ ପ୍ରବଳ ବର୍ଷା ହୋଇଥିଲା। ହ୍ୟୁଷ୍ଟନ୍‌ର ଅନେକ ଅଞ୍ଚଳ ବନ୍ୟାପ୍ଲାବିତ ହୋଇଥିବାବେଳେ ୪ ଜଣଙ୍କ ମୃତ୍ୟୁ ଘଟିଛି।




- ଯୋଗଦେବେ ୫୦ ହଜାର ପ୍ରବାସୀ ଭାରତୀୟ
- ହ୍ୟୁଷ୍ଟନରେ ବ୍ୟାପକ ପ୍ରସ୍ତୁତି

### ବିକ୍ଷୋଭ କରିବେ ଶିଖ୍ ବିଚ୍ଛିନ୍ନତାବାଦୀ

**ହ୍ୟୁଷ୍ଟନ୍/ୱାଶିଂଟନ,୨୧।୯:** ହାଓଡି ମୋଦି କାର୍ଯ୍ୟକ୍ରମ ବେଳେ ଆମେରିକାରେ ଥିବା ବିଚ୍ଛିନ୍ନତାବାଦୀ ଶିଖ୍ ସଂଗଠନ ଓ ପାକିସ୍ତାନୀମାନେ ହ୍ୟୁଷ୍ଟନ୍‌ରେ ବିକ୍ଷୋଭ କରିବାକୁ ଯୋଜନା କରିଛନ୍ତି। ଉପତ୍ୟକାରେ ମାନବାଧିକାର ଉଲ୍ଲଂଘନ ନେଇ ଦୁଇଜଣ କଶ୍ମୀର କର୍ମୀ ସଂଘୀୟ ଅଦାଲତରେ ମାମଲା ଦାଏର କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାକୁ ନେଇ ନୂଆଦିଲ୍ଲୀ ୱାଶିଂଟନ ସହ ଯୋଗାଯୋଗରେ ରହିଛି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଦେଉଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଅଗଷ୍ଟ ୫ରେ ଉଚ୍ଛେଦ କରାଯିବା ପରେ ପ୍ରଧାନମନ୍ତ୍ରୀ ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ, ଶ୍ରୀନଗରରେ ଥିବା ଭାରତୀୟ ସେନାର କମାଣ୍ଡର ଲ୍ୟୁଟନାଣ୍ଟ ଜେନେରାଲ କଁୱଲ୍ ଜିତ୍ ସିଂ ଡିଲୋଁ ସେଠାରେ କଶ୍ମୀରୀମାନଙ୍କୁ ହତ୍ୟା କରିବା ସହ ସେମାନଙ୍କ ଉପରେ ଦମନଲୀଳା ଚଳାଉଥିବା ୭୩ ପୃଷ୍ଠାର ପିଟିଶନ୍‌ରେ ଉଲ୍ଲେଖ ରହିଛି।

## ଘର ଖାଲି କରିବାକୁ ଚନ୍ଦ୍ରାବାବୁଙ୍କୁ ନୋଟିସ

**ହାଇଦ୍ରାବାଦ ୨୧।୯ :** ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ ଟିଡିପି ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁଙ୍କୁ ଅମରାବତୀସ୍ଥିତ ଭଡ଼ା ଘର ୭ ଦିନ ମଧ୍ୟରେ ଭାଙ୍ଗି ଖାଲି କରିବାକୁ ନୋଟିସ ଦିଆଯାଇଛି। ବେଆଇନ ନିର୍ମାଣକୁ ୭ ଦିନ ମଧ୍ୟରେ ଭାଙ୍ଗିବା ଲାଗି ଘର ମାଲିକ ଲିଙ୍ଗାମାନେନି ରମେଶଙ୍କ ବିରୋଧରେ ଗତ ୧୯ ତାରିଖରେ ନୋଟିସ ଜାରି କରାଯାଇଥିଲା।

ଇତିହାସର ଆଇନାରେ

### ସେପ୍ଟେମ୍ବର ୨୨ର ପ୍ରମୁଖ ଘଟଣା

୧୯୬୫ ସେପ୍ଟେମ୍ବର ୨୨ରେ ଭାରତ ଓ ପାକିସ୍ତାନ ମଧ୍ୟରେ କଶ୍ମୀରକୁ ନେଇ ଯୁଦ୍ଧ ହୋଇଥିଲା। ମାତ୍ର ୧୭ ଦିନର ଏହି ଯୁଦ୍ଧରେ ହଜାର ହଜାର ଲୋକ ପ୍ରାଣ ହରାଇଥିଲେ।

୨୦୧୩ ସେପ୍ଟେମ୍ବର ୨୨ରେ ପାକିସ୍ତାନର ପେଶାୱରସ୍ଥିତ ଏକ ଚର୍ଚ୍ଚରେ ୨ଟି ଆତ୍ମଘାତୀ ବିସ୍ଫୋରଣ ହେବା ଫଳରେ ୧୨୭ଜଣ ପ୍ରାଣ ହରାଇଥିଲେ। ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସଂଖ୍ୟାଲଘୁ ଖ୍ରୀଷ୍ଟିଆନଙ୍କ ଉପରେ ଏହା ସବୁଠାରୁ ବଡ଼ ଆକ୍ରମଣ ଥିଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପାଗ ମେଘୁଆ ରହିବା ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୦ | ୨୪.୪ |
| ଚାନ୍ଦବାଲି | ୩୪.୨ | ୨୬.୦ |
| କଟକ | -- | ୨୩.୦ |
| ପାରାଦ୍ୱୀପ | ୩୩.୯ | ୨୭.୬ |
| ଭୁବନେଶ୍ୱର | ୩୪.୬ | ୨୪.୭ |
| ଗୋପାଳପୁର | ୩୬.୩ | ୨୬.୫ |
| ପୁରୀ | ୩୪.୪ | ୨୭.୪ |
| ଅନୁଗୋଳ | ୩୪.୧ | ୨୦.୬ |
| ବାରିପଦା | ୩୪.୫ | ୨୫.୪ |
| ଝାରସୁଗୁଡ଼ା | ୩୪.୦ | ୨୫.୦ |
| କେନ୍ଦୁଝର | ୩୨.୮ | ୨୩.୦ |
| ସମ୍ବଲପୁର | ୩୫.୬ | ୨୪.୫ |
| ସୁନ୍ଦରଗଡ଼ | ୩୦.୫ | ୨୨.୦ |
| ହୀରାକୁଦ | ୩୪.୭ | ୨୫.୩ |
| ତାଳଚେର | -- | -- |
| ଭବାନୀପାଟଣା | ୩୨.୫ | ୨୪.୫ |
| ବଲାଙ୍ଗୀର | ୩୪.୫ | ୨୪.୫ |
| କୋରାପୁଟ | ୩୦.୬ | ୧୯.୬ |
| ଫୁଲବାଣୀ | ୩୧.୫ | -- |
| ଟିଟିଲାଗଡ଼ | ୩୫.୫ | ୨୧.୫ |
| ମାଲକାନଗିରି | ୩୩.୦ | -- |
| ସୋନପୁର | ୩୫.୨ | ୨୧.୬ |
| ଦାରିଙ୍ଗିବାଡ଼ି | ୨୯.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

## ବାଣ ବିସ୍ଫୋରଣରେ ୬ ମୃତ



ଏଟା, ୨୧।୯(ପି.ଟି.)

ଉତ୍ତରପ୍ରଦେଶର ଏଟାସ୍ଥିତ ମିରହାଚି ପୋଲିସଷ୍ଟେଶନ ଅଞ୍ଚଳରେ ବାଣ ବିସ୍ଫୋରଣ ହେବାରୁ ୬ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ୯ ଜଣ ଆହତ ମଧ୍ୟ ହୋଇଛନ୍ତି। ଏକ ଘରେ ବେଆଇନ ବାଣ ତିଆରି ଚାଲିଥିବାବେଳେ ଅସାବଧାନତା କାରଣରୁ ଏହା ବିସ୍ଫୋରଣ ହୋଇଥିଲା ବୋଲି ଶନିବାର ପୋଲିସ କହିଛି। ଟାକିଆର ନରେଶ ଓ ମୁନ୍ନୀଙ୍କ ଘରେ ଏହି ବିସ୍ଫୋରଣ ହୋଇଥିଲାବେଳେ ଅଞ୍ଜଳି(୧୧) ଓ ଶୀତଲ(୧୬) ନାମକ ଦୁଇ ନାବାଳିକାଙ୍କ ଘଟଣାସ୍ଥଳରେ ପ୍ରାଣହାନି ଘଟିଥିଲା। ମୋଟ ୬ ଜଣ ପ୍ରାଣ ହରାଇଥିବା ପୋଲିସ ଅଧିକାରୀ ନରେନ୍ ଦତ୍ତ ପ୍ରକାଶ କରିଛନ୍ତି। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିବାବେଳେ ପୋଲିସ ତଦନ୍ତ ଜାରିରହିଛି।



ଅକ୍ଟୋବର ୨୧ରେ କର୍ଣ୍ଣାଟକ ବିଧାନସଭାର ୧୫ ଆସନ ଲାଗି ଉପନିର୍ବାଚନ ହେବାକୁ ଯାଉଥିବାବେଳେ କଂଗ୍ରେସ ସହ ମେଣ୍ଟ କରାଯିବ ନାହିଁ ବୋଲି ଜେଡିଏସ୍ ଅଧ୍ୟକ୍ଷ ଏଚ୍.ଡି. ଦେବେଗୌଡା ଶନିବାର କହିଛନ୍ତି। ସମସ୍ତ ୧୫ ଆସନରେ ଜେଡିଏସ୍ ପ୍ରାର୍ଥୀ ଦେବ ବୋଲି ଦଳ ପକ୍ଷରୁ ଘୋଷଣା କରାଯାଇଛି।

# ଇତିହାସ ରଚିବ ଗଗନୟାନ: ଶିବନ୍

## ୨୦୨୧ ଡିସେମ୍ବରରେ ପ୍ରଥମ ମାନବଚାଳିତ ମିଶନ

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ବର୍ତ୍ତମାନ ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ)ର ସବୁଠାରୁ ବଡ଼ ପ୍ରକଳ୍ପ ରହିଛି 'ଗଗନୟାନ'। ଚନ୍ଦ୍ରୟାନ-୨ ପରେ ଏବେ 'ଗଗନୟାନ' ଉପରେ ଧ୍ୟାନକେନ୍ଦ୍ରିତ କରାଯାଉଛି। ମହାକାଶରେ ଇତିହାସ ରଚିବାକୁ ଯାଉଛି ଭାରତ। ଭାରତୀୟ ମହାକାଶଚାରୀ ମହାକାଶ ଯିବେ। ୨୦୨୦ ଡିସେମ୍ବରରେ ପ୍ରଥମ ଓ ୨୦୨୧ ଜୁଲାଇରେ ଦ୍ୱିତୀୟ ଅନ୍‌ମ୍ୟାନ୍‌ଡ (ମାନବବିହୀନ) ମିଶନ ଏବଂ ୨୦୨୧ ଡିସେମ୍ବରରେ ପ୍ରଥମ ମ୍ୟାନ୍‌ଡ (ମାନବଚାଳିତ) ମିଶନ କରି ଭାରତ ଇତିହାସ ରଚିବ ବୋଲି ଇସ୍ରୋର ଅଧ୍ୟକ୍ଷ ଡ. କେ. ଶିବନ୍ କହିଛନ୍ତି। ଏହାଛଡ଼ା ସୂର୍ଯ୍ୟ ଉପରେ ଗବେଷଣା କରିବା ପାଇଁ ଆଦିତ୍ୟ ଏଲ୍ ୱାନ ମିଶନ ପାଇଁ କାର୍ଯ୍ୟ ଆରମ୍ଭ ହୋଇଯାଇଛି ବୋଲି ଶିବନ କହିଛନ୍ତି। ଶିବନ ଶନିବାର



ଇସ୍ରୋ ଅଧ୍ୟକ୍ଷ ଡ. କେ. ଶିବନ୍

ଆଇଆଇଟି ଭୁବନେଶ୍ୱରର ଅଷ୍ଟମ ସମାବର୍ତ୍ତନ ଉତ୍ସବରେ ଯୋଗଦେବାକୁ ଆସିଥିବା ବେଳେ ଉପରୋକ୍ତ ସୂଚନା ଦେଇଛନ୍ତି।

'ଚନ୍ଦ୍ରୟାନ-୨' ସମ୍ପର୍କରେ ଶିବନ୍ ପ୍ରତିକ୍ରିୟା ରଖିଥିଲେ। ଚନ୍ଦ୍ରୟାନ-୨ ମିଶନ ଫେଲ୍ ହୋଇନି। ଏହି ଅଭିଯାନ ୯୮ ପ୍ରତିଶତ ସଫଳ ହୋଇଛି। ଏହା ଭାରତୀୟ ମହାକାଶ ବିଜ୍ଞାନରେ ସଫଳତାର ନୂଆ ପୃଷ୍ଠା ଯୋଡ଼ିଛି ବୋଲି ଶିବନ କହିଛନ୍ତି। ଅର୍ବିଟରର ୮ଟି ପେଲୋଡ ଭଲ ଭାବେ କାମ କରୁଛି। ଏହାକୁ ବ୍ୟବହାର କରି ଚନ୍ଦ୍ର ଉପରେ ବୈଜ୍ଞାନିକ ଗବେଷଣା ଆରମ୍ଭ ହେଲାଣି। ଅର୍ବିଟରର ପେଲୋଡରେ ଏଭଳି କିଛି ଟେକ୍ନୋଲୋଜି ବ୍ୟବହାର କରାଯାଇଛି, ଯାହା ବିଶ୍ୱରେ ପ୍ରଥମ। ଏଥିରେ ଲାଗିଥିବା ହାଇ ରିଜୋଲ୍ୟୁଶନ୍ କ୍ୟାମେରା ଅତି ସୂକ୍ଷ୍ମ ଭାବରେ ଚନ୍ଦ୍ରପୃଷ୍ଠର ଫଟୋ ଉତ୍ତୋଳନ କରିବ। ଅର୍ବିଟର୍‌ରେ ରହିଥିବା ଡୁଆଲ ବ୍ୟାଣ୍ଡ ସିନ୍ଥେଟିକ୍ ଅପରେଟର ରାଡାର ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ଜଳ ଅଛି କି ନାହିଁ ସେ ବିଷୟରେ ସୂଚନା ଦେଇପାରିବ। ଏବେ ଅର୍ବିଟରରେ ଥିବା ସବୁ ସାଇଣ୍ଟିଫିକ୍ ପେଲୋଡ୍ କାର୍ଯ୍ୟକ୍ଷମ ହୋଇ କାର୍ଯ୍ୟ ଆରମ୍ଭ କଲାଣି। ଚନ୍ଦ୍ରୟାନ-୨ର ଅର୍ବିଟର ଯେଉଁଭଳି ଭାବରେ ଡିଜାଇନ କରାଯାଇଥିଲା, ତାହା ୧ ବର୍ଷ ପାଇଁ କାମ କରିବ କଥା। କିନ୍ତୁ ଇସ୍ରୋର ମିଶନ ମ୍ୟାନେଜମେଣ୍ଟ ଏପରି ରହିଛି, ଯଦ୍ୱାରା ତାହା ୭ ବର୍ଷରୁ ଅଧିକ କାମ କରିବ। ଚନ୍ଦ୍ରପୃଷ୍ଠରୁ ଅନେକ ଆବିଷ୍କାର ପାଇଁ ଏହା ରାସ୍ତା ଫିଟାଇବ। ତେବେ ବିକ୍ରମ ଲ୍ୟାଣ୍ଡର ସହ ଇସ୍ରୋର ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଇସ୍ରୋ ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

- ୯୮% ସଫଳ ହୋଇଛି ଚନ୍ଦ୍ରୟାନ-୨: ଇସ୍ରୋ ଅଧ୍ୟକ୍ଷ
- ଚନ୍ଦ୍ରପୃଷ୍ଠର ସୂକ୍ଷ୍ମ ଫଟୋ ଉଠାଇବ ଅର୍ବିଟର

## ଜୟଶ୍ରୀ ମିଶ୍ର ହତ୍ୟା ଘଟଣା: ପୁଣି ଖୋଜାହେଲା ଦେହାବଶେଷ

ସମ୍ବଲପୁର,୨୧।୯(ବ୍ୟୁରୋ): ସମ୍ବଲପୁର ସହର ନନ୍ଦପଡାର ଜୟଶ୍ରୀ ମିଶ୍ର ହତ୍ୟାକାଣ୍ଡ ଘଟଣାର ତଦନ୍ତ ଜାରିରଖିଛି। ଶନିବାର ପୁଣି ଜୟଶ୍ରୀଙ୍କ ମୃତଦେହ ପୋତାଯାଇଥିବା ବଡସିଙ୍ଗାରୀ ଗ୍ରାମ ନିକଟରେ ଦେହାବଶେଷ ଖୋଜା ଯାଇଛି। ବୁର୍ଲା ଭିମସାରର ପ୍ରଫେସର ସତ୍ୟସାଇ ପଣ୍ଡା, ପ୍ରଫେସର ସରୋଜ ନନ୍ଦଙ୍କ ସମେତ ୪ ଜଣିଆ ଡାକ୍ତରୀ ଦଳ ଏଥିରେ ସାମିଲ ଥିଲେ। ହେଲେ ଆଉ କିଛି ଦେହାବଶେଷ ମିଳି ନ ଥିଲା।




■ ଫେଲ୍ ଏଟିଏମ୍-ଡିଜିଟାଲ ଟ୍ରାଞ୍ଜାକ୍‌ଶନ

# ବ୍ୟାଙ୍କ-ପେମେଣ୍ଟ ୱାଲେଟ କମ୍ପାନୀ ଗଣିବେ ଦୈନିକ ୧୦୦ ଟଙ୍କା

ମୁମ୍ବାଇ,୨୧।୯

ଅନ୍‌ଲାଇନରେ ଡିଜିଟାଲ ଟ୍ରାଞ୍ଜାକଶନ ବିଫଳ ହେଲେ ଏବଂ ଗୋଟିଏ ଦିନ ଭିତରେ ବିବାଦର ସମାଧାନ କରା ନ ଗଲେ ସମ୍ପୃକ୍ତ ବ୍ୟାଙ୍କ/ପେମେଣ୍ଟ ୱାଲେଟ କମ୍ପାନୀ ନିଜ ଗ୍ରାହକଙ୍କୁ ଦୈନିକ ୧୦୦ ଟଙ୍କା ଲେଖାଏ ଜରିମାନା ବାବଦରେ ଫେରାଇବେ। ନୂଆ ନିୟମ ୟୁନିଫାଏଡ ପେମେଣ୍ଟସ ଇଣ୍ଟରଫେସ୍(ୟୁପିଆଇ), ଇମିଡିଏଟ ପେମେଣ୍ଟ ସିଷ୍ଟମ(ଆଇଏମ୍‌ପିଏସ୍), ଇ-ୱାଲେଟ୍ସ, କାର୍ଡ ଟୁ କାର୍ଡ ପେମେଣ୍ଟ, ନ୍ୟାଶନାଲ ଅଟୋମେଟେଡ କ୍ଲିୟରାନ୍ସ ହାଉସ(ଏନ୍‌ଏସିଏଚ୍) ଉପରେ ଲାଗୁ ହେବ। ଆର୍‌ବିଆଇ ପକ୍ଷରୁ ସମସ୍ତ ବ୍ୟାଙ୍କ, ଅପରେଟର ଓ ଅଧିକୃତ ପେମେଣ୍ଟ ସିଷ୍ଟମ୍ସକୁ ସର୍କୁଲାର ଜାରି କରି କୁହାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଷ୍ଟେକ୍‌ହୋଲ୍ଡର୍ସଙ୍କ ସହ ଆଲୋଚନା କରାଯିବା ପରେ ବିଫଳ ଟ୍ରାଞ୍ଜାକ୍‌ଶନର ଟଙ୍କା ଆକାଉଣ୍ଟଧାରୀଙ୍କ ଖାତାରେ ନ ପହଞ୍ଚିବା ନେଇ ଏକ ନିର୍ଦ୍ଦିଷ୍ଟ ସମୟସୀମା ଓ ଜରିମାନା ଧାର୍ଯ୍ୟ କରାଯାଇଛି। ଏହି ପଦକ୍ଷେପ ଯୋଗୁ ଗ୍ରାହକଙ୍କର ବ୍ୟାଙ୍କ ଉପରେ ଭରସା ବଢ଼ିବ। ଏଥିସହିତ ବିଫଳ ନେଣଦେଣର ପ୍ରକ୍ରିୟାକୁ ଏକୀକରଣ କରାଯାଇପାରିବ। ତେବେ ବିଫଳ ନେଣଦେଣ କାହାକୁ କୁହାଯିବ, ତାହା ମଧ୍ୟ ଆର୍‌ବିଆଇ ସର୍କୁଲାରରେ ଦର୍ଶାଯାଇଛି। ଯୋଗାଯୋଗ ସଂଯୋଗ, ଏଟିଏମ୍‌ରେ ନଗଦ ଅଭାବ, ଟାଇମ୍ ଆଉଟ୍ ସେସନ୍ସ, ହିତାଧିକାରୀଙ୍କ ଆକାଉଣ୍ଟକୁ କ୍ରେଡିଟ ନ ଯିବା ଆଦିକୁ ବିଫଳତା ବୋଲି ଧରାଯିବ ବୋଲି ଏଥିରେ କୁହାଯାଇଛି।



ସେହିପରି ଡିଜିଟାଲ ନେଣଦେଣ ବ୍ୟତୀତ ଆର୍‌ବିଆଇ ଅଣ ଡିଜିଟାଲ କାରବାର ଲାଗି ମଧ୍ୟ ସମୟସୀମା ଧାର୍ଯ୍ୟ କରିଛି। ଏଟିଏମ୍ ଓ ମାଇକ୍ରୋ ଏଟିଏମ୍‌ରେ ଟ୍ରାଞ୍ଜାକଶନ ଫେଲ୍ ହେଲେ ବିବାଦର ସମାଧାନ ପାଇଁ ସମ୍ପୃକ୍ତ ବ୍ୟାଙ୍କକୁ ୫ ଦିନ ସମୟ ମିଳିବ। ନିର୍ଦ୍ଧାରିତ ସମୟ ଭିତରେ ସମାଧାନ ନ ହେଲେ ସମ୍ପୃକ୍ତ ବ୍ୟାଙ୍କ ଦୈନିକ ୧୦୦ ଟଙ୍କା ଲେଖାଏ ଜରିମାନା ଭରଣା କରିବେ। ସେହିପରି ପଏଣ୍ଟ ଅଫ୍ ସେଲ୍ସ(କାର୍ଡ ସ୍ୱାଇପ୍ ମେଶିନ) ଏବଂ ଅନ୍‌ଲାଇନ ପେମେଣ୍ଟସ କ୍ଷେତ୍ରରେ ମଧ୍ୟ ୫ ଦିନର ସମୟସୀମା ଧାର୍ଯ୍ୟ କରାଯାଇଛି। ଗ୍ରାହକଙ୍କୁ ଆର୍ଥିକ କ୍ଷତିପୂରଣ ଯଥାଶୀଘ୍ର ମିଳିଯିବା ଉଚିତ। ଗ୍ରାହକଙ୍କ ପକ୍ଷରୁ ଅଭିଯୋଗ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାର ଆବଶ୍ୟକତା ନାହିଁ ବୋଲି ଆର୍‌ବିଆଇ ଦର୍ଶାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ବିବାଦର ସମାଧାନ ହୋଇ ନ ପାରିଲେ ସମ୍ପୃକ୍ତ ଗ୍ରାହକ ଆର୍‌ବିଆଇର ବ୍ୟାଙ୍କିଙ୍ଗ୍ ଅମ୍ବୁଡସମ୍ୟାନଙ୍କ ନିକଟରେ ଅଭିଯୋଗ କରିପାରିବେ ବୋଲି ସର୍କୁଲାରରେ କୁହାଯାଇଛି।

ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

NECC NATIONAL EGG CO-ORDINATION COMMITTEE 21.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 72 | 122 | 132 |
| BLS | 74 | 124 | 134 |
| ANG | 71 | 120 | 130 |
| BHM | 67 | 115 | 125 |

*Conditions Apply

Eggs Retail Price- 48/-Dozen
Issued in the Interest of Consumers





ଜମ୍ମୁ-କଶ୍ମୀରର ପୁଞ୍ଛ, ରାଜୌରୀ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖାରେ ଶନିବାର ପାକ୍ ସେନା ପକ୍ଷରୁ ଜୋରଦାର ସେଲ୍ ମାଡ଼ କରାଯିବାରୁ ୧୬ଟି ପ୍ରାଣୀଙ୍କ ମୃତ୍ୟୁ ଘଟିଛି। ଭାରତୀୟ ଯବାନମାନେ ଏହାର ଠିକଣା ଜବାବ ଦେଇଥିଲେ। ପାକିସ୍ତାନ ଫାୟାରିଂ ରେଞ୍ଜ୍ ମଧ୍ୟରେ ଆସୁଥିବା ପୁଞ୍ଛର ପାଖାପାଖି ୬ଟି ସରକାରୀ ସ୍କୁଲ୍‌କୁ ଅଧାରୁ ଛୁଟି କରିଦିଆଯାଇଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଆଞ୍ଜେଲିନା
ପରିବାରବର୍ଗ



ଆୟୁଷ
ପରିବାରବର୍ଗ



ଅଂଶୁମାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସାପ କାମୁଡାରେ ୨ ମହିଳା ମୃତ

ପଡିଆ, ୨୧।୯: ମାଲକାନଗିରି ଜିଲା ପଡିଆ ବ୍ଲକ ସିମିଳିବାଞ୍ଚା ପଞ୍ଚାୟତ କାପନପାଲି ଗ୍ରାମରେ ସାପକାମୁଡାରେ ୨ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗ୍ରାମର ନଦିଆ ମାଡିଙ୍କ ସ୍ତ୍ରୀ ଦେବେ ମାଡି ଏବଂ ସ୍ୱର୍ଗତ ଇର୍ମା ମାଡିଙ୍କ ସ୍ତ୍ରୀ ରାଏଜ ମାଡି (୫୦)। ଇର୍ମାଙ୍କ ପୁଅ ଭୀମା ମାଡି (୨୦) ମଧ୍ୟ ସାପ କାମୁଡାରେ ଗୁରୁତର ହୋଇଛନ୍ତି। ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଖବରରୁ ଜଣାପଡିଛି ଶୁକ୍ରବାର ରାତିରେ ଘରେ ଶୋଇଥିବାବେଳେ ଏକ ବିଷାକ୍ତ ସାପ ପ୍ରଥମେ ଭୀମାଙ୍କୁ କାମୁଡିଥିଲା। ପରେ ଦେବେ ଓ ରାଏଜ୍‌ଙ୍କୁ ସାପ କାମୁଡିଥିଲା।

# ସାର ପାଇଁ ଆଧାର | ଚାଷୀଙ୍କ ଆକାଉଣ୍ଟକୁ ଯିବ ସବ୍‌ସିଡି ଟଙ୍କା

■ ଆସନ୍ତାବର୍ଷରୁ କାର୍ଯ୍ୟକାରୀ ହେବ ଡିବିଟି
■ ବଢୁଛି ନକଲି ସାର ବିକ୍ରି
■ ତାଲିମ ନେଉଛନ୍ତି ଡିଲର

ଭୁବନେଶ୍ୱର,୨୧।୯(ବ୍ୟୁରୋ)

ସାଧାରଣ ଖାଉଟି ବଣ୍ଟନ ବ୍ୟବସ୍ଥାରେ ଖାଦ୍ୟ ସାମଗ୍ରୀ ନେବା ଏବଂ ଧାନ ବିକିବା ପାଇଁ ଆଧାର କାର୍ଡ ସଂଯୋଗକୁ ବାଧ୍ୟତାମୂଳକ କରାଯାଇଥିବା ବେଳେ ଏବେ ଚାଷୀମାନେ କିଣୁଥିବା ସାର ରିହାତି ଲାଗି ଆଧାର ସଂଯୋଗ କରାଯିବ। ରାଜ୍ୟରେ ଆସନ୍ତାବର୍ଷରୁ ସାର କିଣିବା ପାଇଁ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) ବ୍ୟବସ୍ଥା ଲାଗୁ ହେବ। ସାର ଉପରେ କେନ୍ଦ୍ର ସରକାର ଦେଉଥିବା ରିହାତି(ସବ୍‌ସିଡି) ଟଙ୍କା ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ। ସାର ଯୋଗାଣରେ ହେଉଥିବା ଦୁର୍ନୀତିକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି । ଚାଷୀଙ୍କର ଶତପ୍ରତିଶତ ଆଧାର ଲିଙ୍କ କରିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଡିଲରମାନଙ୍କ ଠାରୁ ଚାଷୀ ସିଧାସଳଖ ସାର କିଣିବେ। ରନ୍ଧନ ଗ୍ୟାସ୍ ଭଳି ଚାଷୀଙ୍କୁ ପ୍ରଥମେ ସାରର ସମ୍ପୂର୍ଣ୍ଣ ଅର୍ଥ ଦେଇ କିଣିବାକୁ ପଡ଼ିବ। ପରେ ସବ୍‌ସିଡି କଟି ଚାଷୀଙ୍କ ଆକାଉଣ୍ଟକୁ ଯିବ । ଚାଷୀମାନେ ଡିଲରଙ୍କ ନିକଟରେ ନିଜର ଆଧାର ନମ୍ବର ଦେବାକୁ ହେବ। ଆଧାରକୁ ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ କରାଯିବ। ସାର ନେବା ବେଳେ ଚାଷୀମାନେ ପଏଣ୍ଟ ଅଫ ସେଲ୍ ମେଶିନ(ପିଓଏସ୍)ରେ ଅଙ୍ଗୁଳି ଛାପ ଦେଇ ସାର କ୍ରୟ କରିବେ। ପ୍ରତ୍ୟେକ ଚାଷୀଙ୍କୁ ରସିଦ ଦିଆଯିବ। ଏହାଛଡା କେଉଁ ଡିଲର ନିକଟରେ କେତେକ ଚାଷୀ ସାର ନେଉଛନ୍ତି ତାହା ସହଜରେ ଜଣାପଡିଯିବ। ଡିଲରଙ୍କୁ ସାର କମ୍ପାନୀଗୁଡିକ ଆବଶ୍ୟକତା ଅନୁଯାୟୀ ବିଭିନ୍ନ ପ୍ରକାର ସାର ଯୋଗାଇ ଦେବେ। କୃଷି ବିଭାଗ ପକ୍ଷରୁ ଏ ନେଇ ସାର ବିକ୍ରି କରୁଥିବା ରାଜ୍ୟରେ ଥିବା ୧୧ ହଜାର ଡିଲରଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ ହୋଇଛି। ଦୁଇଟି ପର୍ଯ୍ୟାୟରେ ସେମାନଙ୍କୁ ତାଲିମ ଦିଆଯିବ। ଆଧାର ସଂଯୋଗ ଏବଂ ପିଓଏସ୍ ମେଶିନ କିପରି ବ୍ୟବହାର ହେବ ସେ ନେଇ ତାଲିମ ଦିଆଯାଉଛି ବୋଲି କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଚାଷୀମାନେ ଡିଲରଙ୍କ ଠାରୁ ରିହାତି ଦରରେ ସାର ପାଉଛନ୍ତି। ଏଥିଯୋଗୁ ଅନେକ ସମୟରେ ସାରରେ ଜାଲିଆତି ହୋଇଥାଏ। ସାର ଯେଉଁ ମାନର ହେବା କଥା ତାହା ନ ହୋଇ ଭେଜାଲ ହୋଇଥାଏ। ଚାଷୀ ବିଲରେ ପକାଇଲେ ମଧ୍ୟ ତାହା କାମ ଦେଇ ନ ଥାଏ। ଫଳରେ ପ୍ରତ୍ୟେକ ବର୍ଷ ଜମିରେ ରାସାୟନିକ ସାର ପରିମାଣ ବଢି ବଢି ଚାଲିଛି। ୨୦୦୦ରେ ରାଜ୍ୟରେ ପ୍ରତି ହେକ୍ଟରରେ ୨୦ରୁ ୨୫ କେଜି ସାର ବ୍ୟବହାର କରାଯାଉଥିବା ବେଳେ ୨୦୧୯ରେ ପ୍ରତି ହେକ୍ଟରରେ ୬୨ରୁ ୬୩ କିଲୋ ପ୍ରୟୋଗ କରାଯାଉଛି। କେନ୍ଦ୍ର ସରକାର ଚାଷୀଙ୍କୁ ସହାୟତା କରିବାକୁ ରିହାତି ଦରରେ ସାର ଯୋଗାଇ ଦେବା ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ତାହାର ଫାଇଦା ଚାଷୀଙ୍କୁ ମିଳି ପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ଚାଷୀଙ୍କୁ ସିଧାସଳଖ ରିହାତି ଦେବାକୁ ଆଧାର ସଂଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

ରାଜ୍ୟ ସାର ମାନ ନିୟନ୍ତ୍ରଣ କେନ୍ଦ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୨-୧୩ରେ ରାଜ୍ୟର ବିଭିନ୍ନ ଜିଲାରୁ ୧୧୫୪ ସାର ନମୁନା ସଂଗ୍ରହ କରାଯାଇଥିବା ବେଳେ ସେଥିରୁ ୩୮ଟି ନମୁନା କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ମାନର ନ ଥିଲା। ସେହିପରି ୨୦୧୩-୧୪ରେ ୬୯, ୨୦୧୪-୧୫ରେ ୧୧୩, ୨୦୧୫-୧୬ରେ ୧୮୧, ୨୦୧୬-୧୭ରେ ୧୬୩, ୨୦୧୭-୧୮ରେ ୨୨୨ ଏବଂ ୨୩୯ଟି ନମୁନା ନିର୍ଦ୍ଧାରିତ ମାନର ନ ଥିଲା। ବିଶେଷ କରି ଗଜପତି, ଭଦ୍ରକ, ଯାଜପୁର, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଆଦି ଜିଲାରେ ବହୁ ମାତ୍ରାରେ ନକଲି ସାର ବିକ୍ରି ହେଉଥିବା ପରୀକ୍ଷାରୁ ଜଣାପଡିଛି। ପ୍ରତ୍ୟେକ ବର୍ଷ ନକଲି ସାର ବିକ୍ରି ବୃଦ୍ଧି ପାଉଥିବା ଜଣାପଡିଛି। ଏ ବାବଦରେ କେନ୍ଦ୍ର ସରକାରଙ୍କୁ ଓଡ଼ିଶା ପାଇଁ ବାର୍ଷିକ ପ୍ରାୟ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ସହିବାକୁ ପଡୁଛି। ସାର ଜାଲିଆତି ରୋକିବା ସହିତ ଡିଲର ପଏଣ୍ଟରୁ ଚାଷୀଙ୍କୁ ସାର ଯୋଗାଇ ଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଯେଉଁ ଡିଲର ପଏଣ୍ଟରେ ସାର ଗୁଣବତ୍ତା ଠିକ୍ ରହିବ ନାହିଁ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# 'ଲୁହାପଥର ଉତ୍ପାଦନକୁ ପ୍ରାଥମିକତା ଦେଉ ଏନ୍‌ଏମ୍‌ଡିସି'



ହାଇଦ୍ରାବାଦସ୍ଥିତ ଏନ୍‌ଏମ୍‌ଡିସି କର୍ପୋରେଟ ଅଫିସରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ

ଭୁବନେଶ୍ୱର,୨୧।୯(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ହାଇଦ୍ରାବାଦସ୍ଥିତ ରାଷ୍ଟ୍ରୀୟ ଖଣିଜ ବିକାଶ ନିଗମ (ଏନ୍‌ଏମ୍‌ଡିସି)ର କର୍ପୋରେଟ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ସେଠାରେ କେନ୍ଦ୍ରମନ୍ତ୍ରୀ କମ୍ପାନୀର ମୁଖ୍ୟ ପରିଚାଳନା ଅଧିକାରୀ(ସିଇଓ), ନିର୍ଦ୍ଦେଶକ ତଥା ଅଧିକାରୀଙ୍କୁ ଭେଟି ଏନ୍‌ଏମ୍‌ଡିସି କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଛନ୍ତି ଯେ, ଭାରତର ସବୁଠୁ ବଡ ଖଣିଜ କମ୍ପାନୀ ଏନ୍‌ଏମ୍‌ଡିସିକୁ ଅଧିକରୁ ଅଧିକ ଲୁହାପଥର ଉତ୍ପାଦନ ଦିଗରେ ଗୁରୁତ୍ୱ ଦେବା ଆବଶ୍ୟକ। ଏହା ଦ୍ୱାରା ଇସ୍ପାତ ଉତ୍ପାଦନକାରୀ କମ୍ପାନୀକୁ କଞ୍ଚାମାଲ ଯୋଗାଣ ସୁନିଶ୍ଚିତ ହୋଇପାରିବା ସହ ବଜାର ଦର ନିୟନ୍ତ୍ରଣ ହେବ। ଏନ୍‌ଏମ୍‌ଡିସି ଦାୟିତ୍ୱବାନ ହୋଇ ଡିଜିଟାଲ ମାଧ୍ୟମର ଉପଯୋଗ କରି ଉତ୍ପାଦନ କରୁଛି। କାର୍ଯ୍ୟରତ ପ୍ରକଳ୍ପ ଏନ୍‌ଏମ୍‌ଡିସି ଆଇରନ୍ ଏବଂ ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପକୁ ନିୟମିତ ଭାବରେ ତଦାରଖ କରିବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। ଏହା ଦ୍ୱାରା କମ୍ପାନୀର ପ୍ରାଥମିକତାକୁ ପୂରଣ କରାଯାଇପାରିବ ବୋଲି ଆଶା କରାଯାଉଛି। ପରିଦର୍ଶନ ସମୟରେ ଧର୍ମେନ୍ଦ୍ର ସ୍ଲରି ପାଇପଲାଇନ ପ୍ରକଳ୍ପ ସମୀକ୍ଷା କରିଥିଲେ। ଉଲ୍ଲେଖଯୋଗ୍ୟ, ଏନ୍‌ଏମ୍‌ଡିସି କାର୍ଯ୍ୟାଳୟକୁ ଧର୍ମେନ୍ଦ୍ରଙ୍କ ଏହା ପ୍ରଥମ ଗସ୍ତ। ଏହି ସଂସ୍ଥାର ସିଇଓ କେନ୍ଦ୍ରମନ୍ତ୍ରୀଙ୍କ ସହ ବୈଠକରେ ଏନ୍‌ଏମ୍‌ଡିସିର ପ୍ରକଳ୍ପ ନେଇ ଆଲୋଚନା କରିଥିଲେ।

## 'ଐତିହାସିକ ଭୁଲ୍‌କୁ ଠିକ୍ କରାଯାଇଛି'

ଏକ ଐତିହାସିକ ଭୁଲ୍‌କୁ ଠିକ୍ କରିବ ପାଇଁ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ହଟାଯାଇଛି। ଏହା ଜମ୍ମୁ-କାଶ୍ମୀରକୁ ଅଗ୍ରଣୀ କରିବା ଦିଗରେ ଏହା ସହାୟକ ହେବ ବୋଲି ହାଇଦ୍ରାବାଦରେ ଭାଜପା ପକ୍ଷରୁ ଆୟୋଜିତ ଜନଜାଗରଣ ସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତ, ମୋଦି ସରକାର କଶ୍ମୀରର ବିକାଶ ପାଇଁ ବଦ୍ଧପରିକର । ୩୭୦ ଦେଶ ବିରୋଧୀ, ଆତଙ୍କବାଦର ଜନକ ଏବଂ ମହିଳା ଓ ଯୁବବର୍ଗଙ୍କ ବିରୋଧୀ ଥିଲା। ପାକିସ୍ଥାନର ସମୃଦ୍ଧି ପାଇଁ ଏହା ବ୍ୟବହାର କରାଯାଉଥିଲା। ଏହି ଅନୁଚ୍ଛେଦ କାରଣରୁ ସ୍ଥାନୀୟ ଯୁବକଙ୍କୁ ରୋଜଗାର ମିଳୁ ନ ଥିଲା। ବାହାର ଲୋକ ସେଠାରେ ଜମି କ୍ରୟ କରିପାରୁ ନ ଥିଲେ। ଏହି ଅନୁଚ୍ଛେଦକୁ ହଟାଇବା ପାଇଁ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଏବଂ ଅନେକ ମହାପୁରୁଷ ବଳିଦାନ ଦେଇଛନ୍ତି। ଦୀର୍ଘବର୍ଷ ଧରି କ୍ଷମତାରେ ରହିବା ସତ୍ତ୍ୱେ କଂଗ୍ରେସ ଏହାର ଉଚ୍ଛେଦ କରିପାରି ନ ଥିଲା।

# ଜାତୀୟସ୍ତରରେ ଓଏମ୍‌ସି ପୁରସ୍କୃତ

ଭୁବନେଶ୍ୱର,୨୧।୯(ବ୍ୟୁରୋ)- କର୍ପୋରେଟ ସୋସିଆଲ ରେସପନ୍ସିବିଲିଟି(ସିଏସ୍‌ଆର୍) କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ଖଣି ନିଗମ(ଓଏମ୍‌ସି)କୁ ଜାତୀୟସ୍ତରରେ ପୁରସ୍କୃତ କରାଯାଇଛି। ସର୍ବାଙ୍ଗୀନ ଉତ୍କର୍ଷତା ପାଇଁ ଓଏମ୍‌ସିକୁ ୧୮ତମ ଏସିଆ-ପାସିଫିକ୍ ଏଚ୍‌ଆର୍‌ଏମ୍ କଂଗ୍ରେସ ଏବଂ ଜି ବିଜନେସ୍ ନ୍ୟାଶନାଲ ସିଏସ୍‌ଆର୍ ଲିଡରଶିପ୍ ସମ୍ମାନ ମିଳିଛି। ଧାର୍ଯ୍ୟ କରାଯାଇଥିବା ୨%ଠାରୁ ଓଏମ୍‌ସି ସାମାଜିକ କଲ୍ୟାଣ ପାଇଁ ଅଧିକ ଖର୍ଚ୍ଚ କରୁଛି। ଏହି କାର୍ଯ୍ୟର ସୁପରିଚାଳନା ପାଇଁ ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି)ଙ୍କ ଦୃଢ ନେତୃତ୍ୱକୁ ମଧ୍ୟ ଉଚ୍ଚ ପ୍ରଶଂସା କରାଯାଇଛି। ଆଦର୍ଶ ବିଦ୍ୟାଳୟ, ବହୁମୁଖୀ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ, ଓଏମ୍‌ସି ସୁପର କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ସୁବିଧା, ଆଦର୍ଶ ଗ୍ରାମ ଏବଂ କ୍ରୀଡ଼ା ପ୍ରୋତ୍ସାହନକୁ ଗୁରୁତ୍ୱ ଦିଆଯାଇଛି।



## ଜିଲା ଚିଠି | ମାଲକାନଗିରି

# କ୍ଷତି ସହୁଛି ଚାଷୀ, ଫାଇଦାରେ ବୀମା କମ୍ପାନୀ

ଚାଷୀଙ୍କ ସମସ୍ୟା କେବେହେଲେ ସୁଧୁରୁନାହିଁ। ଋଣ, ମରୁଡ଼ି, ବନ୍ୟା ବିପ୍ରାତଜନିତ ସମସ୍ୟାରେ ଫସଲ ନଷ୍ଟ ହୋଇ ଚାଷୀ କ୍ଷତି ସହୁଛି। ସବୁ ସହି ଯାହା ଧାନ ଅମଳ କରେ ନିଜ ଚଳିବା ଲାଗି ବର୍ଷକ ପାଇଁ ରଖି ବଳକା ଧାନ ବିକ୍ରି କରିବାକୁ ସେ ସରକାରୀ ମଣ୍ଡିକୁ ଯାଏ। ସେଠାରେ ମଧ୍ୟ ସମସ୍ୟା ତା' ପିଛା ଛାଡେନି। ମିଲରମାନେ ଧାନ କିଣିବା ବେଳେ କୁଇଣ୍ଟାଲ ପିଛା ୫ରୁ ୧୦ କେଜି ଯାଏ ଧାନ କାଟିନିଅନ୍ତି। ଏହାକୁ ନେଇ ମୁହାଁମୁହିଁ ଅବସ୍ଥାକୁ ଆସି ମିଲରମାନେ ଦୀର୍ଘଦିନ ଧରି ମଣ୍ଡିରୁ ଧାନ ଉଠାନ୍ତିନାହିଁ। ଚାଷୀ ରାତିରାତି ଶୀତ କାକରରେ ପଡିରହି ମଣ୍ଡିରେ ନିଜ ଧାନ ଜଗିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହି ଆଦିବାସୀ ବହୁଳ ଜିଲାରେ ଚାଷୀମାନେ ଧାନ ବିକ୍ରି ପାଇଁ ଅନ୍‌ଲାଇନରେ ନାମ ପଞ୍ଜୀକୃତ କରିବା ନେଇ ସୃଷ୍ଟି ହେଉଥିବା ସମସ୍ୟା। ଅନେକ ସମୟରେ ଜିଲାରେ ଇଣ୍ଟରନେଟ ସମସ୍ୟା ଯୋଗୁ ଚାଷୀ ପଞ୍ଜୀକରଣ କରି ନ ପାରି ବାରମ୍ବାର ବିଭିନ୍ନ କାର୍ଯ୍ୟାଳୟ ଓ ଘରୋଇ ଇଣ୍ଟରନେଟ ସଂସ୍ଥାକୁ ଦୌଡି ନିରାଶ ହୋଇଥାଏ। ଫଳରେ ଶତ ପ୍ରତିଶତ ଚାଷୀ ମଣ୍ଡିରେ ସେମାନଙ୍କ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇ ନ ପାରି ଶେଷରେ ବାଧହୋଇ ସେମାନେ ଦଲାଲମାନଙ୍କୁ କମ୍‌ଦରରେ ଧାନ ବିକ୍ରି କରିଥାନ୍ତି।

ଏ ତ ଗଲା ମଣ୍ଡିରେ ଧାନ ବିକ୍ରି କଥା। ମାତ୍ର ଚାଷପାଇଁ ସମବାୟ ବ୍ୟାଙ୍କରୁ ଋଣ ନେଇ ସେସମୟରେ କରିଥିବା ବୀମା କ୍ଷେତ୍ରରେ ମଧ୍ୟ ସେ ଠକେଇର ଶିକାର ହୋଇଥାଏ। ବ୍ୟାଙ୍କରୁ ଋଣ ନେବା ବେଳେ ସେ ସମୟରେ ଚାଷୀଙ୍କୁ ବୀମା କରିବା ପାଇଁ ବାଧ କରାଯାଉଛି। ବୀମା କମ୍ପାନୀଗୁଡିକ ଋଣ ନେଇଥିବା ଚାଷୀଙ୍କ ବୀମା ବାବଦ ଅର୍ଥ ବ୍ୟାଙ୍କରୁ ନେଇଯାଇଥାନ୍ତି। ମାତ୍ର ଚାଷୀ ବନ୍ୟା, ବାତ୍ୟା, ମରୁଡି ପରି ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହେଲେ ବୀମା ଦ୍ୱାରା କ୍ଷତିପୂରଣ ପାଇ ନ ଥାନ୍ତି। ଏ ଦିଗରେ କୃଷି ବିଭାଗ କ୍ଷେତ୍ର କର୍ମଚାରୀମାନେ କ୍ଷତିଗ୍ରସ୍ତ ଚାଷଜମି ସମ୍ପର୍କରେ ଠିକ୍ ତଥ୍ୟ ଜିଲା ପ୍ରଶାସନକୁ ନ ଦେବା ଏବଂ ଜିଲା ପ୍ରଶାସନ କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ସରକାର ଓ ବୀମା କମ୍ପାନୀକୁ ଦେଉ ନ ଥିବାରୁ ବୀମା କମ୍ପାନୀ ଚାଷୀଙ୍କୁ କ୍ଷତିପୂରଣ ବାବଦ ଅର୍ଥ ଦେଉନାହାନ୍ତି। ଫଳରେ ବୀମା କମ୍ପାନୀ ଫାଇଦାରେ ରହୁଥିବା ବେଳେ ଚାଷୀ କିଛି ପାଏନାହିଁ। ଜିଲାରେ ୨୦୧୭-୧୮ରେ ୩ଟି ସମବାୟ ବ୍ୟାଙ୍କ ଅଧୀନରେ ଥିବା ୮ଟି ଲ୍ୟାମ୍ପ ମାଧ୍ୟମରେ ୧୭ହଜାର ୮୪୬ ଜଣ ଚାଷୀଙ୍କୁ ୬୦ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ଏହି ସମୟରେ ବୀମା ବାବଦରେ ଚାଷୀଙ୍କଠାରୁ ରଖାଯାଇଥିବା ୭୧ ଲକ୍ଷ ୫୦ ହଜାର ଟଙ୍କା ରୟାଲ ସୁନ୍ଦରମ୍ ନାମକ ବୀମା କମ୍ପାନୀ ନେଇଥିଲା। ସେହିପରି ୨୦୧୯ ଜୁଲାଇ ପର୍ଯ୍ୟନ୍ତ ଜିଲାର ୮୪୦୩ ଚାଷୀଙ୍କୁ ୨୮ କୋଟି ୧୯ ଲକ୍ଷ ୫୭ ହଜାର ଋଣ ପ୍ରଦାନ କରାଯାଇଛି। ସେଥିରୁ ବୀମା କମ୍ପାନୀ ୫୩ ଲକ୍ଷ ୮୧ ହଜାର ଟଙ୍କା ନେଇଛି। ୨ବର୍ଷରେ ବୀମା କମ୍ପାନୀ ମୋଟ ୧ କୋଟି ୨୫ ଲକ୍ଷ ୫୩ ହଜାର ଟଙ୍କା ନେଇଛି। ଏହି ୨ବର୍ଷ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ତଥା ବନ୍ୟା ବାତ୍ୟା ଓ ଅଦିନିଆ ବର୍ଷାରେ ଚାଷୀଙ୍କ ଅନେକ ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ଗତ ଅଗଷ୍ଟ ମାସରେ ମଧ୍ୟ ଜିଲାରେ ପ୍ରବଳ ବର୍ଷା ଯୋଗୁ ୫ ଥର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଅନେକ ଚାଷୀଙ୍କ ଜମିରେ ଧାନଚାଷ ନଷ୍ଟ ହୋଇଛି। ଏନେଇ ଜିଲା ପ୍ରଶାସନ ଜିଲାରେ ୧୧ଶହ ଏକର ଧାନଚାଷ ନଷ୍ଟ ହୋଇଥିବା ସରକାରଙ୍କୁ ରିପୋର୍ଟ ଦେଇଛନ୍ତି। ତେବେ ଏହି କ୍ଷତିଗ୍ରସ୍ତ ଚାଷୀ ବୀମା ଅର୍ଥ ପାଇବେ କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଗତ ୨ବର୍ଷର କ୍ଷୟକ୍ଷତି ସମ୍ପର୍କରେ ଜିଲା ପ୍ରଶାସନ ତଥ୍ୟ ସଂଗ୍ରହ କରିନାହିଁ କିମ୍ବା ସରକାରଙ୍କୁ ରିପୋର୍ଟ ଦେଇନାହିଁ।

- ଦୁର୍ଯ୍ୟୋଧନ ପାତ୍ର

# ମଝି ରାସ୍ତାରେ ତିନି ଯୁବତୀଙ୍କ ଉତ୍ପାତ

■ କାରରେ ମଦ ବୋତଲ ଦେଖି ଘେରିଗଲେ ଲୋକେ
■ ଲୋକଙ୍କୁ ଗାଳିଗୁଲଜ, ଉଦ୍ଧାର କଲା ପୋଲିସ



ବଙ୍ଗୀୟ ଯୁବତୀଙ୍କ କାର୍‌କୁ ଘେରିଛନ୍ତି ଉତ୍ତ୍ୟକ୍ତ ଲୋକେ।

ଭୁବନେଶ୍ୱର, (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର ୨୧।୯ (ଡି.ଏନ୍.ଏ.)

ଶନିବାର ସକାଳେ ରାଜଧାନୀ ରାସ୍ତାରେ ଦେଖିବାକୁ ମିଳିଥିଲା ଏକ ଅସ୍ୱାଭାବିକ ଦୃଶ୍ୟ। ଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁରର କପିଳେଶ୍ୱର ଗେଟ୍ ନିକଟରେ ତିନିଜଣ ବଙ୍ଗୀୟ ଯୁବତୀ ରାସ୍ତା ମଝିରେ କାର୍ ରଖି ଉତ୍ପାତ କରୁଥିଲେ। ସେମାନେ ନିଜକୁ ନିୟନ୍ତ୍ରଣ କରିବା ସ୍ଥିତିରେ ନ ଥିଲେ। ଦୁର୍ଘଟଣା ଘଟାଇବା ସହ ଲୋକଙ୍କୁ ଗାଳିଗୁଲଜ କରିଚାଲିଥିଲେ। ଲୋକେ ସେମାନଙ୍କୁ ଘେରିଯିବା ସହ ଯାଞ୍ଚ କରିବାରୁ କାର୍‌ରୁ ୮ ବିୟର ବୋତଲ ବାହାରିଥିଲା। ଏହାପରେ ଲୋକେ ଉତ୍ତେଜିତ ହୋଇ କାର୍ ଭିତରେ ସେମାନଙ୍କୁ ଅଟକ ରଖିଥିଲେ। ଫଳରେ ଅଧଘଣ୍ଟା ଧରି ରାସ୍ତା ଉପରେ ବହୁ ଗାଡ଼ିମୋଟର ଅଟକି ରହିଥିଲା। ପୋଲିସ ପହଞ୍ଚି ଦୁଇ ଯୁବତୀଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ସେଠାରେ ବ୍ରେଥ୍ ଆନାଲାଇଜର ସାହାଯ୍ୟରେ ସେମାନଙ୍କ ନିଶା ମାତ୍ରାକୁ ମପାଯାଇଥିଲା। କୌଣସି ନିଶା ପିଇ ନ ଥିବା ଜଣାପଡିବା ପରେ ପୋଲିସ ସେମାନଙ୍କୁ ଛାଡ଼ି ଦେଇଥିଲା।

ମିଳିଥିବା ସୂଚନାନୁଯାୟୀ, ଏହି ଯୁବତୀଙ୍କ ଘର ପଶ୍ଚିମବଙ୍ଗ ମେଦିନାପୁରରେ। ଏମାନେ ଶୁକ୍ରବାର ପୁରୀ ବୁଲିବାକୁ ଆସି ଧଉଳି ଅଞ୍ଚଳର ଏକ ହୋଟେଲରେ ରହୁଛନ୍ତି। ଶନିବାର ପୂର୍ବାହ୍ନ ୧୦ଟା ୩୦ରେ ସେମାନେ ଜଳଖିଆ ଖାଇବାକୁ ସାମନ୍ତରାପୁର କପିଳେଶ୍ୱର ଗେଟ୍ ନିକଟକୁ ଆସିଥିଲେ। ଖାଇସାରିବା ପରେ ପାଣି ବଟଲ ଧରି କାର୍‌କୁ ଯାଇଥିଲେ। ଗାଡ଼ି ବୁଲାଇବା ସମୟରେ ଜଣେ ଯୁବତୀ କାର ଡୋର୍ ଖୋଲି ଦେବାରୁ ରାସ୍ତାରେ ଯାଉଥିବା ଏକ ବାଇକ ପିଟିହୋଇଯାଇଥିଲା। ଚାଳକ ଜଣକ ଆହତ ହୋଇ ସେଠାରୁ ଚାଲିଯାଇଥିଲା। କିନ୍ତୁ ଯୁବତୀମାନେ ମଦ୍ୟପାନ କରିଥିବା ସନ୍ଦେହ କରି ଉପସ୍ଥିତ ଲୋକେ ସେମାନଙ୍କୁ ଘେରି ଯାଇ ହୋ ହଲ୍ଲା କରିଥିଲେ।

ଉତ୍ତେଜନା ଦେଖି ଡ୍ରାଇଭର ଫେରାର ହୋଇଯାଇଥିଲେ। ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର କହିଛନ୍ତି, ସେମାନଙ୍କ ଗାଡିରୁ ମଦ ବୋତଲ ବାହାରିଥିଲା। କିନ୍ତୁ ମଦପାନ କରି ନ ଥିବା ପରୀକ୍ଷାରୁ ଜଣାପଡ଼ିଥିଲା। ପରିଚୟପତ୍ର ରଖାଯାଇ ସେମାନଙ୍କୁ ଛଡାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଅକ୍ଟୋବର ୨୧ରେ...

ଯୋଗଦାନ କରିଥିଲେ। ରୀତା ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିବା ବେଳେ ଭାଜପା ପୂର୍ବତନ ବିଜେଡି ବିଧାୟକ ଅଶୋକ ପାଣିଗ୍ରାହୀଙ୍କୁ(୨୦୦୦) ପ୍ରାର୍ଥୀ କରିଥିଲା। ହେଲେ କଂଗ୍ରେସ ଗାଇସିଲଟ୍ ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁଙ୍କୁ ପ୍ରାର୍ଥୀ କରିଥିଲା। ହେଲେ ନିର୍ବାଚନରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ରୀତା-ଅଶୋକଙ୍କ ମଧ୍ୟରେ ହୋଇଥିଲା। ଏଥିରେ ରୀତା ଭାଜପା ପ୍ରାର୍ଥୀ ଅଶୋକଙ୍କୁ ୪୧ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଥିଲେ। ଏହାର ଠିକ୍ ବର୍ଷକ ପରେ ହୋଇଥିଲା ସାଧାରଣ ନିର୍ବାଚନ। ଏଥିରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ ହିଞ୍ଜିଳି ସହ ବିଜେପୁରରେ ପ୍ରାର୍ଥୀ ହୋଇଥିଲେ। ସେ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସନତ ଗଡତିଆଙ୍କୁ ବିପୁଳ ବ୍ୟବଧାନରେ ପରାସ୍ତ କରିଥିଲେ। କଂଗ୍ରେସ ପ୍ରାର୍ଥୀ ରିପୁନାଥ ସେଠ୍ ବଡ ବ୍ୟବଧାନ ସହ ତୃତୀୟ ସ୍ଥାନରେ ରହିଥିଲେ।

### ସିମ୍ପାଞ୍ଜିକୁ...

ଆଲିପୁର ଜୁଲୋଜିକାଲ ଗାର୍ଡେନରେ ଦର୍ଶକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଏବଂ ରାଜସ୍ୱର ଉତ୍ସ ଥିଲେ ବୋଲି ଇଡି କହିଛି। ୭ଟି ଜୀବଙ୍କ ମୂଲ୍ୟ ୮୧ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ପ୍ରତି ସିମ୍ପାଞ୍ଜିଙ୍କ ମୂଲ୍ୟ ୨୫ ଲକ୍ଷ ହୋଇଥିବାବେଳେ ଦକ୍ଷିଣ ଆମେରିକାରେ ଦେଖାଦେଉଥିବା କ୍ଷୁଦ୍ର ପ୍ରଜାତିର ମାଙ୍କଡ଼ ଦାମ୍ ୧.୫ ଲକ୍ଷ ଟଙ୍କା। ଚୋରାବେପାରୀ ସୁପ୍ରଦୀପ ଗୁହା ଏହି ବନ୍ୟଜନ୍ତୁମାନଙ୍କୁ ବେଆଇନ ଭାବେ ରଖିଥିବା ପଶ୍ଚିମବଙ୍ଗ ସରକାରଙ୍କ ଅଭିଯୋଗକ୍ରମେ ଏହି ତଦନ୍ତ କରାଯାଇଥିଲା। ତାଙ୍କ ବିରୋଧରେ ରାଜ୍ୟ ପୋଲିସ ଜାଲିଆତି ମାମଲା ରୁଜୁ କରିଛି। ସେ ଜାଲ୍ ଅନୁମତି ପତ୍ର ବ୍ୟବହାର କରି ବେଆଇନ ଭାବେ ବନ୍ୟ ଜୀବଜନ୍ତୁ ପରିବହନ କରୁଥିଲେ। ପୋଲିସ ଏତଲା ଆଧାରରେ ଇଡି ପିଏମ୍‌ଏଲ୍‌ଏରେ ମାମଲା ରୁଜୁ କରିଥିଲା। ଗୁହା ବନ୍ୟପ୍ରାଣୀ ଚୋରା କାରବାର ର୍ୟାକେଟ ଚଳାଇଥିବା ତଦନ୍ତରୁ ଜଣାପଡିଥିଲା। କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ସେ ବହିଃଶୁଳ୍କ ବିଭାଗ ଓ ବନ୍ୟପ୍ରାଣୀ କର୍ତ୍ତୃପକ୍ଷଙ୍କ ନିକଟରେ ଭିନ୍ନ ଭିନ୍ନ ବୟାନ ରେକର୍ଡ କରାଇଥିଲେ। ସିମ୍ପାଞ୍ଜିଗୁଡିକ ଭାରତରେ ଜନ୍ମ ହୋଇଥିବାର ଜାଲ୍ ସାର୍ଟିଫିକେଟ ମଧ୍ୟ ସେ ସଂଗ୍ରହ କରିଥିଲେ।

## କିଛି ତଥ୍ୟ

ପ୍ରଧାନମନ୍ତ୍ରୀ କିଷାନ ମାନଧନ ଯୋଜନାରେ ଅଦ୍ୟାବଧି ୧୬ ଲକ୍ଷ କୃଷକଙ୍କୁ ପେନଶନ ଲାଗି ପଞ୍ଜିକୃତ କରାଯାଇଛି।

- କୃଷି ମନ୍ତ୍ରଣାଳୟ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜି ଏକାଧାରରେ ଆପଣଙ୍କ ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ବିଶେଷ ଭଲ ରହିବ। ରାଗି ଯାଇଥିବା ଅବୁଝା ବନ୍ଧୁମାନଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ, ଆନୁଷ୍ଠାନିକ କାମରେ ବ୍ୟସ୍ତତା ବୃଦ୍ଧି ପାଇବ। ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡିପାରେ।

**ବୃଷ** - ଅଯାଚିତ ଭାବରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କେତେକ ସାଧାରଣ କଥାକୁ କେନ୍ଦ୍ର କରି କିମ୍ବା ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିବା ସାଙ୍ଗକୁ ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ** - କର୍ମକ୍ଷେତ୍ରରେ ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଯେତେ ଭଲ କାମ କଲେ ମଧ୍ୟ ପରିବାର ଭିତରୁ ସମାଲୋଚିତ ହେବାକୁ ପଡିବ। ଆଜି ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ଭୋଗ ବିଳାସର ପ୍ରାଚୁର୍ଯ୍ୟ ପାଇବେ। ଚେଷ୍ଟା କରୁଥିବା କାମରେ ସାମାନ୍ୟ ସଫଳତା ବିଳମ୍ବରେ ପାଇବେ।

**କର୍କଟ** - ଆଜି ଆକସ୍ମିକ ଭାବରେ ଦୂରରେ ରହୁଥିବା ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ସମ୍ବାଦ ଶୁଣି ଖୁସି ହେବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ, କିନ୍ତୁ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କମ୍ପାନୀ ତରଫରୁ ଆଦେଶପ୍ରାପ୍ତ ହୋଇ ଦୂରଭ୍ରମଣର ସୁବିଧା ଲାଭ କରିବେ।

**ସିଂହ** - କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତା ପ୍ରକଟ କରିପାରନ୍ତି।

**କନ୍ୟା** - ଦୀର୍ଘ ଦିନର ଅପୂରଣୀୟ ଆଶା ମନରେ ବିଭିନ୍ନ ପ୍ରକାରର ଆଶଙ୍କା ସୃଷ୍ଟି କରିପାରେ। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରି ସମାଲୋଚିତ ହୋଇପାରନ୍ତି। ପରକଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡିପାରେ। ଅର୍ଥାଭାବରୁ କୌଣସି କାମ କରିବାରେ ପଛେଇ ଯାଇପାରନ୍ତି।

**ତୁଳା** - ସାମାଜିକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ନଚେତ୍ ହଇରାଣ ହେବାକୁ ପଡିପାରେ। ସାୟାହ୍ନେ ପାରିବାରିକ ଅଶାନ୍ତି ହେତୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** - କର୍ମକ୍ଷେତ୍ରର ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** - ପାରିବାରିକ କ୍ଷେତ୍ରରେ ଅସ୍ଥିରତା କର୍ମକ୍ଷେତ୍ରକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ନିଜ ନିଜର ସାଙ୍ଗସାଥୀମାନଙ୍କ ମଧ୍ୟରେ ସାମୟିକ ଅଶାନ୍ତି ଦେଖାଦେଇପାରେ। ଅଫିସ୍ କାମରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ମକର** - ଆଜି ଯେଉଁ କାମ ଆରମ୍ଭ କରିବାକୁ ଯିବେ, ତାହା ଅବଶ୍ୟ ସଫଳ ହେବ। ଘରର କେତେକ ଅତ୍ୟାବଶ୍ୟକ ଜିନିଷକୁ ଆଣିବାକୁ ବାଧ୍ୟ ହେବେ। ଅପରାହ୍ନରେ କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖାଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ରାଜନୈତିକ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡିବ।

**କୁମ୍ଭ** - କର୍ମକ୍ଷେତ୍ରର ଅସଜଡା ପରିସ୍ଥିତିକୁ ସଜାଡି ନେବାର ପ୍ରୟାସ କରି ନିଶ୍ଚିତ ସଫଳତା ପାଇବେ। ଆର୍ଥିକ ସ୍ଥିତି କ୍ରମଶଃ ଦୁର୍ବଳ ରହିବା କାରଣରୁ ସାମୟିକ ଚିନ୍ତା କରିବାକୁ ପଡିବ। ଆଜି ଆନୁଷ୍ଠାନିକ କ୍ଷେତ୍ରରେ ସହଜ ଓ ସୁବିଧାରେ ହାତକୁ ନେଇଥିବା କାମଗୁଡିକ ସମ୍ପନ୍ନ ହୋଇଯିବ। ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି କଳହ ସୃଷ୍ଟି ହେବା ସମ୍ଭାବନା ରହିଛି।

**ମୀନ** - ପାରସ୍ପରିକ ଭୁଲ୍ ବୁଝାମଣା କାରଣରୁ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହେବେ। ନିଜ ପରିସରରେ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ଜିଦ୍‌ଖୋର ପ୍ରବୃତ୍ତି ଯୋଗୁଁ ହଇରାଣ ହୋଇପାରନ୍ତି।

ଆଜି ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀ ରବିବାର, ଦ୍ୱିତୀବାହନ ଓଷା, ଶ୍ରୀଦୁର୍ଗାଦେବ୍ୟାଃ ଷୋଡଶଦିନାତ୍ମକ ପୂଜାରମ୍ଭ, ବିମଳାଦେବୀଙ୍କର ମହାପୂଜାରମ୍ଭ,ସେପ୍ଟେମ୍ବର ୨୨ ତାରିଖ, ରାଶିନକ୍ଷତ୍ର, ଦିବା ଘ୧୨।୨୮ମି. ପର୍ଯ୍ୟନ୍ତ, ମୃଗଶିରା/ମିଥୁନ, ମେଷରାଶିର ଘାତବାର, ଅଷ୍ଟମୀର ଶ୍ରାଦ୍ଧ, ଦିବା ଘ୬।୨୭ମି. ଗତେ ଘ୮।୫୦ମି. ମଧ୍ୟେ, ଘ୧୨।୦୧ମି. ଗତେ ଘ୩।୧୦ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୪୧ମି. ଗତେ ଘ୧୦।୧୧ମି. ମଧ୍ୟେ, ଘ୧।୧୧ମି. ଗତେ ଘ୨।୪୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ୪।୦୯ମି. ଗତେ ଘ୫।୪୦ମି. ମଧ୍ୟେ ରାହୁକାଳ।

**ବିପର୍ଯ୍ୟୟ ପ୍ରଶମନ ଦିବସରେ ମୁଖ୍ୟ ଅତିଥି ହେବେ ମୁଖ୍ୟମନ୍ତ୍ରୀ**

ପ୍ରତିବର୍ଷ ଅକ୍ଟୋବର ୨୯କୁ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ତଥା ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ରୂପେ ପାଳନ କରାଯାଉଛି। ସେହିକ୍ରମରେ ଚଳିତବର୍ଷ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଆୟୋଜନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।




## ■ ନୂଆ ମୋଟର ଯାନ ଆଇନ ଲାଗୁ ପ୍ରସଙ୍ଗ

# ୩ମାସ କୋହଳକୁ ନେଇ ପ୍ରଶ୍ନ କଲେ ଓଏଚ୍ଆର୍ସି

■ ଏହି ସମୟରେ ଦୁର୍ଘଟଣା ଘଟିଲେ କିଏ ଦାୟୀ ରହିବେ?

■ ରେଭେନ୍ସା ଛାତ୍ରୀଙ୍କ ମୃତ୍ୟୁ ମାମଲାରେ ପୋଲିସକୁ ରିପୋର୍ଟ ତଲବ

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ରାଜ୍ୟରେ ନୂଆ ମୋଟର ଯାନ ଆଇନ ଲାଗୁ ପରେ ଚାରିଆଡ଼େ ଅସନ୍ତୋଷ ପ୍ରକାଶ ପାଇବାରୁ ସରକାର ଏହାକୁ ୩ମାସ କୋହଳ କରିଛନ୍ତି। ହେଲେ ଏନେଇ ପ୍ରଶ୍ନ ଉଠାଇଛନ୍ତି ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍ସି)। ଏହିସମୟ ମଧ୍ୟରେ ଦୁର୍ଘଟଣା ଘଟିଲେ କିଏ ଦାୟୀ ରହିବେ? ସେହିଭଳି ଲାଇସେନ୍ସ,ବୀମା ନ ଥିବା ବ୍ୟକ୍ତି ୩ମାସ ଗାଡ଼ି ଚଳାଇ ପାରିବେ କି? ଡକ୍ୟୁମେଣ୍ଟ ନ ଥିବା ଗାଡ଼ି ଦୁର୍ଘଟଣା ଘଟାଇଲେ କ୍ଷତିପୂରଣ କିଏ ଦେବ ବୋଲି ଓଏଚ୍ଆର୍ସି ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଆଇନ କୋହଳ ହେବାପରେ ନିୟମ ଉଲ୍ଲଂଘନକାରୀଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଥିବାବେଳେ ଦୁର୍ଘଟଣା ମଧ୍ୟ ବଢ଼ିଚାଲିଛି। ଟ୍ରାଫିକ କର୍ମଚାରୀମାନେ ଆକ୍ରୋଶର ଶିକାର ହେଉଛନ୍ତି। ଏପରି ପରିସ୍ଥିତି ପାଇଁ କିଏ ଦାୟୀ ରହିବେ ଓ କ୍ଷତିର ଭରଣା କିଏ କରିବେ? ସେହିଭଳି ସ୍କୁଲ୍ ପିଲାଙ୍କୁ ନେଇ ଯାଉଥିବା ଗାଡ଼ିର ନିୟମିତ ଚେକିଂ ହେଉଛି କି ନାହିଁ। ସହର ଭିତରକୁ ଭାରିଯାନ ପ୍ରବେଶ କରିବା ପାଇଁ କ'ଣ କଟକଣା ରହିଛି। କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ କରୁଥିବା ଅଟୋରିକ୍ସା ନିୟମିତ ଯାଞ୍ଚ ହେଉଛି କି? ସରକାର ସମୟ ଦେଇଥିବାରୁ କାର୍ଯ୍ୟାନୁଷ୍ଠାନ ନେଇ ଉଲ୍ଲଂଘନକାରୀମାନେ ଯେଉଁ ଯୁକ୍ତି ବାଢ଼ୁଛନ୍ତି ତାହାର ଉତ୍ତର କ'ଣ ରଖିବେ? ଏଭଳି ଅନେକ ପ୍ରଶ୍ନ କରିବା ସହ ଓଏଚ୍ଆର୍ସି ରାଜ୍ୟ ସରକାରଙ୍କଠାରୁ ଜାଣିବାକୁ ଚାହିଁଛନ୍ତି। ରିପୋର୍ଟ ମିଳିବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୪ରେ ହେବ ବୋଲି ସମୟ ଧାର୍ଯ୍ୟ କରାଯାଇଛି।

ଅନ୍ୟପକ୍ଷରେ କଟକ କଲେଜ ଛକରେ ଜଣେ ଛାତ୍ରୀଙ୍କ ଟ୍ରକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ପାଇଁ କମିଶନ ସରକାରଙ୍କ ୩ ମାସ ନିୟମ କୋହଳକୁ ଦାୟୀ କରିଛନ୍ତି। ପରବର୍ତ୍ତୀ ଶୁଣାଣି ସୁଦ୍ଧା ସରକାର ଓ କମିଶନରେଟ ପୋଲିସକୁ ରିପୋର୍ଟ ତଲବ କରିଛନ୍ତି। ଏହାସହ ଟ୍ରାଫିକ ଡିସିପି ଯେଉଁ ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି କମିଶନ ଏହାକୁ ପ୍ରଶଂସା କରିବା ସହ ଅନ୍ୟ ସହରରେ ଏହାକୁ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।





ବାବୁ ମହଲ: ଓଲଟା ନୀତି
ଦେଖନ୍ତୁ ଭିଡିଓ
YouTube /dharitrilive


# କ୍ରିକେଟ ବେଟିଂ : ୫ ଗିରଫ

ରାୟଗଡ଼ା ଅଫିସ,୨୧।୯–ରାୟଗଡ଼ା ସହରରେ ଅନ୍‌ଲାଇନ୍ କ୍ରିକେଟ୍ ବେଟିଂ ଚାଲିଥିବାବେଳେ ପୋଲିସ ଚଢ଼ାଉ କରି ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଜବତ କରାଯାଇଛି। ଶୁକ୍ରବାର ରାତିରେ ରାୟଗଡ଼ାର ଲକ୍ଷ୍ମୀ ନାରାୟଣ ସାହିର କେ. ସୁରିୟା ରାଓଙ୍କ ଘରେ ଅନ୍‌ଲାଇନ୍ ବେଟିଂ ଚାଲିଥିବା ପୋଲିସ ସୂଚନା ପାଇ ଚଢ଼ାଉ କରିଥିଲା। ସେଠାରୁ କେ. ସୁରିୟା ରାଓଙ୍କ ସମେତ ସାଗର ସାହୁ, ଜ୍ୟୋତିରଞ୍ଜନ ପଲାଇ, ସତ୍ୟବ୍ରତ ପ୍ରଧାନ ଏବଂ ପି.ଈଶ୍ୱର ରାଓଙ୍କୁ ପୋଲିସ ଗିରଫ କରିଛି। ପୋଲିସ ୩ ଲକ୍ଷ ୮୭ ହଜାର ଟଙ୍କା ନଗଦ, ୩ ବାଇକ୍, ୫ ଏଟିଏମ୍ କାର୍ଡ, ୬ଟି ମୋବାଇଲ ଓ ୩ ଡାଏରୀ ଜବତ କରିଛି। କଲେଜ ପଢ଼ୁଆ ଯୁବକ ଓ କେତେକ ବ୍ୟବସାୟୀ ଏହି ବେଟିଂରେ ସମ୍ପୃକ୍ତ ଥିବାନେଇ ପୋଲିସ ସୂଚନା ଦେଇଛି।

# ଶିକ୍ଷକଙ୍କ ଡଷ୍ଟର ମାଡ଼ରେ ଛାତ୍ର ଆହତ

ଦଶପଲ୍ଲା,୨୧।୯(ଡି.ଏନ.ଏ.)

ନୟାଗଡ ଜିଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଖମାରସାହି ନୋଡାଲ ହାଇସ୍କୁଲରେ ଜନୈକ ଶିକ୍ଷକଙ୍କ ଡଷ୍ଟର ମାଡ଼ରେ ଜଣେ ନବମ ଶ୍ରେଣୀ ଛାତ୍ର ଆହତ ହୋଇଛନ୍ତି। ଏଥିନେଇ ତାଙ୍କ ବାପା ଦଶପଲ୍ଲା ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ନଂ.୧୧୪/୧୯ରେ ମାମଲା ରୁଜୁହୋଇ ତଦନ୍ତ ଚାଲୁ ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ।

ଅଭିଯୋଗ ଅନୁଯାୟୀ, ଛାତ୍ର ଜଣଙ୍କ ଗୁରୁବାର ସ୍କୁଲକୁ ଯାଇଥିଲେ। ଅପରାହ୍ନରେ ଶ୍ରେଣୀଗୃହରେ ଶିକ୍ଷକ ଉପସ୍ଥିତ ଥିବାବେଳେ ସମ୍ପୃକ୍ତ ଛାତ୍ର ତାଙ୍କର ଜଣେ ସହପାଠୀଙ୍କ ସହିତ କିଛି କଥା ହେଉଥିଲେ। ଏହା ଦେଖି ଶିକ୍ଷକ ଏକ ଡଷ୍ଟର ଫୋପାଡ଼ିବାରୁ ତାହା ତାଙ୍କ ଛାତିରେ ବାଜିଥିଲା। ଫଳରେ ଛାତ୍ର ଆହତ ହେବା ସହ ତାଙ୍କର ପଞ୍ଜରା ହାଡ଼ ଫାଟି ଯାଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଛାତ୍ରଙ୍କ ଘର ଲୋକେ ଜାଣିବା ପରେ ତାଙ୍କ ବାପା ତୁରନ୍ତ ତାଙ୍କୁ ନେଇ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ନେଇ ଶୁକ୍ରବାର ଛାତ୍ରଙ୍କ ବାପା ଦଶପଲ୍ଲା ଥାନାରେ ଅଭିଯୋଗ କରିଥିଲେ। ଶିକ୍ଷକଙ୍କର ଥିବା ଏକ ଘରୋଇ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ସମ୍ପୃକ୍ତ ଛାତ୍ରଙ୍କ ଉପରେ ଶିକ୍ଷକ ବାରମ୍ବାର ଚାପ ପକାଉଥିଲେ। ତେବେ ତାଙ୍କୁ ସେଠାକୁ ଘର ଲୋକେ ନ ଛାଡ଼ିବାରୁ ଶିକ୍ଷକ ଜଣଙ୍କ ରାଗ ରଖି ବିଭିନ୍ନ ସମୟରେ ଛାତ୍ରଙ୍କୁ ହଇରାଣ କରୁଥିବା ତାଙ୍କ ବାପା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ଦଶପଲ୍ଲା ଥାନାରେ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରିବାରେ ସେ କହିଥିଲେ, ଏହା ସମ୍ପୂର୍ଣ୍ଣ ମିଥ୍ୟା ଅଭିଯୋଗ। ଏ ସମ୍ପର୍କରେ ଥାନା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କୁ ପଚାରିବାରେ ମାଡ଼ ଘଟଣା ନେଇ ମାମଲା ରୁଜୁ ହେବା ସହ ଡିଏସ୍‌ପି ଘଟଣାର ତଦନ୍ତ କରୁଥିବା ସେ ପ୍ରକାଶ କରିଥିଲେ।

## କଲେଜରେ ଆଦିବାସୀ ମହିଳା କର୍ମଚାରୀଙ୍କୁ ନିର୍ଯାତନା ଘଟଣା

# ଅଧ୍ୟାପକ, ଆକାଉଣ୍ଟାଣ୍ଟ ନିଲମ୍ବିତ

ରାଜଗାଙ୍ଗପୁର, ୨୧।୯ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଜଣେ ଆଦିବାସୀ ମହିଳା କର୍ମଚାରୀଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦିଆଯାଇଥିବା ନେଇ ରାଜଗାଙ୍ଗପୁର ଥାନାରେ ଅଭିଯୋଗ ହୋଇଥିଲା। ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପୋଲିସ ଅବହେଳା କରିଥିଲା। ବିଭିନ୍ନ ଆଡୁ ଚାପ ପଡ଼ିବା ପରେ ପୋଲିସ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଶନିବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ୩୫୧, ୩୨୩, ୨୯୪, ୩୪ ଓ ଆଟ୍ରୋସିଟି ଦଫା ଲଗାଇ ମାମଲା ରୁଜୁ କରିଛି। ଦୁଇ ଅଭିଯୁକ୍ତ ମହାବିଦ୍ୟାଳୟର ଅଧ୍ୟାପକ ସପନ ପଣ୍ଡା, ଆକାଉଣ୍ଟାଣ୍ଟ ପାନୁ ପାଇକରାୟଙ୍କୁ ନିଲମ୍ବିତ କରାଯାଇଛି। ଅଧକ୍ଷଙ୍କୁ ବଦଳି କରାଯାଇଥିବା ଜଣାପଡ଼ିଛି।






# ପୁରୀରେ ବିଶ୍ୱର ବୃହତ୍ ବେଳାଭୂମି ସଫେଇ

■ ଦିନକରେ ସଫା ହେଲା ୧୦୦କି.ମି. ବେଳାଭୂମି

■ ୨୦ ହଜାରରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସାମିଲ

■ ଭାଗନେଲେ ବଲିଉଡ୍ କଳାକାର, ବିଦେଶୀ ପର୍ଯ୍ୟଟକ


ପୁରୀ ବେଳାଭୂମିରେ ଶନିବାର ଚାଲିଥିବା ସଫେଇ ଅଭିଯାନ ।

ପୁରୀ ଅଫିସ,୨୧।୯

ଶନିବାର ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସରେ ବିଶ୍ୱବାସୀଙ୍କୁ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଛି ପୁରୀ। ଜିଲାର ୧୦୦ କିମିରୁ ଊର୍ଦ୍ଧ୍ୱ ବେଳାଭୂମିକୁ ଏକାସଙ୍ଗରେ ସଫେଇ କରିଛନ୍ତି ୨୦ ହଜାରରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ। ଏହା ବିଶ୍ୱର ବୃହତ୍ ବେଳାଭୂମି ସଫେଇ ବୋଲି ପୁରୀ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି। ଏହି ସଫେଇ ଅଭିଯାନ ପାଇଁ ଶନିବାର ସକାଳୁ ଚଳଚଞ୍ଚଳ ହୋଇପଡ଼ିଥିଲା ଜିଲାର ବ୍ରହ୍ମଗିରି ନିକଟ ଭାବକୁଣ୍ଡେଳଶ୍ୱରଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ବେଳାଭୂମି। ୧୦୦ଟି ସ୍ଥାନରେ ପ୍ରାୟ ଦେଢ଼ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିଲା ଏହି ସଫେଇ। ଏଥିରେ ବଲିଉଡ୍ କଳାକାରଙ୍କଠାରୁ ଆରମ୍ଭ କରି ବିଦେଶୀ ପର୍ଯ୍ୟଟକ ଏବଂ ବହୁ ସେଲିବ୍ରିଟି ଯୋଗଦେଇ ବେଳାଭୂମିକୁ ସ୍ୱଚ୍ଛ, ସୁନ୍ଦର ଏବଂ ପରିବେଶକୁ ସୁରକ୍ଷିତ ରଖିବା ଲାଗି ଶପଥ ନେଇଥିଲେ। ପୁରୀ ଜିଲାରେ ୧୦୦ କିମିରୁ ଊର୍ଦ୍ଧ୍ୱ ସମୁଦ୍ର ବେଳାଭୂମି ରହିଛି। ଶନିବାର ସକାଳୁ ପୁରୀ ପୌରସଂସ୍ଥା ଅଧୀନ ୭ କିମି ବେଳାଭୂମିର ୧୭ଟି ସ୍ଥାନକୁ ମିଶାଇ ୧୦୦ ଜାଗାରେ ବିଭିନ୍ନ ବର୍ଗର ସ୍ୱେଚ୍ଛାସେବୀ ଏକାଠି ହୋଇଥିଲେ। ସକାଳ ୬ଟାରୁ ଏକାସଙ୍ଗରେ ସବୁଠି ସଫେଇ ଆରମ୍ଭ ହୋଇଥିଲା। ପୁରୀରେ ପାନ୍ଥନିବାସ ପଛପାର୍ଶ୍ୱ ବେଳାଭୂମିରେ ଆୟୋଜିତ ହୋଇଥିଲା ମେଗା ଇଭେଣ୍ଟ। ପ୍ରଥମେ ଗୋବର୍ଦ୍ଧନ ମଠର ବିଦ୍ୟାର୍ଥୀମାନେ ବେଦପାଠ କରିବା ପରେ କାର୍ଯ୍ୟକ୍ରମ ଆଗକୁ ବଢ଼ିଥିଲା। ସ୍ୱେଚ୍ଛାସେବୀମାନେ ବାଲୁକା ରାଶିରେ ନିଜ ନାଁ ଲେଖି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ବିରାଟ ମାନବଶୃଙ୍ଖଳ ମାଧ୍ୟମରେ 'ମୋ ବିଚ୍-୨୦୧୯'ର ଫର୍ମେଶନ ବେଶ୍ ଚିତ୍ତାକର୍ଷକ ହୋଇଥିଲା। କାର୍ଯ୍ୟକ୍ରମର ବ୍ରାଣ୍ଡ ଆମ୍ବାସାଡର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳା ମାଧ୍ୟମରେ ପ୍ଲାଷ୍ଟିକ ମୁକ୍ତ ପାଇଁ ସଚେତନ ସୃଷ୍ଟି କରିଥିଲେ। ଭଗବତୀ ବିଦ୍ୟାନିକେତନର ଷଷ୍ଠ ଶ୍ରେଣୀ ଛାତ୍ରୀ ପ୍ରିୟାଲି ପ୍ରିୟଦର୍ଶନୀ ପ୍ରଧାନ ବେଳାଭୂମିକୁ ସ୍ୱଚ୍ଛ ରଖିବା ଏବଂ ପ୍ଲାଷ୍ଟିକ ବ୍ୟବହାର ନ କରିବା ଲାଗି ସମସ୍ତଙ୍କୁ ଶପଥ ପାଠ କରାଇଥିଲେ।

ଜିଲାପାଳ ସିଂ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବାତ୍ୟାରେ ଉଜୁଡ଼ି ଯାଇଥିବା ପୁରୀ ଆଜି ନିଜେ ଛିଡ଼ା ହୋଇ ବିଶ୍ୱକୁ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇପାରିଛି। ବାତ୍ୟା ପରେ ଜୁନ୍ ଶେଷ ସପ୍ତାହରୁ ଆରମ୍ଭ ହୋଇଥିବା ମୋ ବିଚ୍ ଅଭିଯାନ ଏକ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ଜିଲାପାଳ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଡିଓ ବାର୍ତ୍ତା ପରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପର୍ଯ୍ୟଟନ ବିଭାଗ ସଚିବ ବିଶାଲ ଦେବ, ବଲିଉଡ୍ ଅଭିନେତ୍ରୀ ନନ୍ଦିତା ଦାସ, ଅଭିନେତା ବିଦ୍ୟୁତ୍ ଜାମୱାଲଙ୍କ ସମେତ ବହୁ ସେଲିବ୍ରିଟି ଯୋଗଦେଇ ବେଳାଭୂମି ସଫେଇ ଉପରେ ଗୁରୁତ୍ୱାରୋପ କରିଥିଲେ। ବେଳାଭୂମିକୁ ସ୍ୱଚ୍ଛ ଏବଂ ପରିଷ୍କାର ରଖିଲେ ଅଧିକ ପର୍ଯ୍ୟଟକ ଆସିବେ। ଅଧିକ ପର୍ଯ୍ୟଟକ ଆସିଲେ ରାଜ୍ୟର ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇପାରିବ ବୋଲି କହିଥିଲେ। ଏଥିରେ ଏସ୍‌ପି ଉମାଶଙ୍କର ଦାସ, ଜିଲା ପରିଷଦ ଅଧକ୍ଷ ଜ୍ୟୋତିର୍ମୟ ଦଳାଇଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଭିନେତା କୁନା ତ୍ରିପାଠୀ ଏବଂ ଅଭିନେତ୍ରୀ ସୁଲଗ୍ନା ସଂଯୋଜନା କରିଥିବାବେଳେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


## ନୂତନ ଯାନ କ୍ରୟ କରୁଥିବା ବ୍ୟକ୍ତି ଏବଂ ମୋଟରଯାନ ଡିଲରମାନେ ଧ୍ୟାନ ଦିଅନ୍ତୁ

ମୋଟରଯାନ ଆଇନ୍‌ର ୧୯୮୮ର ଧାରା ୪୧(୬) **provision** ଅନୁଯାୟୀ ଡିଲରମାନେ ନୂତନ ଯାନ ବିକ୍ରୟ କରିବା ସମୟରେ କ୍ରେତାଙ୍କୁ **High Security Registration Plate** ରେ ସ୍ଥାୟୀ ରେଜିଷ୍ଟ୍ରେସନ ନମ୍ବର ଲେଖା ନଥାଇ ଗାଡ଼ି ହସ୍ତାନ୍ତର କରିପାରିବେ ନାହିଁ । ଏହା ଆଇନତଃ ଦଣ୍ଡନୀୟ ଅଟେ । ଖିଲାପକାରି ଡିଲରଙ୍କୁ ମୋଟରଯାନ ଆଇନ୍‌ର ଧାରା ୧୯୨ ଏବଂ ୧୯୨(B) ଅନୁଯାୟୀ ଦଣ୍ଡିତ କରିବାର ପ୍ରାବଧାନ ରହିଅଛି । ଏହା ବ୍ୟତିତ ସମ୍ପୃକ୍ତ ଡିଲରଙ୍କ **Trade Certificate** ରଦ୍ଦ କରାଯାଇପାରେ ।

ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି କି, ସେମାନେ ନୂତନ ଯାନ କ୍ରୟ କରୁଥିଲେ, **High Security Registration Plate** ରେ ସ୍ଥାୟୀ ରେଜିଷ୍ଟ୍ରେସନ ନମ୍ବର ଲେଖା ନଥାଇ ନୂତନ ଯାନର ଡେଲିଭରି ନିଅନ୍ତୁ ନାହିଁ । ରେଜିଷ୍ଟ୍ରେସନ ନମ୍ବର ନଥାଇ ଗାଡ଼ି ବ୍ୟବହାର କଲେ ଖିଲାପକାରୀଙ୍କୁ ମୋଟରଯାନ ଆଇନ୍‌ର ଧାରା ୧୯୨ ଅନୁଯାୟୀ ସର୍ବାଧିକ ୧୦୦୦୦ ଟଙ୍କା ଜୋରିମାନା କିମ୍ବା ଏକ ବର୍ଷ ଜେଲ୍ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଇପାରେ ।



For updates and alerts, follow us on
OdishaSTA
STAOdisha



ପରିବହନ ଆୟୁକ୍ତ, ଓଡ଼ିଶା


# ନାବାଳିକା ଗର୍ଭବତୀ, ଅଭିଯୁକ୍ତଙ୍କୁ ଜେଲ

ନିରାକାରପୁର,୨୧।୯(ଡି.ଏନ.ଏ.)

ବିବାହ ପାଇଁ ଦୁଇ ପରିବାର ମଧ୍ୟରେ ଆଲୋଚନା ହେଲା। ଝିଅ ନାବାଳିକା ଥିବାରୁ ସାବାଳିକା ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଦୁଇ ପରିବାର ସହମତି ପ୍ରକାଶ କରିଥିଲେ। ଏପରିସ୍ଥଳେ ଝିଅପୁଅଙ୍କ ଅବାଧ ମିଳାମିଶା ଯୋଗୁ ନାବାଳିକା ଏବେ ଗର୍ଭବତୀ। ଏ ନେଇ ନାବାଳିକାଙ୍କ ଅଭିଯୋଗକ୍ରମେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ଏଭଳି ଘଟଣା ଆଲୋଡନ ସୃଷ୍ଟି କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଭଗବତୀପଡାର ପ୍ରଶାନ୍ତ କାଣ୍ଡି (୨୧)।

ପୀଡିତାଙ୍କ ମା' ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ପ୍ରାୟ ୬ମାସ ପୂର୍ବେ ପ୍ରଶାନ୍ତ ଓ ତାଙ୍କ ଝିଅଙ୍କ ମଧ୍ୟରେ ବିବାହ ପାଇଁ ସ୍ଥିର ହୋଇଥିଲା। ହେଲେ ଝିଅର ୧୫ବର୍ଷ ହୋଇଥିବାରୁ ସେ ସାବାଳିକା ହେବା ପର୍ଯ୍ୟନ୍ତ ଉଭୟ ପରିବାର ଅପେକ୍ଷା କରିବା ପାଇଁ କଥାବାର୍ତ୍ତା ହୋଇଥିଲେ। କିନ୍ତୁ ଏପରି ସମୟରେ ପ୍ରଶାନ୍ତ ତାଙ୍କ ଝିଅ ସହ ମିଳାମିଶା କରିଥିଲେ। ଫଳରେ ନାବାଳିକା ଚାରି ମାସର ଗର୍ଭବତୀ ହୋଇଥିଲେ। ଏହା ଜାଣିବା ପରେ ନାବାଳିକାଙ୍କ ମା' ପ୍ରଶାନ୍ତଙ୍କ ପରିବାରକୁ ଜଣାଇଥିଲେ। ହେଲେ ସେମାନେ ଏହାକୁ ଗୁରୁତ୍ୱ ନ ଦେବାରୁ ସେ ପ୍ରଶାନ୍ତଙ୍କ ସମେତ ତାଙ୍କ ବାପା ଓ ଭାଇଙ୍କ ନାମରେ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଦଫା ୩୭୬,(୩),(୨),(ଏନ୍),୨୯୪/୫୦୬, ୩୪ରେ ମାମଲା (ନଂ.୯୦/୧୯) ରୁଜୁ କରି ପ୍ରଶାନ୍ତଙ୍କୁ ଗିରଫ କରିଥିଲା। ଟାଙ୍ଗୀ କୋର୍ଟରେ ପ୍ରଶାନ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ଖୋର୍ଦ୍ଧା ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ନାବାଳିକାଙ୍କୁ ଡାକ୍ତରୀ ମାଇନା ପାଇଁ ଖୋର୍ଦ୍ଧା ସରକାରୀ ମେଡିକାଲକୁ ପଠାଯାଇଥିବା କହିଛନ୍ତି ଥାନା ଏଏସ୍‌ଆଇ ଶରତ କୁମାର ପାଇକରାୟ।





Distributor : Ramji Enterprises 9437006984 | Dealers: (Bhubaneswar) Sheela Shoes 9937233417, Dolphin 9040122939, Shoe Mart 9437177070, Golden Boots 9437044407, Style Shoes | (Cuttack)Shoe Junction 8328999275, Prime Shoes 9966412427 | (Paradeep) Bata & Bata 8763496605 | (Nayagarh) P.S. Shoes 9777774544 | Also available at all leading footwear stores.

Customer Care: care@mbfootwear.com | 09910433300 (Mon-Sat 9am to 6pm)

lifestyle pantaloons METRO SHOES MOCHI SHOES & ACCESSORIES Reliance footprint

ପ୍ରତ୍ୟେକ ଲୋକର ନିଜବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ ? -ଶ୍ରୀମା



# ଅଭିବୃଦ୍ଧିର କାରକ



ଆକାର ପଟେଲ

ଭାରତ କିପରି ଉଚ୍ଚହାରର ଅଭିବୃଦ୍ଧି ହାସଲ କରିବ ଓ ତାକୁ ଧରିରଖି ପାରିବ ? ଉଚ୍ଚହାର କହିଲେ ବାର୍ଷିକ ୮ ପ୍ରତିଶତ ବା ତା'ଠୁ ଅଧିକ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଭାରତ ଚାହୁଁଛି ୨୦୨୫ ସୁଦ୍ଧା ଏକ ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବ। ସେଠି ପହଞ୍ଚିବା ପାଇଁ ଭାରତକୁ ୯ ପ୍ରତିଶତ ହାରରେ ବଢ଼ିବାକୁ ହେବ। ଆମେ ଏବେ ୫ ପ୍ରତିଶତ ହାରରେ ବୃଦ୍ଧିପାଉଛୁ ବୋଲି ଗତ ତ୍ରୈମାସୀର ତଥ୍ୟରୁ ଜଣାପଡ଼ିଛି। ତେଣୁ ୯ ପ୍ରତିଶତ ହାରରେ ବୃଦ୍ଧି ପାଇବା କ'ଣ ସମ୍ଭବ ? ଏହାର ଉତ୍ତର ହେଉଛି 'ହଁ' କାରଣ ଅନ୍ୟ ଦେଶରେ ତାହା ସମ୍ଭବ ହୋଇଛି। ଏହା ସମ୍ଭବ ବୋଲି ପ୍ରଧାନମନ୍ତ୍ରୀ ନିଶ୍ଚିତଭାବରେ ବିଶ୍ୱାସ କରୁଛନ୍ତି। କିଛିବର୍ଷ ତଳେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲାବେଳେ ମୁଁ ତାଙ୍କର ଏକ ସାକ୍ଷାତ୍କାର ନେଇଥିଲି। ସେତେବେଳେ ସେ କହିଥିଲେ ଯେ ତାଙ୍କ ରାଜ୍ୟ ୧୫ ପ୍ରତିଶତ ହାରରେ ବୃଦ୍ଧି ପାଇବା ସେ ଚାହାନ୍ତି, ଯାହାଫଳରେ ଭାରତ ୧୦ ପ୍ରତିଶତ ହାରରେ ବୃଦ୍ଧି ପାଇପାରିବ।

ତେଣୁ ଉଚ୍ଚାଭିଳାଷ ତ ନିଶ୍ଚିତ ଭାବରେ ରହିଛି ଏବଂ ଆଧୁନିକ ସମୟରେ ଅତି କମ୍‌ରେ ତିନୋଟି ବୃହତ୍ ଦେଶ ନିଜର ଉଚ୍ଚାଭିଳାଷ ପୂରଣ କରିପାରିଛନ୍ତି। ପ୍ରଥମେ ମୁଁ ସୋଭିଏଟ୍ ୟୁନିୟନର ନାମ ନେବି ଯଦିଚ ଏହା କେତେକ ପାଠକଙ୍କୁ ବିସ୍ମିତ କରିପାରେ। ଦ୍ୱିତୀୟ ବିଶ୍ୱଯୁଦ୍ଧରୁ ବାହାରିବା ପରେ ରୁଷିଆ ଖୁବ୍ ଗରିବ ଥିଲା। ୧୯୫୦ରୁ ୧୯୭୦ ଭିତରେ ସୋଭିଏଟ୍ ଅର୍ଥନୀତି ହଠାତ୍ ଖୁବ୍ ଦ୍ରୁତଗତିରେ, ବାର୍ଷିକ ୧୦ ପ୍ରତିଶତରୁ ଅଧିକ ହାରରେ ବୃଦ୍ଧି ପାଇବାକୁ ଲାଗିଲା। ଦେଶର ଅର୍ଥନୀତି ସାମ୍ୟବାଦୀ ସରକାର ଦ୍ୱାରା ପରିଚାଳିତ ହେଲେ ସୁଦ୍ଧା ଏପରି ବିସ୍ମୟକର ଅଭିବୃଦ୍ଧି ଦେଖିବାକୁ ମିଳିଲା। ପରେ ସୋଭିଏଟ୍ ୟୁନିୟନ ଭାଙ୍ଗି ଯେଉଁ ନୂତନ ରୁଷିଆ ଜନ୍ମ ନେଇଛି, ତାହା ପାଶ୍ଚାତ୍ୟ ମାନଦଣ୍ଡ ଅନୁସାରେ ଗରିବ ହେଲେ ବି ଅବଶିଷ୍ଟ ବିଶ୍ୱ ତୁଳନାରେ ଧନୀ। ଦ୍ୱିତୀୟ ବୃହତ୍ତମ ଦେଶ ଚାଇନା ବି ୧୯୯୦ ଦଶକରୁ ନିରବଚ୍ଛିନ୍ନ ଭାବେ ଅନେକ ବର୍ଷଧରି ଓ ତା' ପରେ ବି ବାର୍ଷିକ ୧୦ ପ୍ରତିଶତରୁ ଉଚ୍ଚହାରରେ ଅଭିବୃଦ୍ଧି ହାସଲ କରିଚାଲିଛି। ତେଣୁ ଲକ୍ଷ୍ୟ ହାସଲ ସମ୍ଭବ।

ତେବେ କଥା ହେଉଛି ଆମେ ଲକ୍ଷ୍ୟ ହାସଲ ଆଡ଼କୁ ଅଗ୍ରଗତି କଲାବେଳେ କିଏ ଆମକୁ ରୋକୁଛି। ଆମେ ଏଠାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାରକ ଉପରେ ଦୃକ୍‌ପାତ କରିପାରିବା, ଯାହା ଅର୍ଥନୀତିକୁ ପରିଚାଳିତ କରୁଛି। ପ୍ରଥମଟି ହେଉଛି ଷ୍ଟେଟ୍ ବା ସରକାର ଏବଂ କେମିତି ଏହା ବିଭିନ୍ନ ନୀତି ମାଧ୍ୟମରେ ଅର୍ଥନୀତିକୁ କ୍ରିୟାଶୀଳ କରୁଛି। ନିକଟରେ ଭାରତ ସରକାର କର୍ପୋରେଟ୍‌ଗୁଡ଼ିକର ଟିକସ ହ୍ରାସ କଲେ। ଷ୍ଟକ୍ ମାର୍କେଟଗୁଡ଼ିକ ମୋଦି ସରକାରଙ୍କ ଏହି ପଦକ୍ଷେପ ସପକ୍ଷରେ ଅନୁକୂଳ ପ୍ରତିକ୍ରିୟା ପ୍ରକାଶ କଲେ ଏବଂ ଆଗାମୀ ଦିନରେ ସେମାନଙ୍କ ମଧ୍ୟରେ ଏହି ଉତ୍ସାହ ଯଦି ବଳବତ୍ତର ରହେ, ତେବେ ତାହା ଅଭିବୃଦ୍ଧିକୁ ଶକ୍ତିଶାଳୀ କରିବାରେ ସାହାଯ୍ୟ କରିବ। ସରକାର ଏପରି ସବୁ ନୀତି ନିର୍ଦ୍ଧାରଣ କରିପାରିବେ, ଯାହାଦ୍ୱାରା ଅଭିବୃଦ୍ଧି ତ୍ୱରାନ୍ୱିତ ହେବ। ତେବେ ତାହା ସରକାରଙ୍କ ଦକ୍ଷତା ଉପରେ ନିର୍ଭର କରେ। ଭାରତର ଗୋଟିଏ ସମସ୍ୟା ହେଉଛି ସରକାର ଆଇନ କରୁଛନ୍ତି, କିନ୍ତୁ ତାହାକୁ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକାରୀ କରିପାରୁ ନାହାନ୍ତି। ଗୋଟିଏ ଉଦାହରଣ ହେଉଛି ଆୟକର। ଅନ୍ୟ ମଧ୍ୟମ ଆୟବର୍ଗର ଦେଶଗୁଡ଼ିକ ତୁଳନାରେ ଭାରତରେ ଆୟକର ଦେଉଥିବା ଲୋକଙ୍କ ସଂଖ୍ୟା ବହୁତ କମ୍। କାରଣ ସରକାର ସେମାନଙ୍କୁ ଆୟକର ଦେବା ପାଇଁ ମନେଇପାରୁ ନାହାନ୍ତି ବା ବାଧ୍ୟ କରିପାରୁ ନାହାନ୍ତି। ଏହା ସୁଶାସନର ଲକ୍ଷଣ ନୁହେଁ। ଦ୍ୱିତୀୟ କାରକ ହେଉଛି ଜନସମାଜ ଓ ଏହାର ମେଧା। ଅର୍ଥନୀତି ବୃଦ୍ଧି ପାଇପାରିବ ଯଦି ଲୋକମାନେ ଅଧିକ ସଞ୍ଚୟ କରିବେ ଓ ନିବେଶ କରିବେ। ତା'ପରେ ବ୍ୟକ୍ତି ଓ କର୍ପୋରେଟମାନେ ନିଜର ସମ୍ପଦକୁ ବିନିଯୋଗ କରି ବିଭିନ୍ନ ଦ୍ରବ୍ୟ ଓ ସେବା ସୃଷ୍ଟି କରିବା ଦରକାର। ମଧ୍ୟବିତ୍ତବର୍ଗର ରକ୍ଷଣଶୀଳତା ଏଥିରେ ପ୍ରତିବନ୍ଧକ ସାଜୁଛି। ଭାରତର ମଧ୍ୟବିତ୍ତବର୍ଗ ଲକ୍ଷ୍ୟ ଓ ଉଚ୍ଚାଭିଳାଷକୁ ନେଇ ନିଜ ଜୀବନର ମାର୍ଗ ଆପଣାଇଥାନ୍ତି। ସେମାନେ ଉଚ୍ଚ ପଦବୀର ସରକାରୀ ବା କର୍ପୋରେଟ ଚାକିରି ବା ବାବୁଗିରିକୁ ପସନ୍ଦ କରିଥାନ୍ତି। ତା'ପରେ ସେମାନେ ଡାକ୍ତରୀ ବା ଇଞ୍ଜିନିୟରିଂକୁ ପସନ୍ଦ କରିଥାନ୍ତି, ତାହା ବି ନିଯୁକ୍ତିଭିତ୍ତିକ। ଏହାର ବିଭିନ୍ନ କାରଣ ବିଷୟରେ ଆମେ ତର୍ଜମା କରିବା ଉଚିତ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ତା' ନ ହେଲେ ଆମେ କେବଳ ଜିଡିପି ଉପରେ ଗୁରୁତ୍ୱ ଦେବା ଏବଂ ସେଥିପାଇଁ କେବଳ ବର୍ତ୍ତମାନର ସରକାରଙ୍କୁ ଦାୟୀ କରିବା, ଯାହା ଠିକ୍ ନୁହେଁ।

ଆମ ରକ୍ଷଣଶୀଳତାର ଗୋଟିଏ କାରଣ ଜାତିବାଦ। ଆମେ ଯଦି ୧୦୦ଟି ବଡ଼ ଘରୋଇ କର୍ପୋରେଟ ସଂସ୍ଥା ବା ଆଧୁନିକ ସୂଚନା ପ୍ରଯୁକ୍ତି କମ୍ପାନୀକୁ ଦେଖିବା ତେବେ ସେଥିରେ ଅଧିକାଂଶ ଦୁଇ ବା ତିନୋଟି ଛୋଟ ସମ୍ପ୍ରଦାୟର ଲୋକ ହିଁ କାମ କରୁଛନ୍ତି, ଯେପରି ଅଗ୍ରୱାଲ ବା ଗୁଜରାଟୀ ବଣିଆ। ଅନ୍ୟ ସବୁ ସମାନ ଥିବାବେଳେ ସେମାନେ ଅନ୍ୟମାନଙ୍କ ଅପେକ୍ଷା ପୁଞ୍ଜି ବୃଦ୍ଧି କରିବା ଓ ପରିଚାଳନା କରିବାରେ ଅଧିକ ଦକ୍ଷ ଥିବା ପରି ଜଣାପଡ଼ନ୍ତି। ସେମାନେ ପୁଞ୍ଜି ପରିଚାଳନାରେ ରିସ୍କ ନେବା ପାଇଁ ଅଭ୍ୟସ୍ତ ଯେଉଁଥିରେ ମେଧାର କିଛି ଭୂମିକା ନାହିଁ। ଚାଇନାରେ ଏ ସମସ୍ୟା ନାହିଁ। ଚାଇନାର ମୂଳ ସମ୍ପ୍ରଦାୟ ହେଉଛି ହାନ୍। ଏକା ହାନ୍ ସମ୍ପ୍ରଦାୟର ଚାଇନିଜ୍‌ମାନେ ଚାଇନା, ହଂକଂ, ସିଙ୍ଗାପୁର, ମାଲେସିଆ ବା ତାଇୱାନରେ ଦେଖିବାକୁ ମିଳନ୍ତି। ତେଣୁ ସେମାନଙ୍କ ଔଦ୍ୟୋଗିକ ମେଧାର ଅଭାବ ନାହିଁ, ଯାହା ଆମ ଦେଶରେ ସୀମିତ। ଆମ ଦେଶର ଆର୍ଥିକ ଅଭିବୃଦ୍ଧି କିପରି ବଢ଼ିବ ଏବଂ କେଉଁ କାରଣରୁ ତାହା ବଢ଼ିପାରୁ ନାହିଁ, ତା' ଉପରେ ଅଧିକ ବିଶ୍ଳେଷଣ କରାଯିବାର ଆବଶ୍ୟକତା ରହିଛି। କେବଳ ସରକାର ବା ତାଙ୍କ ନୀତିକୁ ଏଥିପାଇଁ ଦାୟୀ କରିବା ଠିକ୍ ନୁହେଁ।

Email: aakar.patel@gmail.com

# ସଭିଙ୍କୁ ଧନ୍ୟବାଦ



ପ୍ରକାଶ ତ୍ରିପାଠୀ

ଏଇ କିଛିଦିନ ତଳର ଘଟଣା। ସେଦିନ ଥାଏ ରବିବାର। ଜଣେ ବନ୍ଧୁଙ୍କୁ ଆଣିବା ପାଇଁ ରେଲୱେ ଷ୍ଟେଶନ ବାହାରିଲି। ମଧ୍ୟାହ୍ନ ବାରଟା ସମୟ ହେବ। ମୁଣ୍ଡଫଟା ଖରାରେ ଦେହମୁଣ୍ଡ ପୋଡି ଯାଉଥାଏ। ଘରଠାରୁ ଷ୍ଟେଶନ ପ୍ରାୟ ଦୁଇ କିଲୋମିଟର ହେବ। ଅଳ୍ପ କିଛିବାଟ ଯାଇଛି କି ନାହିଁ ମୋଟରସାଇକେଲରେ କିଛି ତ୍ରୁଟି ଯୋଗୁ ଏହା ଅଟକିଗଲା। ଅନୁଧ୍ୟାନରୁ ଜାଣିଲି ତେଲ ବନ୍ଦ ଥିଲା। ତେଲ ସୁଇଚ୍ ଅନ୍ କରି ପୁନର୍ବାର କିକ୍ ମାରନ୍ତେ ଗାଡି ଷ୍ଟାର୍ଟ ହୋଇଗଲା ସତ, ମାତ୍ର ଜୋତାରୁ ବକ୍‌ଲିସ୍ (ଫିତା) ଛିଡିଗଲା। ଅବଶିଷ୍ଟ ରାସ୍ତା ସମ୍ପୂର୍ଣ୍ଣ ଜୋତାମନସ୍କ ହୋଇ ଯିବାକୁ ପଡିଲା। ଷ୍ଟେଶନ ନିକଟରେ ପହଞ୍ଚିବା ପରେ ଛିଣ୍ଡା ଜୋତାରେ କେମିତି ଚାଲିବି ସେଇ ଚିନ୍ତାରେ ଥାଏ। ଆଖି ମୋର ଖୋଜି ବୁଲୁଥିଲା ଜୋତା ମରାମତିକାରୀ (ମୋଚି)ଙ୍କୁ। ହଠାତ୍ ନଜର ପଡିଲା ରାସ୍ତାର ଗୋଟିଏ କଡ଼ରେ, ବଡ଼ ଛତାଟିଏ ଲଗାଇ ମଧ୍ୟବୟସ୍କ ବ୍ୟକ୍ତିଟିଏ ବସିଛନ୍ତି। ସମ୍ମୁଖରେ ଗୋଟେ କାଠ ଡାବଲ ଉପରେ ଦୁଇ ଚାରି ହଳ ଛିଣ୍ଡା ଚପଲ, କିଛି ନୂଆ ଫିତା, ଜୋତାରେ ଲାଗିବାକୁ ଥିବା କିଛି ସୋଲ୍ ଓ ପଲିଶ୍ ଡବା। ଗୋଡ ଘୋଷାରି ଘୋଷାରି ସେହି ବ୍ୟକ୍ତିଙ୍କ ନିକଟରେ ପହଞ୍ଚିଲି ଓ ଜୋତାରେ ବକ୍‌ଲିସ୍ ସିଲାଇ କରିଦେବାକୁ କହିଲି। ଲୋକଟି ପ୍ରଥମେ ଗୋଟିଏ କାର୍ଡବୋର୍ଡ ପକାଇ ଦେଇ ତା' ଉପରେ ଠିଆ ହେବାକୁ ମୋତେ ଅନୁରୋଧ କଲେ। ମୋ ପାଦର ସୁରକ୍ଷା ଚିନ୍ତା ଥିଲା ତାଙ୍କର। ମାତ୍ର ଦଶମିନିଟରେ ସିଲାଇ କରିବା ସହ ଜୋତା ପଲିଶ୍ କରି ମୋ ପାଦ ପାଖରେ ଅତି ଯତ୍ନର ସହ ସେ ରଖିଦେଲେ। ପାରିଶ୍ରମିକ ବୁଝି ତାଙ୍କ ହାତକୁ ଟଙ୍କା ବଢ଼ାଇ ଦେଲି ଓ ଧନ୍ୟବାଦ ସହ ମୋର କୃତଜ୍ଞତା ଜଣାଇଲି। କେତେ ବଡ଼ ସମସ୍ୟାରୁ ମୋତେ ସେଦିନ ସେହି ଜୋତା ମରାମତିକାରୀ ଉଦ୍ଧାର କରିଦେଲେ। ହଠାତ୍ ସେହି ଲୋକଟି ଭାବପ୍ରବଣ ହୋଇପଡିବା ମୁଁ ଲକ୍ଷ୍ୟ କଲି। ଆଖି ଛଳଛଳ କରି କହିଲେ- ସାର୍! ମୋର କାହିଁ ମନେ ପଡୁନି କାହାଠାରୁ ଧନ୍ୟବାଦଟିଏ କେବେ ପାଇଥିଲି। ହେଲେ ଆପଣଙ୍କ ତୁଣ୍ଡରୁ ଏଇ ପଦୁଟିଏ କଥା ଶୁଣି ସତେଯେମିତି ଏ ଝାଞ୍ଜି ଖରାରେ ସୁଶୀତଳ ପବନ ଝଲକାଏ ବହିଗଲା। ଅନେକ ଗରାଖ ଆସୁଛନ୍ତି। ସେମାନଙ୍କ ମଇଳା ଜୋତାକୁ ନିଜ ହାତରେ ସଫାକରି ମରାମତି କରୁଛି। ପଦୁଟିଏ ଧନ୍ୟବାଦ ବା ବକ୍‌ସିସ୍ ଦେବା ତ ଦୂରର କଥା, ମାଗିଥିବା ପାରିଶ୍ରମିକରୁ ବି ଦୁଇ ଚାରିଟଙ୍କା କାଟିକରି ଦିଅନ୍ତି। ମୂଲଚାଲ କରନ୍ତି। ଟ୍ରେନ୍ ଟାଇମ୍ ହୋଇଯାଇଥିବାରୁ ମୁଁ ବେଶି ସମୟ କଥା ହୋଇପାରି ନ ଥିଲି ସେହି ଜୋତା ମରାମତିକାରୀଙ୍କ ସହ। ହେଲେ ତାଙ୍କ ଅଭିମାନଭରା କଥା ମୋ କାନରେ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା ଯେ, ତାଙ୍କ ସେବା ପାଇଁ କେହି ବି ତାଙ୍କୁ ଧନ୍ୟବାଦଟିଏ ଦିଅନ୍ତି ନାହିଁ।

ଜଣଙ୍କଠାରୁ ଉପକାର, ସାହାଯ୍ୟ, ସେବା ବା ସହଯୋଗ ପାଇ ପ୍ରତିବଦଳରେ ଅନ୍ତରରୁ କୃତଜ୍ଞତାଟିଏ ପ୍ରକାଶ ନ କଲେ ଏହା ଅଶିଷ୍ଟ ହୋଇଥାଏ। ଆମେ ଆମ ଜୀବନକାଳ ମଧ୍ୟରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିଟି ମୁହୂର୍ତ୍ତ ଅନ୍ୟର ସହଯୋଗ ଓ ସେବାରେ କାଟିଥାଉ। ଜନ୍ମ ସମୟରେ ମଣିଷ ଛୁଆଟିଏ ଯେପରି ପରିବାର ପରିଜନଙ୍କ ସର୍ବୋତ୍କୃଷ୍ଟ ସେବାରେ ବୃଦ୍ଧିପ୍ରାପ୍ତ ହୁଏ, ସେହିପରି ପରବର୍ତ୍ତୀ ଶୈଶବ, କୈଶୋର, ଯୁବ ଓ ପ୍ରୌଢ଼ ସମୟ ବି ଅନ୍ୟମାନଙ୍କ ଉପକାର ଓ ସେବାପ୍ରାପ୍ତିରେ ଅତିବାହିତ ହୋଇଥାଏ। ଏପରି କି ମୃତ୍ୟୁ ପରେ ବି ଆମ ମରଶରୀରର ଅନ୍ତିମ କ୍ରିୟା ପାଇଁ ଅନ୍ୟର କାନ୍ଧ ଆବଶ୍ୟକ ପଡିଥାଏ। ମାତୃ-ପିତୃ ଋଣ, ଗୁରୁ ଋଣ, ବନ୍ଧୁ ଋଣ ଓ ଆହୁରି ଅନେକ ପ୍ରତ୍ୟକ୍ଷ ଓ ପରୋକ୍ଷ ଋଣ (ସମାଜ ଋଣ)ରେ ମଣିଷ ଜୀବନ ବୁଡି ରହିଥାଏ। ଏହି ସବୁ ଋଣରୁ ମୁକ୍ତି ମିଳିବା ତ ସହଜ ନୁହେଁ, ମାତ୍ର ଅନ୍ୟଠାରୁ ଜୀବନର ବିଭିନ୍ନ ସୋପାନରେ ପାଇଥିବା ସେବା ଓ ସହଯୋଗ ପ୍ରତିବଦଳରେ ନିଜର କୃତଜ୍ଞତା ପ୍ରକାଶ କରିବା ଆଦୌ କଷ୍ଟକର ନୁହେଁ। ଟିକେ ନିରିଖେଇ ଦେଖିଲେ ଜାଣିପାରିବା ପ୍ରତ୍ୟହ ଆମେ କିପରି ଅନ୍ୟର ସେବା ଓ ଉପକାରରେ ଆଗକୁ ବଢିଚାଲିଛେ, ସରସ ସୁନ୍ଦର ଜୀବନ ଜିଇ ପାରୁଛେ। ଶିରା-ପ୍ରଶିରାକୁ ଟାଣ କରି ରିକ୍ସା ଭିଡି ଭିଡି ଆମକୁ ଗନ୍ତବ୍ୟସ୍ଥଳରେ ପହଞ୍ଚାଇ ଦେଉଥିବା ରିକ୍ସାବାଲା, ମୁଣ୍ଡରେ ଇଟାପଥର ବୋହି ଆମ ପାଇଁ ସ୍ୱପ୍ନର ସୁରମ୍ୟ ଘର ନିର୍ମାଣ କରୁଥିବା ଶ୍ରମିକ, ଖରା-ବର୍ଷା-ଶୀତକୁ ଭ୍ରୂକ୍ଷେପ ନ କରି ସକାଳୁ ସକାଳୁ ଆପଣଙ୍କ ଘର ନିକଟରେ ପହଞ୍ଚି ଯାଉଥିବା କ୍ଷୀର ବାଲା, ପରିବା ବାଲା, ମାଛ ବାଲା ଓ ପେପର ବାଲା, ନିୟମିତ ଭାବେ ଆପଣଙ୍କ ଅଇଁଠାବାସନ ମାଜି, ଘରଦ୍ୱାର ଓଳାଇ ଆପଣଙ୍କ ଘରକୁ ସରସ ସୁନ୍ଦର କରୁଥିବା କାମବାଲୀ, ଆପଣଙ୍କ ଝିଅ-ପୁଅକୁ ନିରାପଦରେ ସ୍କୁଲକୁ ନବା-ଆଣିବା ତଥା ଆତ୍ମମାନଙ୍କୁ ସମୟ-ଅସମୟରେ ନିରାପଦରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇ ଦେଉଥିବା ଅଟୋ, ଟ୍ୟାକ୍ସି ଓ ବସ୍‌ର କର୍ମଚାରୀମାନେ, ପ୍ରତିକୂଳ ପରିସ୍ଥିତିରେ ବି ପ୍ରକୃତି ସହ ସଂଘର୍ଷ କରି ଆମ ଖାଇବା ଥାଳିକୁ ପରିପୂର୍ଣ୍ଣ କରୁଥିବା କୃଷକ, ରକ୍ତକୁ ପାଣି ଫଟାଇ ଦିନରାତି ରାସ୍ତାଘାଟ, କୋଠାବାଡି ଗଢିବାରେ ସେବା ପ୍ରଦାନ କରୁଥିବା ମେହେନତି ମଣିଷ, ସକାଳ ହେବା ପୂର୍ବରୁ ଆମେ ଯାତାୟାତ କରୁଥିବା ରାସ୍ତାରୁ ଅଳିଆ-ଆବର୍ଜନା ଉଠାଇ ପରିଷ୍କାର କରୁଥିବା ସଫେଇ କର୍ମଚାରୀ, ଆତ୍ମମାନଙ୍କ ସୁରକ୍ଷାରେ ନିୟୋଜିତ ଥିବା ସୁରକ୍ଷା କର୍ମଚାରୀ, ଆମ ମଇଳା ପିନ୍ଧାବସ୍ତ୍ରକୁ ସଫାକରି, ଇସ୍ତ୍ରି କରି ଦେଉଥିବା ଲଣ୍ଡ୍ରିବାଲା, ଆମକୁ ନୂଆ ନୂଆ ବେଶପୋଷାକରେ ଆକର୍ଷଣୀୟ କରୁଥିବା ଦରଜି, ଆମ ଅଯତ୍ନ କେଶ ଓ ନିଶଦାଢିକୁ ସଯତ୍ନେ ସଜାଉଥିବା ସେଲୁନ ବାଲା, ଆମ ଘରର ନଳକୂପ ଓ ପାଣି ପାଇପ ଲାଇନକୁ ନିମିଷକେ ସଜାଡି ଦେଉଥିବା ପ୍ଲମ୍ବର, ବିଦ୍ୟୁତ୍ ସରଞ୍ଜାମକୁ କାର୍ଯ୍ୟକ୍ଷମ କରି ଆମକୁ ସମୟ-ଅସମୟରେ ସେବା ପ୍ରଦାନ କରୁଥିବା ମେକାନିକ୍, ଆମକୁ ପାଠ ପଢ଼ାଇ ଶିକ୍ଷିତ ତଥା ରୋଜଗାରକ୍ଷମ କରାଇଥିବା ଶିକ୍ଷୟିତ୍ରୀ-ଶିକ୍ଷକ, ଆମ ସ୍ୱାସ୍ଥ୍ୟରକ୍ଷାରେ ସେବା ପ୍ରଦାନ କରୁଥିବା ଡାକ୍ତର ଓ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ, ସୁବିଧା-ଅସୁବିଧା ଓ ଭଲ-ମନ୍ଦରେ ପାଖରେ ଠିଆ ହୋଇ ସାହସ ଦେଉଥିବା ସାଙ୍ଗସାଥୀମାନଙ୍କୁ ଆମେ ଅନ୍ତରରୁ କେବେ କୃତଜ୍ଞତା ପୂର୍ବକ ଧନ୍ୟବାଦଟିଏ ଦେଇଛେ କି? ଧନ୍ୟବାଦ କେବଳ ଏକ ଶବ୍ଦ ନୁହେଁ। ନିଜ ଅନ୍ତରରେ ସୃଷ୍ଟି ହୋଇଥିବା ଶୁଦ୍ଧ ଭାବନା ପ୍ରକାଶ କରିବାର ଏହା ଏକ ବାହ୍ୟ ପ୍ରଦର୍ଶନ ଓ ସର୍ବୋତ୍କୃଷ୍ଟ ବାହାନା। ଧନ୍ୟବାଦ ପ୍ରଦାନ କେବଳ ଔପଚାରିକତା ଭିତରେ ଆବଦ୍ଧ ନ ରହି ଅନ୍ତରାତ୍ମାରୁ ନିଃସୃତ ହେଲେ ଏହାର ପ୍ରଭାବ ସୁଦୂରପ୍ରସାରୀ ହୋଇଥାଏ। ଅନ୍ୟକୁ ନିଜର କୃତଜ୍ଞତା ପ୍ରକାଶ ଦ୍ୱାରା ଯେଉଁ ସକାରାତ୍ମକ ତରଙ୍ଗ ସୃଷ୍ଟିହୁଏ, ଏଥିରେ ଉପକାର କରିଥିବା ବ୍ୟକ୍ତି, ଉପକାର ପାଇଥିବା ବ୍ୟକ୍ତି ଓ ସମୀପରେ ଉପସ୍ଥିତ ଥିବା ବ୍ୟକ୍ତିମାନେ ବି ପ୍ରଭାବିତ ହୋଇଥାନ୍ତି, ଉପକାର କରିବା ପାଇଁ ଏହା ଅଧିକରୁ ଅଧିକ ପ୍ରେରଣା ଯୋଗାଇଥାଏ। ବେଳେବେଳେ ଆମକୁ ସେବା ପ୍ରଦାନ କରୁଥିବା ମଣିଷଟିକୁ ପାରିଶ୍ରମିକ ପ୍ରଦାନ କରି ଭୁଲି ଯାଇଥାଉ ଧନ୍ୟବାଦ ଭଳି ଏକ ଛୋଟିଆ ଶବ୍ଦଟିକୁ ଉପଯୋଗ କରିବାକୁ। ଯେଉଁମାନଙ୍କ ସେବା ଓ ସହଯୋଗରେ ଆମେ ଜିଇଛେ ସେମାନେ ସମସ୍ତେ ଆମ ପାଇଁ ଜଣେ ଜଣେ ବିଶେଷ ମଣିଷ, ଆମ ପାଖରେ ଯେତେ ଧନସମ୍ପଦ ଥିଲେ ମଧ୍ୟ ଏହି ମଣିଷମାନେ ନ ଥିଲେ ଆମ ଜୀବନ ଦୁର୍ବିଷହ ହୋଇପଡନ୍ତା। ମାତ୍ର ଦୁଃଖର କଥା, ଆମ ଭିତରୁ ଅନେକ ମଣିଷ ଆମ ସେବାରେ ଆସୁଥିବା କିଛି ମଣିଷଙ୍କୁ କୃତଜ୍ଞତା ଜଣାଇବାକୁ ନିଜର ମର୍ଯ୍ୟାଦାହାନି ବୋଲି ଭାବନ୍ତି।

ଭାରତୀୟ ଦର୍ଶନ ଓ ସଂସ୍କୃତିରେ ଈଶ୍ୱରଙ୍କୁ ସର୍ବଶକ୍ତିମାନ୍ ଭାବେ ଗ୍ରହଣ କରାଯାଇଥାଏ ଏବଂ ପୃଥିବୀ, ଆକାଶ, ଅଗ୍ନି, ବାୟୁ ଓ ଜଳ ହିଁ ଏ ଜୀବଜଗତକୁ ତାଙ୍କର ଦାନ ବୋଲି ବିଚାର କରାଯାଇଥାଏ। ସେଥିପାଇଁ ପୂଜା ଓ ପ୍ରାର୍ଥନା ଜରିଆରେ ଆମେ ଈଶ୍ୱରଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥାଉ ଓ ଧନ୍ୟବାଦ ଅର୍ପଣ କରିଥାଉ। ସେହିପରି ପାଶ୍ଚାତ୍ୟ ଜଗତରେ ବି ଧନ୍ୟବାଦ ଅର୍ପଣକୁ ଉତ୍ତମ ଶିଷ୍ଟାଚାର ଭାବେ ଗ୍ରହଣ କରାଯାଇଥାଏ। ଏପରି କି କାନାଡା, ଆମେରିକା ଆଦି ରାଷ୍ଟ୍ରରେ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଧନ୍ୟବାଦ ଅର୍ପଣ ଉତ୍ସବ ପାଳନ କରାଯାଏ। ମଣିଷ ଜୀବନ କ୍ଷଣସ୍ଥାୟୀ, ଆର ମୁହୂର୍ତ୍ତକୁ କ'ଣ ଘଟିବ ତାହା ମଧ୍ୟ କହିହେବ ନାହିଁ। ତେଣୁ ଜୀବଦ୍ଦଶାରେ ଥାଉଁ ଥାଉଁ ଆମ ପ୍ରତି ଉପକାର, ସାହାଯ୍ୟ ଓ ସହାନୁଭୂତି ଅଜାଡି ଦେଇଥିବା ପ୍ରତ୍ୟେକ ମଣିଷକୁ ଆସନ୍ତୁ କୃତଜ୍ଞତା ଜଣାଇବା ସହ ଅନ୍ତରରୁ ଧନ୍ୟବାଦଟିଏ ଦେବା ଓ ଭବିଷ୍ୟତରେ କୃତଜ୍ଞତା ପ୍ରଦର୍ଶନରେ ଯେପରି କାର୍ପଣ୍ୟ ପ୍ରଦର୍ଶନ ନ କରୁ ସେଥିପ୍ରତି ମଧ୍ୟ ଧ୍ୟାନ ଦେବା।

ମୋ-୯୪୩୭୨୩୨୪୬୩,
ଇମେଲ-Prakas.tripathy 09@gmail

# ବାୟୁସେନାର ଦିଗ ନିର୍ଣ୍ଣାୟକ

ବ୍ୟକ୍ତିତ୍ୱ



ଆର୍‌କେଏସ୍ ଭଦୌରିଆ

ଭାରତୀୟ ସଶସ୍ତ୍ର ବାହିନୀର ଆକାଶବଳ ହେଉଛି ଭାରତୀୟ ବାୟୁସେନା (ଆଇଏଏଫ୍)। ଦେଶର ବାୟୁ ସୀମାର ନିରାପତ୍ତା ରକ୍ଷାକରିବା ସହ ଯୁଦ୍ଧ ବେଳେ ଶତ୍ରୁପକ୍ଷକୁ ମୁକାବିଲା କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ତେଣୁ ଏହାର ନେତୃତ୍ୱ ନେଉଥିବା ବ୍ୟକ୍ତିଙ୍କ ନିର୍ଦ୍ଦେଶ ସର୍ବଦା ଗୁରୁତ୍ୱ ରଖେ। ନିକଟରେ ଆଇଏଏଫ୍‌ର ୨୬ତମ ମୁଖ୍ୟ ହେବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ରାକେଶ କୁମାର ସିଂ ଭଦୌରିଆ। ୩୦ ସେପ୍ଟେମ୍ବରରେ ଏୟାର ଚିଫ୍ ମାର୍ଶଲ ବୀରେନ୍ଦ୍ର ସିଂ ଧନଓ୍ୱା ଅବସର ଗ୍ରହଣ କରିବା ପରେ ଭଦୌରିଆ ଦାୟିତ୍ୱ ଗ୍ରହଣ କରିବେ। ତେବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ପଠାଯାଇଥିବା ଫାଇଲ୍‌ରେ ଭଦୌରିଆଙ୍କ ନାମ ନ ଥିବାରୁ ଏହାକୁ ନେଇ ଆଇଏଏଫ୍‌ରେ ଚର୍ଚ୍ଚା ହେଉଛି। ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପକ୍ଷରୁ 'ସୋର୍ଡ ଅଫ୍ ଅନର୍' ସମ୍ମାନ ପାଇଥିବା ଭଦୌରିଆ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଅତ୍ୟନ୍ତ ପ୍ରତିଭାସମ୍ପନ୍ନ ବୋଲି କୁହାଯାଉଛି। ଫ୍ରାନ୍ସ ସହ ହୋଇଥିବା ରାଫାଲ ଚୁକ୍ତି କ୍ଷେତ୍ରରେ ଭଦୌରିଆ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ପିଏମ୍‌ଓ ପକ୍ଷରୁ ଚୟନ କରାଯାଇଥିବା ଆଲୋଚନା ହେଉଛି। ତେଜସ୍ ଭଳି ଯୁଦ୍ଧବିମାନ ଉଡ଼ାଇବାରେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି। କ୍ୟାଟ 'ଏ' ଫ୍ଲାୟିଂ ଇନ୍‌ଷ୍ଟ୍ରକ୍ଟର ମାନ୍ୟତାପ୍ରାପ୍ତ ଭଦୌରିଆଙ୍କଠାରୁ ପ୍ରଶିକ୍ଷଣ ପାଇଥିବା ବହୁ ପାଇଲଟ ଏବେ ଶୀର୍ଷକୁ ଯାଇପାରିଛନ୍ତି। ଦୁଇବର୍ଷ ଆଇଏଏଫ୍ ମୁଖ୍ୟ ଭାବେ ସେ ଦାୟିତ୍ୱ ତୁଲାଇବେ। ଭାରତୀୟ ସମ୍ବିଧାନରେ ଜମ୍ମୁ ଓ କଶ୍ମୀର ଲାଗି ଉଦ୍ଦିଷ୍ଟ ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ବିଗିଡ଼ି ଯାଇଛି। ଏଭଳି ସ୍ଥଳେ ଏୟାର ଚିଫ୍ ମାର୍ଶାଲଙ୍କ କମାଣ୍ଡ୍ ସର୍ବଦା ଗୁରୁତ୍ୱ ବହନ କରିବ।

ଉତ୍ତରପ୍ରଦେଶ ଆଗ୍ରା ନିକଟସ୍ଥ କୋରାଥ୍‌ଠାରେ ଭଦୌରିଆ ଜନ୍ମ ଗ୍ରହଣ କରିଥିଲେ। ପୁଣେସ୍ଥିତ ଏନ୍‌ଡିଏରୁ ଡିଗ୍ରୀ ଅର୍ଜନ କରିବା ପରେ କମାଣ୍ଡ୍ ଆଣ୍ଡ୍ ଷ୍ଟାଫ୍ କଲେଜରୁ ମାଷ୍ଟର ଇନ୍ ଡିଫେନ୍ସ ଷ୍ଟଡିଜ୍‌ରେ ସ୍ନାତକୋତ୍ତର କରିଥିଲେ। ୧୫ ଜୁନ୍ ୧୯୮୦ରେ ସେ ଆଇଏଏଫ୍‌ରେ ଯୋଗ ଦେଇଥିଲେ। ୪,୨୫୦ ଘଣ୍ଟା ବିମାନ ଉଡ଼ାଇ ସେ ଦକ୍ଷତାର ପ୍ରମାଣ ଦେଇଛନ୍ତି। ବୃତ୍ତିଗତ ଜୀବନରେ ସେ ପରିଚାଳନା ଓ ପ୍ରଶାସନିକ କ୍ଷେତ୍ରରେ ବହୁ ମର୍ଯ୍ୟାଦାପୂର୍ଣ୍ଣ ଦାୟିତ୍ୱରେ ରହିଆସିଛନ୍ତି। ଜାଗୁଆର ସ୍କ୍ୱାଡ୍ରନ ଭାବେ ସାଉଥ୍-ୱେଷ୍ଟ ସେକ୍ଟରର କମାଣ୍ଡର, ଏୟାରକ୍ରାଫ୍ଟ ଆଣ୍ଡ୍ ସିଷ୍ଟମ୍ ଟେଷ୍ଟିଂ ଏଷ୍ଟାବ୍ଲିଶମେଣ୍ଟର କମାଣ୍ଡିଂ ଅଫିସର, ନ୍ୟାଶନାଲ ଫ୍ଲାଇଟ୍ ଟେଷ୍ଟିଂ ସେଣ୍ଟରର ତେଜସ୍ ଏଲ୍‌ସିଏ ପ୍ରୋଜେକ୍ଟର ଚିଫ୍ ଟେଷ୍ଟ ପାଇଲଟଠାରୁ ଆରମ୍ଭ କରି ଡେପୁଟି ଚିଫ୍ ଅଫ୍ ଏୟାରଷ୍ଟାଫ୍ ରହିଆସିଛନ୍ତି।

କାର୍ଯ୍ୟ ପ୍ରତି ନିଷ୍ଠା ଆଜି ତାଙ୍କୁ ବାୟୁସେନାର ସର୍ବୋଚ୍ଚ ସ୍ଥାନରେ ବସାଇପାରିଛି। ଦୀର୍ଘବର୍ଷର କର୍ମମୟ ଜୀବନରେ ସେ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ସେ ଜାନୁୟାରୀ ୨୦୦୨ରେ ବାୟୁସେନା ମେଡାଲ, ଜାନୁୟାରୀ ୨୦୧୩ରେ ଅତି ବିଶିଷ୍ଟ ସେବା ମେଡାଲ, ଜାନୁୟାରୀ ୨୦୧୮ରେ ପରମ ବିଶିଷ୍ଟ ସେବା ମେଡାଲ ସହ ଜାନୁୟାରୀ ୨୦୧୯ରେ ରାଷ୍ଟ୍ରପତିଙ୍କ ଏଇଡି ଡି କାମ୍ପେ ଭଳି ସମ୍ମାନ ପାଇପାରିଛନ୍ତି। ଭଦୌରିଆଙ୍କ ବ୍ୟକ୍ତିଗତ ଜୀବନ କହିଲେ ସ୍ତ୍ରୀ ଆଶା ଓ ଦୁଇ ସନ୍ତାନକୁ ନେଇ ତାଙ୍କ ସଂସାର।

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ନବଜାତ ଶିଶୁଙ୍କୁ ସୁସ୍ଥ ହେବା ପାଇଁ ଚେଙ୍କ ଦେବା ଭଳି ଅନ୍ଧବିଶ୍ୱାସ ବିଭିନ୍ନ ଅଞ୍ଚଳରେ ପ୍ରଚଳିତ ଥିବାବେଳେ ଉତ୍ତରପ୍ରଦେଶରେ ଦେଖିବାକୁ ମିଳେ ଆଉ ଏକ ଯନ୍ତ୍ରଣାଦାୟକ ପରମ୍ପରା। ଏଠାରେ ନବଜାତ ଶିଶୁଙ୍କୁ ଫୁଟନ୍ତା କ୍ଷୀରରେ ସ୍ନାନ କରାଯାଏ। ବାରାଣସୀ ଓ ମିରଜାପୁର ଜିଲାରେ କରହା ପୂଜନ ଅନୁଷ୍ଠିତ ହୁଏ। ଏହି ପୂଜା ବିବାହ କିମ୍ବା ଅନ୍ୟ ଶୁଭ ଅବସରରେ ପାଳନ କରାଯାଏ। ପରମ୍ପରା ଅନୁଯାୟୀ ଜଣେ ମହିଳା ଏକ ମାଟିପାତ୍ରରେ କ୍ଷୀର ଫୁଟାନ୍ତି। କ୍ଷୀର ଫୁଟିଲା ପରେ ଶିଶୁର ପିତା ଶିଶୁକୁ ଆଣି ପ୍ରଥମେ ଶିଶୁର ଗୋଡ଼କୁ ସେହି କ୍ଷୀରରେ ବୁଡ଼ାଇଦିଅନ୍ତି। ଏହାପରେ ସେହି କ୍ଷୀରକୁ ଶିଶୁର ଶରୀରରେ ଢାଳି ଦିଅନ୍ତି। ଏହାପରେ ଶିଶୁର ପିତା ନିଜେ ମଧ୍ୟ କ୍ଷୀରରେ ସ୍ନାନ କରନ୍ତି। ଏହି ସ୍ନାନ ବିଧି ସାଧାରଣତଃ ସ୍ଥାନୀୟ ମନ୍ଦିରରେ ପାଳନ କରାଯାଇଥାଏ। ଏହାକୁ ଦେଖିବା ପାଇଁ ଲୋକଙ୍କ ସମାଗମ ହୋଇଥାଏ। ମନ୍ଦିରର ପୂଜକ ସ୍ନାନ ସମୟରେ ମନ୍ତ୍ର ଉଚ୍ଚାରଣ କରନ୍ତି। ଏହି ପରମ୍ପରା ଦ୍ୱାରା ଶିଶୁର ମଙ୍ଗଳ ହେବା ସହ ଭଗବାନଙ୍କ ଆଶୀର୍ବାଦ ଲାଭ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ଏହି ପରମ୍ପରା ଉପରେ ଉତ୍ତରପ୍ରଦେଶ ସରକାରଙ୍କ କଟକଣା ସତ୍ତ୍ୱେ ପ୍ରତିବର୍ଷ ନବରାତ୍ର ଅବସରରେ ବିଭିନ୍ନ ସ୍ଥାନରେ ଏହା ପାଳନ କରାଯାଉଛି।

### ଚିରନ୍ତନୀ

ଶତ କୋଟି ବିଶ୍ୱ କ୍ରୀଡ଼େ
    ଅହରହ ଲୋମକୂପେ ତବ
ବିସ୍ମୃତି ନୁହଇ ବୁଝି
    କଳ୍ପନା-ଅତୀତ ଅବୟବ!    (ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୨ ସେପ୍ଟେମ୍ବର ୧୯୯୪

- ଆମେରିକା ଓ ରୁଷିଆ ମଧ୍ୟରେ ପାରମାଣବିକ ନିରାପତ୍ତା ଚୁକ୍ତିନାମା ସ୍ୱାକ୍ଷରିତ।
- ଓଡ଼ିଶା ଜିଲା ପରିଷଦ ସଂଶୋଧନ ବିଲ୍-୧୯୯୪ ବିଧାନସଭାରେ ଅନୁମୋଦନ ଲାଭ କରିଛି।

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | B | | | | | | | | D | | | | A | 4 |
| | 4 | | 1 | 2 | | 5 | | | A | | 6 | E | | |
| | | D | 3 | | | A | | | | | | | | |
| 2 | | | | | 4 | 3 | | | | B | | | C | 0 |
| | 6 | C | | 5 | | | B | | | 9 | | 8 | | 3 |
| 6 | | | | | | | | | | 7 | | 9 | | |
| 9 | | | 2 | | | | | | | 3 | A | | | 1 |
| | | 4 | | 1 | E | | | | 6 | C | | | | |
| | C | | 0 | A | | | 2 | 9 | B | | 1 | D | E | |
| E | | B | | | C | | | 1 | | | | | | 7 |
| | 5 | | | B | | | | | E | 4 | | | | 2 |
| | | | | | 1 | 8 | | | | 0 | B | | | E |
| | | | D | | | E | | 0 | 8 | | 2 | | 1 | 5 |
| | | | | 0 | | 2 | | B | | 1 | 7 | 3 | | |
| 4 | | | A | 8 | | | | | C | | | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | B | 3 | 1 | D | 0 | 9 | 6 | 7 | A | 4 | 5 | 2 | 8 | C |
| 0 | C | 8 | 7 | 5 | 4 | E | D | 2 | 6 | 1 | B | A | 9 | 3 |
| 5 | 9 | 4 | 6 | A | E | B | 8 | C | 7 | 2 | 3 | 0 | D | 1 |
| A | 1 | 2 | 9 | B | 8 | 5 | 3 | 4 | C | D | 0 | 6 | 7 | E |
| 7 | D | 6 | C | 2 | 3 | 1 | 0 | A | E | 9 | 8 | 5 | 4 | B |
| D | 4 | 5 | E | 1 | A | C | B | 9 | 3 | 6 | 2 | 8 | 0 | 7 |
| 1 | 2 | 0 | B | 9 | C | D | E | 6 | 8 | A | 7 | 4 | 3 | 5 |
| 8 | A | C | 5 | 3 | D | 4 | 7 | 0 | 9 | B | E | 1 | 2 | 6 |
| 9 | 6 | E | 8 | 0 | 7 | A | 2 | 3 | 1 | 5 | 4 | B | C | D |
| 3 | 7 | B | 2 | 4 | 6 | 8 | 1 | 5 | D | 0 | C | 9 | E | A |
| B | 3 | 9 | 4 | 6 | 5 | 0 | C | 1 | 2 | 7 | D | E | A | 8 |
| 4 | E | D | 3 | C | 1 | 2 | A | B | 5 | 8 | 9 | 7 | 6 | 0 |
| C | 0 | 7 | A | E | 2 | 6 | 5 | 8 | 4 | 3 | 1 | D | B | 9 |
| 6 | 8 | 1 | 0 | 7 | 9 | 3 | 4 | D | B | E | A | C | 5 | 2 |
| 2 | 5 | A | D | 8 | B | 7 | 9 | E | 0 | C | 6 | 3 | 1 | 4 |

ଗତକାଲି ପ୍ରକାଶିତ ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରେଳରୁ କୋଇଲା ଚୋରି

ମହାଶୟ,

ଧରିତ୍ରୀରେ ପ୍ରକାଶିତ 'ରେଳରୁ କୋଇଲା ଚୋରି'କୁ ନେଇ ଅସନ୍ତୋଷ ଖବର ପଢ଼ିଲି। ଏହା ଆଂଶିକ ସତ୍ୟ ହୋଇପାରେ କିନ୍ତୁ ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ପାରାଦୀପରୁ କଟକ ପର୍ଯ୍ୟନ୍ତ ଏପରି କି ଯେଉଁ ପର୍ଯ୍ୟନ୍ତ କୋଇଲା ଗାଡି ଯାଉଛି ଆସୁଛି, ୱାଗନରୁ ଏତେ କୋଇଲା ଗଦା ହେଉଛି ଯେ ପ୍ରତିଦିନ ଶହ ଶହ ଲୋକ ଗୋଟେଇ ଗୋଟେଇ ଥକି ଯାଉଛନ୍ତି। କମ୍ ଦରରେ ଇଟାଭାଟି ମାଲିକମାନେ ଉନ୍ନତମାନର କୋଇଲା ପାଉଛନ୍ତି। ଏହି କୋଇଲାକୁ ଯଦି ଜନସାଧାରଣ ନ ଉଠାନ୍ତେ ତା' ହେଲେ ୨/୩ ଦିନରେ ରେଳ ଧାରଣା କୋଇଲାରେ ପୋତି ହୋଇଯାଆନ୍ତା। ଏହା ବାସ୍ତବ ସତ୍ୟ କିନ୍ତୁ ଏଥିରେ ରେଳ ବିଭାଗର ଟିକେ ହେଲେ ଚିନ୍ତା ନାହିଁ। ଯଦି କେଉଁଠି କୋଇଲା ଚୋରି ହେଉଥିବ ତା' ହେଲେ ଏଥିରେ ରେଳ କର୍ମଚାରୀ ନିଶ୍ଚିତ ସମ୍ପୃକ୍ତ ଥିବେ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ଭିକାରିଙ୍କୁ ପୁଣି ଭିକ୍ଷାଥାଳ

ଧରିତ୍ରୀ (୧୩।୮)ର 'ଓଡ଼ିଶା କାହିଁକି.....' ଶୀର୍ଷକରେ ଲେଖକ ତାଙ୍କ ଆଲେଖ୍ୟରେ ଓଡ଼ିଶା ବିଧାନସଭା ଦୁଇଥର ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରି ଓଡ଼ିଶାକୁ ସ୍ୱତନ୍ତ୍ର ଶ୍ରେଣୀ ରାଜ୍ୟ ମାନ୍ୟତା ଦେବାକୁ କେନ୍ଦ୍ର ନିକଟରେ ଦାବି ଉପସ୍ଥାପନ କରି ନାକଚ ହେବା ପରେ ପୁଣି କାହିଁକି ଏହାକୁ ଦୋହରାଯାଉଛି କହି କ୍ଷୋଭ ପ୍ରକାଶ କରିଛନ୍ତି। ବାସ୍ତବିକ ସ୍ୱାଭିମାନ ଥିବା ବ୍ୟକ୍ତି ଭିକ୍ଷାଥାଳ ଧରି କ'ଣ ଥରକୁ ଥର ନିଜର ଅସହାୟତା ପ୍ରକାଶ କରିବାକୁ ପ୍ରୟାସ କରିବ ? ଓଡ଼ିଶାର ଲୋକସଂଖ୍ୟା ୪ କୋଟି ୨୦ ଲକ୍ଷରୁ ଭିକାରି, ବାସହୀନ ଆଦିରେ ତାଲିକାଭୁକ୍ତ ହୋଇ ୩ କୋଟି ୨୬ ଲକ୍ଷ ଲୋକ ୧ ଟଙ୍କା କିଲୋ ଦରରେ ପଡି ଚାଉଳ ଖାଉଛନ୍ତି। ରାଜ୍ୟ ସରକାର ଆହୁରି ୨୫ଲକ୍ଷଙ୍କୁ ପୁଣି ଟଙ୍କିକିଆ ଚାଉଳ ଦେବା ପ୍ରୟାସରେ ପ୍ରାୟ ୧୫ ଲକ୍ଷଙ୍କୁ ଦରିଦ୍ରଶ୍ରେଣୀଭୁକ୍ତ କରିଛନ୍ତି। ଏମିତି ଦେଖିବାକୁ ଗଲେ ପ୍ରାୟ ୩ କୋଟି ୫୦ ଲକ୍ଷ ଲୋକ ଭିକ୍ଷାଥାଳ ଧରି ସାରିଛନ୍ତି। ଖଣିଜ ସମ୍ପଦରେ ଭରା ଓଡିଶା ଗରିବ ରାଜ୍ୟ ବୋଲି ଚର୍ଚ୍ଚା ହେଉଛି। ସ୍ୱାଧୀନତାର ଏତେ ବର୍ଷ ପରେ ଓଡିଶାବାସୀଙ୍କୁ ଭିକ୍ଷାଥାଳ ଧରାଇବାରେ ଦାୟୀ କିଏ ତାହା ବିଚାରଯୋଗ୍ୟ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ହଂକଂରେ ସରକାର ବିରୋଧୀ ବିକ୍ଷୋଭ ୧୬ ସପ୍ତାହ ଅତିକ୍ରମ କରିଛି। ଶନିବାର ଚାଇନା ସୀମାରେ ଦଙ୍ଗା ନିୟନ୍ତ୍ରଣକାରୀ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଟୁଏନ୍ ମୁନ୍ ସହରରେ ବିକ୍ଷୋଭକାରୀଙ୍କୁ ଘଉଡାଇବା ଲାଗି ପୋଲିସ ଲୁହବୁହା ବାଷ୍ପ ଓ ରବର ଗୁଳି ଫାୟାରିଂ କରିଥିଲା। ଆନ୍ଦୋଳନକାରୀ ମଧ୍ୟ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ଅନେକ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଛି।



# ବିଜେପୁର: ପ୍ରାର୍ଥୀ ଚୟନ ଉପରେ ନଜର

ଭୁବନେଶ୍ୱର,୨୧।୯(ବ୍ୟୁରୋ)

ବିଜେପୁର ଉପନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ରାଜନୈତିକ ଦଳଗୁଡିକ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଏହି ଆସନକୁ ଶେଷ ୨ ନିର୍ବାଚନରେ ଜିତିଥିବା ବିଜେଡି ପକ୍ଷରୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ଅନୁରୂପ ଭାବେ ଭାଜପା ମଧ୍ୟ ଉପନିର୍ବାଚନ ପାଇଁ ପାଗ ଭିଡିଛି। ଏକଦା ବିଜେପୁରକୁ କଂଗ୍ରେସର ଗଡ଼ କୁହାଯାଉଥିଲା। ହେଲେ କଂଗ୍ରେସର ପୂର୍ବତନ ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ପତ୍ନୀ ରୀତା ସାହୁ ଏବଂ ସମର୍ଥକ ବିଜେଡିରେ ସାମିଲ ହେବା ପରେ କଂଗ୍ରେସ ପୂର୍ବ ରାଜନୈତିକ ଗୁରୁତ୍ୱ ହରାଇଛି। ତେଣୁ ଏହି ଉପନିର୍ବାଚନରେ ବିଜୟ ଅପେକ୍ଷା କଂଗ୍ରେସ ସମ୍ମାନଜନକ ଭୋଟ ପାଇବା ଚ୍ୟାଲେଞ୍ଜ ସଦୃଶ ହୋଇଛି। ଅନୁରୂପ ଭାବେ କ୍ଷମତାରେ ଥିବାରୁ ବିଜେଡି ପାଇଁ ଏହି ଆସନଟି ସମ୍ମାନର ପ୍ରଶ୍ନ ପାଲଟିଛି। ସେହିଭଳି ପ୍ରଥମଥର ପାଇଁ ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ମାନ୍ୟତା ପାଇଥିବା ଭାଜପା ପଶ୍ଚିମ ଓଡ଼ିଶାର ସବୁ ଲୋକ ସଭା ଆସନରେ ବିଜୟୀ ହୋଇଥିଲା। ହେଲେ ବିଧାନସଭାରେ ଆଖିଦୃଶିଆ ପ୍ରଦର୍ଶନ କରି ପାରି ନ ଥିଲା। ତେଣୁ ଏହି ପରମ୍ପରାକୁ ବଦଳାଇବା ଲକ୍ଷ୍ୟ ନେଇ ଉପନିର୍ବାଚନକୁ ଦଳ ଓହ୍ଲାଇବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

ନିକଟରେ ବିଜେଡି ପକ୍ଷରୁ ୪ ବରିଷ୍ଠ ନେତାଙ୍କୁ ନେଇ ଏକ ନିର୍ବାଚନ ପରିଚାଳନା କମିଟି ଗଠନ କରାଯାଇଥିଲା। ଏଥିରେ ମନ୍ତ୍ରୀ ସୁଶାନ୍ତ ସିଂ, ନିରଞ୍ଜନ ପୂଜାରୀ, ବଲାଙ୍ଗୀର ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଏବଂ ବ୍ରହ୍ମଗିରି ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମାଙ୍କୁ ସ୍ଥାନ ଦିଆଯାଇଥିଲା। ବିଜେଡି ଶୀର୍ଷ ନେତୃତ୍ୱର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କମିଟି ମୁଖ୍ୟତଃ ନିର୍ବାଚନ ପରିଚାଳନା କରିବ। ବିଜେଡି ପକ୍ଷରୁ କାହାକୁ ପ୍ରାର୍ଥୀ କରାଯିବ, ତାହାକୁ ନେଇ ସବୁ ମହଲରେ ଉତ୍କଣ୍ଠା ରହିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ୨୦୧୮ ପରି ରୀତା ସାହୁଙ୍କ ଉପରେ ପୁନଶ୍ଚ ଆସ୍ଥା ପ୍ରକଟ କରୁଛନ୍ତି ନା ଅନ୍ୟ କାହାରିକୁ ପ୍ରାର୍ଥୀ କରୁଛନ୍ତି, ସେନେଇ ଚର୍ଚ୍ଚା ଜୋର ଧରିଛି। ରୀତାଙ୍କୁ ବାଦ୍ ଦେଲେ ସେହି ଆସନ ପାଇଁ ଭାଜପା ଛାଡି ଆସିଥିବା ସୁବାସ ଚୌହାନ, କଂଗ୍ରେସରୁ ଆସିଥିବା ପ୍ରଣୟ ସାହୁ, ପୂର୍ବରୁ ପ୍ରାର୍ଥୀ ହୋଇଥିବା ପ୍ରଭାତ ଆଦିତ୍ୟ ମିଶ୍ର ଏବଂ ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି।




ହେଲେ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ସୁବାସ ଚୌହାନଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ କରାଯାଇଛି। ତେଣୁ ତାଙ୍କ ପ୍ରାର୍ଥିତ୍ୱକୁ ନେଇ ସମ୍ଭାବନା ହ୍ରାସ ପାଇଛି। ଅନୁରୂପ ଭାବେ ପ୍ରଭାତ ଆଦିତ୍ୟ ମିଶ୍ରଙ୍କୁ ମଧ୍ୟ ଏପିକଲ୍ ଅଧ୍ୟକ୍ଷ କରାଯାଇଛି। ପ୍ରଣୟଙ୍କୁ ବଡ ପଦବୀ ମିଳି ନ ଥିଲେ ବି ତାଙ୍କ ସଙ୍ଗଠନ ମୁଖ୍ୟତଃ ଗାଇସିଲଟ୍ ବ୍ଲକରେ ସୀମିତ । ତେଣୁ ପୁନର୍ବାର ରୀତାଙ୍କ ପ୍ରାର୍ଥିତ୍ୱ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଅନୁରୂପ ଭାବେ ରାଜ୍ୟ ସଭା ସଦସ୍ୟ ଥିବା ସତ୍ତ୍ୱେ ପ୍ରସନ୍ନଙ୍କୁ ବରଗଡ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯାଇଥିଲା। ତେଣୁ ବିଜେଡି ସଭାପତି କାହାକୁ ପ୍ରାର୍ଥୀ ଘୋଷଣା କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଉପନିର୍ବାଚନକୁ ନେଇ ବିଜେଡି ଜିଲା ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି ଯେ, ଚଳିତ ମାସ ଶେଷସୁଦ୍ଧା ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯିବ। ଦଳ ନିର୍ବାଚନ ପାଇଁ ପ୍ରସ୍ତୁତ ରହିଛି। ପୂର୍ବ ୨ ଥର ଭଳି ବିଜେପୁରବାସୀ ପୁନର୍ବାର ବିଜେଡି ଉପରେ ଆସ୍ଥା ପ୍ରକଟ କରିବେ ବୋଲି ମଲ୍ଲିକ କହିଛନ୍ତି।

ସେହିଭଳି ଭାଜପା ପକ୍ଷରୁ ପ୍ରାର୍ଥୀ ହେବା ନେଇ ମଧ୍ୟ ଏକାଧିକ ଆଶାୟୀ ରହିଛନ୍ତି। ଗତଥର ପ୍ରାର୍ଥୀ ହୋଇଥିବା ସନତ ଗଡତିଆଙ୍କ ସହ ପ୍ରଦୀପ ପୁରୋହିତଙ୍କ ନାଁ ମଧ୍ୟ ଶୁଣାଯାଉଛି। ଚଳିତ ଥର ପଦ୍ମପୁରରୁ ପରାସ୍ତ ହେବା ପରେ ବିଜେପୁର ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଆଗ୍ରହ ଥିବା ପ୍ରଦୀପ ଗଣମାଧ୍ୟମରେ କହିସାରିଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷ ମୁକ୍ତା ସାହୁ ମଧ୍ୟ ଭାଜପା ପ୍ରାର୍ଥୀ ହେବା ପାଇଁ ଚେଷ୍ଟା କରୁଥିବା ଜଣାପଡିଛି। ଭାଜପା ସଭାପତି ବସନ୍ତ ପଣ୍ଡା କହିଛନ୍ତି ଯେ, ବିଜେପୁର ନିର୍ବାଚନରେ ଭାଜପା ନିଶ୍ଚୟ ବିଜୟୀ ହେବ। ଦଳ ପକ୍ଷରୁ ପ୍ରାର୍ଥୀ ଚୂଡାନ୍ତ ସରିଛି, କେବଳ ଘୋଷଣା ବାକି ରହିଥିବା ବସନ୍ତ ସୂଚନା ଦେଇଛନ୍ତି। କଂଗ୍ରେସ ମଧ୍ୟ ପ୍ରାର୍ଥୀ ଚୂଡାନ୍ତ କରିବା ପାଇଁ ଏକ କମିଟି ଗଠନ କରିଛି। ୨୪ କିମ୍ବା ୨୫ ସୁଦ୍ଧା ଏହି କମିଟି ପ୍ରାର୍ଥୀଙ୍କ ନାମ ପିସିସିକୁ ପ୍ରଦାନ କରିବ। ଏହା ପରେ ଦଳ ପକ୍ଷରୁ ନାଁ ଘୋଷଣା କରାଯିବ ବୋଲି ଜଣାପଡିଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ବିଜେପୁର ଦାୟିତ୍ୱ ନେବେ ବୋଲି କହି ବିଜୟୀ ହେଲେ, ଜିତିବା ପରେ ଆସନ ଛାଡିଦେଲେ। ସେ ବିଜେପୁର ପାଇଁ କ'ଣ କରିଛନ୍ତି, ତାହାର ହିସାବ କଂଗ୍ରେସ ମାଗିବ। ଏତଦ୍‌ବ୍ୟତୀତ କୃଷି, ଜଳସେଚନ ପରି ଅନେକ ନିର୍ବାଚନୀ ପ୍ରସଙ୍ଗ ରହିଥିବା ନିରଞ୍ଜନ କହିଛନ୍ତି। କଂଗ୍ରେସ ପକ୍ଷରୁ ରିପୁନାଥ ସେଠ୍ ନିଜେ କିମ୍ବା ତାଙ୍କ ପରିବାରରୁ କାହାକୁ ପ୍ରାର୍ଥୀ କରିବାକୁ ଆଗ୍ରହୀ ଥିବା ଜଣାପଡିଛି। କିଶୋର ମେହେର ମଧ୍ୟ କଂଗ୍ରେସ ଟିକେଟ୍ ପାଇଁ ଆଶାୟୀ ଥିବା ଜଣାପଡିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଖା ସୁନ୍ଦର ବଉଳା ଗାଈ**
**ଦୁହିଁଲା ବେଳକୁ ଟୋପିଏ ନାହିଁ ।**

ଗଉଡ଼ ଗାଈ ପାଳିଥାଏ, ଦୁଧୁଆଳୀ ଗାଈ ପାଳିବା ତା'ପକ୍ଷେ ଲାଭଜନକ ହୋଇଥାଏ। ତେବେ ଦେଖିବାକୁ ସୁନ୍ଦର ହୋଇଥିବା ଗାଈ ଯଦି ଅଧିକ କ୍ଷୀର ଦେବାରେ ଅସମର୍ଥ ହୋଇଥାଏ ତା'ହେଲେ ସେ ଗାଈ ପାଳିବାରେ ଲାଭ କିଛି ରହି ନ ଥାଏ। ପରୋକ୍ଷରେ ରୂପଠାରୁ ଗୁଣ ଶ୍ରେଷ୍ଠ। ରୂପ ସୁନ୍ଦର ହୋଇଥିଲେ ମଧ୍ୟ ଗୁଣ ଯଦି ସେତେ ଭଲ ବା ଉତ୍କୃଷ୍ଟ ହୋଇ ନ ଥାଏ ତା'ହେଲେ ସେ ବ୍ୟକ୍ତି ସେତେ ଆଦର ଓ ସମ୍ମାନ ପାଇ ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଦୁଧ ଉତୁରିଲେ ଚୁଲିକୁ**
**ମଣିଷ ଉତୁରିଲେ ଗାତକୁ ।**

କ୍ଷୀର ଉତୁରିଲେ ଚୁଲିରେ ପଶିଥାଏ। ସେହିପରି ମଣିଷର ଗର୍ବ, ଅହଂକାର, ଅହମିକା ତଥା ଆସ୍ଫାଳନ ହିଁ ତାକୁ ପତନୋନ୍ମୁଖୀ କରାଇଥାଏ। ଗର୍ବ ଅଚିରେ ଖର୍ବ ହୋଇଥାଏ। ତେଣୁ ମଣିଷ ଏଥିରୁ ନିବୃତ୍ତ ରହିବା ଶୋଭନୀୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଓସ୍କାର ଯିବ 'ଗଲି ବୟ'



ନୂଆଦିଲ୍ଲୀ

୯୨ତମ ଓସ୍କାର ଆୱାର୍ଡ ପାଇଁ ଆଲିୟା ଭଟ୍ଟ ଓ ରଣବୀର ସିଂହ ଅଭିନୀତ ଫିଲ୍ମ 'ଗଲି ବୟ'କୁ ପଠାଇବାକୁ ସ୍ଥିର କରାଯାଇଛି। ଇଣ୍ଡିଆନ୍ ଫିଲ୍ମ ଫେଡେରେଶନ ପକ୍ଷରୁ ଅଭିନେତ୍ରୀ ତଥା ଫିଲ୍ମ ନିର୍ମାତା ଅପର୍ଣ୍ଣା ସେନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଚୟନ କମିଟି ଏହି ନିଷ୍ପତ୍ତି ନେଇଛନ୍ତି। 'ଗଲି ବୟ' ନିର୍ଦ୍ଦେଶକ ଜୋୟା ଅଖତରଙ୍କ ଫିଲ୍ମ ନିର୍ମାତା ଭାଇ ଫରାନ୍ ଅଖତର୍ ଟୁଇଟର୍‌ରେ ଏହି ଖୁସି ଖବର ପ୍ରଥମେ ସମସ୍ତଙ୍କୁ ଜଣାଇଥିଲେ। ଫିଲ୍ମଟି ମୁମ୍ବାଇର ଗଳିକନ୍ଦିର ରାପରଙ୍କ ଜୀବନଶୈଳୀ ଉପରେ ଆଧାରିତ। ଗତ ଫେବୃୟାରୀରେ ଫିଲ୍ମଟି ମୁକ୍ତିଲାଭ କରି ବକ୍ସ ଅଫିସ୍‌ରେ ସୁପରହିଟ୍ ରହିଥିଲା। ଫିଲ୍ମରେ ରଣବୀର-ଆଲିୟାଙ୍କ ବ୍ୟତୀତ କଲକି କୋଚଲିନ, ସିଦ୍ଧାନ୍ତ ଚତୁର୍ବେଦୀ, ବିଜୟ ରାଜ ଓ ଅମୃତା ସୁଭାଷଙ୍କୁ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିଥିଲା। ଆସନ୍ତା ଫେବୃୟାରୀରେ ହେବାକୁ ଥିବା ଓସ୍କାର ୨୦୨୦ରେ ସାମିଲ ହେବାକୁ ୨୭ଟି ଭାରତୀୟ ଫିଲ୍ମ ଦୌଡ଼ରେ ଥିଲେ। ଅନ୍ଧାଧୂନ୍, ଆର୍ଟିକଲ୍ ୧୫, ବଧାଇ ହୋ, ବଦ୍‌ଲା ଆଦି ଫିଲ୍ମକୁ ପଛରେ ପକାଇ ଶେଷରେ 'ଗଲି ବୟ' ଓସ୍କାର ୨୦୨୦ପାଇଁ ଫେଡେରେଶନ୍ ପକ୍ଷରୁ ମନୋନୀତ ହୋଇଛି। ଯଦି ଏହାକୁ ଚୟନ କରାଯାଏ ତେବେ ୯୨ତମ ଓସ୍କାର ଆୱାର୍ଡର 'ବେଷ୍ଟ ଫରେନ୍ ଲାଙ୍ଗୁଏଜ୍ ଫିଲ୍ମ' ବର୍ଗରେ 'ଗଲି ବୟ' ଅନ୍ୟ ବିଦେଶୀ ଫିଲ୍ମ ସହ ପ୍ରତିଯୋଗିତାରେ ସାମିଲ ହେବ।

# ଜଳବାୟୁ ପରିବର୍ତ୍ତନ: ଭାରତର ପଦକ୍ଷେପକୁ ଜାତିସଂଘର ପ୍ରଶଂସା

ଜାତିସଂଘ,୨୧।୯(ପି.ଟି.)

ଜଳବାୟୁ ପରିବର୍ତ୍ତନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ ଅନ୍ତର୍ଜାତୀୟ ପ୍ରୟାସରେ ଏହା ମୌଳିକ ଅଂଶୀଦାର ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି। ଅକ୍ଷୟ ଶକ୍ତି ଉତ୍ପାଦନ ବୃଦ୍ଧିରେ ଭାରତର ପଦକ୍ଷେପ ପ୍ରଶଂସନୀୟ। ବିଶ୍ୱ ସଂଗଠନକୁ ଭାରତ ଦାନ କରିଥିବା ୧୯୩ ସୋଲାର ପ୍ୟାନେଲ ବେଶ୍ ସହାୟକ ହୋଇଛି। ଭାରତରେ ସୌର ଶକ୍ତି ଉତ୍ପାଦନରେ ଯଥେଷ୍ଟ ପୁଞ୍ଜିନିବେଶ ହୋଇଥିବା ଗୁଟେରେସ୍ କହିଛନ୍ତି।

ଜାତିସଂଘ ସାଧାରଣ ପରିଷଦରେ ଜଳବାୟୁ କାର୍ଯ୍ୟାନୁଷ୍ଠାନ ସମିଟ୍ ବୈଠକ ୨୩ରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ସେଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ମୋଦିଙ୍କ ସହ ପ୍ରଥମ ଭାଗରେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜାସିଣ୍ଡା ଆର୍ଡେନ, ଜର୍ମାନ ଚାନ୍‌ସେଲର ଆଞ୍ଜେଲା ମର୍କେଲ ପ୍ରମୁଖ ଉଦ୍‌ବୋଧନ ଦେବେ।

# ୨ ଜେଇଏମ୍ ଆତଙ୍କବାଦୀ ଗିରଫ

ଜମ୍ମୁ,୨୧।୯(ପି.ଟି.)

ଦକ୍ଷିଣ କଶ୍ମୀରର ପୁଲ୍‌ୱାମା ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପୋଲିସ ଦୁଇ ଜଣ ଜୈଶ୍ ଆତଙ୍କବାଦୀଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଟ୍ରକ୍ ମାଲିକ ସୁହିଲ ଅହମ୍ମଦ ଲାଟୁ ରହିଛନ୍ତି। ପଞ୍ଜାବରୁ କଶ୍ମୀରକୁ ଉକ୍ତ ଟ୍ରକ୍‌ରେ ବିପୁଳ ଅସ୍ତ୍ରଶସ୍ତ୍ର ଆସୁଥିବାବେଳେ ଗୁରୁବାର ଜବତ କରାଯାଇଥିଲା। ପୂର୍ବରୁ ଗିରଫ ହୋଇଥିବା ୩ ଆତଙ୍କବାଦୀଙ୍କ ସୂଚନାକ୍ରମେ ସେମାନଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଛି। ଗିରଫ ଅନ୍ୟ ଜଣକ ହେଲେ ପୁଲ୍‌ୱାମା ରାଜପୁରାର ବଶିର ଅହମ୍ମଦ ଲୋନ।

# 'ଓଡ଼ିଶା ରାଜନୀତିର ନୀରବ ସାଧକ ନବୀନ ପଟ୍ଟନାୟକ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୨୧।୯(ବ୍ୟୁରୋ)

ପଣ୍ଡିତ ଦୈତାରୀ ମହାପାତ୍ରଙ୍କ ରଚିତ 'ଓଡ଼ିଶା ରାଜନୀତିର ନୀରବ ସାଧକ ନବୀନ ପଟ୍ଟନାୟକ' ପୁସ୍ତକକୁ ଶନିବାର ଓଡ଼ିଶା ବିଧାନସଭା ବାଚସ୍ପତିଙ୍କ ପ୍ରକୋଷ୍ଠରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ନବୀନ ପଟ୍ଟନାୟକ ରାଜ୍ୟର ବିକାଶ ସହିତ ଦେଶର ସାମଗ୍ରିକ ଅଭିବୃଦ୍ଧିରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିବା ଜଣେ ଖ୍ୟାତିସମ୍ପନ୍ନ ରାଜନେତା। ନିରଳସ ବ୍ୟକ୍ତିତ୍ୱ ଓ ନିଷ୍ଠାପର ଜନସେବା ତାଙ୍କୁ ଜଣେ ରାଷ୍ଟ୍ରନୀତିଜ୍ଞ ଭାବେ ଆଦୃତି ପ୍ରଦାନ କରିଛି। ଲୋକାର୍ପଣ ଉତ୍ସବରେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାନସଭା ସଚିବ ଦାଶରଥି ଶତପଥୀ, ବରିଷ୍ଠ ସ୍ତମ୍ଭକାର ହରିହର କାନୁନ୍‌ଗୋ, ଖବରଦାତା ଚିତ୍ତରଞ୍ଜନ ପଟ୍ଟନାୟକ, ପୁସ୍ତକ ପ୍ରକାଶକ ରମାକାନ୍ତ ମହାନ୍ତି, ସାହିତ୍ୟ ଏକାଡେମୀର ସଦସ୍ୟ ଅଭୟ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

# ୧୧ ଜିଲାରେ କାଁ ଭାଁ ବର୍ଷା

ଭୁବନେଶ୍ୱର,୨୧।୯(ବ୍ୟୁରୋ)-ଘୂର୍ଣ୍ଣିବଳୟ ଯୋଗୁ ରାଜ୍ୟର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେଉଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା ଏବଂ ନବରଙ୍ଗପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, କୋରାପୁଟ ଏବଂ ନବରଙ୍ଗପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ିସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଏହିସମୟରେ ସେହିସବୁ ଜିଲାପାଇଁ ପାଣିପାଗ ବିଭାଗ ପକ୍ଷରୁ ଏଲୋ ୱାର୍ନିଂ ଜାରିକରାଯାଇଛି। ଆସନ୍ତା ୨୭ ତାରିଖ ଯାଏ ପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

### ଶକ୍ତି ସମ୍ପର୍କିତ ଗୃହ କମିଟିର ସବ୍ କମିଟି-୨ ବୈଠକ

# ଶକ୍ତି ଉତ୍ପାଦନ, ବଣ୍ଟନ ନେଇ ଆଲୋଚନା

ଭୁବନେଶ୍ୱର,୨୧।୯(ବ୍ୟୁରୋ)

ବିଧାନସଭା ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଶନିବାର ଶକ୍ତି ସମ୍ପର୍କିତ ଗୃହ କମିଟିର ସବ୍‌କମିଟି-୨ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ସବ୍‌କମିଟି ବୈଠକରେ ବିଦ୍ୟୁତ୍ ଉତ୍ପାଦନ, ବଣ୍ଟନ ଓ ବିଭିନ୍ନ ଶ୍ରେଣୀର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଣରେ ଉନ୍ନତୀକରଣ ଏବଂ ରାଜ୍ୟରେ କାର୍ଯ୍ୟରତ ବିଦ୍ୟୁତ୍ ଉତ୍ପାଦନ, ପରିବହନ ଓ ବିତରଣ କମ୍ପାନୀଗୁଡିକର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା ହୋଇଥିଲା।

ଏହି ବୈଠକରେ ବିଧାୟକ ନୃସିଂହ ଚରଣ ସାହୁ, ଅମର ପ୍ରସାଦ ଶତପଥୀ, ଗ୍ରୀଡ୍‌କୋ ଏବଂ ଓପିଟିସିଏଲ୍‌ର ସିଏମଡି ତଥା ପରିଚାଳନା ନିର୍ଦ୍ଦେଶକ ସୌରଭ ଗର୍ଗ, ଶକ୍ତି ବିଭାଗ ଶାସନ ସଚିବ ବିଷ୍ଣୁପଦ ସେଠୀ, ସେସୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅରୁଣ ବୋଥ୍ରା, ବିଧାନସଭା ସଚିବ ଦାଶରଥି ଶତପଥୀଙ୍କ ସମେତ ଶକ୍ତି ବିଭାଗର ବହୁ ଅଧିକାରୀ ଯୋଗ ଦେଇଥିଲେ।

### ନାବାଳିକା ବଳାତ୍କାରୀଙ୍କୁ ଫାଶୀ ଘଟଣା

# ଆଇଆଇସି, ସରକାରୀ ଓକିଲ ସମ୍ବର୍ଦ୍ଧିତ





କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ପିପି ଅକ୍ଷୟ କୁମାର ନାୟକ ଏବଂ ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

କଟକ ଅଫିସ, ୨୧।୯

ସାଲେପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ କଟକ ଜିଲା ପୋକ୍ସୋ ଅଦାଲତ ଗୁରୁବାର ଅଭିଯୁକ୍ତ ମହମ୍ମଦ ମୁସ୍ତାକଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ମୁସ୍ତାକଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ସାଲେପୁର ଥାନା ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକ ଓ ସ୍ୱତନ୍ତ୍ର ପିପି ଅକ୍ଷୟ କୁମାର ନାୟକ ନିଜ ଦାୟିତ୍ୱ ଚମତ୍କାର ଭାବେ ନିର୍ବାହ କରିଥିଲେ। ଏଥିପାଇଁ କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟରେ ଶନିବାର ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଡିଜିପି ବିଜୟ କୁମାର ଶର୍ମା ଉଭୟ ଥାନା ଅଧିକାରୀ ଏବଂ ସ୍ୱତନ୍ତ୍ର ପିପିଙ୍କୁ ୫ ହଜାର ଟଙ୍କା ଲେଖାଏ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଡିଜିପି ଶର୍ମା କହିଛନ୍ତି, ପରିବର୍ତ୍ତିତ ଆଇନ ଅନୁଯାୟୀ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିବା ସହଜ ହୋଇଛି। ଏହାଦ୍ୱାରା ସମାଜକୁ ଏକ ଦୃଢ ବାର୍ତ୍ତା ଯାଉଛି। ଏପରି ଘୃଣ୍ୟ ଓ ଅମାନବୀୟ କାର୍ଯ୍ୟ ପାଇଁ କୌଣସି କ୍ଷମା ନାହିଁ। ପୋଲିସ ଓ କ୍ରାଇମବ୍ରାଞ୍ଚ ଯେଉଁଭଳି ଭାବେ ତଦନ୍ତ କରି ଅଭିଯୁକ୍ତଙ୍କୁ ଧରୁଛନ୍ତି ତାହା ଅତ୍ୟନ୍ତ ଖୁସିର ବିଷୟ। କ୍ରାଇମବ୍ରାଞ୍ଚ ଡିଆଇଜି ଅମିତେନ୍ଦ୍ର ନାଥ ସିହ୍ନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବ ଆଇଜି(ପର୍ସୋନେଲ) ସୌମେନ୍ଦ୍ର ପ୍ରିୟଦର୍ଶୀ, କ୍ରାଇମବ୍ରାଞ୍ଚ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ, କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ୨୦୧୮ ଏପ୍ରିଲ ୨୧ରେ ସାଲେପୁର ଥାନା ଅଞ୍ଚଳର ନାବାଳିକାଙ୍କୁ ମୁସ୍ତାକ ଚକୋଲେଟ୍ ଦେବା ବାହାନାରେ ଅନ୍ଧାରୁଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ପରେ ତାଙ୍କ ମୁଣ୍ଡକୁ କାନ୍ଥରେ ପିଟି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେହି ମାସ ୨୯ରେ ତାଙ୍କର ମୃତ୍ୟୁ ଘଟିଥିଲା। ସାଲେପୁର ଥାନାଧିକାରୀ ମଲ୍ଲିକ ଏହି ଘଟଣାର ଘଟିବାର ମାତ୍ର କେଇ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୧୯ ଦିନ ମଧ୍ୟରେ ଚାର୍ଜସିଟ୍ ଫାଇଲ କରିଥିଲେ। ସେହିପରି ଆଇନଜୀବୀ ଅକ୍ଷୟ ନାୟକଙ୍କୁ ସ୍ୱତନ୍ତ୍ର ପିପି ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ସେ ଚମତ୍କାର ମାମଲା ପରିଚାଳନା କରି ଅଭିଯୁକ୍ତଙ୍କୁ ସର୍ବୋତ୍ତମ ଦଣ୍ଡ ଦେବାରେ ସଫଳ ହୋଇଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

BUSINESS

DEALER WANTED
At all major locations across Odisha for :-
FASTBUILD AAC BLOCKS
Mail : dealership.fastbuild@gmail.com
Mob : 9073673360

FINANCE

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ।
ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

EDUCATION

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଧରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ। ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course
(OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ। 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

ଋଣ ଧମାକା
ଋଣ ପାଇବା ହେଲା ସହଜ
ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ । ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଜଗନ୍ନାଥ ସଂସ୍କୃତି ଓ ପୁରୀର ମଠ ସମ୍ପର୍କରେ ଦେଖନ୍ତୁ
YouTube /dharitrilive
ଜଗନ୍ନାଥ ସଂସ୍କୃତି ଓ ମଠ

# ଚମକୁଛି ଚଣ୍ଡୀ ମନ୍ଦିର

## ଆଜିଠୁ ଷୋଡ଼ଶ ଉପଚାର ପୂଜା

- ଦଶହରାରେ ଫଳରେ ସଜାଯିବ
- ଯୁବଗୋଷ୍ଠୀଙ୍କ ପ୍ରଶଂସନୀୟ କାର୍ଯ୍ୟ



**କଟକ ଅଫିସ,୨୧।୯**

କେବଳ କଟକରେ ସୀମିତ ନାହିଁ। ଏବେ କଟକଚଣ୍ଡୀ ମନ୍ଦିରକୁ ନେଇ ଚର୍ଚ୍ଚା ବିଦେଶ ପର୍ଯ୍ୟନ୍ତ ପହଞ୍ଚିଲାଣି। ବିଭିନ୍ନ ଟୁଇଟ୍‌ରେ ମନ୍ଦିରର ସାଜସଜ୍ଜାକୁ ସ୍ଥାନ ମିଳିଛି। ଦଶହରା ପୂର୍ବରୁ କଟକ ଚଣ୍ଡୀ ମନ୍ଦିର ଫୁଲରେ ସଜେଇ ହୋଇ ଚମକୁ ଥିବାବେଳେ ଏହା ପଛରେ କେତେଜଣ ଯୁବଗୋଷ୍ଠୀଙ୍କର ମୁଖ୍ୟ ହାତ ରହିଛି। ପୂଜା କରିବାକୁ ଆସୁଥିବା କେତେଜଣ ସ୍ଥାନୀୟ ଯୁବକ ନିଜସ୍ୱ ଖର୍ଚ୍ଚରେ ମନ୍ଦିରକୁ ସଜେଇଛନ୍ତି।

ଗତ ରଥଯାତ୍ରା ସମୟରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ଫୁଲରେ ସଜା ଯାଇଥିଲା। ଏହି ପ୍ରସଙ୍ଗରୁ ହିଁ କଟକ ଚଣ୍ଡୀମନ୍ଦିର ସଜାଇବା ପାଇଁ ଯୋଜନା କରିଥିଲେ ଯୁବଗୋଷ୍ଠୀ। ଏ ନେଇ ଗତ ମାସରେ ମନ୍ଦିର ପରିସରରେ ଯୁବକମାନେ ଏକାଠି ହୋଇଥିଲେ। ଦଶହରାରେ ଚଣ୍ଡୀମନ୍ଦିରକୁ ସଜେଇବା ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରାୟ ୨୫ଜଣ ଯୁବକ ଏଥିରେ ସହମତି ଜଣାଇଥିଲେ। ମୋଟ ଦେଢଲକ୍ଷ ଟଙ୍କା ଏହି ସାଜସଜ୍ଜାରେ ଖର୍ଚ୍ଚ ହୋଇଥିବାବେଳେ ଏଥିରେ କଲିକତାରୁ ୧୦ଜଣ ବ୍ୟକ୍ତି ନିୟୋଜିତ ହୋଇଥିଲେ। ଏବେ ପ୍ଲାଷ୍ଟିକ ଫୁଲ ଲାଗିଛି। ଦଶହରା ସମୟରେ ପ୍ରକୃତ ଫୁଲ ସହିତ ଫଳରେ ମନ୍ଦିରକୁ ସଜାଯିବ ବୋଲି ଯୁବକମାନେ କହିଛନ୍ତି। ଅନ୍ୟପକ୍ଷରେ ଶନିବାର ମା'ଙ୍କ ସୁନାବେଶ ସହସ୍ର କୁମ୍ଭାଭିଷେକ କାର୍ଯ୍ୟ ସରିଥିବାବେଳେ ରବିବାରଠାରୁ ଆରମ୍ଭ ହେବ ଷୋଡ଼ଶ ଉପଚାର। ଏଥିସହ ବିଭିନ୍ନ ଦିବସରେ ମା'ଙ୍କ ବେଶ ଅନୁଷ୍ଠିତ ହେବ।

### ସଂକ୍ଷେପରେ ମନ୍ଦିରର ଇତିହାସ

କନିକା ରାଜାଙ୍କ ପୁରୋହିତ ଥିଲେ ହଂସନାଥ ପଣ୍ଡା। ହଂସନାଥ ଦିନେ ଗାଈ ଚରାଉଥିବାବେଳେ ହାଲିଆ ହୋଇ ଏକ ମାଟିଗଦା ଉପରେ ବସି ପଡ଼ିଥିଲେ। ଫଳରେ ତାଙ୍କ ଦେହରେ ଅପୂର୍ବ ଶିହରଣ ଖେଳିଥିଲା। ଏଠାରେ କିଛି ଦୈବୀକୃପା ଅଛି ବୋଲି ସେ ଅନୁଭବ କରିଥିଲେ। ସେହିଦିନ ରାତିରେ ହଂସନାଥ ସ୍ୱପ୍ନରେ ମା'ଙ୍କୁ ଦେଖିଥିଲେ। ଏ କଥା କନିକା ରାଜାଙ୍କୁ କହିବା ପରେ ଉକ୍ତ ସ୍ଥାନକୁ ଖୋଳାଯାଇଥିଲା। ବିଶ୍ୱାସ ରହିଛି ଯେ, ଖୋଳାଯିବା ସମୟରେ ୪୦ ଓଦର ସିନ୍ଦୂର ଓ ପରେ ମା'ଙ୍କ ମୂର୍ତ୍ତି ମିଳିଥିଲା। ଏକ ବଉଳଗଛ ମୂଳେ ପ୍ରଥମେ ମା'ଙ୍କ ମୂର୍ତ୍ତୀ ରଖାଯାଇ ପୂଜା ଆରମ୍ଭ ହୋଇଥିଲା। ଏଠାରେ ଏବେ ଗଢ଼ି ଉଠିଛି କଟକର ଆରାଧ୍ୟା କଟକଚଣ୍ଡୀଙ୍କ ମନ୍ଦିର।



"ରାଧାଷ୍ଟମୀରେ ମା'ଙ୍କର ପାରମ୍ପରିକ ରୀତିରେ ଶୟନ ଉତ୍ସବ ପାଳନ କରାଯାଇଥିଲା। ସେହିଦିନଠାରୁ ଗୋଟିଏ ପକ୍ଷ ଅର୍ଥାତ୍ ୧୫ଦିନ ମା' ଶୋଇଥିଲେ। ମା'ଙ୍କୁ ଜାଗ୍ରତ କରିବା ପାଇଁ ଶନିବାର ସହସ୍ର କୁମ୍ଭରେ ଅଭିଷେକ କରାଯାଇଛି। ରବିବାର ମୂଳାଷ୍ଟମୀରେ ଧରାବତରଣ ପାଇଁ ମା'ଙ୍କୁ ଆବାହନ କରାଯିବ ଓ ଷୋଡ଼ଶ ଉପଚାର ଆରମ୍ଭ ହେବ। ଯୁବଗୋଷ୍ଠୀମାନେ ମନ୍ଦିରକୁ ଏଭଳି ସଜାଇ ଏହାର ପରିବେଶକୁ ଆହୁରି ସୁନ୍ଦର କରି ଦେଇଛନ୍ତି। ଫଳରେ ଅଧିକରୁ ଅଧିକ ଲୋକ ଏବେ ଏଠାକୁ ଆସୁଛନ୍ତି।

**- ମନୋଜ ପଣ୍ଡା, ପୂଜକ**



"ଯେବେ ଯୋଜନା ହୋଇଥିଲା, ସେଦିନଠାରୁ ଆମେ ପ୍ରତିଦିନ ମନ୍ଦିର ଆସୁଛୁ। ଯୋଜନାକୁ ସଫଳ କରିବା ପାଇଁ ସବୁପ୍ରକାର ଚେଷ୍ଟା କରିଥିଲୁ ଓ ସଫଳ ହୋଇଛୁ। କଟକରେ ଏପରି ଘଟଣା ପ୍ରଥମଥର ହୋଇଛି। କଟକ ଚଣ୍ଡୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଏବେ ଦ୍ୱିଗୁଣା ହୋଇଛି।

**- କିରଣ କୁମାର ସାହୁ, ଯୁବକ**



"ଏପରି କିଛିଦିନ ଆସିଥିଲା, ଯେବେ ଆମେ ଭାବିଥିଲୁ ଯେ ଯୋଜନା ସଫଳ ହେବ ନାହିଁ। ଆଦାୟ ଟଙ୍କା ବହୁତ କମ୍ ପଡ଼ିଥିଲା। ହେଲେ ମା'ଙ୍କ ଆଶୀର୍ବାଦ ଯୋଗୁଁ ଯୋଜନା ଆପେ ଆପେ ସଫଳ ହୋଇଛି। ଦଶହରା ସମୟରେ ଆହୁରି ସୁନ୍ଦର ଭାବେ ସଜାଇବାକୁ ଚେଷ୍ଟା କରାଯିବ।

**- କାଳନ୍ଦୀ ବେହେରା, ଯୁବକ**





ଓସ୍କାର ଦୌଡ଼ ପାଇଁ 'ଗଲିବୟ୍' ମନୋନୀତ

# ଭାରତର ଶ୍ରେଷ୍ଠ ୨୮ ଚଳଚ୍ଚିତ୍ର ତାଲିକାରେ 'କଣ୍ଠୋ'

**ଭୁବନେଶ୍ୱର, ୨୧।୯ (ବ୍ୟୁରୋ)**




ଚଳିତବର୍ଷ ଓସ୍କାର ପୁରସ୍କାର ଦୌଡ଼ରେ ସାମିଲ୍ ହେବାକୁ ପ୍ରଥମ ପର୍ଯ୍ୟାୟରେ ଭାରତର ୨୮ ଚଳଚ୍ଚିତ୍ରକୁ ବଛାଯାଇଥିଲା। ଏଥିମଧ୍ୟରେ ଅକ୍ଷୟ ପରିଜାଙ୍କ ବେଙ୍ଗଲୀ ଫିଲ୍ମ 'କଣ୍ଠୋ' ସ୍ଥାନ ପାଇଥିଲାବେଳେ ବଲିଉଡ୍ ଫିଲ୍ମ 'ଗଲିବୟ' ଚଳଚ୍ଚିତ୍ର ଓସ୍କାର ପାଇଁ ଚୟନ କରାଯାଇଛି। ଓସ୍କାର ପାଇଁ ୧୯୫୭ରୁ ଚୟନ ପ୍ରକ୍ରିୟା କରାଯାଉଥିଲେ ମଧ୍ୟ ପ୍ରଥମଥର ପାଇଁ ଏଥର ଏହା କଲିକତାଠାରେ ଆୟୋଜିତ ହୋଇଛି। ଏଥିପାଇଁ ସେପ୍ଟେମ୍ବର ୧୮ରୁ ୨୧ ଯାଏ ସ୍କ୍ରିନିଂ ଚାଲିଥିଲା। ବିଶିଷ୍ଟ ଚଳଚ୍ଚିତ୍ର ଲେଖକ ପଦ୍ମନାଭ ଦାସଗୁପ୍ତା, ସମ୍ପାଦକ ସୁଜୟ ଦତ୍ତରାୟ, ସଙ୍ଗୀତ୍‌କାର ଦେବଜ୍ୟୋତି ରାୟ, ନିର୍ଦ୍ଦେଶକ ପ୍ରତୀମ ଡି. ଗୁପ୍ତା ଓ ଅଶୋକ ବିଶ୍ୱନାଥନ ଚୟନ କମିଟିର ସଦସ୍ୟ ରହିଥିବାବେଳେ ଅପର୍ଣ୍ଣା ସେନ ଅଧ୍ୟକ୍ଷ ରହିଛନ୍ତି। ତେବେ ଜୁରୀ ସଦସ୍ୟଙ୍କ ଦ୍ୱାରା 'କଣ୍ଠୋ' ବେଶ୍ ପ୍ରଶଂସିତ ହୋଇଥିବା ଜଣାପଡ଼ିଛି। 'କଣ୍ଠୋ'ର ପ୍ରଯୋଜକ ପରିଜା କୁହନ୍ତି, ଓଡିଆ ଚଳଚ୍ଚିତ୍ର ହେଉ କି ବଙ୍ଗଳା ଅବା ହିନ୍ଦୀ, ଆମେ ସବୁବେଳେ ମୂଲ୍ୟବୋଧ ଭିତ୍ତିକ ଚଳଚ୍ଚିତ୍ର ନିର୍ମାଣ ଉପରେ ଗୁରୁତ୍ୱ ଦେଇଆସିଛୁ। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଓଡିଶାର ଗୌରବ ବଢାଇବା ପାଇଁ ଆମେ ସଦାସର୍ବଦା ପ୍ରୟାସ ଜାରିରଖିଛୁ। ଗତବର୍ଷ 'କଡ୍‌ଭି ହୱା' ଏବଂ ଚଳିତ ବର୍ଷ 'କଣ୍ଠୋ' ଓସ୍କାର ଦୌଡରେ ସାମିଲ ହେବା ଏକ ସଫଳ ଦୃଷ୍ଟାନ୍ତ। 'କଣ୍ଠୋ' ଏ ପ୍ରତିଯୋଗିତାରୁ ବାଦ୍ ପଡିଥିଲେ ମଧ୍ୟ ଶ୍ରେଷ୍ଠ ୨୮ ଭାରତୀୟ ଚଳଚ୍ଚିତ୍ର ତାଲିକାରେ ସାମିଲ ହେବା ଆମ ପାଇଁ ବଡ଼ ଉପଲବ୍ଧି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଆକର୍ଷଣୀୟ କଣ୍ଠସ୍ୱର ପାଇଁ ସୁପରିଚିତ ଜଣେ ରେଡିଓ ଜକିଙ୍କ କାହାଣୀକୁ ନେଇ ନିର୍ମିତ ହୋଇଛି 'କଣ୍ଠୋ'। ଆକସ୍ମିକ ଭାବେ ନିଜର କଣ୍ଠସ୍ୱର ହରାଇବା ପରେ ଏକ ନିରାଶାମୟ ସମୟକୁ ମୁଖ୍ୟ ଚରିତ୍ର କିଭଳି ସାମ୍ନା କରୁଛନ୍ତି ଓ ଶେଷରେ ନିଜର ଦୃଢଆତ୍ମବିଶ୍ୱାସ ବଳରେ ପରିସ୍ଥିତିକୁ କିପରି ଜିତିପାରୁଛି ତାହା ଏହି ଫିଲ୍ମରୁ ଜାଣିବାକୁ ମିଳିବ।

No.2704 **OFFICE OF THE MUNICIPALITY, ANANDAPUR** Dt.18.09.2019

**e-Procurement Notice, Bid Identification No. AM-ANDP-SAN-02/2019-20**

Bid documents consisting of work, estimated cost, cost of tender paper, EMD, and time of completion, class of contractors and the set of terms and condition of contract and other necessary documents can be seen in Govt. website i.e. www.tendersorissa.gov.in

1) Name of works : Sanitation work as mentioned in the website., 2) No. of works. : 01No., 3) Estimated cost. : Rs,1,26,07,000/-, 4) Period of completion. : One Year, 5) Date & Time of bidding : 23.09. 09.2019 TO 01.10.2019 5.30 P.M, 6) Date & Time of opening of Bids. : 10.10.2019 at 11 A.M, 7) Name & address of the Office inviting Bid : Executive Officer, Anandapur Municipality. The bidder has to participate in online bidding only. Further details can be seen from the e-procurement portal http://www.tendersorissa.gov.in

Sd./- Executive Officer, Anandapur Municipality

**OFFICE OF THE MUNICIPAL COUNCIL, JODA**

Phone No.06767-272214, Fax No.06767-272214, E-Mail : jodam.hud@nic.in

No.7795 'e' - Procurement Notice Dt.20.09.2019

**Bid Identification No.JM-05/2019-20**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersodisha.gov.in

1. Name of Work : Civil., 2.No. of Works : 01 No., 3. Estimated Cost : Rs.57,41,012/- 4. Bid identification No. : 2019_ORULB_56407_1, 5. Date & time of availability of the Documents in the Portal : From 11.00 A.M. on dt.21.09.2019 to 5.00 P.M. of Dt.04.10.2019., 6. Last date/time for receipt of Bids in the Portal : On dt.04.10.2019 upto 5.00 P.M., 7. Last date for submission & drop the Bid documents in the box : From 10.00 A.M. on dt.09.10.2019 to dt.11.10.2019 upto 5.00 P.M., 8. Bids received online shall be opened : At 11.30 A.M. on Dt.15.10.2019., 9. Name and address of the Officer Inviting Bid : Executive Officer, Joda Municipality.

Further, the details can be seen from the e-Procurement Portal : www.tendersodisha.gov.in.

Sd./- Executive Officer
Joda Municipality

ଓଡ଼ିଶା ଲିଟେରାରି ଫେଷ୍ଟିଭାଲ ଉଦ୍‌ଘାଟିତ

# ଓଡ଼ିଶା ହେଉଛି କଳା, କାରୁକାର୍ଯ୍ୟର ମାଟି




କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ବୋଧନ ଦେଉଛନ୍ତି।

**ଭୁବନେଶ୍ୱର, ୨୧।୯ (ବ୍ୟୁରୋ)**

ବିକାଶର ନଭଶ୍ଚୁମ୍ବୀ ସୋପାନରେ ଆଜିବି କବି ଓ ସାହିତ୍ୟିକଙ୍କ ଲେଖାର ମର୍ଯ୍ୟାଦା ରହିଛି। ବିଭିନ୍ନ ସମୟରେ ସେହି ଲେଖାଗୁଡିକ ବୈଜ୍ଞାନିକ ଅଭିସନ୍ଧିର ମୂଳକାରଣ। ଉଦ୍‌ଭାବନାର ନୂତନ ଦିଗଦର୍ଶନ କରିଥାଏ। ଓଡ଼ିଶା ହେଉଛି କଳା ଓ କାରୁକାର୍ଯ୍ୟର ମାଟି। ଏଠାରେ ଅନେକ ଯଶସ୍ୱୀ ସାହିତ୍ୟିକ, କବି ଓ କବିତା ସୃଷ୍ଟି ହୋଇ ସାହିତ୍ୟ ଆକାଶକୁ ରୁଦ୍ଧିମନ୍ତ କରିଛନ୍ତି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମତବ୍ୟକ୍ତ କରିଥିଲେ।

ସ୍ଥାନୀୟ ଏକ ହୋଟେଲରେ ଶନିବାର ଦ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସ ପକ୍ଷରୁ ଆୟୋଜିତ କଳିଙ୍ଗ ଲିଟେରାରି ଫେଷ୍ଟିଭାଲ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଥିଲେ। ଦେଶର ଜାତୀୟ ପତାକା ଉତ୍ତୋଳନ କରିବାର ମହାନ କାର୍ଯ୍ୟ ଜଣେ କବି କିମ୍ବା ନିଷ୍ପାପ ଶିଶୁ ଦ୍ୱାରା ହେବା ଦରକାର। କାରଣ କବିର କବିତା ଓ ଶିଶୁର ମନରେ ମଳିନତା ନ ଥାଏ। କବିର କବିତା ହେଉଛି ମହାକାଶଠାରୁ ବ୍ୟାପ୍ତ ଏବଂ ସମୁଦ୍ରଠାରୁ ଗଭୀର। କବି ତା'ର ନିଜର ସୃଷ୍ଟିର ସ୍ରଷ୍ଟା। କେତେବେଳେ ସେ କେଉଁ ଚରିତ୍ରକୁ ଜୀବନ୍ୟାସ ଦେଇଥାଏ, ତା'ର ଠିକଣା ନ ଥାଏ। କବି ନିଜ ଚିନ୍ତାଧାରାରେ ସାଧାରଣକୁ ଅସାଧାରଣ ଭାବେ ପରିପ୍ରକାଶ କରିଥାଏ। ତେଣୁ କବି ବା ସାହିତ୍ୟିକଙ୍କୁ ଦ୍ୱିତୀୟ ବ୍ରହ୍ମା ଭାବେ ଭାରତୀୟ ସମାଜ ସବୁବେଳେ ପୂଜା କରି ଆସିଛି ବୋଲି ରାଜ୍ୟପାଳ ଲାଲ କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଖ୍ୟାତ ନାମା ଲେଖକ ପଦ୍ମଶ୍ରୀ ଜୟନ୍ତ ମହାପାତ୍ର ଯୋଗଦେଇ କହିଥିଲେ, କବିର କବିତା ତା' ନିଜର ନିଜତ୍ୱକୁ ପରିପ୍ରକାଶ କରେ। କବିତା ହେଉଛି ଅନୁଭବର କାହାଣୀ। ରାଜ୍ୟରେ ଅନେକ ମହାନ କବି ଏବଂ ସାହିତ୍ୟିକ ସେମାନଙ୍କର ନିଜସ୍ୱ କାହାଣୀ ଓ ଅନୁଭୂତିକୁ ନିଜର ଲେଖାରେ ସ୍ଥାନ ଦେଇ ପ୍ରସିଦ୍ଧି ଲାଭ କରିଛନ୍ତି। କବିର କବିତା ରସପୂର୍ଣ୍ଣ , ବିରହ ଓ ବେଦନା ଭରା। ଦରଦଭରା ହୃଦୟ ନ ଥିଲେ ଜଣେ କବି ବା ଲେଖକ ହୋଇପାରିବ ନାହିଁ ବୋଲି ମହାପାତ୍ର କହିଥିଲେ। ଦ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଏଡିଟୋରିଆଲ ଡାଇରେକ୍ଟର ପ୍ରଭୁ ଚାୱଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଲିଟେରାରୀ ପେଷ୍ଟିଭାଲର ପ୍ରଥମ ଅଧିବେଶନ ୪ଟି ସୋପାନରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଫେସର ଯତୀନ ନାୟକ, ଖ୍ୟାତନାମା ଅଭିନେତ୍ରୀ ନନ୍ଦୀତା ଦାସ ପ୍ରମୁଖ ଯୋଗଦେଇଥିଲେ।

OFFICE OF THE CHIEF
**DISTRICT MEDICAL OFFICER, KALAHANDI**
(DISTRICT PROGRAMME MANAGEMENT UNIT)
Phone/Fax: 06670-330998, E-mail: dpmukalahandi@gmail.com

Adv. No.: 2565/NHM (DPMU) Date: 20.09.2019

**CONTRACTUAL APPOINTMENT**

No.: 348-E: Applications are invited from eligible candidates for filling up the following posts of Medical Officer in Kalahandi district under District Early Intervention Center (DEIC) for **Rashtriya Bal Swasthya Karyakram (RBSK) & SNCU NHM, Kalahandi** contractual basis for a period of 11 Months with monthly remuneration as noted against each and subject to renewal as per the society norms basing on the performance and subsistence of the programme.

| Sl. No. | Name of the Post | Vacancy | Monthly Remuneration (In Rs.) | Date of Interview/Submission of Applications |
|---|---|---|---|---|
| 1 | Medical Officer, SNCU | 4 | Rs.55,566 + KBK 10000 | Walk-in-Interview on dated 23.09.2019 (Reg. Time 10.30 A.M. to 11.30 A.M.) |
| 2 | Medical Officer, DEIC | 1 | Rs.55,566 + KBK 10000 | |

The above positions are purely temporary and also co-terminus with the scheme. Canvassing in any form will render the candidate disqualified for the position. Application form and details can be downloaded from the district website **(www.kalahandi.nic.in)**. Interested candidates fulfilling the eligibility criteria mentioned above are directed to attend before the Chief Distirct Medical Officer, Kalahandi on 30.09.2019 (10.30 A.M. to 11.30 A.M.) with their complete Bio-data with one set of Xerox copy. They have to attend the Walk-in-Interview in the same date in the Office. The undersigned reserves the right to cancel any or all the applications without assigning any reason thereof.

10076/11/0009/1920 Sd./- Chief Dist. Medical & PH Officer, Kalahandi

Tel-0663-2548268,E-mail id-serwcirclesbp@yahoo.com

GOVERNMENT OF ODISHA,
OFFICE OF THE SUPERINTENDING ENGINEER,
RURAL WORKS CIRCLE, SAMBALPUR

*Bid Identification No. Road tender Online - RWCSBP-09 No: 1702 Dated: 20.09.2019*

**No.376-O :-** *The Superintending Engineer Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 01 (one) no of Road work under State Plan Improvement to existing R.D.Road.*

| Sl No | Name of work | Approximate estimated cost put to tender excluding of GST in lakhs (Figure appearing in DTCN is final) | Concerned E.E. with Headquarters | Security Amount (in lakhs.) (On-line) (Figure appearing in DTCN is final) | Cost of Bid Document( Rs.) (On-line) | Class of bidder | Period of Completion (including rainy, summer & festival) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| | Improvement of Ganthiapali to Sealbahali road under State Plan improvement to Existing RD road for the year 2019-20 in the district of Bargarh/ | 108.00 | Executive Engineer Rural, Works Division Padampur | 1.08 | 10,000/- (On-line) | B & A | 06(Six) calendar months |
| Mode of submission of tender | | | Tender should be submitted only online in website www.tendersorissa.gov.in (https://tendersodisha.gov.in) | | | | |

Summary of key dates are provided below:

| Procurement Officer | Bid Identification No. | Availability of Tender on-line for bidding: From | Availability of Tender on-line for bidding: To | Last date& time for seeking clarification | Date & Time of opening of tender: Technical Bid | Date & Time of opening of tender: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural, Works Circle, Sambalpur | Road Tender Online - RWCSBP-09 | 30.09.2019 From 11.00. A. M. | 21.10.2019 Up to 4.00 P.M. | 19.10.2019 Up to 4.00 P.M. | 22.10.2019 At 11.00 A.M. | Will be intimated later |

*Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
* Subsequent modification/ corrigendum/ Addendum if required shall appear in website only.
* The amount put to bid is exclusive of GST.

Superintending Engineer, Rural Works Circle, Sambalpur

25091/11/0005/1920

**BHUBANESWAR MUNICIPAL CORPORATION**

RFP No : 26459 Dt.21.09.2019

NOTICE INVITING REQUEST FOR PROPOSAL (RFP)

Sealed Proposal are invited for **"Selection of agency for supply of vehicle with driver under package I/ II in Bhubaneswar Municipal Corporation"** in conformity with the Terms & Conditions of the Detailed RFP from intending bidders fulfilling the terms of eligibility laid down in the RFP document. Please refer to website www.bmc.gov.in for complete details and downloading the Document. The RFP document is available from 23.09.2019 with last date of submission being 14.10.2019 till 3:30 pm.

For any queries please contact bmcpmu@bmc.gov.in

Executive Engineer - II
Bhubaneswar Municipal Corporation

Progress Through Partnership for a Better Bhubaneswar

**OFFICE OF THE DISTRICT PLANNING & MONITORING UNIT, PURI COLLECTORATE BUILDING, PURI**

Email-ld-dpmu-pur.plg@nic.in
Ph No. (06752) 224179, (06752) 297940

**TENDER CALL NOTICE**

No.1567 Date 19.09.2019

No.21-X:- Sealed tenders in prescribed format are invited from reputed & registered Manpower Service Provider having all valid documents which can be seen in the Dist.Website, Puri for providing service of one Data Entry Operator (DEO) in the office of Dy. Director (P&S), DPMU, Puri for a period of one year from the date of agreement contract. The details is available from the Dist. website in www.puri@nic.in. The undersigned reserves the right to reject any or all the tenders at any stage and moment without assigning any reasons thereof.

Sd./- 19.09.2019
Addl. District Magistrate
Chairman, Tender Call Notice,
Puri

21011/11/0001/1920

**OFFICE OF THE NOTIFIED AREA COUNCIL, HINDOL**

No.2047 Date: 20.09.2019

**e-Procurement**

**Tender Reference No.HDL-NAC-03/2019-20**

Bid documents consisting of work, estimated cost, cost of tender paper, E.M.D, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. www. tendersorissa.gov.in.

| | | |
|---|---|---|
| Name of the work | : | Civil works & other |
| No. of works | : | 1 No |
| Estimated Cost | : | Rs. 49.65 Lakhs |
| Date & time of availability of Bid Documents in the portal | : | From 11.00 A.M. of dt.20.09.2019 to 30.09.2019 upto 5.00 P.M. |
| Last Date of receive of Bid through Online | : | On or before 30.09.2019 upto 5.00 P.M. |
| Bid received online shall be opened on | : | At 12.00 Noon on 01.10.2019 |

Sd./- Executive Officer, Hindol, N.A.C

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୨୨ ସେପ୍ଟେମ୍ବର, ୨୦୧୯



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ଏ ସପ୍ତାହର କାର୍ଯ୍ୟକ୍ରମ

**୨୨।୯।୨୦୧୯(ରବିବାର)**

**ଭୁବନେଶ୍ୱର**

- ଓଡ଼ିଶା ଓମେନ୍ସ ଆଡଭେଞ୍ଚର କ୍ଲବ(ଓଡବ୍ଲ୍ୟୁଏସି) ଆନୁକୂଲ୍ୟରେ ମହିଳା ବାଇକ୍ ରାଲି, ମାଷ୍ଟରକ୍ୟାଣ୍ଟିନ, ସକାଳ ୭ଟା।
- ଓଡ଼ିଶା ଟେନିସ୍ ଆସୋସିଏଶନ ଆନୁକୂଲ୍ୟରେ ଜୁନିୟର ଟେନିସ ଟୁର୍ନାମେଣ୍ଟର ଉଦ୍‌ଘାଟନ ସମାରୋହ, କଳିଙ୍ଗ ଷ୍ଟାଡିୟମ, ଟେନିସ୍ କମ୍ପ୍ଲେକ୍ସ, ସକାଳ ୮ଟା।
- ୟୁଏସ୍‌ଆଇ ଫାଉଣ୍ଡେଶନ ପକ୍ଷରୁ ପରିବେଶ ସଚେତନତା ଓ ଚିତ୍ରାଙ୍କନ ପ୍ରତିଯୋଗିତା, ଶ୍ରୀ ଶ୍ରୀମା ଆନନ୍ଦ ଆଶ୍ରମ, ଡମଣା, ସକାଳ ୯ଟା ୩୦।
- ନୀଳଶୈଳ ଓ ପତ୍ରିକା ସୁଧନ୍ୟାର ମିଳିତ ଆନୁକୂଲ୍ୟରେ ଓଡ଼ିଆ ସ୍ୱାକ୍ଷର ସଂକଳ୍ପ ଦିବସ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ସଭାଗୃହ, ଖାରବେଳ ନଗର, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଲିଟେରାରି ଫେଷ୍ଟିଭାଲ, ମେ ଫେୟାର କନଭେନଶନ, ପୂର୍ବାହ୍ନ ୧୦ଟା।
- କବିକନ୍ୟା ସ୍ମୃତି ସମାରୋହ, ସମ୍ମିଳନୀ କକ୍ଷ, ରେଡକ୍ରସ ଭବନ, ପୂର୍ବାହ୍ନ ୧୦ଟା ୩୦।
- ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ ସଂଗଠନ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟା।
- ରାଜ୍ୟ ସମାଜସେବୀ ମହାସଂଘ ପ୍ରତିଷ୍ଠା, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ(ଭୁବନେଶ୍ୱର କ୍ଲବ ପାଖ), ୟୁନିଟ-୬, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଯୁବ ସମ୍ମାନ ୨୦୧୯, ସୂଚନା ଭବନ, ପୂର୍ବାହ୍ନ ୧୧ଟା ୩୦।
- ବ୍ଲ୍ୟୁ ଷ୍ଟ୍ରିପ୍ସ ଏଣ୍ଟରଟେନମେଣ୍ଟ ପକ୍ଷରୁ 'ଚାହିଏ ଥୋଡା ପ୍ୟାର', ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**କଟକ**

- ରାମକୃଷ୍ଣ ସେବକ ସମ୍ପ୍ରଦାୟର ସାଧାରଣ ଅଧିବେଶନ ଓ ନୂତନ ଅନ୍ତେବାସୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭା, ରାମକୃଷ୍ଣ କୁଟୀର, ବଙ୍ଗାଳି ସାହି, ପୂର୍ବାହ୍ନ ୧୦ଟା।

**ବଡ଼ମ୍ବା**

- ମା' ଭଟ୍ଟାରିକାଙ୍କ ଷୋହଳ ଦିନାତ୍ମକ ପୂଜା ଓ ସୁନାବେଶ, ଭଟ୍ଟାରିକା ପୀଠ, ଅପରାହ୍ନ ୫ଟା।

**ନିଆଳି**

- ଆମ ଗାଁ ଆମ କଥା ସାଂସ୍କୃତିକ ପରିଷଦର ଦ୍ୱିତୀୟ ବାର୍ଷିକୋତ୍ସବ ମୁଖପତ୍ର ଲୋକାର୍ପଣ ଓ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ, ଶ୍ରୀଗୋପାଳଜୀଉ ମଣ୍ଡପ, କର୍ସଦା।

**ପୁରୀ**

- ରବିବାରିଆ ସକାଳିଆ, ସିଂହଦ୍ୱାର ନିକଟ, ସକାଳ ୬ଟା।
- ସେଭ୍ ପକ୍ଷରୁ ଜାତୀୟ ଆଲୋଚନାଚକ୍ର, ପାନ୍ଥନିବାସ ସଭାକକ୍ଷ, ପୂର୍ବାହ୍ନ ୧୦ଟା।
- ରୋଟାରୀ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ହୋଟେଲ ଅତିଥି ହେରିଟେଜ୍, ସ୍ୱର୍ଗଦ୍ୱାର, ରାତି ୮ଟା।

**୨୩।୯।୨୦୧୯(ସୋମବାର)**

**ଭୁବନେଶ୍ୱର**

- ଦେବଦାସୀ ନୃତ୍ୟ ମନ୍ଦିର ପକ୍ଷରୁ ଚତୁର୍ଦ୍ଦଶ ଦେବଦାସୀ ଅନ୍ତରାଷ୍ଟ୍ରୀୟ ନୃତ୍ୟ ସମାରୋହ ଏବଂ ନବ ଉନ୍ମେଷ ନୃତ୍ୟ ପ୍ରତିଭା ଉତ୍ସବ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୯ଟା ୩୦।
- କୋରିଆ କାରାଭାନ ୨୦୧୯, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ନେହେରୁ ଯୁବ ପ୍ରତିଷ୍ଠାନ ପକ୍ଷରୁ ସାହିତ୍ୟିକ ପ୍ରଫେସର ଡ.ଜଗନ୍ନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ସପ୍ତଦଶ ସ୍ମୃତି ସମାରୋହ, ଇନ୍‌ଷ୍ଟିଚ୍ୟୁଶନ ଅଫ ଇଞ୍ଜିନିୟର୍ସ ଅଡିଟୋରିୟମ, ୟୁନିଟ-୯, ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**

- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି, ବୋଲଗଡ ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ୧୦ଟା।

**୨୪।୯।୨୦୧୯(ମଙ୍ଗଳବାର)**

**ଭୁବନେଶ୍ୱର**

- ଦେବଦାସୀ ନୃତ୍ୟ ମନ୍ଦିର ପକ୍ଷରୁ ଚତୁର୍ଦ୍ଦଶ ଦେବଦାସୀ ଅନ୍ତରାଷ୍ଟ୍ରୀୟ ନୃତ୍ୟ ସମାରୋହ ଏବଂ ନବ ଉନ୍ମେଷ ନୃତ୍ୟ ପ୍ରତିଭା ଉତ୍ସବ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୯ଟା ୩୦।
- ଅଖିଳ ଭାରତୀୟ ଅନୁସୂଚିତ ଜାତି, ଜନଜାତି ସଂଗଠନ ସମୂହ ପରିଷଦ ପକ୍ଷରୁ ଆଲୋଚନାଚକ୍ର, କଳିଙ୍ଗ ବୁଦ୍ଧ ବିହାର, ୟୁନିଟ-୯, ସନ୍ଧ୍ୟା ୬ଟା।

**୨୫।୯।୨୦୧୯(ବୁଧବାର)**

**ଭୁବନେଶ୍ୱର**

- ଦେବଦାସୀ ନୃତ୍ୟ ମନ୍ଦିର ପକ୍ଷରୁ ଚତୁର୍ଦ୍ଦଶ ଦେବଦାସୀ ଅନ୍ତରାଷ୍ଟ୍ରୀୟ ନୃତ୍ୟ ସମାରୋହ ଏବଂ ନବ ଉନ୍ମେଷ ନୃତ୍ୟ ପ୍ରତିଭା ଉତ୍ସବ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୯ଟା ୩୦।
- ମାସିକ ଆଧାତ୍ମିକ ଏବଂ ଚେତନା ଧର୍ମୀ ପେପରର ଉଦ୍‌ଘାଟନୀ ଉତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ-୯, ଅପରାହ୍ନ ୫ଟା।

**ବଡ଼ମ୍ବା**

- ଶ୍ରୀମଦ୍ ଭାଗବତ ମହାପୁରାଣ ଉଦ୍‌ଯାପନୀ ଦିବସ, ସ୍ୱପ୍ନେଶ୍ୱର ବିଦ୍ୟାପୀଠ, ଶଙ୍ଖାମେରି, ଅପରାହ୍ନ ୨ଟା

# ରାଜାଙ୍କ ବ୍ରାଉନସୁଗାର ସାମ୍ରାଜ୍ୟରେ ପୋଲିସ

ଭୁବନେଶ୍ୱର,୨୧।୯(ବ୍ୟୁରୋ)/ ବାଲେଶ୍ୱର ଅଫିସ

ପୋଲିସ ସୁରକ୍ଷା ଆଢୁଆଳରେ ଚାଲିଥିଲା ଡ୍ରଗ୍ସ ଡିଲର ସେକ୍ ରାଜାଙ୍କ ବ୍ରାଉନସୁଗାର କାରବାର। ପୋଲିସ ବିଭାଗର ବହୁ ଅଧିକାରୀ ଓ ତଳିଆ କର୍ମଚାରୀଙ୍କ ସହାୟତାରେ ବାଂଲାଦେଶରୁ ନେପାଳ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରିବାରେ ସଫଳ ହୋଇଥିଲେ ରାଜା। ଏହି ଲିଙ୍କ୍ ଅଭିଯୋଗରେ ବାଲେଶ୍ୱର ସହଦେବଖୁଣ୍ଟା ଥାନାର ହାବିଲଦାର ରଞ୍ଜନ ସାହୁଙ୍କୁ ଶନିବାର ଗିରଫ କରିଛି ଏସ୍‌ଟିଏଫ୍। ଏସ୍‌ଟିଏଫ୍ କେସ୍ ନଂ-୧୪/୧୯ ଓ ସହଦେବଖୁଣ୍ଟା ଥାନାରେ ୨୬୦/୧୯ରେ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ରଞ୍ଜନ ସହଦେବଖୁଣ୍ଟା ଅଧୀନ ଭିତରଗଞ୍ଜା ଫାଣ୍ଡିରେ କାର୍ଯ୍ୟ କରୁଥିଲେ। ଗିରଫ ପରେ ତାଙ୍କୁ ଏସ୍‌ଟିଏଫ୍ ସ୍ଥାନୀୟ କୋର୍ଟରେ ହାଜର କରି ରିମାଣ୍ଡରେ ଆଣିଥିବା ଜଣାପଡିଛି। ଅନ୍ୟପକ୍ଷରେ ଗତ ୧୯ ତାରିଖରୁ ରାଜାଙ୍କୁ ୭ଦିନିଆ ରିମାଣ୍ଡରେ ଆଣି ଏସ୍‌ଟିଏଫ୍ ଜେରା କରୁଛି। ତାଙ୍କ ବୟାନ ଆଧାରରେ ଏସ୍‌ଟିଏଫ୍ ପ୍ରସ୍ତୁତ କରିଥିବା ତାଲିକାରେ ପୋଲିସ ବିଭାଗର ୫ରୁ ଉର୍ଦ୍ଧ୍ୱ ଅଧିକାରୀଙ୍କ ନାମ ରହିଥିବା ଜଣାପଡ଼ିଛି। ଆଗାମୀ ଦିନରେ ସେମାନଙ୍କୁ ପଚରାଉଚରା କରାଯିବ। ଆବଶ୍ୟକସ୍ଥଳେ ସେମାନେ ଗିରଫ ହୋଇପାରନ୍ତି ବୋଲି ଏସ୍‌ଟିଏଫ୍‌ର ଜଣେ ଅଧିକାରୀ କହିଛନ୍ତି। ତେବେ ଏହି ଘଟଣା ଖାକିବର୍ଦ୍ଦିରେ ବଡ଼ କଳଙ୍କ ଲଗାଇଛି।

ଏସ୍‌ଟିଏଫ୍‌ର ସୂଚନାନୁସାରେ, ଗତ ୧୯ ତାରିଖରେ ବାଲେଶ୍ୱର ଏସ୍‌ପି ବି.ଯୁଗଳ କିଶୋର କୁମାର କାର୍ଯ୍ୟରେ ଅବହେଳା କାରଣରୁ ହାବିଲଦାର ରଞ୍ଜନ ଓ କନ୍‌ଷ୍ଟେବଳ ପ୍ରଦୀପ କୁମାର ଦେଙ୍କୁ ନିଲମ୍ବିତ କରିଥିଲେ। ରଞ୍ଜନ ନିୟମିତଭାବେ ରାଜା ପାଇଁ ଗୋଇନ୍ଦାଗିରି କରୁଥିଲେ। ପୋଲିସର ଗତିବିଧି ସମ୍ପର୍କରେ ଆଗୁଆ ସୂଚନା ଦେଉଥିବାରୁ ଚଢାଉ ପୂର୍ବରୁ ରାଜା ଓ ଅନ୍ୟମାନେ ସତର୍କ ରହିବା ସହ ଚମ୍ପଟ ମାରୁଥିଲେ। ଏବାବଦକୁ ରାଜା ରଞ୍ଜନଙ୍କୁ ମୋଟା ଅଙ୍କର ଟଙ୍କା ଦେଉଥିଲେ। ବାଂଲାଦେଶରୁ ବାଲେଶ୍ୱର ପୋଲିସ ସରିସୀମାରେ ବ୍ରାଉନସୁଗାର ପହଞ୍ଚିବା ପରେ ରଞ୍ଜନଙ୍କ ସମେତ ଆଉ କେତେଜଣ ସୁରକ୍ଷା ଯୋଗାଉଥିଲେ। ବାଲେଶ୍ୱରରୁ ଜଳେଶ୍ୱର, ଭୁବନେଶ୍ୱର, କଟକ, ଖୋର୍ଦ୍ଧା ଆଦି ସ୍ଥାନକୁ ସୁରକ୍ଷିତ ବ୍ରାଉନସୁଗାର ଚାଲାଣ ପାଇଁ ସ୍ଥାନୀୟ ଥାନାଗୁଡିକର ନିର୍ଦ୍ଦିଷ୍ଟ କେତେଜଣ ପୋଲିସ ଦାୟିତ୍ୱ ନେଉଥିଲେ। ସେହିଭଳି ରାଜ୍ୟ ବାହାରେ ମଧ ପୋଲିସ ସୁରକ୍ଷା ବ୍ୟବସ୍ଥା କରିଥିଲେ ରାଜା। ପଚରାଉଚରାବେଳେ ରଞ୍ଜନ ସମେତ ଅନ୍ୟ ଅଧିକାରୀଙ୍କ ନାମ ପ୍ରକାଶ କରିବା ପରେ ଏସ୍‌ଟିଏଫ୍ ଅଧିକାରୀମାନେ ତଦନ୍ତକୁ ଆଗକୁ ବଢ଼ାଇଛନ୍ତି। ରଞ୍ଜନ ନିୟମିତଭାବେ ରାଜାଙ୍କ ଘରକୁ ଆସୁଥିବା ନେଇ ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ଏନେଇ ଏସ୍‌ଟିଏଫ୍ ବଳିଷ୍ଠ ପ୍ରମାଣ ପାଇବା ପରେ ରଞ୍ଜନଙ୍କୁ ଗିରଫ କରିଛି। ରାଜାଠାରୁ ସେ କେତେ ଟଙ୍କା ନେଇଛନ୍ତି, କେଉଁଠି ବିନିଯୋଗ କରିଛନ୍ତି ତାହା ଜାଣିବା ପାଇଁ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଓ ଅନ୍ୟ କାଗଜପତ୍ର ଯାଞ୍ଚ କରାଯାଉଥିବା ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପିଆର୍ କହିଛନ୍ତି।

ଗତ ୧୫ ତାରିଖରେ ରାଜାଙ୍କ ୩ଜଣ ସହଯୋଗୀଙ୍କୁ ଏସ୍‌ଟିଏଫ୍ ଗଙ୍ଗପଡ଼ା ଟୋଲ୍‌ଗେଟ୍ ନିକଟରୁ ଧରିଥିଲା। ସେମାନଙ୍କଠାରୁ ରାଜାଙ୍କ ସାମ୍ରାଜ୍ୟ ସମ୍ପର୍କରେ ସୁରାକ ମିଳିଥିଲା। ଏହାପୂର୍ବରୁ ଖୋର୍ଦ୍ଧାରୁ ଗିରଫ ହୋଇଥିବା ଛୋଟା ଓରଫ ସୁଧାଂଶୁ ପରିଡ଼ା ଓ ସହଯୋଗୀ ମଧ ସୂଚନା ଦେଇଥିଲେ। ୧୬ ତାରିଖରେ ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଯଦୁପୁର ଅଞ୍ଚଳରୁ ରାଜା ଗିରଫ ହୋଇଥିଲେ। ତାଙ୍କଠାରୁ ନଗଦ ୧ଲକ୍ଷ ଟଙ୍କା, ଗୁଳିଭର୍ତ୍ତି ପିସ୍ତଲ, ୧୩୦ ଗ୍ରାମ୍ ବ୍ରାଉନ୍‌ସୁଗାର ଓ ୬ ମୋବାଇଲଫୋନ୍ ଜବତ ହୋଇଥିଲା।

### ପେଡ଼ି ଖୋଲୁଛନ୍ତି ଡ୍ରଗ୍ସ ଡିଲର

**ଖାକିରେ କଳଙ୍କ**

- ହାବିଲଦାର ରଞ୍ଜନଙ୍କୁ ଗିରଫ କଲା ଏସ୍‌ଟିଏଫ୍
- ପୋଲିସର ଗତିବିଧି ସମ୍ପର୍କରେ ଦେଉଥିଲେ ତଥ୍ୟ
- ତାଲିକାରେ ଆହୁରି ୫ ପୋଲିସ ଅଧିକାରୀ



### ରାଜାଙ୍କ ସମ୍ପତ୍ତି ଆଟାଚ୍ କରିବ ଏସ୍‌ଟିଏଫ୍

ବ୍ରାଉନସୁଗାରରୁ ବହୁ କୋଟି ଟଙ୍କାର ସମ୍ପତ୍ତିର ମାଲିକ ହୋଇଛନ୍ତି ରାଜା। ଏବେଯାଏ ରାଜାଙ୍କ ବହୁ କୋଟି ମୂଲ୍ୟର ଘର, ୪ ବୋଟ, ଦାମୀ କାର୍, ସୁନା ଅଳଙ୍କାର, ବ୍ୟାଙ୍କ୍ ବାଲାନ୍ସ ଠାବ ହୋଇଛି। ଅନ୍ୟସବୁ ସମ୍ପତ୍ତି ଠାବ ପାଇଁ ଉଦ୍ୟମ ଜାରି ରହିଛି। ତେବେ ମିଳିଥିବା ସମ୍ପତ୍ତିକୁ ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ଆଟାଚ୍ ପାଇଁ ଏସ୍‌ଟିଏଫ୍ ପ୍ରକ୍ରିୟା ଆରମ୍ଭ କରିଛି। ଏହାସହ ରାଜା ଆକାଉଣ୍ଟକୁ କେଉଁଠୁ ଟଙ୍କା ଆସିଛି ଓ ଆକାଉଣ୍ଟରୁ ଆଉ କାହା ପାଖକୁ ଟଙ୍କା ଯାଇଛି ସେନେଇ ତଦନ୍ତ ଚାଲିଛି। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ଜେରା କରାଯିବ ବୋଲି ଏସ୍‌ଟିଏଫ ପକ୍ଷରୁ କୁହାଯାଇଛି।

## ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କଲେ ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍

ପୁରୁଣା ଭୁବନେଶ୍ୱର, ୨୧।୯ (ଡି.ଏନ.ଏ.): ଭୁବନେଶ୍ୱର ଗସ୍ତ ଅବସରରେ ଇସ୍ରୋର ଅଧ୍ୟକ୍ଷ ଡ. କେ. ଶିବନ ଶନିବାର ସନ୍ଧ୍ୟାରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ପରିଦର୍ଶନ କରିଛନ୍ତି। ସନ୍ଧ୍ୟା ସାଢେ ୬ଟାରେ ଲିଙ୍ଗରାଜ ମନ୍ଦିର ମୁଖଶାଳାଠାରେ ପହଞ୍ଚିବା ପରେ ତାଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ଦର୍ଶନ କରିବା ସହ ପାର୍ଶ୍ୱ ଦେବଦେବୀଙ୍କୁ ମଧ ଦର୍ଶନ କରିଥିଲେ। ଏହି ଅବସରରେ ସେ ମନ୍ଦିରର କଳା, କାରୁକାର୍ଯ୍ୟ, ଐତିହ୍ୟ ଓ କୀର୍ତ୍ତିରାଜି ସମ୍ବନ୍ଧରେ ତାଙ୍କୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧିକାରୀ ପ୍ରଦୀପ କୁମାର ସାହୁ ଅବଗତ କରାଇଥିଲେ। ଆଜିର ପାଳିଆ ସେବାୟତମାନେ ତାଙ୍କୁ ଶ୍ରୀଲିଙ୍ଗରାଜ ଓ ମା' ପାର୍ବତୀଙ୍କ ନିକଟରେ ପହଞ୍ଚାଇ ପୂଜାର୍ଚ୍ଚନା କରାଇଥିଲେ। ମନ୍ଦିର ବାହାରେ ସେ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଶତାଧିକ ଶ୍ରଦ୍ଧାଳୁ ଓ ସେବାୟତଙ୍କୁ ତାଙ୍କର ଜୟଗାନ କରିଥିଲେ। ଭାରତ ମହାଶୂନ୍ୟ ଓ ରକେଟ ଗବେଷଣା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଇସ୍ରୋ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରୁ ବୋଲି ଉପସ୍ଥିତ ଶ୍ରଦ୍ଧାଳୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ଅରୁଣ ବେହେରା ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ସମେତ ସମସ୍ତ ସେବାୟତ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।




ଆଇଆଇଟିର ୮ମ ସମାବର୍ତ୍ତନ ସମାରୋହରେ ଉପସ୍ଥିତ ଇସ୍ରୋର ଅଧ୍ୟକ୍ଷ ଡ. କେ. ଶିବନ୍ ସହ ଅନ୍ୟମାନେ।

# 'ସୁଯୋଗର ସଦୁପଯୋଗ ହିଁ ଶିକ୍ଷାର୍ଥୀଙ୍କ କର୍ତ୍ତବ୍ୟ'

ଭୁବନେଶ୍ୱର/ଜଟଣୀ, ୨୧।୯(ବ୍ୟୁରୋ/ଡି.ଏନ୍.ଏ.)

ଉଦ୍ୟମ କରୁଥିବା ମନୁଷ୍ୟକୁ ବିଫଳତା ମିଳିଥାଏ। କିନ୍ତୁ ସେହି ବିଫଳତା ଭବିଷ୍ୟତରେ ତାଙ୍କର ସଫଳତାର ମୂଳମନ୍ତ୍ର ପାଲଟିଥାଏ ବୋଲି ଇସ୍ରୋର ଅଧ୍ୟକ୍ଷ ଡ. କେ. ଶିବନ୍ କହିଛନ୍ତି। ଶନିବାର ଆଇଆଇଟି ଭୁବନେଶ୍ୱରର ଅଷ୍ଟମ ସମାବର୍ତ୍ତନ ସମାରୋହରେ ଶିବନ୍ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି କହିଥିଲେ ଯେ, ସେ ତାମିଲନାଡୁର ଏକ ଛୋଟ ଗାଁ ସ୍କୁଲରେ ପାଠପଢ଼ା ଆରମ୍ଭ କରିଥିଲେ। ସମ୍ବଳ ଅଭାବରୁ ସେ ଯାହା ଚାହୁଁଥିଲେ ସେପରି ଅନୁଷ୍ଠାନରେ ଶିକ୍ଷାଲାଭ କରି ପାରି ନ ଥିଲେ। ହେଲେ ନିଜ ନିଷ୍ଠା ଓ ଉଦ୍ୟମରୁ ଓହରି ଯାଇ ନ ଥିଲେ। ମିଳୁଥିବା ସୁଯୋଗର ସଦୁପଯୋଗ କରିବା ହିଁ ଶିକ୍ଷାର୍ଥୀର କର୍ତ୍ତବ୍ୟ, ଯାହା ଚାହୁଁଛ ତାହା ନ ପାଇବା ଭାଗ୍ୟର ଏକ ଚମତ୍କାରିତା ବୋଲି ଦଲାଇଲାମା କହିଥିବା ଉକ୍ତିକୁ ଉଦାହରଣ ଛଳରେ ସେ ଉଲ୍ଲେଖ କରିଥିଲେ। ମହାକାଶ ଗବେଷଣା ଆମ ଦୈନନ୍ଦିନ ଜୀବନ ନିମନ୍ତେ ଖୁବ୍ ଉପଯୋଗୀ। ଆମେ ବ୍ୟବହାର କରୁଥିବା ମୋବାଇଲ୍ ଫୋନଠାରୁ ଆରମ୍ଭ କରି ସମସ୍ତ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପାଇଁ ଗବେଷଣାର ଗୁରୁତ୍ୱ ବେଶ ଅଧିକ। ଏ ଦିଗରେ ଇସ୍ରୋ ଅବିରତ ପ୍ରୟାସ ଜାରି ରଖିଥିବା ଶିବନ୍ କହିଥିଲେ।

ଜାତୀୟ ବିକାଶ ପାଇଁ ଅନେକ ସୁଯୋଗ ରହିଛି। ଏଥିପାଇଁ କେବଳ ଉଦ୍ୟମ ନୁହେଁ ଜ୍ଞାନ ମଧ ଆବଶ୍ୟକ ରହିଛି। ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇ ସେ କହିଥିଲେ ଯେ, ଶିକ୍ଷା ହେଉଛି ଜୀବନବ୍ୟାପୀ ପ୍ରକ୍ରିୟା। ତୁମେ ସବୁ ଶିକ୍ଷା ପାଇଛ ଓ ସବୁକିଛି ଜାଣିଯାଇଛ ବୋଲି କେବେ ଭାବିବ ନାହିଁ। ଆମ ନିକଟରେ ଉପଲବ୍ଧ ସମ୍ବଳର ସଦୁପଯୋଗ କରିପାରିଲେ ଆମ ଜୀବନ ସରସ ସୁନ୍ଦର ହୋଇପାରିବ। ଭାରତ ଏକ ଗରିବ ଦେଶ ନୁହେଁ। ଅନେକ କିଛି କରିବାର ଦକ୍ଷତା ଆମ ପାଖରେ ରହିଛି। ବିଭିନ୍ନ କ୍ଷେତ୍ରରେ ଭାରତ ବିଶ୍ୱରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଛି। ଦାରିଦ୍ର୍ୟ ହ୍ରାସ, ସ୍ୱାସ୍ଥ୍ୟ ସେବା ପ୍ରଦାନ, ସାର୍ବଜନୀନ ଗୁଣାତ୍ମକ ଶିକ୍ଷା, ବିଶୁଦ୍ଧ ଜଳଯୋଗାଣ ଭଳି ସମସ୍ୟା ଆଜିର ଦିନରେ ଆହ୍ୱାନ ସୃଷ୍ଟି କରିଛି। ଏସବୁ କ୍ଷେତ୍ରରେ କାର୍ଯ୍ୟ କରି ଦେଶ ପାଇଁ କିଛି କରିବାକୁ ଶିବନ୍ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଆଇଆଇଟି ଉପରେ ସେ ମତ ରଖି କହିଥିଲେ ଯେ, ୨୦୦୮ରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନ ସ୍ୱଳ୍ପ ସମୟ ଭିତରେ ଅନ୍ୟାନ୍ୟ ଆଇଆଇଟି ମଧ୍ୟରେ ନିଜର ଉତ୍କର୍ଷତା ପ୍ରମାଣ କରିପାରିଛି। ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଦ୍ୱାରା ଏକ ସୁସ୍ଥ ସମାଜ ଗଠନ ସହ ମାନବ ଜୀବନର ଗୁଣାତ୍ମକ ବିକାଶ ଜଟଣୀସ୍ଥିତ ଆଇଆଇଟିର ଅନ୍ୟତମ ସ୍ୱପ୍ନ। ମହାଜାଗତିକ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ମାନବ ଜୀବନର ସୁରକ୍ଷା ଓ ଗୁଣାତ୍ମକ ବିକାଶ ଇସ୍ରୋର ଲକ୍ଷ୍ୟ। ମାନବିକ ବିକାଶ ପାଇଁ ଉଭୟ ପ୍ରତିଷ୍ଠାନର ଅଙ୍ଗୀକାରବଦ୍ଧତା ସମାନ ବୋଲି ଶିବନ୍ ଗୁରୁତ୍ୱାରୋପ କରିଥିଲେ।

ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର ସମାରୋହରେ ପୌରୋହିତ୍ୟ କରି ଶିକ୍ଷାନୁଷ୍ଠାନର ବିଭିନ୍ନ କାର୍ଯ୍ୟକଳାପ ଓ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଆଇଆଇଟି ବିଓଜିର ସଦସ୍ୟ ବି.କେ. ତିୱାରୀ ନିଜ ବକ୍ତବ୍ୟରେ ଶିବନ୍‌ଙ୍କ ସଫଳତାର କାହାଣୀକୁ ବଖାଣିଥିଲେ। ଏହି ସମାରୋହରେ ୩୨ଜଣଙ୍କୁ ପିଏଚ୍‌ଡି, ୧୦୫ଜଣଙ୍କୁ ଏମ୍‌ଟେକ୍, ୬୭ଜଣଙ୍କୁ ଏମ୍‌ଏସ୍‌ସି ଓ ୧୫୨ ଜଣ ବି.ଟେକ୍ ବିଦ୍ୟାର୍ଥୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ବି.ଟେକ୍ ବ୍ୟାଚ୍‌ର କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ଛାତ୍ର ସ୍ରୋହନ୍ ମହାପାତ୍ରଙ୍କୁ ପ୍ରେସିଡେଣ୍ଟ ସ୍ୱର୍ଣ୍ଣପଦକ ଉପାଧିରେ ସମ୍ମାନିତ କରାଯାଇଥିଲା। ସେହିପରି ରାହୁଲ ଦାସ, ଅନୁଭବ ନାଥଙ୍କୁ ଡାଇରେକ୍ଟର ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ଏହାଛଡ଼ା ଶ୍ରେଷ୍ଠତ୍ୱ ପ୍ରଦର୍ଶନ ପାଇଁ ବିଟେକ୍ ବ୍ୟାଚ୍‌ର ୫ଜଣ, ଏମ୍‌ଟେକ୍‌ରେ ୬ ଓ ଏମ୍‌ଏସ୍‌ସିରେ ୪ଜଣ ବିଦ୍ୟାର୍ଥୀଙ୍କୁ ଇନ୍‌ଷ୍ଟିଚ୍ୟୁଟ୍ ରୌପ୍ୟପଦକ ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ଆଇଆଇଟିର ବିଦ୍ୟାର୍ଥୀ, ଫାକଲ୍‌ଟି, କର୍ମଚାରୀମାନେ ଉପସ୍ଥିତ ରହିଥିଲେ।



ସମାବର୍ତ୍ତନ ସମାରୋହରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



ମନୋଜ



ରୋଶନ



ନମସ୍କାର



ବିକାଶ



ବିକାଶ



ସିପୁ



ସ୍ମୃତି



ସୁଶାନ୍ତ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍ଫି ଫଟୋ
www.dharitri.com/category/selfie/

## ବେଳାଭୂମିରୁ ପ୍ଲାଷ୍ଟିକ ବର୍ଜନର ବାର୍ତ୍ତା ଦେଲେ ନନ୍ଦିତା

# 'ମୋ' ଏକ ମହାନ୍ ଶବ୍ଦ

ପୁରୀ ଅଫିସ,୨୧।୯: ସମୁଦ୍ର, ବେଳାଭୂମି, ପର୍ଯ୍ୟାବରଣକୁ ସୁସ୍ଥ ରଖିବାକୁ ହେବ। କଥା ହେଉଛି ବର୍ତ୍ତମାନ ଯଦି ଆମେ କିଛି ଭୁଲ କରିବା ଆଗାମୀ ଦିନରେ ତା'ର ଫଳ ଆମ ପିଲାମାନେ ଭୋଗିବେ। ଏହା କାହିଁକି ହେବ ? ପୂର୍ବରୁ ଆମ ଅଜା, ଆଈ ଖଲିପତ୍ର, ଦନା ଆଦିରେ ଖାଉଥିଲେ। ତାହା ମାଟିରେ ମିଶି ଯାଉଥିଲା। ଗତ ୫୦ ବର୍ଷ ହେବ ଆମ୍ଭେମାନେ ହିଁ ପ୍ଲାଷ୍ଟିକ ଆଣିଛୁ। ପ୍ଲାଷ୍ଟିକ ଜିନିଷ ଅଧିକ ମାତ୍ରାରେ ବ୍ୟବହାର କରୁଛୁ। ତେଣୁ ଆମକୁ ଏବେଠୁ ସଚେତନ ହେବାକୁ ପଡ଼ିବ। ଆମେ ଯାହା ବ୍ୟବହାର କରୁଛୁ ପୃଥିବୀ ଉପରେ ତା'ର ପ୍ରଭାବ କ'ଣ ତାହା ଭାବିବାକୁ ହେବ ବୋଲି କହିଛନ୍ତି ବଲିଉଡ୍ ଅଭିନେତ୍ରୀ ତଥା ଓଡ଼ିଆ ଝିଅ ନନ୍ଦିତା ଦାସ। ପୁରୀରେ ଆୟୋଜିତ ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସରେ ଯୋଗଦେଇ ନନ୍ଦିତା କହିଥିଲେ, 'ମୋ' ହେଉଛି ସବୁଠୁ ମହାନ୍ ଶବ୍ଦ। ଜଙ୍ଗଲ, ପୃଥିବୀ, ସମୁଦ୍ର ଏ ସବୁକୁ ଯଦି ମୋର ବୋଲି ଭାବିବା ତେବେ ସେମାନେ ଆମ ସହିତ ଝଗଡ଼ା କରିବେନି କି ଆମକୁ ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ ପଡିବ ନାହିଁ। ତେଣୁ ନିଜ ଭିତରୁ ହିଁ ପ୍ରଥମେ ପରିବର୍ତ୍ତନ ଆସିବା ଦରକାର। ପ୍ଲାଷ୍ଟିକ ବର୍ଜନ ପାଇଁ ନିଜେ ଶପଥ ନେଇ ଅନ୍ୟମାନଙ୍କୁ ଏହି ପରିବର୍ତ୍ତନ ସ୍ରୋତରେ ସାମିଲ କରାଇଲେ ପରିବେଶ ସୁରକ୍ଷା ହୋଇପାରିବ ବୋଲି ନନ୍ଦିତା ଆହ୍ୱାନ ଦେଇଥିଲେ।


ନନ୍ଦିତା ଦାସ



## ପୁରୀ ମୋ ବିଚ୍, ଯାହା ପାଇଁ ମୁଁ ଗର୍ବିତ...

ପୁରୀ ଅଫିସ, ୨୧।୯: ପରିବେଶ ପ୍ରଦୂଷଣ ଆଜି ବିଶ୍ୱବାସୀଙ୍କ ଚିନ୍ତା ପାଲଟିଛି। ବିଶେଷକରି ପ୍ଲାଷ୍ଟିକର ବହୁଳ ବ୍ୟବହାର ଏବେ ମଣିଷ ପାଇଁ ଘାତକ ସାବ୍ୟସ୍ତ ହୋଇଛି। ତେଣୁ ପ୍ଲାଷ୍ଟିକ ବ୍ୟବହାରକୁ ବର୍ଜନ କରି ପରିବେଶକୁ ସୁସ୍ଥ ରଖିବା ଲାଗି ଏବେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଶନିବାର ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ଅବସରରେ ଏମିତି ପରିବେଶ ସୁରକ୍ଷା ପାଇଁ ଶପଥ ନେଇଥିଲେ ହଜାର ହଜାର ସ୍ୱେଚ୍ଛାସେବୀ।

### ଶପଥପାଠ କରାଇଲେ ଷଷ୍ଠ ଶ୍ରେଣୀ ଛାତ୍ରୀ

ପୁରୀ ବେଳାଭୂମିରେ ଆୟୋଜିତ କାର୍ଯ୍ୟକ୍ରମରେ ଭଗବତୀ ବିଦ୍ୟା ନିକେତନର ଷଷ୍ଠ ଶ୍ରେଣୀ ଛାତ୍ରୀ ପ୍ରିୟାଲି ପ୍ରିୟଦର୍ଶନୀ ପ୍ରଧାନ ବଲିଉଡ୍, ଓଲିଉଡ଼ କଳାକାରଙ୍କଠାରୁ ଆରମ୍ଭ କରି ନେତା ମନ୍ତ୍ରୀ, ସେଲିବ୍ରିଟି ବୁଦ୍ଧିଜୀବୀଙ୍କୁ ଶପଥ ପାଠ କରାଇଥିଲେ। ପ୍ରିୟାଲି ଶପଥ ପାଠ କରାଇବା ବେଳେ କହିଥିଲେ, ପୁରୀ ମୋ ବିଚ୍, ଯାହା ପାଇଁ ମୁଁ ଗର୍ବିତ। ମୁଁ ମୋ ବିଚ୍‌ରେ ଅଳିଆ ପକାଇବି ନାହିଁ ଏବଂ ଅନ୍ୟ କାହାକୁ ପକାଇବାକୁ ମଧ୍ୟ ଦେବି ନାହିଁ। ମୁଁ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର କରିବି ନାହିଁ। ମୁଁ ଆଜି ଶପଥ ନେଉଛି କି, ମୋ ବିଚ୍‌କୁ ସବୁବେଳେ ସ୍ୱଚ୍ଛ ଓ ସୁନ୍ଦର ରଖିବି। କାରଣ ମୁଁ ମୋ ବିଚ୍‌କୁ ବହୁତ ଭଲପାଏ।


ପୁରୀ ବେଳାଭୂମିରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।





ବେଳାଭୂମିରେ ସ୍ୱେଚ୍ଛାସେବୀମାନେ ମାନବଶୃଙ୍ଖଳରେ 'ମୋ ବିଚ୍' ତିଆରି କରିଛନ୍ତି।



## ବେଳାଭୂମିରେ ମୋ ଅଧା ଜୀବନ କଟିଛି

ବିଦ୍ୟୁତ୍ ଜାମୱାଲ

କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ବଲିଉଡ୍ ଅଭିନେତା ବିଦ୍ୟୁତ୍ ଜାମୱାଲ କହିଥିଲେ, ଭାରତର ଯେଉଁ କେତେକ ସହରକୁ ପ୍ରତିଦିନ ଦେଶବିଦେଶର ପର୍ଯ୍ୟଟକ ଆସିଥାନ୍ତି ସେଥିମଧ୍ୟରୁ ପୁରୀ ଅନ୍ୟତମ। ତେଣୁ ଏଠାକାର ବେଳାଭୂମିକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ଦରକାର। ବେଳାଭୂମି ପ୍ରତି ମୋର ବିଶେଷ ଦୁର୍ବଳତା ରହିଛି। ମୋ ଜୀବନର ଅଧା ସମୟ ବେଳାଭୂମିରେ ହିଁ କଟିଛି। ମାର୍ଶଲ ଆର୍ଟ ହେଉ କିମ୍ବା ଜିମ୍ନାଷ୍ଟିକ ଅବା ଏରୋବେଟିକ, ଯାହା ବି କରିପାରୁଛି ସବୁ ଏହି ବେଳାଭୂମିରେ ହିଁ ଶିଖିଛି। କେବଳ ଏହି ଗୋଟିଏ ଦିନ ନୁହେଁ, ପ୍ରତ୍ୟେକ ଦିନ ବେଳାଭୂମିକୁ ସଫା ରଖିବା ଲାଗି ଆମ ସମସ୍ତଙ୍କୁ ଶପଥ ନେବାକୁ ହେବ ବୋଲି କହିଥିଲେ। ଏହି ଅବସରରେ ବେଳାଭୂମି ସଫେଇରେ ଭାଗ ନେଇଥିବା ପ୍ରତ୍ୟେକ ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ଦେବା ସହ ନିଜେ ମଧ୍ୟ ବେଳାଭୂମି ସଫା କରିଥିଲେ।


ବେଳାଭୂମିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

### ପର୍ଯ୍ୟଟକ ଆସିଲେ ରୋଜଗାର ବଢ଼ିବ

ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଥିଲେ, ବେଳାଭୂମିକୁ ସବୁବେଳେ ସରକାର ସଫା କରିପାରିବେ ନାହିଁ। ଏଥିପାଇଁ ଆମକୁ ସଚେତନ ହେବାକୁ ପଡ଼ିବ। ବେଳାଭୂମି ଯେତେ ସଫା ରହିବ ସେତେ ଅଧିକ ପର୍ଯ୍ୟଟକ ଆସିବେ। ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଲେ ଆମ ରୋଜଗାର ବଢ଼ିବ। ଦୈନିକ ୫ରୁ ୬ ହଜାର ଲୋକ ଏହି ବେଳାଭୂମି ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଛନ୍ତି। ତେଣୁ ଏହି ସ୍ୱଚ୍ଛତାର ବାର୍ତ୍ତା ଘରେ ଘରେ ପହଞ୍ଚିବା ଦରକାର ବୋଲି ବିଧାୟକ କହିଥିଲେ।

### ଓଡ଼ିଶା ପର୍ଯ୍ୟଟନ କହିଲେ ପୁରୀକୁ ବୁଝାଏ

ପର୍ଯ୍ୟଟନ ବିଭାଗ ସଚିବ ବିଶାଲ ଦେବ କହିଥିଲେ, ଓଡ଼ିଶା ପର୍ଯ୍ୟଟନ କହିଲେ ପ୍ରଥମେ ପୁରୀକୁ ହିଁ ବୁଝାଯାଏ। ପୁରୀର ବେଳାଭୂମି ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ଅଧିକାଂଶ ପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି ବେଳାଭୂମି ବୁଲିଥାନ୍ତି। ଏହି ଦୁଇ ସ୍ଥାନକୁ ଯଦି ଆମେ ଭଲ ଭାବେ ରଖିପାରିବା ତେବେ ଦେଶବିଦେଶରୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ। ଫଳରେ ପର୍ଯ୍ୟଟନ ଶିଳ୍ପ ଏବଂ ଅର୍ଥନୀତିର ବିକାଶ ଘଟିବ। ଆମେ ଯେପରି ଆମ ଘରକୁ ପରିଷ୍କାର ରଖୁଛେ ସେହିଭଳି ବେଳାଭୂମି ଏବଂ ରାସ୍ତାକୁ ସଫାସୁତରା ରଖିବା ଲାଗି ଶପଥ ନେବା ବୋଲି ଦେବ କହିଥିଲେ।

### ସମୁଦ୍ର ମା' ଲକ୍ଷ୍ମୀଙ୍କ ଘର

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତାରେ କହିଥିଲେ, ମୋ ବିଚ୍ କାର୍ଯ୍ୟକ୍ରମକୁ ଏକ ଗଣ ଆନ୍ଦୋଳନରେ ପରିଣତ କରାଯାଇଛି। ଜିଲାର ୧୦୦ ଜାଗାରେ ଆଜି ଏହି କାର୍ଯ୍ୟକ୍ରମ ଚାଲିଛି। ସେଥିପାଇଁ ସମସ୍ତଙ୍କୁ ଅଭିନନ୍ଦନ। ଆଗାମୀ ଦିନରେ ଏହି ସଫେଇ ଅଭିଯାନ ରାଜ୍ୟର ୪୮୦ କିମି ବେଳାଭୂମିରେ କରାଯିବ। ସମୁଦ୍ର ସହ ଆମ ପରିବେଶ ଏବଂ ପାଣିପାଗର ଗଭୀର ସମ୍ପର୍କ ରହିଛି। ସମୁଦ୍ର ହେଉଛି ମା' ଲକ୍ଷ୍ମୀଙ୍କର ଘର। ସମୁଦ୍ର ଓ ବେଳାଭୂମି ସ୍ୱଚ୍ଛ ରହିଲେ ପରିବେଶ ସୁନ୍ଦର ରହିବ। ଅଧିକ ପର୍ଯ୍ୟଟକ ଆସିବେ। ଦେଶବିଦେଶରେ ଓଡ଼ିଶାର ସୁନାମ ବଢ଼ିବ। ଆମ୍ଭେମାନେ ମା' ଲକ୍ଷ୍ମୀଙ୍କର ଆଶୀର୍ବାଦ ପାଇପାରିବା। ବେଳାଭୂମିକୁ କେବେହେଲେ ଅପରିଷ୍କାର ରହିବାକୁ ଦେବା ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଭିଡିଓ ବାର୍ତ୍ତାରେ କହିଥିଲେ।

### ବେଳାଭୂମି ଆମ ଜୀବନ ଜୀବିକା

ଆମ ବେଳାଭୂମି ହେଉଛି ଆମର ପ୍ରାକୃତିକ ସମ୍ପଦ, ଜୀବନ ଜୀବିକା ଓ ଐତିହ୍ୟ। ବାଣିଜ୍ୟ ଓ ପର୍ଯ୍ୟଟନ ସହିତ ମଧ୍ୟ ଏହା ଜଡ଼ିତ। ଏହାକୁ ସଫା ରଖିବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ। ଆଜି ଯଦି ବେଳାଭୂମିକୁ ସୁରକ୍ଷା ନ ଦେବା, ତେବେ ଆମେ ବହୁ ଅସୁବିଧାର ସମ୍ମୁଖୀନ ହେବା। ବେଳାଭୂମିରେ ବର୍ଜ୍ୟବସ୍ତୁ ପକାଇଲେ ତାହା ସମୁଦ୍ରକୁ ଯାଇ ଜୈବ ବିବିଧତାକୁ ନଷ୍ଟ କରୁଛି। ତେଣୁ ପ୍ଲାଷ୍ଟିକ ବର୍ଜନ ପାଇଁ ସମସ୍ତେ ସହଯୋଗ କରିବାକୁ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଆହ୍ୱାନ ଦେଇଥିଲେ।


ପୁରୀ ବେଳାଭୂମିରେ ଜାପାନୀ ପର୍ଯ୍ୟଟକମାନେ ଯୋଗାଭ୍ୟାସ କରୁଛନ୍ତି।

–ରିପୋର୍ଟ: ହେମନ୍ତ କୁମାର ନାୟକ, ଫଟୋ: ଅନୀଲ ସାହୁ, ଯଜ୍ଞେଶ୍ୱର ମହାନ୍ତି।


ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବ୍ରହ୍ମଗିରି ବାଲିହରଚଣ୍ଡୀ ବେଳାଭୂମି ସଫେଇ କରାଯାଉଛି।


ଅସ୍ତରଙ୍ଗ ବେଳାଭୂମିରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପ୍ରସ୍ତୁତ ମାନବଶୃଙ୍ଖଳ।


ଚନ୍ଦ୍ରଭାଗା ସମୁଦ୍ରକୂଳରେ ଏକ ହଜାରରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ବେଳାଭୂମି ସଫେଇ କରୁଛନ୍ତି।



ବଲିଉଡ୍‌ରେ ଧୀରେ ଧୀରେ ପାଦ ଥାପି ମୁଁ ଆଗକୁ ବଢୁଛି।
-କ୍ରିତି ସାନୋନ, ଅଭିନେତ୍ରୀ



# ମନ୍ଦିରରେ ରହିଛି ସମୁଦ୍ର ମନ୍ଥନରୁ ମିଳିଥିବା ଅମୃତ କଳସ

**ଜାକର୍ତ୍ତା:** ସମୁଦ୍ର ମନ୍ଥନ ସମୟରେ ମିଳିଥିବା ଅମୃତ କଳସ ଇଣ୍ଡୋନେସିଆର ଏକ ମନ୍ଦିରରେ ଥିବା କୁହାଯାଉଛି। କଂଡି ସୁକୁହ ନାମକ ଏହି ମନ୍ଦିରରେ ଏମିତି ଏକ କଳସ ରହିଛି, ଯାହା ଭିତରେ ଥିବା ଦ୍ରବ୍ୟ ହଜାର ହଜାର ବର୍ଷ ହେବ ରହିଥିଲେ ବି ଶୁଖୁ ନାହିଁ । ସେଥିପାଇଁ ତାହା ଅମୃତ ବୋଲି ଲୋକେ କହୁଛନ୍ତି। ଲୋକେ ଆହୁରି ମଧ୍ୟ ବିଶ୍ୱାସ କରନ୍ତି କି, ଏହି କଳସ ସମୁଦ୍ର ମନ୍ଥନ ସମୟରେ ହିଁ ମିଳିଥିଲା। କାରଣ ଏହା ସହ ଏକ ଶିବଲିଙ୍ଗ ମଧ୍ୟ ଲାଗି ରହିଛି। ଏଠାରେ ଥିବା ଏକ ପ୍ରାଚିରରେ ମହାଭାରତର ଆଦିପର୍ବ ଅଙ୍କା ଯାଇଥିବା ଦେଖିବାକୁ ମିଳେ। ତେବେ ୨୦୧୬ରେ ପ୍ରତ୍ନତତ୍ତ୍ୱ ବିଭାଗ ଏହାର ମରାମତି କରିବା ସମୟରେ ଉକ୍ତ ପ୍ରାଚିର ମଧ୍ୟରୁ ଯାହା ମିଳିଲା, ତାହା ବିଶେଷଜ୍ଞ ଦଳକୁ ଆଶ୍ଚର୍ଯ୍ୟ କରିଦେଲା। ତେବେ ବିଶେଷଜ୍ଞ ଦଳଙ୍କୁ ଏକ ତମ୍ବାର କଳସ ମିଳିଥିଲା, ଯେଉଁଥିରେ ଏକ ଶିବଲିଙ୍ଗ ଯୋଡି ହୋଇ ରହିଥିଲା। ଏହାକୁ ନେଇ ଗବେଷଣା କରିବା ପରେ ଜଣାପଡିଲା କି , ଏହି ତମ୍ବା କଳସକୁ ଏପରି ଢଙ୍ଗରେ ବନ୍ଦ କରାଯାଇଛି ଯାହାକୁ ଖୋଲିବା କଷ୍ଟକର। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ଯେଉଁ ପ୍ରାଚିରରୁ ଏହି କଳସ ମିଳିଲା ସେଠାରେ ସମୁଦ୍ର ମନ୍ଥନର ନକ୍ସା ମଧ୍ୟ ରହିଥିଲା। ଏହାସହ ସେଠାରେ ଖଜୁରାହୋ ଭଳି ଅର୍ଥାତ୍ କାମରେ ନିମଗ୍ନ ଥିବା ମୂର୍ତ୍ତି ମଧ୍ୟ ରହିଥିଲା। କେବଳ ଗୋଟିଏ ପ୍ରାଚିରରେ ହିଁ ମହାଭାରତର ଆଦିପର୍ବ ଲେଖାଯାଇଥିଲା। ଏହା ପାଖାପାଖି ୧୨ଶହ ଶତାବ୍ଦୀର ବୋଲି କୁହାଯାଉଛି। ସେତେବେଳେ ମାଲେସିଆ ସମ୍ପୂର୍ଣ୍ଣ ହିନ୍ଦୁ ରାଷ୍ଟ୍ର ଥିଲା। ହେଲେ ୧୫ଶହ ଶତାବ୍ଦୀ ବେଳକୁ ଯେତେବେଳେ ଏଠାରେ ମୁସଲମାନମାନେ ରାଜତ୍ୱ ଆରମ୍ଭ କଲେ ସେତେବେଳେ ଏହି କଳସକୁ ଏଠାରେ ଲୁଚାଇ ଦିଆଯାଇଥିବା କୁହାଯାଏ।



# ମଧ୍ୟାହ୍ନଭୋଜନ ପାଚିକାରୁ କୋଟିପତି



**ନୂଆଦିଲ୍ଲୀ:** କଥାରେ ଅଛି ସମୟ ଆସିଲେ ମଣିଷର ଭାଗ୍ୟ ବଦଳିଯାଏ। ପ୍ରବଳ ଇଚ୍ଛାଶକ୍ତି, ପରିଶ୍ରମ ଓ ଈଶ୍ୱର ବିଶ୍ୱାସ ଥିଲେ ସଫଳତା ହାତ ପାହାନ୍ତାରେ ପହଞ୍ଚିବାକୁ ସମୟ ଲାଗେନି। ଏଭଳି ଏକ ଘଟଣା ଘଟିଛି ଅମରାବତୀର ଜଣେ ମହିଳାଙ୍କ କ୍ଷେତ୍ରରେ। ଏକ ସ୍କୁଲରେ ମଧ୍ୟାହ୍ନଭୋଜନ ପାଚିକା ଭାବେ କାର୍ଯ୍ୟକରୁଥିବା ବବିତା ଟାଡେ ମାସିକ ୧୫ ଶହ ଟଙ୍କା ପାଉଥିବାବେଳେ ଏବେ କୋଟିପତି ସାଜିଛନ୍ତି। ‘କୌନ ବନେଗୀ କୌଟିପତି’ର ୧୧ତମ ଅଧ୍ୟାୟରେ ସେ ଦ୍ୱିତୀୟ କୋଟିପତି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ହୋଷ୍ଟ ଅମିତାଭ୍ ବଚ୍ଚନ ତାଙ୍କୁ ଏଥିଲାଗି ଅଭିନନ୍ଦନ ଜଣାଇଛନ୍ତି। ୭ କୋଟି ଜିତିବାର କ୍ଷମତା ତାଙ୍କ ପାଖରେ ଥିଲେ ସୁଦ୍ଧା ଦ୍ୱନ୍ଦ୍ୱ ଯୋଗୁ ସେ ଚୂଡ଼ାନ୍ତ ପର୍ଯ୍ୟାୟରୁ ଓହରି ଆସିଥିଲେ। ସେ କୁହନ୍ତି, ଶେଷ ପ୍ରଶ୍ନ (କେଉଁରାଜ୍ୟର ରାଜ୍ୟପାଳ ସର୍ବାଧିକ ଥର ଦେଶର ରାଷ୍ଟ୍ରପତି ହୋଇଛନ୍ତି)ର ଉତ୍ତର ‘ବିହାର’ ବୋଲି ସେ ଜାଣିଥିଲେ ସୁଦ୍ଧା ଦ୍ୱନ୍ଦ୍ୱରେ ଥିଲେ। ଅମିତାଭ୍‌ଙ୍କୁ ସେ ଠିକ୍ ଉତ୍ତର କହିଥିଲେ ହେଁ ଦ୍ୱନ୍ଦ୍ୱରେ ଥିବା କାରଣରୁ କ୍ୱିଟ୍ କରିବାକୁ ଚାହୁଁଛି ବୋଲି ସେ କହିଥିଲେ। ତେଣୁ ତାଙ୍କୁ ୭ କୋଟି ଟଙ୍କା ଅଳ୍ପକେ ହାତଛଡ଼ା କରିବାକୁ ପଡ଼ିଥିଲା। କୋଟିପତି ହେବା ପରେ ଏତେ ଟଙ୍କା ପାଇ କ’ଣ କରିବ ବୋଲି ଅମିତାଭ୍‌ଙ୍କ ପ୍ରଶ୍ନର ଉତ୍ତରରେ ଟାଡେ କହିଥିଲେ, ମୋବାଇଲ କିଣିବି, ସ୍ୱାମୀଙ୍କୁ ବିଦେଶ ବୁଲାଇବି। ସତରେ କେତେ ଚମତ୍କାର। ପରିଶ୍ରମ ଓ ପ୍ରଗାଢ ଇଚ୍ଛାଶକ୍ତି ଜଣକୁ କିପରି ଉପରକୁ ନେଇଯାଏ, ଏହାଥିଲା ଏକ ଜ୍ୱଳନ୍ତ ଉଦାହରଣ।

# ମିଜାଜ୍ ନିୟନ୍ତ୍ରଣ କରୁଛି ମୋବାଇଲ୍ ବ୍ୟାଟେରି




**ଲଣ୍ଡନ:** ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାରରେ ଅନେକ କାର୍ଯ୍ୟ ଖୁବ୍ ସହଜରେ ଓ କମ୍ ସମୟ ମଧ୍ୟରେ ହୋଇପାରୁଛି। ଟେକ୍ନୋଲୋଜି ମଣିଷକୁ ନିଜ ଅକ୍ତିଆରରେ ରଖିଥିବାବେଳେ ମୋବାଇଲ ଫୋନ୍ ବ୍ୟାଟେରି ଲୋକଙ୍କ ମିଜାଜ୍‌କୁ ନିୟନ୍ତ୍ରଣ କରୁଛି ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ଲଣ୍ଡନ ୟୁନିଭର୍ସିଟିର ମାର୍କେଟିଂ ଗବେଷକ ଥୋମାସ୍ ରବିନସନ ଓ ଫିନ୍‌ଲାଣ୍ଡର ଅଲ୍ଟୋ ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ, ଲୋକଙ୍କ ମନର ସ୍ଥିତି ମୋବାଇଲ ବ୍ୟାଟେରିର ଚାର୍ଜ ହିସାବରେ କାମ କରିଥାଏ। ବ୍ୟାଟେରି ଫୁଲ୍ ଚାର୍ଜ ଥିବା ଲୋକେ ଅଧିକ ସକ୍ରିୟ ରହୁଥିବା ବେଳେ କମ୍ ଚାର୍ଜ ଥିବା ଲୋକେ ଅବ୍ୟବସ୍ଥିତ ରହିଥାନ୍ତି। ଗବେଷକମାନେ ଲଣ୍ଡନର ୨୩ରୁ ୫୭ ବର୍ଷ ବୟସର ୨୨ ଜଣ ବ୍ୟକ୍ତିଙ୍କୁ ନେଇ ଏହି ଗବେଷଣା କରିଥିଲେ। ଏଥିରୁ ଜଣାପଡ଼ିଛି, ପ୍ରତିଦିନ ୬୦-୧୮୦ମିନିଟ୍ ସମୟ ଯାତ୍ରା କରୁଥିବା ବ୍ୟକ୍ତିମାନେ ମୋବାଇଲ ବ୍ୟାଟେରି ଚାର୍ଜ ହିସାବରେ ପହଞ୍ଚିବାକୁ ଚେଷ୍ଟା କରିଥାନ୍ତି। ଯଦି ଚାର୍ଜ ୫୦% ଥାଏ ତେବେ ବ୍ୟକ୍ତି ଜଣକ ଯଥାଶୀଘ୍ର ସମ୍ଭବ ଗନ୍ତବ୍ୟସ୍ଥଳରେ ପହଞ୍ଚି ବ୍ୟାଟେରୀ ଫୁଲ୍ ଚାର୍ଜ କରିବାକୁ ପସନ୍ଦ କରନ୍ତି। ଚାର୍ଜ କମ୍ ହେବା ଦ୍ୱାରା ଏହାକୁ ଜଲଦି ଚାର୍ଜ କରିବା ପାଇଁ ବ୍ୟକ୍ତି ଉତ୍ସାହିତ ହୋଇଥାନ୍ତି। ଯେଉଁମାନଙ୍କ ଫୋନ୍‌ରେ ଫୁଲ୍ ଚାର୍ଜ ଥାଏ, ସେମାନଙ୍କର ମନୋଭାବ ସକାରାତ୍ମକ ରହିଥାଏ। ସେହିପରି ବ୍ୟାଟେରି ଅଧା କିମ୍ବା ତା’ଠୁ କମ୍ ଥିଲେ ବ୍ୟକ୍ତିଙ୍କ ମନରେ ନକାରାତ୍ମକ ଭାବନା ଆସିଥାଏ। ଯେଉଁମାନଙ୍କ ମୋବାଇଲ ବ୍ୟାଟେରି ଚାର୍ଜ କମ୍ ରହିଥାଏ ସେମାନେ ସବୁବେଳେ ଅନ୍ୟମାନଙ୍କ ଉପରେ ନିର୍ଭର କରିଥାନ୍ତି ଏବଂ ନିଜ ଅସୁବିଧାକୁ ସାମନା କରିବାରେ ଅସଫଳ ହୋଇଥାନ୍ତି ବୋଲି ଗବେଷକ ରବିନସନ କହିଛନ୍ତି।

# ଧନ ସମ୍ପତ୍ତି ବଢ଼ିଲେ କମିଥାଏ ଭଲ ପାଇବା

**ଓହିଓ:** ଧନ ସମ୍ପତ୍ତି ବଢ଼ିଲେ ଭଲ ପାଇବା କମି କମି ଯାଇଥାଏ। ଉଭୟ ମହିଳା ଓ ପୁରୁଷଙ୍କ କ୍ଷେତ୍ରରେ ଏହା ଦେଖାଯାଇଥାଏ। ତେବେ ପୁରୁଷଙ୍କୁ ଏହା ଅଧିକ ପ୍ରଭାବିତ କରିଥାଏ। ଦାମ୍ପତ୍ୟ ସମ୍ପର୍କରେ ଧନୀ ତଥା ଆର୍ଥିକ ଦୃଷ୍ଟିରୁ ସକ୍ଷମ ଓ ସୁରକ୍ଷିତ ଥିବା ପୁରୁଷ ଦୀର୍ଘ ଦିନ ଧରି ବାନ୍ଧି ହୋଇ ରହିବାକୁ ପସନ୍ଦ କରି ନ ଥାନ୍ତି। ସେମାନେ ଜୀବନରେ ସାଥୀ ବଦଳାଇବାକୁ ପସନ୍ଦ କରିଥାନ୍ତି। ତେଣୁ ଦାମ୍ପତ୍ୟ ଜୀବନରେ ଭଲପାଇବାକୁ ସେମାନେ ବିଶେଷ ଗୁରୁତ୍ୱ ଦେଇ ନ ଥାନ୍ତି ବୋଲି ଓହିଓ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅପରପକ୍ଷରେ ଆର୍ଥିକ ସ୍ୱଚ୍ଛଳ ନ ଥିବା ପୁରୁଷମାନେ ଦାମ୍ପତ୍ୟ ସମ୍ପର୍କକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ସେମାନଙ୍କଠାରେ ସାଥୀ ବଦଳାଇବା କଷ୍ଟକର ହୋଇଥାଏ। ଧନିକ ପୁରୁଷ ନିଜ ଜୀବନରେ ବିଳାସ ସାମଗ୍ରୀକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି।



# ୫୧ ଟଙ୍କାରେ ଝିଅ ବାହାଘର

**ରାଞ୍ଚି:** ହଜାର କି ଶହେ ନୁହେଁ ୫୧ ଟଙ୍କାରେ ଝିଅ ବାହାଘର ହେଉଛି ରାଞ୍ଚିର ପାହାଡି ମନ୍ଦିରରେ। ଏହି ମନ୍ଦିରରେ ପୂଜା କରିବା ବ୍ୟୟବହୁଳ ହୋଇଥିବାବେଳେ ବାହାଘର ପୁରା କମ୍ ଖର୍ଚ୍ଚରେ କରାଯାଉଛି। ଅନ୍ତ୍ୟୋଦୟ ଓ ଲଲକାର୍ଡଧାରୀମାନଙ୍କୁ ଯେମିତି ସରକାରୀ ଯୋଜନାରୁ ଲାଭ ମିଳୁଛି ଠିକ ସେମିତି ପାହାଡି ମନ୍ଦିରରେ ବି ସୁବିଧା ମିଳୁଛି। ଅନ୍ତ୍ୟୋଦୟ ଓ ଲଲକାର୍ଡଧାରୀଙ୍କ ବିବାହ ଏଠାରେ ୨୦୨ ଟଙ୍କାରେ ହୋଇଯାଉଛି। ଏଥିପାଇଁ କନ୍ୟାପକ୍ଷ ୫୧ ଓ ବର ପକ୍ଷ ୧୫୧ଟଙ୍କା ସହଯୋଗ ରାଶି ଭାବେ ଦେବାକୁ ପଡୁଛି। ସାଧାରଣବର୍ଗଙ୍କ ପାଇଁ ୭୫୧ ଟଙ୍କା ଧାର୍ଯ୍ୟ କରାଯାଇଛି, ଯେଉଁଥିରେ କନ୍ୟା ପକ୍ଷ ଦିଅନ୍ତି ୨୫୧ ଟଙ୍କା। ପାହାଡି ମନ୍ଦିର ବିକାଶ ସମିତିର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଝାଡ଼ଖଣ୍ଡରେ ଏଭଳି ବ୍ୟବସ୍ଥା ପ୍ରଥମେ ଆରମ୍ଭ କରାଯାଇଛି।



# ପ୍ରଶ୍ନକୁ ନେଇ ଅଡୁଆରେ ସୋନାକ୍ଷୀ



**ମୁମ୍ବାଇ:** ବହୁ ଲୋକପ୍ରିୟ ଟିଭି ଶୋ କୌନ୍ ବନେଗା କରୋଡପତି(କେବିସି)ରେ ଏକ ସାଧାରଣ ପ୍ରଶ୍ନର ଉତ୍ତର ଦେଇ ନ ପାରି ଶତ୍ରୁଘ୍ନ ସିହ୍ନାଙ୍କ ତନୟା ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ସୋସିଆଲ ମିଡିଆରେ ଟ୍ରୋଲର ଶିକାର ହୋଇଛନ୍ତି। ପ୍ରଶ୍ନଟି ଯଦିଓ ଅତି ସାଧାରଣ ଓ ସରଳ ଥିଲା, କିନ୍ତୁ ସୋନାକ୍ଷୀଙ୍କ ପରିବାରର ସମସ୍ତଙ୍କ ନାମ ସହ ଏହାକୁ ଯୋଡ଼ି ସୋସିଆଲ ମିଡିଆରେ ଅନେକ ମିମ୍ସ ଦେଖିବାକୁ ମିଳିଛି। ଯେଉଁ କାରଣରୁ ଏବେ ସବୁଆଡ଼େ ସୋନାକ୍ଷୀଙ୍କ ସାଧାରଣ ଜ୍ଞାନକୁ ନେଇ ଚର୍ଚ୍ଚା। ଟ୍ରୋଲ ଏତେ କରାଗଲା ଯେ, ଶେଷରେ ଦବଙ୍ଗ୍ ଗର୍ଲ ସୋନାକ୍ଷୀ ନିଜ ପ୍ରତିକ୍ରିୟା ଦେବାକୁ ମଧ୍ୟ ବାଧ୍ୟ ହେଲେ। ପୂର୍ବରୁ ଆଲିୟା ଭଟ୍ଟଙ୍କ ଭଳି ଅନେକ ତାରକା ସର୍ବସମ୍ମୁଖରେ ନିଜ ସାଧାରଣ ଜ୍ଞାନର ପରିଚୟ ଦେଇଛନ୍ତି। ବିଗ୍ ବି ଅମିତାଭ୍ ବଚ୍ଚନଙ୍କ ଶୋ କେବିସି-୧୧ରେ ଆସିବା ସୋନାକ୍ଷୀଙ୍କୁ ମହଙ୍ଗା ପଡ଼ିଗଲା। ପୌରାଣିକ ଗାଥା ରାମାୟଣକୁ ନେଇ ଅତି ସାଧାରଣ ପ୍ରଶ୍ନର ଉତ୍ତର ଦେବାକୁ ତାଙ୍କୁ ଲାଇଫ୍ ଲାଇନ୍ ବ୍ୟବହାର କରିବାକୁ ପଡ଼ିଥିଲା। ତେବେ ବିଗ୍ ବିଙ୍କ ପ୍ରଶ୍ନ ଥିଲା, ହନୁମାନ୍ କାହା ପାଇଁ ସଞ୍ଜୀବନୀ ବୁଟି ଆଣିଥିଲେ ? ସୋନାକ୍ଷୀଙ୍କ ଉତ୍ତର ଥିଲା ରାମ। ପରେ ଏକ୍ସପର୍ଟଙ୍କ ସହାୟତାରେ ସୋନାକ୍ଷୀ ଜାଣିଲେ ଯେ ରାମ ନୁହେଁ ଅଚେତ ଲକ୍ଷ୍ମଣଙ୍କ ଚିକିତ୍ସା ପାଇଁ ହନୁମାନ ସଞ୍ଜୀବନୀ ବୁଟି ଆଣିଥିଲେ। ତେବେ ଏହି ପ୍ରଶ୍ନର ଉତ୍ତର ଦେବାରେ ଅସମର୍ଥ ସୋନାକ୍ଷୀଙ୍କ ପରିବାର ସହ ଏହା ଯୋଡ଼ି ସୋସିଆଲ ମିଡିଆରେ ତାଙ୍କୁ ପ୍ରବଳ ଟ୍ରୋଲ କରାଗଲା। କାରଣ ଜାଣିଲେ ଆପଣ ମଧ୍ୟ ନିଜ ହସକୁ ରୋକି ପାରିବେ ନାହିଁ। ସବୁଠାରୁ ମଜାଦାର ବିଷୟଟି ହେଲା, ରାମାୟଣକୁ ନେଇ ଏଭଳି ସରଳ ପ୍ରଶ୍ନର ଉତ୍ତର ଦେଇପାରି ନ ଥିବା ସୋନାକ୍ଷୀ ସିହ୍ନାଙ୍କ ବାପାଙ୍କ ନାମ- ଶତ୍ରୁଘ୍ନ ସିହ୍ନା, ଦାଦାଙ୍କ ନାମ- ରାମ ସିହ୍ନା, ଲକ୍ଷ୍ମଣ ସିହ୍ନା ଓ ଭରତ ସିହ୍ନା, ଭାଇଙ୍କ ନାମ- ଲବ ଓ କୁଶ ଏବଂ ତାଙ୍କ ବଙ୍ଗଳାର ନାମ ମଧ୍ୟ ରାମାୟଣ। ବାସ୍ ଏହି କାରଣରୁ ଦବଙ୍ଗ ଗର୍ଲ ସୋନାକ୍ଷୀଙ୍କୁ ସୋସିଆଲ ମିଡିଆରେ ପ୍ରବଳ ଟ୍ରୋଲ କରାଗଲା।

# କ୍ୟାନ୍‌ସର ପୀଡ଼ିତଙ୍କ ଇଚ୍ଛାଶକ୍ତି ବଢ଼ାଏ ରୋଜ୍ ଡେ’

**ଟରେଣ୍ଟୋ:** କାନାଡାର ୧୨ ବର୍ଷୀୟ ବାଳକ ମେଲିଣ୍ଡା ରୋଜ୍ କ୍ୟାନସର ଆକ୍ରାନ୍ତଙ୍କ ଓଠରେ ହସ ଟିକିଏ ଫୁଟାଇବା ପାଇଁ ଯେଉଁ ପ୍ରୟାସ କରିଥିଲେ, ତାହା ସ୍ମରଣୀୟ ହୋଇ ରହିଛି। ମେଲିଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୨ରେ ୱାର୍ଲ୍ଡ ରୋଜ୍ ଡେ’ କ୍ୟାନ୍‌ସର ରୋଗୀଙ୍କ ପାଇଁ ପାଳନ କରାଯାଉଛି। ମେଲିଣ୍ଡାଙ୍କୁ ଅକ୍କିନସ୍ ଟ୍ୟୁମର ହୋଇଥିବା ଜଣାପଡିଥିଲା। ବ୍ଲଡ୍ କ୍ୟାନ୍‌ସରର ଏଭଳି ଅବସ୍ଥା ଖୁବ୍ କମ୍ ଦେଖାଯାଏ, ଯେଉଁଥିରେ ସେ ମାତ୍ର ଦୁଇ ସପ୍ତାହ ବଞ୍ଚିବେ ବୋଲି ଡକ୍ଟର କହିଥିଲେ। କିନ୍ତୁ ସେ ଛଅ ସପ୍ତାହ ବଞ୍ଚିଥିଲେ। ମୃତ୍ୟୁ କେତେବେଳେ ଆସିବ ତାହା ତାଙ୍କ ମନକୁ ଛୁଇଁ ନଥିଲା। କିନ୍ତୁ ସେ କୌଣସି ମୁହୂର୍ତ୍ତକୁ ବେକାର ଯିବାକୁ ନଦେଇ ଅନ୍ୟ କ୍ୟାନ୍‌ସର ରୋଗୀ ତଥା ତାଙ୍କ ଯତ୍ନ ନେଉଥିବା ବ୍ୟକ୍ତିଙ୍କ ପାଖରେ ପହଞ୍ଚି ଯାଉଥିଲେ। ସେମାନଙ୍କୁ କବିତା, ଚିଠି ଏବଂ ଇ-ମେଲ ଇତ୍ୟାଦି ଦେଇ ଖୁସି କରି ଉତ୍ସାହିତ କରିପାରିଥିଲେ। କ୍ୟାନ୍‌ସର ରୋଗୀଙ୍କ ଠାରୁ ଦୂରେଇ ନ ଯାଇ ତାଙ୍କ ସହ ସମୟ କାଟିଲେ ତାହା ରୋଗୀମାନଙ୍କ ପାଇଁ କେତେ ଯେ ଲାଭଦାୟକ ତାହା ଜଣାଇ ଦେଇଥିଲେ ମିଲିଣ୍ଡା। ଜଣଙ୍କର ପ୍ରିୟ ବ୍ୟକ୍ତି ଯଦି କ୍ୟାନ୍‌ସରରେ ପୀଡିତ ହୋଇଥିବା ଜଣାପଡେ ତେବେ ବନ୍ଧୁବାନ୍ଧବ, ପରିବାର ଲୋକ ଏବଂ ଶୁଭାକାଂକ୍ଷୀମାନେ ରୋଗୀଙ୍କ ପାଖରେ ପହଞ୍ଚିବା ଓ ସତ୍ୟକୁ ପ୍ରକାଶ କରିବା କଷ୍ଟଦାୟକ ହୋଇପଡେ। କିନ୍ତୁ ଏଭଳି କଠିନ ସମୟରେ ସେମାନଙ୍କଠାରୁ ଦୂରେଇ ରହିଲେ ରୋଗୀମାନେ ଏକୁଟିଆ ଅନୁଭବ କରନ୍ତି। ଏଣୁ ଯେତେସମ୍ଭବ ରୋଗୀଙ୍କ ପାଖରେ ରୁହନ୍ତୁ। ତାଙ୍କ ପାଖରେ ରହି ତାଙ୍କ କଥା ଶୁଣନ୍ତୁ। ସକାରାତ୍ମକ ଭାବନା ସେମାନଙ୍କ ମନରେ ଆଣନ୍ତୁ। ‘ମୁଁ ଏବେ ଜଣଙ୍କୁ ଜାଣିଛି, ଯେ କି କ୍ୟାନସରରୁ ଭଲ ହୋଇଛନ୍ତି’ ବୋଲି ତାଙ୍କ ପାଖରେ ପ୍ରକାଶ କଲେ ସେମାନଙ୍କ ମାନସିକ ସ୍ତରରେ ଅନେକ ପରିବର୍ତ୍ତନ ଆସିବ। ‘କ୍ୟାନ୍‌ସର ଏବେ ଭଲ ହୋଇଯାଉଛି ଓ ତୁମେ ବି ଶୀଘ୍ର ଭଲ ହୋଇଯିବ’-ଏହି କଥା ଶୁଣିଲେ ସେମାନଙ୍କ ମନରେ ଏକ ଆଶା ଉଜ୍ଜୀବିତ ହେବ। କ୍ୟାନ୍‌ସରକୁ ମୁକାବିଲା କରିବା ପାଇଁ ଏକ ଦୃଢ ଇଚ୍ଛାଶକ୍ତି ଓ ମନବଳ ପୀଡିତଙ୍କଠାରେ ବୃଦ୍ଧି କରିବା ବିଶ୍ୱ ଗୋଲାପ ଦିବସର ଲକ୍ଷ୍ୟ । ଏହା କେବଳ ରୋଗୀମାନଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ପାଳନ କରାଯାଉଛି ତାହା ନୁହେଁ, କ୍ୟାନସରକୁ କେମିତି ରୋକିହେବ ତାହା ଉପରେ ବି ଗୁରୁତ୍ୱ ଦିଆଯାଉଛି। ଗୋଲାପ ଦିବସରେ ଆୟୋଜିତ ବିଭିନ୍ନ ସଚେତନାଭିତ୍ତିକ କାର୍ଯ୍ୟକ୍ରମ ବି ସାଧାରଣ ଲୋକମାନଙ୍କୁ କ୍ୟାନସର ପ୍ରତି ସତର୍କ ରହିବା ପାଇଁ ବାର୍ତ୍ତା ଦେଇଥାଏ। ୨୦୧୮ରେ କରାଯାଇଥିବା ଏକ ଆକଳନରୁ ଜଣାପଡେ ଯେ, ବିଶ୍ୱରେ ୧.୮ କୋଟି କ୍ୟାନସର ପୀଡିତ ରହିଛନ୍ତି ଓ ଏହା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଭାରତରେ ଏବେ ୨୩ ଲକ୍ଷ କ୍ୟାନସର ପୀଡିତ ରହିଛନ୍ତି। ୨୬ ବର୍ଷ ତଳେ ଭାରତରେ କ୍ୟାନସର ରୋଗୀଙ୍କ ସଂଖ୍ୟା ଯାହାଥିଲା ତାହା ଏବେ ଦୁଇ ଗୁଣ ଟପିଗଲାଣି। ଏଭଳି ଏକ ପରିସ୍ଥିତିରେ ପୂରା ବିଶ୍ୱ ତଥା ଭାରତରେ ଗୋଲାପ ଦିବସ କ୍ୟାନସର ପୀଡିତଙ୍କ ପାଇଁ ପାଳନ କରାଯିବାର ଗୁରୁତ୍ୱ ବହନ କରେ। ଏହି ଦିବସରେ ଆମମାନଙ୍କ ସହଯୋଗ ସେମାନଙ୍କୁ ଆରାମ ଦିଏ। ଜଣା କିମ୍ବା ଅଜଣା ବ୍ୟକ୍ତିଙ୍କଠାରୁ ହାତ ତିଆରି ଗୋଲାପ,କାର୍ଡ ଓ ଉପହାର ସେମାନେ ପାଇବା ଦ୍ୱାରା ସେମାନଙ୍କ ମନ ଭାରାକ୍ରାନ୍ତ ନହୋଇ ଟିକେ ହାଲ୍‌କା ହୋଇଯାଏ। ଆମେ କ୍ୟାନସର ରୋଗୀଙ୍କ ମନବଳ ବଢାଇବା ସହ ନିଜେ କେମିତି ଏହି ରୋଗର ପଞ୍ଝାରେ ନପଡିବା ସେଥିପାଇଁ ଆମ ଜୀବନଶୈଳୀ ଉପରେ ବି ନଜର ରଖିବାକୁ ସନ୍ଦେଶ ଦିଏ ଏହି ଦିବସ। ଏଥର କ୍ୟାନସର ପୀଡିତଙ୍କ ପ୍ରତି ତାଙ୍କ ସମର୍ଥନ ଜାହିର କରିବା ପାଇଁ ଆଗକୁ ଆସିଛନ୍ତି ବଲିଉଡ ଅଭିନେତା ଅର୍ଜୁନ କପୁର। ସେ ବାନ୍ଦ୍ରା-ବଲି ସମୁଦ୍ର ସେତୁକୁ ଆଲୋକରେ ସଜାଇବାର ଯୋଜନା କରିଛନ୍ତି।





ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ ତାଙ୍କୁ ଭକ୍ତ କୁହାଯାଏ।
ସନ୍ଥ ତୁଳସୀଦାସ



## ସଂକ୍ଷେପରେ

### ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଉପଦେଷ୍ଟା ଦାୟିତ୍ୱ ନେଲେ ଜନ୍ମେଜୟ ଲେଙ୍କା

ଭୁବନେଶ୍ୱର, ୨୧।୯ (ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନବନିଯୁକ୍ତ ଉପଦେଷ୍ଟା ଜନ୍ମେଜୟ ଲେଙ୍କା ଶନିବର ଦାୟିତ୍ୱ ଗ୍ରହଣ କରଛନ୍ତି। ଏଥିସହିତ ସଂସ୍କୃତି ନିର୍ଦ୍ଦେଶାଳୟ 'ସଂସ୍କୃତି ଭବନ' ପରିଦର୍ଶନ କରିଛନ୍ତି। ଏହିଠାରେ ଲେଙ୍କାଙ୍କର କାର୍ଯ୍ୟାଳୟ ରହିବ। ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଉପଦେଷ୍ଟା ଲେଙ୍କାଙ୍କୁ ସ୍ୱାଗତ ଜଣାଇବା ସହିତ ବିଭାଗ ଅଧୀନରେ ଥିବା ସମସ୍ତ ଏକାଡେମୀ, ସଂଗ୍ରହାଳୟ, ରାଜ୍ୟ ଅଭିଲେଖାଗାର, ପ୍ରତ୍ନତତ୍ତ୍ୱ ବିଭାଗ, ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାର ଆଦି ସମ୍ପର୍କରେ ସୂଚନା ଦେଇଥିଲେ। ଲେଙ୍କା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମେତ କଳା ସଂସ୍କୃତି ସଂଘ, ଲୋକକଳା ଉତ୍ସବ ସଂକ୍ରାନ୍ତରେ ଅବଗତ ହୋଇଥିଲେ। ଦାୟିତ୍ୱ ଗ୍ରହଣ ଓ ସ୍ୱାଗତ ପର୍ବ କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଯୁଗ୍ମ ଶାସନ ସଚିବ ତଥା ଯୁଗ୍ମ ନିର୍ଦ୍ଦେଶକ ସଂଘମିତ୍ରା ଶତପଥୀ, ଯୁଗ୍ମ ସଚିବ ଲିପ୍‌ସା ଦାସ, ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା, କଳା ସଂସ୍କୃତି ସଂଘ ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

### ଦିବ୍ୟାଙ୍ଗ ଯୁବତୀଯୁବକଙ୍କୁ ଭିନ୍ନକ୍ଷମ ଭତ୍ତା ଦାବି

ଭୁବନେଶ୍ୱର, ୨୧।୯ (ବ୍ୟୁରୋ): ରାଜ୍ୟର ହଜାର ହଜାର ଦିବ୍ୟାଙ୍ଗ ଯୁବତୀଯୁବକ ବିନା ଜୀବିକାରେ ଜୀବନ ଅତିବାହିତ କରୁଛନ୍ତି। ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ଅଧିକାର ଆଇନ ୨୦୧୬ର ଧାରା ୨୪ର ଉପଧାରା ୩ ଓ ଉପଖଣ୍ଡ ଏଚ୍‌ରେ ଲିଖିତ ଅଛି ଯେ, ଯଦି କୌଣସି ଦିବ୍ୟାଙ୍ଗ ତାଙ୍କ ନାମ ପଞ୍ଜୀକରଣ କରିବାର ୨ ବର୍ଷରୁ ଉର୍ଦ୍ଧ୍ୱ ଅତିକ୍ରମ କଲା ପରେ ବି ବୃତ୍ତି ନ ପାଏ ତେବେ ତାଙ୍କୁ ବେକାରୀ ଭତ୍ତା ଯୋଗାଇ ଦିଆଯିବ। ହେଲେ ଏଯାବତ୍ ସରକାର ଏ ନେଇ କିଛି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଫଳରେ ରାଜ୍ୟର ବହୁ ଦିବ୍ୟାଙ୍ଗ ଦୟନୀୟ ଅବସ୍ଥାରେ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି ବୋଲି ସତ୍ୟଭାମା ଟ୍ରଷ୍ଟ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ପ୍ରକାଶ କରାଯାଇଛି। ଶନିବାର ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ନିରୋଜାଲକ୍ଷ୍ମୀ ମହାପାତ୍ର ଏ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ଏକ ପତ୍ର ଲେଖିଛନ୍ତି। ସେ କହିଛନ୍ତି, ରାଜ୍ୟର ଆର୍ଥିକ ଅବସ୍ଥା ଠିକ୍ ନ ଥିବା କହି ରାଜ୍ୟ ସରକାର ଦିବ୍ୟାଙ୍ଗମାନଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରୁଛନ୍ତି। ଆର୍ଥିକ ସ୍ଥିତାବସ୍ଥାର ଦ୍ୱାହି ଦେଇ କୌଣସି ବ୍ୟକ୍ତିଙ୍କୁ ବଞ୍ଚିତ କରାଯାଇ ପାରିବ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଥିବା ବେଳେ ସରକାର ଖୋଲାଖୋଲି ଭାବେ ନ୍ୟାୟାଳୟଙ୍କ ଆଦେଶର ଉଲ୍ଲଂଘନ କରୁଛନ୍ତି। ଏହି ସମସ୍ୟା ଉପରେ ତୁରନ୍ତ ଦୃଷ୍ଟି ପକାଇ ଭିନ୍ନକ୍ଷମମାନଙ୍କୁ ବେକାରି ଭତ୍ତା ପ୍ରଦାନ କରିବା ଲାଗି ସେ ଅନୁରୋଧ କରିଛନ୍ତି।

### ମାଇକ୍ରୋ ଏଟିଏମ୍‌ର ଶୁଭାରମ୍ଭ

ବାଲିଅନ୍ତା, ୨୧।୯ (ଡି.ଏନ.ଏ): ଖୋର୍ଦ୍ଧା ସମବାୟ ବ୍ୟାଙ୍କର ବାଲିଅନ୍ତା ଶାଖା ପରିସରରେ ଶନିବାର ମାଇକ୍ରୋ ଏଟିଏମର ଶୁଭାରମ୍ଭ ହୋଇଛି। ବାଲିଅନ୍ତା, ବାଲିପାଟଣା ଓ ଭୁବନେଶ୍ୱର ବ୍ଲକର ୧୦ଟି ପ୍ରାଥମିକ ସେବା ସମବାୟ ସମିତିକୁ ଏହି ଏଟିଏମର ମେଶିନ ବଣ୍ଟନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ସମସ୍ତ ୧୫୭ଟି ସମିତିକୁ ଏହି ଏଟିଏମ ମେଶିନ ପ୍ରଦାନ କରାଯିବ ବୋଲି ସଭାପତି ପ୍ରଶାନ୍ତ କୁମାର ଦାସ କହିଛନ୍ତି। ଏହି ମାଇକ୍ରୋ ଏଟିଏମ ଦ୍ୱାରା ସମିତିର ଚାଷୀ ଓ ଗ୍ରାହକଙ୍କୁ ଘର ପାଖରେ ଋଣ ବାବଦ ଅର୍ଥ ପ୍ରଦାନ, ଆଦାୟ ଓ ଜମା ସଂଗ୍ରହ ହୋଇପାରିବ।

### ଉପଜିଲାପାଳଙ୍କ '୫-ଟି' କାର୍ଯ୍ୟକ୍ରମର ସମୀକ୍ଷା

ବାଲକାଟୀ, ୨୧।୯ (ଡି.ଏନ.ଏ): ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପ ଶାସନ ପଞ୍ଚାୟତର ଜ୍ଞାନଦେବୀ କଲ୍ୟାଣ ମଣ୍ଡପରେ ଶନିବାର ମୁଖ୍ୟମନ୍ତ୍ରୀଙ୍କ '୫-ଟି' କାର୍ଯ୍ୟକ୍ରମର ସମୀକ୍ଷା ହୋଇଯାଇଛି। ଉପଜିଲାପାଳ ଶୁଭେନ୍ଦୁ କୁମାର ସାହୁ, ବାଲିଅନ୍ତା ବ୍ଲକ ବିଡିଓ ରଶ୍ମିରେଖା ପ୍ରଧାନ, ଅତିରିକ୍ତ ବିଡିଓ ରମାକାନ୍ତ ସାହୁ, ସରପଞ୍ଚ ଭାଗ୍ୟଧର ନନ୍ଦୀଙ୍କ ସମେତ ବିଭିନ୍ନ ବିଭାଗର ଦାୟିତ୍ୱରେ ଥିବା ଅଧିକାରୀମାନେ ଉପସ୍ଥିତ ରହି ଏହାର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ୧୮୦ଜଣ ଲୋକ ଉପସ୍ଥିତ ଥିବାବେଳେ ସେମାନଙ୍କ ମଧ୍ୟରୁ ୩୮ ଜଣ ଅଭିଯୋଗ ଉପସ୍ଥାପନ କରିଥିଲେ।

## ରେଳ ଷ୍ଟେଶନରେ ନାଁକୁ ମାତ୍ର ପ୍ଲାଷ୍ଟିକ ବର୍ଜନ ଶପଥ

# ବ୍ୟବହାର ହେଉନି କ୍ରସିଂ ମେଶିନ

ଭୁବନେଶ୍ୱର, ୨୧।୯ (ବ୍ୟୁରୋ)

ଟ୍ରେନ୍, ଷ୍ଟେଶନ ପରିସର ଓ କାର୍ଯ୍ୟାଳୟରେ ପ୍ଲାଷ୍ଟିକ ବ୍ୟବହାରକୁ ନିଷିଦ୍ଧ କରିଛି ରେଳ ବିଭାଗ। ୨୧ ଅଗଷ୍ଟରେ ରେଲ୍‌ୱେ ବୋର୍ଡ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବାବେଳେ କିଛି ଷ୍ଟେଶନକୁ ପ୍ଲାଷ୍ଟିକମୁକ୍ତ ଘୋଷଣା କରାଯାଇଛି। ଆଗକୁ ସମସ୍ତ ଷ୍ଟେଶନରେ ପ୍ଲାଷ୍ଟିକ ପାଣି ବୋତଲ କ୍ରସିଂ ମେଶିନ ଲଗାଇବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ବେଳେ ବିଭିନ୍ନ ସମୟରେ ପ୍ଲାଷ୍ଟିକ ବର୍ଜନ ପାଇଁ କର୍ମଚାରୀଙ୍କୁ ଶପଥପାଠ କରାଯାଉଛି। କିନ୍ତୁ ଏଥିପ୍ରତି କେହି ଆଗ୍ରହ ପ୍ରକାଶ କରୁ ନ ଥିବାରୁ ଏହାର କିଛି ବି ସୁଫଳ ମିଳିପାରୁନି। ଅନ୍ୟପକ୍ଷେ ସଚେତନତା ଅଭାବରୁ ଭୁବନେଶ୍ୱର ରେଳ ଷ୍ଟେଶନରେ ଲାଗିଥିବା ପ୍ଲାଷ୍ଟିକ ବୋତଲ କ୍ରସିଂ ମେଶିନ କୌଣସି କାର୍ଯ୍ୟରେ ଆସିପାରୁନି। ଷ୍ଟେଶନରର ପ୍ଲାଟଫର୍ମ ନଂ.୧ ଓ ନଂ. ୬ରେ ଦୁଇଟି କ୍ରସିଂ ମେଶିନ ଲଗାଯାଇଛି। ଏହା କିଛି ଦିନ ପର୍ଯ୍ୟନ୍ତ ଠିକ୍ ଚାଲିଥିଲା। ଲୋକଙ୍କୁ ସଚେତନତା ସହ ପ୍ରୋତ୍ସାହିତ କରାଯାଉଥିଲା। କ୍ରସିଂ ମେଶିନରେ ବୋତଲ ପକାଇବା ଲାଗି ଯାତ୍ରୀଙ୍କୁ



ବୋତଲ କ୍ରସିଂ ମେଶିନ।



ମେଶିନରେ ନ ପଡି ଡଷ୍ଟବିନରେ ପଡିଥିବା ପ୍ଲାଷ୍ଟିକ ବୋତଲ।

ଉତ୍ସାହିତ କରିବାକୁ ଯାତ୍ରୀଙ୍କୁ ମୋବାଇଲ ଟକ୍‌ଟାଇମ ମିଳୁଥିଲା। ଏବେ ନା ସଚେତନତା ଅବା ପ୍ରୋତ୍ସାହନ ସବୁକିଛି ବନ୍ଦ। ଏଥିସହ ପ୍ରାୟତଃ ବନ୍ଦ ହୋଇଯାଇଛି ମେଶିନ ବ୍ୟବହାର। କାରଣ ଯାତ୍ରୀମାନେ ଏହି କ୍ରସିଂ ମେଶିନ ବିଷୟରେ ସମ୍ପୂର୍ଣ୍ଣ ଅଜଣା ରହିଥିବା ଜାଣିବାକୁ ମିଳିଛି।

ସୂଚନାଯୋଗ୍ୟ, କ୍ରସିଂ ମେଶିନରେ ୨ ଲିଟର ପର୍ଯ୍ୟନ୍ତ ପ୍ଲାଷ୍ଟିକ ବୋତଲ ପକାଇଲେ ତାହା ଗୁଣ୍ଡ ହୋଇଯାଇଥାଏ। ପରେ ଏଥିରୁ ଲମ୍ବା ସମୟ ପର୍ଯ୍ୟନ୍ତ ବ୍ୟବହାର ହୋଇପାରୁଥିବା ପ୍ଲାଷ୍ଟିକ ସାମଗ୍ରୀ ଓ ଟି-ଶାର୍ଟ ପ୍ରସ୍ତୁତ କରାଯାଏ। ଭୁବନେଶ୍ୱର ରେଳ ଷ୍ଟେଶନର ପ୍ଲାଟଫର୍ମ.୧ରେ ଥିବା ମେଶିନଟି ଅଧିକାଂଶ ସମୟ ଅଚଳ ହୋଇଯାଉଛି। ଗତ ସୋମବାର ମେଶିନ ମରାମତି ହୋଇଥିବାବେଳେ ଶୁକ୍ରବାରଠାରୁ ପୁଣି ଖରାପ ହୋଇଛି। ମେଶିନ ଚାଲୁଛି, କିନ୍ତୁ ବୋତଲ ପକାଇଲେ ଭିତରକୁ ଯାଉନି। ମେଶିନ ଅଚଳ ହୋଇପଡିଥିବା ନେଇ କୋଚିଙ୍ଗ ଡିପୋ ଅଫିସର ସାକ୍ୟ ଆଚାର୍ଯ୍ୟ

> ■ ସଚେତନତା ଅଭାବ, ମିଳୁନି ଟକ୍‌ଟାଇମ
>
> ■ ଜାଣିପାରୁ ନାହାନ୍ତି ଯାତ୍ରୀ, ଡଷ୍ଟବିନରେ ବୋତଲ

ଜାଣି ନ ଥିବା କହିବା ସହ ଷ୍ଟେଶନ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି ବୋଲି ସଫେଇ ଦେଇଛନ୍ତି। ସେହିପରି ପ୍ଲାଟଫର୍ମ ନଂ.୬ରେ ଥିବା ମେଶିନ ମଧ୍ୟ ଖରାପ ହୋଇପଡ଼ିଛି। ବୋତଲ ପକାଇବାମାତ୍ରେ ମେଶିନରୁ ଜୋର୍‌ରେ କର୍କଶ ଶବ୍ଦ ବାହାରୁଛି। ଫଳରେ ଯାତ୍ରୀମାନେ ଭୟଭୀତ ହୋଇପଡୁଛନ୍ତି। ଜଣେ ବୋତଲ ପକାଇମାତ୍ରେ ଶବ୍ଦଶୁଣି ଆଖପାଖରେ ଥିବା ଯାତ୍ରୀ କ'ଣ ହେବା ଭାବି ସେଠାକୁ ଦୌଡୁଥିବା ଦେଖିବାକୁ ମିଳୁଛି। ୬ମାସ ହେବ ମେଶିନଟି ସ୍ଥାପନ ହେବା ସତ୍ତ୍ୱେ ଏଯାଏ ଲୋକେ ଜାଣି ନ ପାରି ପାଣି ଓ ଅନ୍ୟ ବୋତଲ କିମ୍ବା ପ୍ଲାଷ୍ଟିକକୁ ଡଷ୍ଟବିନ୍ ଏବଂ ଏଠିସେଠି ଫିଙ୍ଗୁଛନ୍ତି। ଅନ୍ୟପକ୍ଷରେ ୧.୮ କିଲୋୱାଟର ମେଶିନଗୁଡ଼ିକ ୨୪ ଘଣ୍ଟା ଧରି ଚାର୍ଜ ହୋଇ ଅଯଥା ଅର୍ଥ ଓ ଶକ୍ତି ଅପଚୟ ହେଉଛି। ଏପରିସ୍ଥିତିରେ ରେଲ୍‌ୱେର ପ୍ଲାଷ୍ଟିକମୁକ୍ତ ଷ୍ଟେଶନ ଅଭିଯାନର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଆଶିଷ ଗଡ଼ନାୟକ, ସ୍ୱାଗତିକା ସ୍ୱାଇଁ ପାଇବେ 'ଟାଇମ୍‌ପାସ୍ ବୁକର୍ ପୁରସ୍କାର'





ଭୁବନେଶ୍ୱର, ୨୧।୯ (ବ୍ୟୁରୋ)

ଯୁବ ଲେଖକମାନଙ୍କୁ ଉତ୍ସାହିତ କରିବା ପାଇଁ ଓଡ଼ିଶାର ଉଚ୍ଚାଭିଳାଷୀ ପ୍ରକାଶନ ସଂସ୍ଥା 'ଟାଇମପାସ୍' ପକ୍ଷରୁ ପ୍ରତିବର୍ଷ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାଜନକ 'ଟାଇମ୍‌ପାସ୍ ବୁକର୍ ପୁରସ୍କାର'ର ବିଜେତାଙ୍କ ନାମ ଶନିବାର ଘୋଷଣା କରାଯାଇଛି। ଗଳ୍ପ ପାଣ୍ଡୁଲିପି 'କ୍ରୁଶ' ପାଇଁ କଥାକାର ଆଶିଷ ଗଡ଼ନାୟକ ୨୦୧୮ ମସିହାର ଟାଇମ୍‌ପାସ୍ ବୁକର୍ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବାବେଳେ ଉପନ୍ୟାସ ପାଣ୍ଡୁଲିପି 'ସ୍ୱପ୍ନର ଶହେ ବର୍ଷ' ପାଇଁ ଗାଳ୍ପିକା ସ୍ୱାଗତିକା ସ୍ୱାଇଁ ୨୦୧୯ ମସିହା ଲାଗି ମନୋନୀତ ହୋଇଛନ୍ତି। ଲେଖକ ଦ୍ୱୟଙ୍କ ପୁରସ୍କୃତ ପାଣ୍ଡୁଲିପିକୁ ପ୍ରକାଶନ ସଂସ୍ଥା ପକ୍ଷରୁ ପୁସ୍ତକ ଆକାରରେ ପ୍ରକାଶିତ ହେବା ସହ ଉଭୟଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରାଯାଇ ସମ୍ମାନିତ କରାଯିବ। ଏଥିସହିତ ଛଅ ଜଣଙ୍କୁ ଟାଇମ୍‌ପାସ୍ ବେଷ୍ଟସେଲର୍ ପୁରସ୍କାର ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ଗଳ୍ପ ସଙ୍କଳନ 'କାଠ' ପାଇଁ ଅମିୟ ବେଜ୍ ଓ 'ମୁଠାଏ ଅଙ୍ଗାର' ପାଇଁ ବିଚିତ୍ର ବିଶ୍ୱାଳ, କବିତା ସଙ୍କଳନ 'ଝଡ଼ପକ୍ଷୀର ଗୀତ' ପାଇଁ ଶର୍ମିଷ୍ଠା ସାହୁ ଓ 'ଏ ସମ୍ପର୍କ ଏମିତି' ପାଇଁ ସୂର୍ଯ୍ୟସ୍ନାତ ତ୍ରିପାଠୀ, ଉପନ୍ୟାସ 'ଅପରାଜିତା' ପାଇଁ ପ୍ରଜ୍ଞାପ୍ରର୍ବିକା ଦାଶ ଏବଂ ଅନୁବାଦ ପୁସ୍ତକ 'ସେମାନଙ୍କ ଶ୍ରେଷ୍ଠ ଗଳ୍ପ' ପାଇଁ କିଶୋର ପାଣିଗ୍ରାହୀ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏତଦ୍ ବ୍ୟତୀତ ବହି ସହ ଗଭୀର ସମ୍ପୃକ୍ତି ପାଇଁ ପ୍ରଦାନ କରାଯାଉଥିବା 'ଟାଇମ୍‌ପାସ୍ ବହିବନ୍ଧୁ ସମ୍ମାନ' ପୁସ୍ତକପ୍ରିୟ ତାପସ ରାଉତ ପାଇବେ। ଆସନ୍ତା ଅକ୍ଟୋବର ୨୦ ତାରିଖରେ ଟାଇମ୍‌ପାସ୍ ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଦିବସବ୍ୟାପୀ ସାହିତ୍ୟ ଉତ୍ସବରେ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଓଡ଼ିଶା ତଥା ରାଜ୍ୟ ବାହାରର ଯଶସ୍ୱୀ ଲେଖକଗଣ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ସରୋଜ ବଳ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

## ନ୍ୟାୟ ଦେଲାନି ନିଆଳି ଥାନା ପୋଲିସ

# ନବୀନ ନିବାସ ଆଗରେ ଯୁବକଙ୍କ ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର, ୨୧।୯ (ବ୍ୟୁରୋ)

ନ୍ୟାୟ ଦେଲା ନାହିଁ ପୋଲିସ। ନିଆଳି ଥାନାକୁ ବାରମ୍ବାର ଦୌଡି ନିରାଶ ହେବାପରେ ଶେଷରେ ଯୁବକ ଜଣକ ଶନିବାର ସକାଳେ ନବୀନ ନିବାସ ସମ୍ମୁଖରେ ପହଞ୍ଚିଥିଲେ। ସେ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରୁଥିବାବେଳେ ପୋଲିସ ତାଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ଘଟଣା ସମ୍ପର୍କରେ ପଚାରି ବୁଝିବା ପରେ ବୁଝାଶୁଝା କରି ଛାଡ଼ିଥିଲା।

ଯୁବକ ଜଣକ ହେଲେ ନିଆଳି ଥାନା ପହଙ୍ଗା ଗ୍ରାମର ରଘୁନାଥ ଓଝା। ନିଆଳି ଥାନା ଅନ୍ତର୍ଗତ ପହଙ୍ଗା ଗ୍ରାମରେ ରଘୁନାଥ ପରିବାର ସହ ରୁହନ୍ତି। ଗତ



୧ ତାରିଖରେ ଗ୍ରାମର କେତେଜଣ ବ୍ୟକ୍ତି ତାଙ୍କୁ ମରଣାନ୍ତକ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ଏନେଇ ସେ ନିଆଳି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କୁ ନିଆଳି ମେଡିକାଲ ଓ ପରେ କଟକ ବଡ଼ମେଡିକାଲ ନେଇ ଚିକିତ୍ସା କରି ଛାଡ଼ିଥିଲା। ହେଲେ ଅକ୍ରମଣକାରୀଙ୍କ ଉପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ରଘୁନାଥ ଅଭିଯୋଗ କରିଛନ୍ତି। ଏନେଇ ସେ ନିଆଳି ଥାନା, ଏସ୍‌ଡିପିଓ ଅଡ଼ସପୁର, କଟକ ଗ୍ରାମାଞ୍ଚଳ ଏସ୍‌ପି ଓ ପୋଲିସ ଡିଜିଙ୍କୁ ଭେଟି ଅଭିଯୋଗ କରିଥିଲେ ମଧ୍ୟ କିଛି ବି ସୁଫଳ ମିଳି ନ ଥିଲା। ଫଳରେ ଅଭିଯୁକ୍ତମାନେ ତାଙ୍କ ସହ ପରିବାର ଲୋକଙ୍କୁ ହତ୍ୟା ଧମକ ଦେଉଛନ୍ତି। ତେଣୁ ସେ ବାଧ୍ୟ ହୋଇ ନ୍ୟାୟ ପାଇଁ ନବୀନ ନିବାସ ଆଗରେ ଆତ୍ମାହୁତି ଉଦ୍ୟମ କରିଥିବା ରଘୁନାଥ କହିଛନ୍ତି। ତେବେ ଘଟଣା ସଂକ୍ରାନ୍ତରେ ଥାନାଧିକାରୀଙ୍କ ମତାମତ ମିଳିପାରିନି।





ଓଡ଼ିଶା ପିସ୍ ନେଟୱର୍କ (ଓପିଏନ) ପକ୍ଷରୁ ଶନିବାର ପ୍ରେସ୍ କ୍ଲବଠାରେ ଆୟୋଜିତ ବିଶ୍ୱ ଶାନ୍ତି ଦିବସ ଅବସରରେ ଯୋଗଦେଇଥିବା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ଅନ୍ୟ ଅତିଥିବୃନ୍ଦ।

## ରାଜ୍ୟସ୍ତରୀୟ ବିରଜା ମହୋତ୍ସବ ଅନୁଷ୍ଠିତ

ଭୁବନେଶ୍ୱର, ୨୧।୯ (ବ୍ୟୁରୋ)

ବିରଜା ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ପ୍ରଥମ ରାଜ୍ୟସ୍ତରୀୟ ବିରଜା ମହୋତ୍ସବ ପାଳିତ ହୋଇଯାଇଛି। ଶନିବାର ସୂଚନା ଭବନରେ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ମହୋତ୍ସବରେ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଉଦ୍‌ଘାଟକ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ସାଧାରଣ ଉଦ୍ୟୋଗ ଓ ସାମାଜିକ ନିରାପତ୍ତା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ପୁରୀ ଶ୍ରୀମନ୍ଦିରର ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନା ଦାସ ପାଟ୍ଟଯୋଶୀ ମହାପାତ୍ର ବିଶିଷ୍ଟ ଅତିଥି, ଏମ୍‌ବିସି ଟିଭିର ମୁଖ୍ୟ ସମ୍ପାଦକ ବିଶ୍ୱନାଥ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିରଜା ସଂସ୍କୃତି ଭାରତୀୟ ଶାକ୍ତ ପରମ୍ପରାରେ ବହୁ ପ୍ରାଚୀନ ଭାବେ ପରିଚିତ। ଅନ୍ୟ ସଂସ୍କୃତି ଅପେକ୍ଷା ବିରଜା ସଂସ୍କୃତିରେ ବହୁ ପୁରାତନ ଗାଥାକୁ ବର୍ଣ୍ଣନା କରାଯାଇଛି। ବିରଜା ସଂସ୍କୃତିକୁ ଆହୁରି ଲୋକାଭିମୁଖୀ କରାଯାଉ ବୋଲି ଉପସ୍ଥିତ ବକ୍ତାମାନେ ମତ ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ସମାଜରେ ନିଜର ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟର ଭିନ୍ନ ଭିନ୍ନ ପ୍ରାନ୍ତରୁ ବହୁ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସ୍ମୃତି ସାନ୍ତ୍ୱନାର ସାରସ୍ୱତ ସମାରୋହ

# ନାରୀ ହେଉଛନ୍ତି ଶକ୍ତି, ସଂସ୍କୃତି





ସମାରୋହ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୧।୯ (ବ୍ୟୁରୋ)

'ନାରୀ ଏକ ଶରୀର ନୁହେଁ, ଏକ ଶକ୍ତି। ମାତୃପୂଜା ଏକ ବିଧି ନୁହେଁ, ଏକ ସଂସ୍କୃତି'। ତ୍ରୟମାସିକ ମହିଳା ପତ୍ରିକା 'ସ୍ମୃତି ସାନ୍ତ୍ୱନା'ର ଅଷ୍ଟମ ବାର୍ଷିକ ସାରସ୍ୱତ ସମାରୋହରେ ଏପରି ମତପ୍ରକାଶ ପାଇଛି। ଶନିବାର ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ କବିରତ୍ନ ମନୋରମା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଡ. ଶକୁନ୍ତଳା ବଳିଆରସିଂ, ସମ୍ପାଦିକା ସବିତାରାଣୀ ବେହେରା ଓ ମୁଖ୍ୟବକ୍ତା ଡ. ପ୍ରୀତି ପ୍ରତିଭା ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ 'ସ୍ମୃତି ସାନ୍ତ୍ୱନା'ର ପାର୍ବଣ ନୈବେଦ୍ୟ-୨୦୧୯ ଓ ଡ. ସୁମିତ୍ରା ମିଶ୍ରଙ୍କ ଗଳ୍ପ ସଂକଳନ 'ପଣତ କାନିରେ ଆକାଶ' ଲୋକାର୍ପଣ କରିଥିଲେ। ମୁଖ୍ୟ ଅତିଥି ମନୋରମା ମହାପାତ୍ରଙ୍କୁ ମାତୃଶକ୍ତିର ଉତ୍ସ ରୂପେ ସମ୍ବର୍ଦ୍ଧିତ କରିବା ସହ ମାତୃପୂଜନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ମିନାକ୍ଷୀ ମିଶ୍ର ବେଦପାଠ, ବିଜୟଲକ୍ଷ୍ମୀ ସାହୁ ଓ ମନିକା ମହାପାତ୍ର ଦୁର୍ଗା ବନ୍ଦନା ଗାନ କରିଥିଲେ। ଡ. ସୁଚେତା ରାଉତ ସଭାପତିତ୍ୱ କରିଥିବାବେଳେ ବୀଣାପାଣି ସାହୁ, ସୁଲେଖା ସାମନ୍ତରାୟ ଓ ବିଶ୍ୱମିତ୍ରା ମିଶ୍ର ପରିଚାଳନାରେ ସହାୟତା କରିଥିଲେ। ସମାରୋହରେ ବହୁ ବିଶିଷ୍ଟ କବି ଯୋଗଦେଇ କବିତା ପାଠ କରିଥିଲେ। କବି ଅନିମା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ବ୍ୟାଙ୍କ ମିଶ୍ରଣକୁ ବିରୋଧ କରି ଧାରଣା

ଭୁବନେଶ୍ୱର, ୨୧।୯ (ବ୍ୟୁରୋ)

ଜାତୀୟ ସ୍ତରୀୟ କେତେକ ବ୍ୟାଙ୍କ୍‌ଗୁଡିକର ମିଶ୍ରଣକୁ ବିରୋଧ କରି ବ୍ୟାଙ୍କ ଅଧିକାରୀ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଲୋୟର ପିଏମଜିଠାରେ ସଂଘ ଧାରଣା ଦେବା ସହ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି। ଏହି ଅବସରରେ ବ୍ୟାଙ୍କ ମିଶ୍ରଣକୁ ବିରୋଧ କରିବା ସହ ତୁରନ୍ତ ଦ୍ୱିପାକ୍ଷିକ ରାଜିନାମାକୁ ଚୂଡାନ୍ତ କରିବା, ନୂଆ ପେନସନ ଯୋଜନାକୁ ଖାରଜ ଓ ସର୍ଭିସ ଚାର୍ଜ ହ୍ରାସ କରିବା ଦାବିରେ ଆସନ୍ତା ୨୬ ଓ ୨୭ରେ ବ୍ୟାଙ୍କ ଧର୍ମଘଟ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା। ଅପରାହ୍ନରେ ସଂଘ ପକ୍ଷରୁ ସମ୍ବିତ ମିଶ୍ର, ସବ୍ୟସାଚୀ ସ୍ୱାଇଁ, ଦାମୋଦର ନନ୍ଦ, ଅଜୟ ରାଉତରାୟ ଓ ବି.ସି ପ୍ରଧାନ ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଥିଲେ।

## ଖଦି ବଜାରରେ ଜମୁଛି ଭିଡ଼

ଭୁବନେଶ୍ୱର, ୨୧।୯ (ବ୍ୟୁରୋ)

କଟକ ନୂଆପାଟଣାର ଖଦୀ ସିଲ୍କ ଶାଢ଼ୀ ଓ ସୋନପୁରର ପାଟ ଶାଢ଼ୀ ପାଇଁ ଖଦୀ ବଜାର-୨୦୧୯ରେ ଖୁବ୍ ଭିଡ଼ ଜମୁଛି। ଇଡ଼କୋ ପ୍ରଦର୍ଶନୀ ପଡିଆଠାରେ ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ ପକ୍ଷରୁ ଆୟୋଜିତ ଏହି ମେଳାରେ ବିହାର, ପଶ୍ଚିମବଙ୍ଗ, ଝାଡଖଣ୍ଡରୁ ବହୁ ସଂସ୍ଥା ଆସି ସେମାନଙ୍କ ସାମଗ୍ରୀର ପସରା ମେଲାଇଛନ୍ତି। ବିଶେଷ କରି ଟସର ଶାଢ଼ୀ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଟସର, ପାଟ ଶାଢ଼ୀ ବ୍ୟତୀତ ଅନ୍ୟାନ୍ୟ ପୋଷାକ ମଧ୍ୟ ମିଳୁଛି। ଅଧିକ ଲୋକେ ମେଳାକୁ ଆସି ଖଦୀ ଜିନିଷ କିଣିବାକୁ ରାଜ୍ୟ ନିର୍ଦ୍ଦେଶକ ସମୀର କୁମାର ମହାନ୍ତି ଅନୁରୋଧ କରିଛନ୍ତି। ଏହି ମେଳା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ଏହି ମେଳା ଆୟୋଜିତ ହୋଇଛି।





## ରୁଚିକା ମାର୍କେଟ ଦୁର୍ଗାପୂଜା କମିଟି

# ବଣ୍ଟାହେବ ୧୦ ହଜାର ଔଷଧୀୟ ଚାରା

ଭୁବନେଶ୍ୱର, ୨୧।୯ (ବ୍ୟୁରୋ)



ସବୁଜିମାଭରା ସ୍ମାର୍ଟସିଟି ଭୁବନେଶ୍ୱରକୁ ଶ୍ରୀହୀନ କରି ଦେଇଥିଲା ପ୍ରଳୟଙ୍କରୀ ବାତ୍ୟା 'ଫନୀ'। ଏହି ସ୍ମାର୍ଟସିଟିକୁ ପୁନର୍ବାର ସବୁଜ ସୁନ୍ଦର କରିବା ପାଇଁ ଏବେ ବହୁ ପରିମାଣର ଚାରା ରୋପଣ କରା ଯାଉଛି। ଚଳିତବର୍ଷ ୨୯ତମ ବର୍ଷରେ ପଦାର୍ପଣ କରୁଥିବା ରୁଚିକା ମାର୍କେଟ ଦୁର୍ଗାପୂଜା କମିଟି ଏଥର ନିଆରା ଢଙ୍ଗରେ ପୂଜା ପାଳିବାକୁ ନିଷ୍ପତ୍ତି ନେଇଛି। ସବୁଜିମା ସୃଷ୍ଟି ସହ ସଚେତନତା ଉଦ୍ଦେଶ୍ୟରେ ପୂଜାର ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ୧୦ହଜାରରୁ ଉର୍ଦ୍ଧ୍ୱ ଔଷଧୀୟ ଚାରା ବଣ୍ଟନ କରିବ ଏହି ପୂଜା କମିଟି। ସୂଚନା ଅନୁଯାୟୀ, ମା'ଙ୍କ ପୂଜା ଆରମ୍ଭ ପୂର୍ବରୁ ସ୍ଥାନୀୟ ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ୧୧ଜଣ ମହିଳା ବିନ୍ଦୁସାଗରରୁ କଳସରେ ଜଳ ଆଣିବେ। ପରେ ଦକ୍ଷିଣକାଳୀ ମନ୍ଦିରରେ ପୂଜାର୍ଚ୍ଚନା,

### ମା' ଆସୁଛନ୍ତି

ମା'ଙ୍କ ଘଟ ସ୍ଥାପନ, ସପ୍ତମୀରେ ଚକ୍ଷୁଦାନ, ଅଷ୍ଟମୀରେ ଅନ୍ନପ୍ରସାଦ, ନବମୀରେ ଶାଗ, ଦହିପଖାଳ କାର୍ଯ୍ୟକ୍ରମ ଏବଂ ଦଶମୀରେ ୫ହଜାର ଭକ୍ତଙ୍କୁ ଅନ୍ନଦାନ କରାଯିବ। ଏଥର ମା'ଙ୍କ ମୃଣ୍ମୟ ମୂର୍ତ୍ତି ୧୮ଫୁଟ ଓ ତୋରଣ ୪୦ଫୁଟ ଉଚ୍ଚତା ହେବ। ୨କେଜି ସୁନାରେ ମା' ଝଟକିବେ। ଏଥିପାଇଁ ସୁନାରେ ରାଣୀହାର କାନଫୁଲ, ନାକଚଣା ତିଆରି କରାଯାଇଛି। ସେହିପରି ପୂଜା ପାଇଁ କାହାଠାରୁ ଚାନ୍ଦା ଆଦାୟ କରାଯାଏ ନାହିଁ। ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ, କଲୋନୀ ବାସିନ୍ଦା ଏବଂ ଶୁଭେଚ୍ଛୁମାନେ ସ୍ୱଇଚ୍ଛାରେ କିଛି ଅର୍ଥ ପ୍ରଦାନ କରିଥାନ୍ତି। ସେଥିରେ ହିଁ ମା'ଙ୍କ ପୂଜା ପାଳନ କରାଯାଏ ବୋଲି କମିଟି ପକ୍ଷରୁ କୁହାଯାଇଛି।

### ଏମାନେ ଯାହା କହନ୍ତି...

#### ନିଆରା ପରମ୍ପରା 'ସିନ୍ଦୂର ଲାଗି'



ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିରେ ବହୁ ତାରକା ଯୋଗଦେବେ। ସେହିପରି ମା'ଙ୍କ ନିକଟରେ ଅଷ୍ଟମୀ ଦିନ ମହିଳାମାନେ ସିନ୍ଦୂର ଲାଗି କରିବେ ଯାହାକି ଏଠାକାର ନିଆରା ପରମ୍ପରା। ମା'ଙ୍କ ମୁହଁ ଏଠାରେ ଉତ୍ତର ଦିଗକୁ ଥିବାରୁ ମା' ଉତ୍ତରାୟାଣୀ ଭାବେ ଏଠାରେ ପୂଜା ପାଆନ୍ତି।

-ରବି ନାରାୟଣ ମିଶ୍ର, ସଭାପତି

#### ପଲିଥିନରେ ଭୋଗ ଆଣିବା ମନା



ପୂଜାରେ ଏଥର ସମ୍ପୂର୍ଣ୍ଣ ଭାବେ ପଲିଥିନ ଓ ପ୍ଲାଷ୍ଟିକ ବର୍ଜନ କରାଯାଇଛି। ତେଣୁ କମିଟି ତରଫରୁ ବାଉଁଶରେ ଡଷ୍ଟବିନ ତିଆରି କରାଯାଇଛି। ଯେଉଁ ମାନେ ପଲିଥିନରେ ଭୋଗ ଆଣିବେ ସେମାନଙ୍କ ଭୋଗ ଲାଗି କରାଯିବ ନାହିଁ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି।

-କେ.ରଞ୍ଜନ କୁମାର, ସମ୍ପାଦକ



# ଲକ୍ଷ୍ୟ ପଥରେ...

**ସଫଳତା ଏବଂ ବିଫଳତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ତେଣୁ ସଫଳତାର ସ୍ୱାଦ ଚାଖିବାକୁ ହେଲେ ବିଫଳତାରେ ଭାଙ୍ଗି ନ ପଡ଼ି ଦୃଢ଼ ମନରେ ନିଜ ଲକ୍ଷ୍ୟ ପଥରେ ଆଗେଇ ଯିବା ହିଁ ବୁଦ୍ଧିମତ୍ତାର କାମ...**

ଜୀବନରେ ସଫଳ ହେବାକୁ ସମସ୍ତେ ଚାହାନ୍ତି। ଏଥିପାଇଁ ଅନେକ ବାଧାବିଘ୍ନକୁ ସାମ୍ନା ବି କରିବାକୁ ପଡେ। ହେଲେ ବିଫଳତାରେ ଭାଙ୍ଗି ପଡିଲେ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେବା କଷ୍ଟକର ହୋଇଥାଏ। ତେଣୁ ସଫଳତା ପାଇବାକୁ ହେଲେ ମନୋବଳ ଦୃଢ଼ ରଖି ଆଗକୁ ବଢ଼ିବା ସହ କେତୋଟି ବିଷୟ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ହୋଇଥାଏ। ଜାଣନ୍ତୁ ସେ ସମ୍ପର୍କରେ...

**ଯୋଜନା କରନ୍ତୁ :** ନିଜକୁ ଏକ ସଫଳ ବ୍ୟକ୍ତିତ୍ୱର ପରିଚୟ ଦେବା ସମସ୍ତଙ୍କର ଲକ୍ଷ୍ୟ। କିନ୍ତୁ ଏହା ସେତେବେଳେ ସମ୍ଭବ ହେବ ଯେତେବେଳେ ଆପଣ ନିଜର ବେଷ୍ଟ ପରଫରମାନ୍ସ ସାମ୍ନାକୁ ଆଣିବେ। ଆଉ ଏଥିପାଇଁ ଦରକାର ଯୋଜନା। ଅର୍ଥାତ୍ କୌଣସି ବି କାର୍ଯ୍ୟ କରିବାକୁ ହେଲେ ମନଇଚ୍ଛା ଆଗକୁ ବଢ଼ି ନ ଯାଇ ପ୍ରଥମେ ଆବଶ୍ୟକ ଜ୍ଞାନ, ଦକ୍ଷତା ହାସଲ କରନ୍ତୁ ଏବଂ ଏକ ଯୋଜନା ମୁତାବକ କାର୍ଯ୍ୟ କରି ଚାଲନ୍ତୁ। ପ୍ରଥମରୁ କୌଣସି ନକାରାତ୍ମକ ଚିନ୍ତା ମନରେ ନ ରଖି ଆଗକୁ ବଢନ୍ତୁ। କାରଣ ଏହାକୁ ଅନୁସରଣ କରି ଆଗେଇଲେ ଲକ୍ଷ୍ୟ ହାସଲ କରିବା ଅପେକ୍ଷାକୃତ ସହଜ ହୋଇଥାଏ।

**ଜିଦ୍‌କୁ ଛାଡନ୍ତୁ :** ନିଜ କଥା, ଚିନ୍ତାଧାରା ହିଁ ଠିକ୍ ବୋଲି ଅନେକଙ୍କ ମନରେ ଧାରଣ ଥାଏ। ତେଣୁ ବାସ୍ତବ କ'ଣ ଅବା ଭୁଲ୍ ଠିକ୍‌ର ବିଚାର ନ କରି ସେମାନେ ନିଜ ଜିଦ୍‌ରେ ଅଡି ବସନ୍ତି। ହେଲେ ଖରାପ୍ ଜିଦ୍ ସବୁବେଳେ ଖରାପ୍ ହିଁ କରିଥାଏ। ଏମିତିକି କେବେ କେବେ ଏହି ଜିଦ୍ ହିଁ ସଫଳତା ହାସଲ ପଥରେ ଜଟିଳ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ନିଜ ଜିଦ୍‌ରେ ଅଡି ନ ବସି ନିଜ ମାନସିକତାରେ ପରିବର୍ତ୍ତନ ଆଣନ୍ତୁ। ସବୁବେଳେ ସମସ୍ତଙ୍କଠୁ କିଛି ଶିଖିବା ଏବଂ ନୂଆ ନୂଆ କାର୍ଯ୍ୟ କରି ଲକ୍ଷ୍ୟ ହାସଲ କରିବାର ଇଚ୍ଛାଶକ୍ତି ରଖନ୍ତୁ।






**ଭୟ ଦୂରାନ୍ତୁ :** ମନରେ ଯଦି ସବୁବେଳେ ଭୟ ଜାତ ହେଲା ତେବେ ତାହା ଆଗକୁ ଆଗେଇବାରେ ବାଧକ ସାଜିଥାଏ। ତେଣୁ ଏପରି ଚିନ୍ତାଧାରାଠାରୁ ନିଜକୁ ଦୂରେଇ ରଖନ୍ତୁ। ଚେଷ୍ଟା କଲେ ଅନେକ କାର୍ଯ୍ୟରେ ସଫଳତା ମିଳିବା ଆଶା ଅଧିକ ଥାଏ। ତେଣୁ ଅସଫଳ ହେଲେ କିମ୍ବା ଅସଫଳ ହେବା ଭୟରେ କାର୍ଯ୍ୟକୁ ଛାଡ଼ି ନ ଦେଇ ବାରମ୍ବାର ଚେଷ୍ଟା ଜାରି ରଖନ୍ତୁ। ସଫଳତାର ରାସ୍ତାରେ ନାନା ବାଧା ଆସିବ, ଏହାକୁ ଅତିକ୍ରମ କରି ସଫଳତା ହାସଲ କରିବାକୁ ପଡ଼ିବ ବୋଲି ନିଜ ମନକୁ ଦୃଢ଼ କରନ୍ତୁ। ଉଦ୍ୟମ ଓ ଚେଷ୍ଟା ଜାରି ରଖିଲେ ଲକ୍ଷ୍ୟ ପଥରେ ଆଗେଇବା ଅନେକାଂଶରେ ସହଜ ହୋଇଥାଏ।

**ଆଳସ୍ୟ ତ୍ୟାଗ କରନ୍ତୁ :** ଆଳସ୍ୟ କଦାପି ଆଗକୁ ବଢ଼ିବାକୁ ଦେଇ ନ ଥାଏ। କାରଣ ଏହା ହିଁ ମଣିଷର ସବୁଠୁ ବଡ଼ ଶତ୍ରୁ। ଏପରି ମନୋଭାବ ନେଇ ଆଗେଇଲେ ଅସଫଳ ହେବାର ଆଶଙ୍କା ଅଧିକ ରହିଛି। ତେଣୁ ଅଳସ୍ୟ ତ୍ୟାଗ କରି ମାନସିକତାକୁ ଯେତେ ସକାରାତ୍ମକ ରଖିବେ ତାହା ଆପଣଙ୍କ ପାଇଁ ସଫଳତାର ମାର୍ଗକୁ ସେତେ ସୁଦୃଢ଼ କରିବ।

**ଜରୁରୀ ଆତ୍ମସମୀକ୍ଷା:** ନିଜକୁ ମାନସିକ ସ୍ତରରେ ଦୃଢ଼ ରଖିବା, ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ଆତ୍ମସମୀକ୍ଷା କରିବାକୁ ଭୁଲନ୍ତୁ ନାହିଁ। କାରଣ ଅନ୍ୟ କାହାକୁ କୌଣସି ଦିଗରେ ଆଗକୁ ବଢୁଥିବାର ଦେଖି ନିଜ ସାମର୍ଥ୍ୟକୁ ନ ଚିହ୍ନି ଭାବପ୍ରବଣ ହୋଇ ଏ ଦିଗରେ ଆଗେଇ ଆସିବା ଦ୍ୱାରା ସଫଳତା ପାଇବା ସହଜ ହୁଏନି। ତେଣୁ ଆପଣ ବାସ୍ତବରେ କେଉଁ କ୍ଷେତ୍ରରେ ଆଗକୁ ବଢ଼ିବା ଲାଗି ଇଚ୍ଛୁକ ଏବଂ ଏଥିପାଇଁ କେତେ ସମର୍ଥ ସେ ନେଇ ଆତ୍ମସମୀକ୍ଷା କରିବା ପରେ ନିଷ୍ପତ୍ତି ନିଅନ୍ତୁ, ଦେଖିବେ ନିଶ୍ଚୟ ସଫଳ ହେବେ।

**ଆତ୍ମବିଶ୍ୱାସର ଅପବ୍ୟବହାର କରନ୍ତୁ ନାହିଁ:** ନିଜ ପ୍ରତି ଦୃଢ଼ ବିଶ୍ୱାସ ରଖି ଆଗେଇ ଚାଲିବା ସଫଳତାର ଚାବିକାଠି। ହେଲେ ଅନେକ ସମୟରେ ଦେଖାଯାଏ କେହିକେହି ଏହାର ଅପବ୍ୟବହାର କରି ବସନ୍ତି, ଯାହାକି ସେମାନଙ୍କ ପାଇଁ ସବୁଠୁ ବଡ଼ ଶତ୍ରୁ ପାଲଟିଯାଏ। ଅର୍ଥାତ୍ ପାଠପଢ଼ା ହେଉ ଅବା ଯେକୌଣସି କାର୍ଯ୍ୟ ଯଥା ସମୟରେ ସାରି ପାରିବାର ଦୃଢ଼ ବିଶ୍ୱାସ ବା କନ୍‌ଫିଡେନ୍ସ ମନ ଭିତରେ ରହିବା ଭଲ। ହେଲେ ଆଜି ଅଳସୁଆମୀ କରି ଶୋଇବା କିମ୍ବା ଅନ୍ୟ କିଛି କରିବା ଏବଂ କାଲି ଦୁଇଦିନର କାର୍ଯ୍ୟ ଏକା ସଙ୍ଗେ ସାରିଦେବାର ଓଭର କନ୍‌ଫିଡେନ୍ସ ଅନେକଙ୍କୁ ବିଫଳତା ଦିଗକୁ ଟାଣିନିଏ। ତେଣୁ ଲକ୍ଷ୍ୟ ହାସଲ କରିବାକୁ ହେଲେ ଓଭର କନ୍‌ଫିଡାଣ୍ଟ ହୋଇ ଆଳସ୍ୟକୁ ପ୍ରାଥମିକତା ଦେବା ପରିବର୍ତ୍ତେ ନିଜ କର୍ମ ପ୍ରତି ଯତ୍ନଶୀଳ ହୁଅନ୍ତୁ।

ଯୁବ ପ୍ରତିଭା



# ଓଡ଼ିଶୀ ନୃତ୍ୟଶିଳ୍ପୀ ବବିତା

ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ନୃତ୍ୟଗୁରୁ ଭାବେ ଶ୍ରୀକ୍ଷେତ୍ରରେ ଏକ ପରିଚିତ ନାମ ବବିତା ଦାସ। ପିଲାବେଳୁ ସଙ୍ଗୀତ ଓ ନୃତ୍ୟଶିକ୍ଷା ପ୍ରତି ତାଙ୍କର ବଢ଼ିଥିଲା ଆଗ୍ରହ। ବୟସ ବଢ଼ିବା ସହିତ ଏହା ପରିଣତ ହୋଇଥିଲା ନିଶାରେ। ତାଙ୍କଠାରେ ଏହି ପ୍ରତିଭାକୁ ଚିହ୍ନି ପାରିଥିଲେ ମାତା ମିନତି ଏବଂ ବାପା ଗଙ୍ଗାଧର ବାରିକ। ଆଉ ନୃତ୍ୟଶିକ୍ଷା ନିମନ୍ତେ ଝିଅର ନାମ ଲେଖାଇଥିଲେ ଓଡ଼ିଶୀ ନୃତ୍ୟାନୁଷ୍ଠାନ ପ୍ରଣତି କଳା ମନ୍ଦିରରେ। ସେଠାରେ ଗୁରୁ ଗୋବିନ୍ଦ ଚନ୍ଦ୍ର ପାଳଙ୍କ ଠାରୁ ଆରମ୍ଭ ହୋଇଥିଲା ତାଙ୍କ ନୃତ୍ୟଶିକ୍ଷା। ପରବର୍ତ୍ତୀ ସମୟରେ ନୃତ୍ୟଗୁରୁ ଅଶୋକ ଦାସଙ୍କ ଠାରୁ ନୃତ୍ୟଶିକ୍ଷା କରିଥିଲେ। ଓଡ଼ିଶୀରେ ସେ ପ୍ରାଚୀନ କଳାକେନ୍ଦ୍ର ଚଣ୍ଡିଗଡ ତରଫରୁ ନୃତ୍ୟ ବିଶାରଦ ଓ ନୃତ୍ୟ ଭାସ୍କର ଉପାଧି ଲାଭ କରିଛନ୍ତି। ଏଥିସହିତ ସେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ (ସ୍ୱୟଂଶାସିତ)ରୁ ଦର୍ଶନ ଶାସ୍ତ୍ରରେ ସ୍ନାତକ ଏବଂ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ଅଗରତାଲା ଏକଲବ୍ୟ କ୍ୟାମ୍ପସ୍‌ରୁ ଏମ୍. ଶିକ୍ଷାଶାସ୍ତ୍ରୀ ଶିକ୍ଷା ସମାପ୍ତ କରିଛନ୍ତି। ବବିତା କୁହନ୍ତି, ଥରେ ମହାପ୍ରଭୁଙ୍କ ନିକଟରେ ଗୁରୁଙ୍କ ନିର୍ଦ୍ଦେଶନାରେ ଭକ୍ତ ଓ ଭଗବାନ ନୃତ୍ୟାଭିନୟରେ ମୁଁ କୃଷ୍ଣ ଏବଂ ଗୁରୁ ଭକ୍ତ ଭୂମିକାରେ ଅଭିନୟ କରିଥିଲେ। ଏହା ମୋ ଜୀବନର ଟର୍ନିଂ ପଏଣ୍ଟ ଥିଲା। ସେହି ନୃତ୍ୟକୁ ଦର୍ଶକ ଭୂୟସୀ ପ୍ରଶଂସା କରିଥିଲେ। ଦର୍ଶକଙ୍କ ଭଲପାଇବା ପରେ ଓଡ଼ିଶୀ ନୃତ୍ୟ ପ୍ରତି ସମର୍ପଣ ଭାବ ବଢ଼ିଥିଲା। ତା' ପରଠାରୁ ଆଉ ପଛକୁ ଫେରି ଚାହିଁନି।

ଶ୍ରୀକ୍ଷେତ୍ରର ବିଭିନ୍ନ ସାଂସ୍କୃତିକ ମଞ୍ଚଠାରୁ ରାଜ୍ୟ ତଥା ରାଜ୍ୟ ବାହାରେ ନିଜର କଳା ନୈପୁଣ୍ୟତା ପ୍ରକାଶ କରି ସାଉଁଟିଛନ୍ତି ଅନେକ ପ୍ରଶଂସା। ଜଣେ ସଫଳ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ୨୦୦୨ରେ କୋଲ୍‌କାତା ପ୍ରାଚୀନ କଳାକେନ୍ଦ୍ରରେ ସ୍ୱର୍ଣ୍ଣ ପଦକ, ୨୦୦୪ରେ ପୁରୀ ପ୍ରଣତି କଳାମନ୍ଦିର ପକ୍ଷରୁ ଶ୍ରେଷ୍ଠ ନୃତ୍ୟଶିଳ୍ପୀ ସମ୍ମାନ, ୨୦୧୧ରେ ଭୁବନେଶ୍ୱର ପୂଜ୍ୟପୂଜା ଅନୁଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମାନ, ୨୦୧୬ରେ ପୁରୀ ଶିଶୁ ମହୋତ୍ସବରେ ନୃତ୍ୟଗୁରୁ ସମ୍ମାନ; ଏଥିସହିତ ଶ୍ରୀକ୍ଷେତ୍ରଶ୍ରୀ ସମ୍ମାନ, ସମର ଫେଷ୍ଟ ଏବଂ ଗ୍ଲୋରୀଫେଷ୍ଟ ନୃତ୍ୟଗୁରୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେ ଓଡ଼ିଶାର ବିଭିନ୍ନ ସ୍ଥାନ ସହିତ କୋଲକାତା, ବାଙ୍ଗାଲୋର, ଦିଲ୍ଲୀ, ହାଇଦ୍ରାବାଦ, ଆନ୍ଧ୍ରପ୍ରଦେଶ, ଗୁଜରାଟ, ଅଗରତାଲା ପ୍ରଭୃତି ସ୍ଥାନରେ ଅନୁଷ୍ଠିତ ସାଂସ୍କୃତିକ ମହୋତ୍ସବରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ବହୁ ସୁନାମ ଅର୍ଜନ କରିଛନ୍ତି। ଜଣେ ନୃତ୍ୟ ଶିଳ୍ପୀ ହେବା ସହ ସେ ନିଜେ ଜଣେ ଓଡ଼ିଶୀ ଗୁରୁ ଭାବେ ପ୍ରଣତି କଳାମନ୍ଦିର, ସଙ୍ଗୀତ କଳା ପ୍ରତିଷ୍ଠାନ, ଲିଙ୍ଗରାଜ କଳା ନିକେତନରେ ନୃତ୍ୟ ଶିକ୍ଷାଦାନ କରିଛନ୍ତି। ବର୍ତ୍ତମାନ ନବପ୍ରତିଭା ସଙ୍ଗୀତ ଶିକ୍ଷାକେନ୍ଦ୍ର ସହିତ ପୁରୀ ସଦର ଦାମୋଦରପୁର କୋଇଲାଅଡାସ୍ଥିତ ବିନାୟକ ଶିକ୍ଷା ମନ୍ଦିରଠାରେ ଗୁରୁ ଭାବେ ଶିଶୁ କଳାକାରମାନଙ୍କୁ ନୃତ୍ୟ ଶିକ୍ଷାଦାନ କରୁଛନ୍ତି। ତେବେ ଜଣେ ନୃତ୍ୟଶିଳ୍ପୀ ଏବଂ ଗୁରୁଭାବେ ପରିଚିତା ବବିତା ନିଜ ସଫଳତା ପଛରେ ଗୁରୁଙ୍କ ପ୍ରେରଣା ଓ ପିତାମାତାଙ୍କ ଆଶୀର୍ବାଦ ରହିଥିବା କୁହନ୍ତି।

– ପ୍ରଭାତ ପାଣିଗ୍ରାହୀ

## ଏ ସପ୍ତାହର ପ୍ରଶ୍ନ

୧– ଗେମ୍ସ ଅଫ୍ ଥ୍ରୋନ୍ ଟିଭି ସିରିଜ୍ ଜର୍ଜ ଆର୍ ଆର୍ ମାର୍ଟିନଙ୍କ........ ଉପନ୍ୟାସ ଉପରେ ଆଧାରିତ ?
୨– ଏଭରେଷ୍ଟ ଗିରିଶୃଙ୍ଗର ଅନ୍ୟ ନାମ...... ?
୩– ମୁଖ୍ୟମନ୍ତ୍ରୀ ସେବା ସଂକଳ୍ପ ହେଲ୍ପ ଲାଇନ୍ ୧୧୦୦ ସର୍ବପ୍ରଥମେ ........ ଠାରେ କାର୍ଯ୍ୟକାରୀ କରାଯାଇଛି ?
୪– ୫ମ ଅନ୍ତର୍ଜାତୀୟ ରାମାୟଣ ମହୋତ୍ସବ ....... ଅନୁଷ୍ଠିତ ହୋଇଯାଇଛି ?
୫– ପ୍ରଥମ ହୃତ୍‌ପିଣ୍ଡ ପ୍ରତ୍ୟାରୋପଣ କରିଥିବା ଡାକ୍ତର ............ ?

## ଗତ ଥରର ଉତ୍ତର

୧ ସିକ୍କିମ୍
୨ କଦଳୀ
୩ ଭାନୁ ଆଥିୟା
୪ ଆନୀ ଫ୍ରାଙ୍କ୍
୫ ସି କୋଟିନ୍

## ଉତ୍ତର ଦାତା


ଲିପିପ୍ରଭା ବେହେରା
କଟକ


ଦେବୀଦତ୍ତ ଆଚାର୍ଯ୍ୟ
ଜଗତ୍‌ସିଂହପୁର


ସାଇ ପ୍ରସାଦ ସାହୁ
ସମ୍ବଲପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ବଲିଉଡ୍ ମ୍ୟୁଜିକ୍ ଡିରେକ୍ଟର–୨୦୧୯


ଏ. ଆର୍. ରେହମାନ୍

୧)..........ଏ. ଆର୍. ରେହମାନ୍
୨)..........ବିଶାଲ୍ ଦଦ୍‌ଲାନି
୩)..........ମୀତ୍ ବ୍ରଦର୍ସ
୪)..........ମିଥୁନ୍
୫)..........ହିମେଶ୍ ରେଶମିୟା
୬)..........ଶଙ୍କର–ଏହସାନ୍–ଲଏ
୭)..........ବିଶାଲ୍ ଭରଦ୍ୱାଜ
୮)..........ସାଜିଦ୍– ୱାଜିଦ୍
୯)..........ପ୍ରୀତମ୍ ଚକ୍ରବର୍ତ୍ତୀ
୧୦)..........ଅଙ୍କିତ୍ ତିୱାରୀ

ୟୁଥ ଫ୍ୟାଶନ

# ଅନ୍‌ଲାଇନ୍ ଫ୍ରେଣ୍ଡଶିପ୍ କରୁଥିଲେ...



ଆଜିର ଯୁବ ଗୋଷ୍ଠୀ ଅନେକ ସମୟ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଥିବା ଦେଖାଯାଉଛି। ଏଠାରେ ସେମାନେ ଦୈନିକ ନୂଆ ନୂଆ ବ୍ୟକ୍ତିଙ୍କ ସହ ବନ୍ଧୁତା ସ୍ଥାପନ କରିବା ସହ ଜୀବନ ସାଥୀ ମଧ୍ୟ ଚୟନ କରିଥାଆନ୍ତି। ତେବେ ସୋସିଆଲ ମିଡିଆରେ ବନ୍ଧୁତା ସ୍ଥାପନ କ୍ଷେତ୍ରରେ ଅନେକେ ଠକାମିର ଶିକାର ହେବା ମଧ୍ୟ ନଜରକୁ ଆସୁଛି। ତେଣୁ ଅନ୍‌ଲାଇନ୍ ଫ୍ରେଣ୍ଡଶିପ୍ କରୁଥିଲେ କିଛିଟା ଦିଗ ପ୍ରତି ନିହାତି ଧ୍ୟାନ ଦିଅନ୍ତୁ।

* କୌଣସି ଅଜଣା ବ୍ୟକ୍ତିଙ୍କ ଫ୍ରେଣ୍ଡ ରିକ୍ୱେଷ୍ଟ ଆକ୍‌ସେପ୍ଟ କରିବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ପ୍ରୋଫାଇଲ ନିଶ୍ଚୟ ଭିଜିଟ୍ କରନ୍ତୁ।
* ବ୍ୟକ୍ତିଙ୍କ ବିଭିନ୍ନ ପୋଷ୍ଟ ତଥା ଫ୍ରେଣ୍ଡ ଲିଷ୍ଟରୁ ତାଙ୍କର ମାନସିକତା ସମ୍ପର୍କରେ ଜାଣିବାକୁ ଚେଷ୍ଟା କରନ୍ତୁ।
* ଫେକ୍ ଆକାଉଣ୍ଟ ପ୍ରତି ସତର୍କ ରୁହନ୍ତୁ। ପ୍ରୋଫାଇଲ୍ ଫଟୋ ତଥା ୱାଲ ପୋଷ୍ଟରୁ ଯଦି ଆପଣଙ୍କୁ କିଛି ସନ୍ଦେହ ହୁଏ, ତେବେ କଦାପି ରିକ୍ୱେଷ୍ଟ ଆକ୍‌ସେପ୍ଟ କରନ୍ତୁ ନାହିଁ।
* ଫ୍ରେଣ୍ଡ ରିକ୍ୱେଷ୍ଟ ଆସିଥିବା ପ୍ରୋଫାଇଲରେ ଯଦି ଆପଣଙ୍କର କେହି ମ୍ୟୁଚୁଆଲ ଫ୍ରେଣ୍ଡ ଅଛନ୍ତି, ତେବେ ତାଙ୍କଠାରୁ ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ନେଇପାରିବେ।
* ରିକ୍ୱେଷ୍ଟ ଆକ୍‌ସେପ୍ଟ କରିବା ପରେ ବନ୍ଧୁଙ୍କ ସହିତ ଯଥାଶୀଘ୍ର ନିଜର ବ୍ୟକ୍ତିଗତ କଥା, ଫୋନ୍ ନମ୍ବର ଆଦି ଶେୟାର କରନ୍ତୁ ନାହିଁ।
* ଚାଟିଂ ମାଧ୍ୟମରେ ବ୍ୟକ୍ତିଙ୍କୁ ଭଲଭାବେ ଜାଣି ଏବଂ ଚିହ୍ନିଲା ପରେ ସମ୍ପର୍କକୁ ଆଗକୁ ବେଢ଼େଇବା କଥା ଚିନ୍ତା କରନ୍ତୁ।
* ଯଦି କଥାବାର୍ତ୍ତା ଭିତରେ ଆପଣଙ୍କୁ ବନ୍ଧୁଙ୍କ କଥା ସନ୍ଦେହ ଲାଗେ, ତେବେ ଯଥାଶୀଘ୍ର କଥାବାର୍ତ୍ତା ବନ୍ଦ କରିଦିଅନ୍ତୁ ଏବଂ ଯଦି ପାରୁଛନ୍ତି ବ୍ୟକ୍ତିଙ୍କୁ ଅନ୍‌ଫ୍ରେଣ୍ଡ ବା ବ୍ଲକ୍ କରି ଦିଅନ୍ତୁ।



**ଉନ୍ନୟନ କମିଶନରଙ୍କୁ ଭେଟିଲେ ଚନ୍ଦ୍ରମୁଖୀ ଦେବୀ**

ଓଡ଼ିଶା ଗସ୍ତରେ ଥିବା ଜାତୀୟ ମହିଳା କମିଶନ ସଭ୍ୟା ଚନ୍ଦ୍ରମୁଖୀ ଦେବୀ ଶନିବାର ଭୁବନେଶ୍ୱରରେ ଉନ୍ନୟନ କମିଶନର(ଡିସି) ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ସାକ୍ଷାତ ସମୟରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଅଞ୍ଜଳି ବେହେରା ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ମଧ୍ୟ ଉପସ୍ଥିତ ରହିଥିଲେ ।

## ଜାତୀୟ ଶିକ୍ଷାନୀତି ପାଇଁ ଓଡ଼ିଶାର ପ୍ରସ୍ତାବ

# ଅତିରିକ୍ତ ଆର୍ଥିକ ବୋଝ ବହନ କରୁ କେନ୍ଦ୍ର

ଭୁବନେଶ୍ୱର, ୨୧।୯(ବ୍ୟୁରୋ)

ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆବଶ୍ୟକତା ରହିଛି। ଜାତୀୟ ଶିକ୍ଷାନୀତି ଚିଠାରେ ଯେଉଁ ପ୍ରସ୍ତାବ ରହିଛି, ସେଥିରେ ପରିବର୍ତ୍ତନର ଆବଶ୍ୟକତା ରହିଛି । ଏ ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରସ୍ତାବ ଦିଆଯାଇଛି। ଶନିବାର ନୂଆଦିଲ୍ଲୀରେ ବିଜ୍ଞାନ ଭବନଠାରେ ଅନୁଷ୍ଠିତ କେନ୍ଦ୍ରୀୟ ଶିକ୍ଷା ପରାମର୍ଶଦାତା ବୋର୍ଡ ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଯୋଗଦେଇ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ରାଜ୍ୟ ପକ୍ଷରୁ ପ୍ରସ୍ତାବ ଦେଇଛନ୍ତି। କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ବୈଠକରେ ଅଧ୍ୟକ୍ଷତା କରିଥିଲେ। ନୂତନ ଶିକ୍ଷାନୀତି ଚିଠାରେ ମୋଟ ନାମଲେଖା ଅନୁପାତ ବର୍ତ୍ତମାନ ୨୭%ରୁ ୫୦%କୁ ବୃଦ୍ଧି କରାଯିବା ନିମନ୍ତେ ଲକ୍ଷ୍ୟ ରହିଥିବାବେଳେ ଏହି ଅନୁପାତ କିପରି ହାସଲ କରାଯିବ ସେ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ପ୍ରସ୍ତାବ ନାହିଁ। ଧନ୍ଦାମୂଳକ ଶିକ୍ଷାକୁ ବ୍ୟାପକ କରି ଏହି ଲକ୍ଷ୍ୟ ହାସଲ କରାଯାଇ ପାରିଲେ ମଧ୍ୟ କୌଣସି ପରିସ୍ଥିତିରେ ଉଚ୍ଚଶିକ୍ଷାର ମାନକୁ ପ୍ରଭାବିତ କରାଯିବା ଉଚିତ ନୁହେଁ ବୋଲି ଓଡ଼ିଶା ପକ୍ଷରୁ ପ୍ରସ୍ତାବ ଦିଆଯାଇଛି।

ଜାତୀୟ ଶିକ୍ଷାନୀତି ଚିଠା ପ୍ରସ୍ତାବରେ ପ୍ରତିଟି ଉଚ୍ଚ ଶିକ୍ଷାନୁଷ୍ଠାନକୁ ଏକକ ବିଶ୍ୱବିଦ୍ୟାଳୟ କିମ୍ବା ସ୍ୱୟଂଶାସିତ ଅନୁଷ୍ଠାନରେ ପରିଣତ କରିବା ପାଇଁ ପ୍ରସ୍ତାବ ରହିଛି। ହେଲେ ଏହା ଦ୍ୱାରା ଉଚ୍ଚଶିକ୍ଷାର ମାନ ହ୍ରାସ ପାଇବାର ଆଶଙ୍କା ରହିଛି। ଏହି



ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ପ୍ରେମାନନ୍ଦ ନାୟକ।

ପରିପ୍ରେକ୍ଷୀରେ ବର୍ତ୍ତମାନର ବିଶ୍ୱବିଦ୍ୟାଳୟ ଏବଂ ଏହା ସହିତ ଅନୁବନ୍ଧିତ ମହାବିଦ୍ୟାଳୟ ବ୍ୟବସ୍ଥାକୁ ବନ୍ଦ ନ କରିବା ପାଇଁ ଓଡ଼ିଶା ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ବିଶ୍ୱବିଦ୍ୟାଳୟର ସଂଖ୍ୟା ବୃଦ୍ଧି କରିବା ସପକ୍ଷରେ ଓଡ଼ିଶା ପ୍ରସ୍ତାବ ଦେଇଛି। ଯେପରି ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଅଧୀନରେ ପ୍ରାୟ ୫୦ଟି ଲେଖାଏ ଅନୁବନ୍ଧିତ ମହାବିଦ୍ୟାଳୟ ରହିବେ। ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରାୟ ୯୩% ବିଦ୍ୟାର୍ଥୀ ଅଧ୍ୟୟନ କରୁଥିବାବେଳେ ନ୍ୟାଶନାଲ୍ ରିସର୍ଚ୍ଚ ଫାଉଣ୍ଡେଶନ୍ ପାଣ୍ଠିର ୫୦% ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକୁ ପ୍ରଦାନ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଓଡ଼ିଶାରେ ରାଜ୍ୟ ବଜେଟ୍‌ରେ ୧୭ରୁ ୧୮ ପ୍ରତିଶତ ଶିକ୍ଷା ବିଭାଗରେ ଖର୍ଚ୍ଚ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ଶିକ୍ଷା ବଜେଟ୍‌ରେ ଅଧିକ ବୃଦ୍ଧି ରାଜ୍ୟର ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ପ୍ରସ୍ତାବିତ ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ କରିବା ଦିଗରେ ଅତିରିକ୍ତ ଆର୍ଥିକ ବୋଝ କେନ୍ଦ୍ର ସରକାରଙ୍କ ଦ୍ୱାରା ବହନ କରାଯିବା ନିମନ୍ତେ ଓଡ଼ିଶା ପକ୍ଷରୁ ମନ୍ତ୍ରୀ ଅରୁଣ ସାହୁ ଅନୁରୋଧ କରିଛନ୍ତି। ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କୁ ଜଳଖିଆ ପ୍ରଦାନ ବାବଦ ଆର୍ଥିକ ଭାର କେନ୍ଦ୍ର ସରକାର ବହନ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଅନୁରୋଧ କରିଛନ୍ତି। ସେହିପରି ଅଙ୍ଗନୱାଡ଼ି ବା ପ୍ରାକ୍-ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ମିଶାଇବା ପାଇଁ କେନ୍ଦ୍ର ସରକାର ଯେଉଁ ପ୍ରସ୍ତାବ ରଖିଛନ୍ତି, ସେହି ଭିତ୍ତିଭୂମି ବାବଦ ଖର୍ଚ୍ଚ ଏବଂ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ସ୍କ୍ରିନିଂ କମିଟି ଦ୍ୱାରା କରିବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଏକ ପ୍ରସ୍ତାବ ପୋଖରିୟାଲ୍‌ଙ୍କ ନିକଟରେ ଗଣଶିକ୍ଷା ମନ୍ତ୍ରୀ ଦାଶ ଉପସ୍ଥାପନ କରିଛନ୍ତି।

# ୩ଶହ ଶଯ୍ୟା ବିଶିଷ୍ଟ ଆୟୁର୍ବେଦିକ ହସ୍ପିଟାଲର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ନରାଜ,୨୧।୯(ଡି.ଏନ୍.ଏ.)

କଟକର ବିଦ୍ୟାଧରପୁର-ଅରିଲୋସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ୩ଶହ ଶଯ୍ୟା ବିଶିଷ୍ଟ ଆୟୁର୍ବେଦିକ ହସ୍ପିଟାଲ ଓ ଗବେଷଣା କେନ୍ଦ୍ରର ଶିଳାନ୍ୟାସକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ପୂର୍ବାହ୍ନରେ ଉଦ୍‌ଘାଟନ କରିଛନ୍ତି। ଏହି ଉତ୍ସବରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଗୁରୁଦେବ ରବିଶଙ୍କରଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ଯୋଗଦେଇ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅବଦାନ ଉଲ୍ଲେଖନୀୟ ବୋଲି କହିଥିଲେ। ଏହାସହ ଆଗାମୀ ଦିନରେ ୫ହଜାର ବର୍ଷର ପୁରୁଣା ଆୟୁର୍ବେଦିକ ଗବେଷଣା କ୍ଷେତ୍ରରେ ବିଶ୍ୱରେ ମାଇଲ ଖୁଣ୍ଟ ହେବାକୁ ଯାଉଛି। ଓଡ଼ିଶାରେ ଏହି ବିଶ୍ୱବିଦ୍ୟାଳୟ ଯୋଗ, ଆଧୁନିକ ଜ୍ଞାନକୌଶଳ ଓ ପାଶ୍ଚାତ୍ୟ ଚିକିତ୍ସା ବ୍ୟବସ୍ଥାର ସମାହାରରେ ସେବା ଯୋଗାଇବ ବୋଲି କହିଥିଲେ। ଏହାସହ ଚାରିଧାମ ମଧ୍ୟରେ ପୂର୍ବଧାମ ପୁରୀ ରହିଥିବାରୁ ଓଡ଼ିଶାର ଏହି ଆୟୁର୍ବେଦ ହସ୍ପିଟାଲ ଉତ୍କର୍ଷ କେନ୍ଦ୍ର ହେବ। ଆହୁରି ସେ କହିଥିଲେ, ଆଗାମୀ ଦିନରେ ପ୍ରତିବଦ୍ଧତା ସହ ଆର୍ଟ ଅଫ୍ ଲିଭିଂ ଫାଉଣ୍ଡେଶନ ଦକ୍ଷତା ବିକାଶ, ଯୋଗ ଓ ଆୟୁର୍ବେଦର ବିକାଶ ପାଇଁ କାମ କରିବ। ତେବେ ଏହି ହସ୍ପିଟାଲର ପ୍ରଥମ ପର୍ଯ୍ୟାୟରେ ୨୦ ଶଯ୍ୟା ହେବାକୁ ଥିବାବେଳେ ୨୦୨୧ ସୁଦ୍ଧା ଏହା ୩୦୦ ଶଯ୍ୟା ହେବ ବୋଲି ସୂଚନା ମିଳିଛି। ଏହି ଉପଲକ୍ଷେ ମୁଖ୍ୟବକ୍ତା ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଯୋଗଦେଇ ଶିକ୍ଷାନବିସମାନଙ୍କୁ ଉଦ୍‌ବୋଧନ ଦେଇ ଗୁରୁଜନମାନଙ୍କୁ ଭକ୍ତି କର ଓ ବିନୟୀ ହୁଅ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ପଦ୍ମଶ୍ରୀ ଭାରତ ଭୂଷଣ, ବେଲଜିୟମର ସୁନାମଧନ୍ୟ ଓ ଆଜୀବନ ରାଜ୍ୟପାହ୍ୟା ମନ୍ତ୍ରୀ ଡ. ହର୍ମାନ ଡି କ୍ରୁ, ଲାଭଜୀ ବାଦଶାହା ପ୍ରତିଷ୍ଠାତା ଅଧ୍ୟ ଓ ଗୋପାନୀ ଗ୍ରୁପ ଗୁଜରାଟ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ରଜିତା ବାଗା, କୁଳପତି ଅଜୟ କୁମାର ସିଂ ପ୍ରମୁଖ ଉତ୍ସବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ୩୦୦୦ କର୍ମକର୍ତ୍ତା, ଛାତ୍ରୀଛାତ୍ର ଓ ଜନସାଧାରଣ ଉପସ୍ଥିତ ଥିଲେ।




ଶିଳାନ୍ୟାସ ଅବସରରେ ଯୋଗଦେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ରବିଶଙ୍କର ଓ ଅନ୍ୟମାନେ।

- ଓଡ଼ିଶା ହେବ ପୂର୍ବଭାରତର ଆୟୁର୍ବେଦ ଉତ୍କର୍ଷ କେନ୍ଦ୍ର
- ପ୍ରାଥମିକ ଭାବେ ହେବ ୨୦ ଶଯ୍ୟା

# ଢେଙ୍କାନାଳ ଜିଲାପାଳ-ଓକିଲ ସଂଘ ବିବାଦ ତୁଟିଲା

ଢେଙ୍କାନାଳ ଅଫିସ,୨୧।୯

ଢେଙ୍କାନାଳ ଜିଲାପାଳ ଓ ଓକିଲ ସଂଘ ମଧ୍ୟରେ ଶୁକ୍ରବାର ଦେଖାଦେଇଥିବା ବିବାଦର ସମାଧାନ ହୋଇଛି। ଶନିବାର ମଧ୍ୟାହ୍ନରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ପରେ ବିବାଦ ତୁଟିଯାଇଥିବା ସୂଚନା ମିଳିଛି। ଏ ନେଇ ଜିଲାପାଳ କହିଛନ୍ତି, ଭୁଲ ବୁଝାମଣା ହୋଇଥିଲା। ଉଭୟ ପକ୍ଷ ଆଲୋଚନା କରିବା ପରେ ସମାଧାନ ହୋଇଥିଲା। ସେହିପରି ଘଟଣା ପାଇଁ ଜିଲାପାଳ ଅନୁତପ୍ତ ବୋଲି ଆଲୋଚନାରୁ ଜାଣିବା ପରେ ଆନ୍ଦୋଳନ ପ୍ରତ୍ୟାହାର କରିନିଆଯାଇଥିବା ଓକିଲ ସଂଘ ପକ୍ଷରୁ କୁହାଯାଇଛି।

ଶନିବାର ପୂର୍ବାହ୍ନ ୧୧ଟାରେ ଅତିରିକ୍ତ ଜିଲାପାଳଙ୍କ ପକ୍ଷରୁ ଜିଲା ଓକିଲ ସଂଘକୁ ଆଲୋଚନା ପାଇଁ ନିମନ୍ତ୍ରଣ କରାଯାଇଥିଲା। ପରେ ସର୍କିଟ ହାଉସଠାରେ ଜିଲାପାଳ ଭୂମେଶଚନ୍ଦ୍ର ବେହେରା, ଏସ୍‌ପି ଅନୁପମା ଜେମ୍‌ସ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ସହ ଜିଲା ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର, ସମ୍ପାଦକ ଟଙ୍କଧର ବେହେରାଙ୍କ ସମେତ ବହୁ ଆଇନଜୀବୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସବୁ କ୍ଷେତ୍ରରେ ସହଯୋଗ ମନୋଭାବ ନେଇ କାର୍ଯ୍ୟ କରାଯିବ ବୋଲି ଆଲୋଚନା ହେବାପରେ ଆନ୍ଦୋଳନ ପ୍ରତ୍ୟାହାର କରି ନିଆଯାଇଛି।

## ମଣିକୁଣ୍ଡା ଗୁଳିକାଣ୍ଡ ମାମଲାର ପର୍ଦ୍ଦାଫାଶ

# ୫ ଗିରଫ, ମୁଖ୍ୟ ଅଭିଯୁକ୍ତଙ୍କ ପତ୍ତା ମିଳୁନି

- ବେଆଇନ ମଦ କାରବାରରେ ଭାଗୀଦାରି, ଗଣେଶ ଭସାଣି ସମୟରେ ଗଣ୍ଡଗୋଳରୁ ହତ୍ୟା ଯୋଜନା



ଖବରଦାତା ସମ୍ମିଳନୀରେ ଏସ୍‌ପି, ପୋଲିସ କର୍ମଚାରୀ ଓ ଅଭିଯୁକ୍ତମାନେ।

କେନ୍ଦ୍ରାପଡ଼ା ଅଫିସ/ମାର୍ଶାଘାଇ(ଡି.ଏନ୍.ଏ.),୨୧।୯

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ମଣିକୁଣ୍ଡା ଗ୍ରାମରେ ଗତ ୧୮ ତାରିଖରେ ଗୁଳିକାଣ୍ଡ ଘଟି ଯୁବ ଔଷଧ ବ୍ୟବସାୟୀ ଗଗନବିହାରୀ ସାହୁ(୨୮)ଙ୍କ ମୃତ୍ୟୁ ଘଟିଥିଲା। ଶନିବାର ଏହି ଘଟଣାର ପର୍ଦ୍ଦାଫାଶ କରିଛି କେନ୍ଦ୍ରାପଡ଼ା ପୋଲିସ। ଏସ୍‌ପି ନୀତିଶେଖର କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ଏହି ସୂଚନା ଦେଇଛନ୍ତି। ବେଆଇନ ମଦ କାରବାରରେ ଭାଗୀଦାରିତା ଓ ଗଣେଶ ଭସାଣି ସମୟରେ ହୋଇଥିବା ଗଣ୍ଡଗୋଳକୁ ନେଇ ଗଗନଙ୍କୁ ହତ୍ୟା କରାଯାଇଛି ବୋଲି ସେ କହିଛନ୍ତି। ଏହି ମାମଲାରେ ମଣିକୁଣ୍ଡା ଗ୍ରାମର ସାୟନ କୁମାର ଜେନା (୨୪), ରଶ୍ମିରଞ୍ଜନ ସ୍ୱାଇଁ ଓରଫ ରିଣ୍ଟନ (୩୬), କ୍ଷୀରୋଦ ଚନ୍ଦ୍ର ସ୍ୱାଇଁ (୬୭), ମାଣିତିରି ଗ୍ରାମର ରମେଶ ଚନ୍ଦ୍ର ସ୍ୱାଇଁ (୩୬) ଓ ଜଣେ ନାବାଳକଙ୍କୁ ଗିରଫ କରାଯାଇଛି। ଅପରପକ୍ଷେ ମୁଖ୍ୟ ଅଭିଯୁକ୍ତ ମଣିକୁଣ୍ଡା ଗ୍ରାମର ଅନନ୍ତ ପ୍ରସାଦ ଜେନା ଓରଫ ଭେଲୁଙ୍କ ସମେତ ୩ ଜଣ ଫେରାର ରହିଛନ୍ତି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏ ସମ୍ପର୍କରେ ଏସ୍‌ପି କହିଛନ୍ତି, ପାଟକୁରା ଥାନା ଅନ୍ତର୍ଗତ ଜୋକିଆ ଗ୍ରାମର ଉତ୍କଳ କେଶରୀ ଖୁଣ୍ଟିଆଙ୍କଠାରୁ ଭେଲୁ ବେଆଇନ ମଦ ବେପାର ପାଇଁ ୩ ଲକ୍ଷ ଟଙ୍କା କରଜ ଆଣିଥିଲେ । ଏଥିରେ ମୃତକ ଗଗନ ଓ ବଛରାଇର ରାଜେଶ ମୁଦୁଲି ଓରଫ ରାଜା ଗ୍ୟାରେଣ୍ଟର ଥିଲେ । ଏହି ବେଆଇନ ମଦ ବ୍ୟବସାୟରେ ଭାଗୀଦାରିତା ପାଇଁ ଭେଲୁଙ୍କୁ ଗଗନ କହିଥିଲେ। ଏନେଇ ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ମାତ୍ର ଭେଲୁଙ୍କ ଭୟରେ ଗଗନ ଗ୍ରାମ ଛାଡି ବାହାରକୁ ଚାଲିଯାଇଥିଲେ। ପରେ ଗଣେଶ ପୂଜା ସମୟରେ ସେ ଘରକୁ ଫେରି ଭସାଣିର ନେତୃତ୍ୱ ନେଇଥିଲେ। ଏହି ସମୟରେ ଗ୍ରାମର ୨ ସାହି (ସିଂହସାହି ଓ ବାରିକସାହି) ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସେତେବେଳେ ଗଗନ ଅଭିଯୁକ୍ତ ରିଣ୍ଟନଙ୍କ ବାପା ବୀରଙ୍କୁ ଗାଳିଗୁଲଜ କରିଥିଲେ। ରିଣ୍ଟନ ଏଥିରେ ଉତ୍ତେଜିତ ହୋଇ ଭେଲୁ ସହ ମିଶି ତାଙ୍କୁ ଜୀବନରୁ ମାରିଦେବା ପାଇଁ ଯୋଜନା କରିଥିଲେ ବୋଲି ଏସ୍‌ପି କହିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି ବୋଲି ସେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଏଏସ୍‌ପି ଗାଗାରିନ ମହାନ୍ତି, କେନ୍ଦ୍ରାପଡ଼ା ଏସଡିପିଓ ରାଜୀବଲୋଚନ ପଣ୍ଡା ଓ ମାର୍ଶାଘାଇ ଥାନା ଅଧିକାରୀ କାଳନ୍ଦୀ ବେହେରା ପ୍ରମୁଖ ଯୋଗଦେଇଥିଲେ ।

NANDANKANAN

**NANDANKANAN ZOOLOGICAL PARK**

**Tender Notice No.: 13 of 2019-20 Date: 20.09.2019**

No.: 69-MM: Deputy Director, Nandankanan Zoological Park invites sealed tender in prescribed form from interested individuals/ firms/entrepreneurs for providing Sanitation Service to Nandankanan Zoological Park.

The last date of submission of sealed tender : **5.00 P.M. of 10.10.2019.**

Opening of sealed tender **(Technical Bid) : 11.30 A.M. of 11.10.2019.**

Detailed terms and conditions along with the tender papers will be available in the website of Nandankanan Zoological Park **(www.nandankanan.org)** from **21.09.2019**. The downloaded tender papers must be accompanied with a Bank Draft of **Rs.5900/-** (inclusive of 18% GST) in favour of Deputy Director, Nandankanan Zoological Park payable at Bhubaneswar.

**Deputy Director**
08070/11/0002/1920 **Nandankanan Zoological Park**

**ସର୍ବବୃହତ୍ ଭୋଟର ଯାଞ୍ଚ ଅଭିଯାନରେ ସାମିଲ ହୁଅନ୍ତୁ**

No.: 121-D: ୧୫ ଅକ୍ଟୋବର ୨୦୧୯ ସୁଦ୍ଧା ଭୋଟର ତାଲିକାରେ ନିଜର ତଥ୍ୟ ୧୦୦% ଠିକ୍ ଥିବା ନିଶ୍ଚିତ କରନ୍ତୁ। ଆସନ୍ତା ଦୁଇ ରବିବାର ତା୨୨ ଏବଂ ୨୯ ସେପ୍ଟେମ୍ବର ରିଖ ସ୍ୱତନ୍ତ୍ର ପ୍ରଚାର ଦିବସରେ ବୁଥ୍ ସ୍ତରୀୟ ଅଧିକାରୀ (BLO) ଆପଣଙ୍କ ମତଦାନ କେନ୍ଦ୍ରରେ ଉପସ୍ଥିତ ରହିବେ। BLOଙ୍କୁ ପ୍ରମାଣପତ୍ରର ନକଲ ଦେଇ ଆପଣଙ୍କ ତଥ୍ୟ ଠିକ୍ ଥିବା ସୁନିଶ୍ଚିତ କରନ୍ତୁ। ଅନ୍‌ଲାଇନ୍‌ରେ **www.nvsp.in/Voter Helpline App Download/** ଜନସେବା କେନ୍ଦ୍ର (CSC)ରେ/ଉପଜିଲ୍ଲାପାଳ/ତହସିଲ/ବ୍ଲକ କାର୍ଯ୍ୟାଳୟରେ ଥିବା ଭୋଟର ସହାୟତା କେନ୍ଦ୍ରରେ କିମ୍ବା Toll Free ନଂ. – 1950କୁ କଲ୍ କରି ଯାଞ୍ଚ କରିପାରିବେ।

12001/11/0019/1920 **ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା**

**OFFICE OF THE PANCHAYAT SAMITI, KORAPUT, DIST.- KORAPUT**

**No.: 2012 Dated: 20.09.19**

**PUBLIC HEARING UNDER NSAP/MGNREGS/PMAY/BPGY**

Apropos to the above subject, the Block Level Public Hearing for the year 2018-19 which will be held on 25.09.2019 at Panchayat Samiti, Koraput. Hence all the Stake Holders related to the Public Hearing may kindly visit Official website of Koraput Dist.
**www.koraput.nic.in** & DRDA, Koraput website i.e.
**http://www.drdakoraput.org**

**Sd./- Block Development Officer, Koraput**

**GOVERNMENT OF ODISHA** No.: 377-O

**OFFICE OF THE EXECUTIVE ENGINEER RURAL WORKS DIVISION, DEOGARH**

**E-mail ID: eerw_deogarh@yahoo.co.in**

**E-Procurement Notice**

**BID IDENTIFICATION NO. EEDGH-Online-03/2019-20**

| | | | |
|---|---|---|---|
| 1 | Name of Work | : | Road Works (14 Nos.) |
| 2 | Estimated Cost | : | Rs.4.40 Lakhs to 57.35 Lakhs |
| 3 | Mode of Submission of Tender | : | Tender shall be submitted online in **www.tenders.ori.nic.in** |
| 4 | Availability of tender for Online bidding | : | 04.10.2019, 11.00 A.M. to 14.10.2019 upto 5.00 P.M. |
| 5 | Date and time of Opening of tender | : | 16.10.2019, 11.00 A.M. |
| 6 | Other details can be seen from the website | : | **www.tenders.ori.nic.in** |
| 7 | Corrigendum/Addendum if any shall only be published in the above website. | | |

**Sd./- Pradip Kumar Mohanty**
25087/11/0002/1920 **Executive Engineer, R.W. Division, Deogarh**

**ପୌର ପରିଷଦ କାର୍ଯ୍ୟାଳୟ, ସୁନାବେଡ଼ା**

ସଂଖ୍ୟା-୫୮୮୧ **ବିଜ୍ଞାପନ** ତା୨୧.୯.୧୯

ଏତଦ୍ୱାରା ସୁନାବେଡ଼ା ପୌର ପରିଷଦର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମଳ ପରିଚାଳନା (FSSM-Faecal Sludge and Septage Management) ୨୦୧୮ ଅଧିନିୟମ ସୁନାବେଡା ପୌରପରିଷଦ ଦ୍ୱାରା ଅନୁମୋଦିତ ହୋଇ ରାଜ୍ୟ ସରକାରଙ୍କ ରାଜପତ୍ର (Odisha Gazette) ଗତ ତା୦୯.୦୮.୨୦୧୯ରିଖରେ ପ୍ରକାଶିତ ହୋଇଅଛି। ଏ ସମ୍ବନ୍ଧରେ ଯଦି କାହାର ଆପତ୍ତି ଅଭିଯୋଗ ଏବଂ ପରାମର୍ଶ ଥାଏ ତେବେ ଏହି ବିଜ୍ଞାପନର ଏକ ମାସ ଯଥା (ତା ୨୧.୦୯.୨୦୧୯ରିଖ ଠାରୁ ତା୨୦.୧୦.୨୦୧୯ରିଖ) ମଧ୍ୟରେ ସେମାନଙ୍କ ଆପତ୍ତି ଅଭିଯୋଗ ଏବଂ ପରାମର୍ଶ ଲିଖିତ ଭାବରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ। ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ପରେ କୌଣସି ଆପତ୍ତି ଅଭିଯୋଗ ଏବଂ ପରାମର୍ଶ ଗ୍ରହଣ କରାଯିବ ନାହିଁ।

ସ୍ୱା./- ନିର୍ବାହୀ ଅଧିକାରୀ
ପୌରପରିଷଦ, ସୁନାବେଡ଼ା

**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ**

**ବିଜ୍ଞାପନ**

କନେଷ୍ଟବଳ: ୧୮୪ ନକୁଳ ମାଝି
ପିତା: ଶ୍ରୀ ବନ୍ଧୁ ମାଝୀ
ଗ୍ରାମ: ପାଗରପାନି
ପୋଷ୍ଟ: ଗୋଡ଼ଫୁଲା
ଥାନା: ଲାଖ୍ନ
ଜିଲ୍ଲା: ନୂଆପଡ଼ା

No.: 123-D: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣ ତା୨୮।୦୫।୨୦୧୯ରିଖ ଅପରାହ୍ନଠାରୁ ଠାକୁରଗଡ଼, ଜିଲ୍ଲା- ଅନଗୁଳ ଡ୍ୟୁଟି ପୋଷ୍ଟରୁ ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ଫେରାର ଅଛନ୍ତି। ଆପଣ କୌଣସି ଛୁଟି ନ ନେଇ ଉକ୍ତ ଦିନଠାରୁ ଆଜି ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ବାରମ୍ବାର ତଲବ କରିବା ସତ୍ତ୍ୱେ ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି କି ଯେ, ଆପଣ ଉଦ୍ଦେଶ୍ୟମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗଦାନ କରୁନାହାନ୍ତି। ଏଣୁ ଏତାଦୃଶ କାର୍ଯ୍ୟ ଯୋଗୁଁ ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ପୁଲିସ ବିଭାଗରେ ନିଯୁକ୍ତି କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ।

ଏଣୁ ଉକ୍ତ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଏହି ସମ୍ବାଦ ପ୍ରକାଶନର ୦୭ଦିନ ମଧ୍ୟରେ ଯଦି ଆପଣ ନିଜ କାର୍ଯ୍ୟରେ ଯୋଗଦାନ ନ କରିବେ ତେବେ ଧରି ନିଆଯିବ ଯେ ଆପଣଙ୍କର ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଆପଣଙ୍କର ଉକ୍ତ ବିନା ଅନୁମତିରେ ଗରହାଜିର ନିମନ୍ତେ ଆପଣଙ୍କ ବିରୁଦ୍ଧରେ ଏକତରଫା ଭାବେ ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିମ୍ନ ସ୍ୱାକ୍ଷରକାରୀ ବାଧ୍ୟ ହେବେ।

ସ୍ୱା./- (ଶ୍ରୀ ଲକ୍ଷ୍ମୀଧର ମହାରଣା)
ଦୁର୍ଗପତି
12029/11/0022/1920 (ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ)

**NOTICE**

**No.: 8291 Date: 21.09.19**

**OFFICE OF THE CHIEF DISTRICT MEDICAL OFFICER, BARGARH**

No further contractual engagements in the position of (Staff Nurse/ADDL. ANM shall be made against advertisement No. 11810, Dated 28.12.2018. Hence, advertisement in such position as above is hereby cancelled.

**Sd./- Chief District Medical & PHO-cum-DMD, NHM, Bargarh**

**OFFICE OF THE DIRECTOR OF HANDICRAFTS & COTTAGE INDUSTRIES, ODISHA**

**BARRACK NO. - 12-A, UNIT - V, BHUBANESWAR**
**Tele/Fax: 0674-2396745, E-mail ID: dhciori@gmail.com**

**TENDER NOTICE**

No.: 19-PP: Bids in sealed cover are invited under two-bid system from reputed and experienced Manpower Service Provider for providing services 01 each of IT Professional, Marketing Professional, Programme Co-ordinator, Cluster Manager and IT Programmer for Office of the Director of Handicrafts & Cottage Industries, Odisha, Bhubaneswar. The details of the bidding process are as follows.

Bidders are required to submit the Technical and Financial Bids separately. The bids in sealed Cover-I containing "Technical Bid" and sealed Cover-II containing "Financial Bid" should be placed in a third sealed cover superscribed "Bid for Outsourcing of Manpower Services" must reach the undersigned on or before 10.10.2019 by Speed Post/Registered Post/Courier only.

The bid documents containing eligibility criteria, scope of the work, terms and conditions of the tender and draft agreement can be obtained from Establishment Section. DH&CI on any working day between 11.00 A.M. to 4.00 P.M. on payment of Rs.100/- (Rupees one hundred) only in shape of Cash.

**Complete Address for Submission of Bid:**
**Director, Handicrafts & Cottage Industries, Odisha**
**Barrack No. - 12-A, Unit-V, Bhubaneswar - 751001**
**Phone No.: 0674-2396745**

**Sd./- Director, Handicrafts & Cottage Industries, Odisha**
43002/11/0008/1920

**ODISHA STATE CIVIL SUPPLIES CORPORATION LTD., OFFICE OF THE DISTRICT MANAGER, NAYAGARH**

**OFFICE QUOTATION / TENDER CALL NOTICE**

Sealed quotations/ tenders are invited from interested reputed Travel Agencies/ Tour Operators or private individuals for providing 01(one) No. AC/ non AC Diesel driven vehicles having sitting capacity not more than ten including driver, which shall conform to the Terms and Conditions (Annexure-II) for officials use in the Office of the CSO-cum-District Manager , OSCSC Ltd., Nayagarh on monthly rent basis.

1. The vehicle must be in Road Worthy Condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Valid Contract Carriage Permit, proof of up to date tax payment etc. which are mandatory for plying vehicle.
2. The driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport vehicle.
3. The driver should be well behave, gentle and obedient in nature.
4. A sum of Rs. 5000/- shall be deposited by the intending bidders in shape of Bank Draft drawn in favor of the District Manager, OSCSC Ltd., Nayagarh and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charges be quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of Indica e V2-17 Kms. TATA SUMO/ Bolero- 10 Kms. per liter.
7. The details of the make and year of manufacture of the vehicle, registration no., mileage (Kms covered per liter) and name of the driver with Driving License No. and period of validity should be specifically provided in the general bid information to be furnished with the Quotation/ Tender (Annexure-III).
8. The Quotation completed in all respect should reach the undersigned on or before 30.09.2019 up to 03:00 PM and shall be opened on 01.10.2019 at 04:00 PM both Technical Bid and Price Bid in presence of the bidders or their authorized representatives.
9. The application form of Quotation/ Tender containing General Bid information & Terms and condition for Hiring of Vehicles etc. will be available in the Office of the C.S.O-cum-District Manager, OSCSC Ltd., Nayagarh on payment of Rs. 100/- from 23.09.2019 to 30.09.2019.

**Sd./- C.S.O-cum-District Manager, OSCSC Ltd., Nayagarh**

## ସଂକ୍ଷେପରେ

### ୧୧ ଡିଜିଟ୍ ହେବ ମୋବାଇଲ ନମ୍ବର

**ନୂଆଦିଲ୍ଲୀ,୨୧-୯:** ଟେଲିକମ୍ ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ) ଦେଶରେ ମୋବାଇଲ ନମ୍ବରକୁ ବର୍ତ୍ତମାନର ୧୦ ସ୍ଥାନରେ ୧୧ ଡିଜିଟ୍(ଅଙ୍କ) କରାଯିବା ନେଇ ପରାମର୍ଶ ଲୋଡ଼ିଛି। ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଟେଲିକମ୍ ସଂଯୋଗ ଚାହିଦା ବଢ଼ୁଥିବାରୁ ଏହାକୁ ଦୃଷ୍ଟିରେ ରଖି ବିକଳ୍ପ ଆପଣାଇବାକୁ ଟ୍ରାଇ ପ୍ରସ୍ତାବ ଦେଇଛି। ଏ ସମ୍ପର୍କରେ ଟ୍ରାଇ ଏକ ଡିସ୍‌କଶନ ବା ଆଲୋଚନା ପତ୍ର ଜାରି କରିଛି। 'ଏକୀକୃତ ଅଙ୍କ ଯୋଜନାର ବିକାଶ' ନାମରେ ଆଲୋଚନାପତ୍ର ଜାରି କରି କୁହାଯାଇଛି ଯେ, ୧୧ ଡିଜିଟ୍ ନମ୍ବର ଯୋଜନାକୁ ଉଭୟ ମୋବାଇଲ ଓ ଲ୍ୟାଣ୍ଡଲାଇନ୍ ଫୋନ କ୍ଷେତ୍ରରେ ଲାଗୁ କରାଯିବ। ଏହି ନୂଆ ଯୋଜନା ଲାଗୁ କରିବାର କାରଣ ମଧ୍ୟ ଏଥିରେ ଦର୍ଶାଯାଇଛି। ଏଥିରେ କୁହାଯାଇଛି ଯେ, ୨୦୫୦ ସୁଦ୍ଧା ୱାର୍‌ଲେସ୍ ଫୋନ ହାର ୨୦୦ ପ୍ରତିଶତ ବଢ଼ିଲେ ଅର୍ଥାତ୍ ଜଣଙ୍କ ନିକଟରେ ଦୁଇଟି ମୋବାଇଲ ଫୋନ ରହିଲେ ଦେଶରେ ସକ୍ରିୟ ମୋବାଇଲ ଫୋନ ସଂଖ୍ୟା ୩.୨୮ ବିଲିୟନରେ ପହଞ୍ଚିଯିବ। ବର୍ତ୍ତମାନ ଦେଶରେ ୧.୨ ବିଲିୟନ ଫୋନ ସଂଯୋଗ ରହିଛି। ୨.୧ ବିଲିୟନ ମୋବାଇଲରେ ୭,୮ ଓ ୯ରୁ ଆରମ୍ଭ ହେଉଥିବା ୧୦ ଡିଜିଟର ନମ୍ବର ସଂଯୋଗ ଦେଇହେବ। ଏଣୁ ଆଗାମୀ ଦିନରେ ୧୧ ଡିଜିଟ୍ ନମ୍ବର ଦେବାର ଆବଶ୍ୟକତା ବଢ଼ିବ ବୋଲି ଡିସ୍‌କଶନ ପତ୍ରରେ ଦର୍ଶାଯାଇଛି। ସୂଚନାଥାଉ କି, ଭାରତରେ ଏଥିପୂର୍ବରୁ ୧୯୯୩ ଓ ୨୦୦୩ରେ ନମ୍ବରିଂ ପ୍ଲାନ୍‌ର ସମୀକ୍ଷା ହୋଇଥିଲା।

### ବ୍ୟାଙ୍କ ଠକେଇ ମାମଲା
### ଇଣ୍ଟରପୋଲ ସହାୟତାରେ ସିଏମ୍‌ଡିଙ୍କୁ ଗିରଫ କଲା ଇଡି

**ନୂଆଦିଲ୍ଲୀ,୨୧-୯:** ବହୁ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଅହମ୍ମଦାବାଦ୍‌ସ୍ଥିତ ଏକ କମ୍ପାନୀର ସିଏମ୍‌ଡିଙ୍କୁ ଗିରଫ କରିଛି। ପିଏମ୍‌ଏଲ୍‌ଏ ଆଇନ ଅଧୀନରେ ସାଇ ଇନ୍‌ଫୋସିଷ୍ଟମ(ଇଣ୍ଡିଆ) ଲିମିଟେଡର ଚିଫ୍ ମ୍ୟାନେଜିଂ ଡାଇରେକ୍ଟର(ସିଏମ୍‌ଡି) ସୁନୀଲ ସୁରେନ୍ଦ୍ର କୁମାର କକ୍କଡଙ୍କୁ ଇଣ୍ଟରପୋଲ ଲିବେରିଆରେ ଅଟକ ରଖିଥିଲା। କକ୍କଡ ତାଙ୍କର ଅହମ୍ମଦାବାଦ୍‌ସ୍ଥିତ କମ୍ପାନୀ ସାଇ ଇନ୍‌ଫୋସିଷ୍ଟମ ଲିମିଟେଡ, ଆଟ୍ରିମ ଇନ୍‌ଫୋକମ୍ ପ୍ରାଇଭେଟ ଲିମିଟେଡ ଏବଂ କ୍ଲିକ୍ ଟେଲିକମ୍ ପ୍ରାଇଭେଟ ଲିମିଟେଡ ଜରିଆରେ ବିଭିନ୍ନ ବ୍ୟାଙ୍କରୁ ୮୬୭.୪୩ କୋଟି ଟଙ୍କା ଋଣ ନେଇଥିଲେ। ପରେ ସେ ଏହି ଟଙ୍କାକୁ ମନି ଲଣ୍ଡରିଂ ଜରିଆରେ ବିଦେଶ ପଠାଇଥିଲେ। କକ୍କଡ ନିଜର ୩ କମ୍ପାନୀକୁ ପବ୍ଲିକ୍ ଲିମିଟେଡ କମ୍ପାନୀ ଭାବେ ପ୍ରତିଷ୍ଠିତ କରି ଜାଲିଆତି ମାଧମରେ ବ୍ୟାଙ୍କରୁ ଋଣ ହାସଲ କରିଥିଲେ ବୋଲି ଇଡି ଅଭିଯୋଗ କରିଛି।

### ବିତ୍ତୀୟ ନିଅଣ୍ଟ ଭରଣାର ବାଟ ବତାଇଲେ ନୀତି ଆୟୋଗ

**ମୁମ୍ବାଇ,୨୧-୯:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର କର୍ପୋରେଟ ଟିକସ ହ୍ରାସ ଘୋଷଣା କରିଛନ୍ତି। ଏହାଦ୍ୱାରା ସରକାର ରାଜସ୍ୱ ବାବଦରେ ୧.୪୫ ଲକ୍ଷ କୋଟି ଟଙ୍କା ହରାଇବେ ବୋଲି ଅନୁମାନ କରାଯାଉଛି। ଏହାର ଭରଣା କିପରି ହେବ, ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଶନିବାର ଏ ସମ୍ପର୍କରେ ଉପାୟ କହିଛନ୍ତି। ଏକ ଇଲେକ୍ଟ୍ରୋନିକ ମିଡିଆ ଇଭେଣ୍ଟରେ ଯୋଗଦେଇ କୁମାର କହିଛନ୍ତି ଯେ, ସ୍ୱଳ୍ପ ମାତ୍ରାରେ ନିଅଣ୍ଟ ପରିମାଣ ବଢ଼ିବ। ଚଳିତ ଆର୍ଥିକ ବର୍ଷ ଲାଗି ବିତ୍ତୀୟ ନିଅଣ୍ଟ ପରିମାଣକୁ ୩.୩% ମଧ୍ୟରେ ରଖିବା ଲାଗି ସରକାର ବଜେଟରେ ଲକ୍ଷ୍ୟଧାର୍ଯ୍ୟ କରିଥିବା ସେ କହିଛନ୍ତି। ତେବେ ଏହା ୪.୧%କୁ ବୃଦ୍ଧି ପାଇବ ବୋଲି ବହୁ ଅର୍ଥନୈତିକ ବିଶେଷଜ୍ଞ ମତପ୍ରକାଶ କରିଛନ୍ତି। କାରଣ ସରକାର ଜିଡିପିର ୦.୭ ପ୍ରତିଶତ ପର୍ଯ୍ୟନ୍ତ କର୍ପୋରେଟ ଟିକସ ଛାଡ଼ ଘୋଷଣା କରିଛନ୍ତି। ତେବେ ବିତ୍ତୀୟ ନିଅଣ୍ଟକୁ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଓ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଗଣ ଶୁକ୍ରବାର ଖବରଦାତା ସମ୍ମିଳନୀରେ କୌଣସି ପ୍ରଶ୍ନର ଉତ୍ତର ଦେଇ ନ ଥିଲେ। କୁମାର କହିଛନ୍ତି ଯେ, ସରକାର ଦୁଇ ପ୍ରକାର ସ୍ରୋତରୁ କ୍ଷତିକୁ ଭରଣା କରିପାରିବେ। ପ୍ରଥମତଃ କର୍ପୋରେଟ ଟିକସ ହ୍ରାସ ଦ୍ୱାରା କମ୍ପାନୀଙ୍କ କାରବାର ବଢ଼ିବା ସହିତ ସେମାନଙ୍କର ରାଜସ୍ୱ ବଢ଼ିବ। ଫଳରେ ସରକାର ପରୋକ୍ଷରେ ଅଧିକ ଟିକସ ପାଇବେ। ସେହିପରି ଅଣ-ଟିକସ ରାଜସ୍ୱ ବୃଦ୍ଧି କରିବା ସରକାରଙ୍କ ନିକଟରେ ଦ୍ୱିତୀୟ ବାଟ ରହିଛି। ସେ କହିଛନ୍ତି ଯେ,୨୪ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କଠାରୁ ପୁଞ୍ଜି ପ୍ରତ୍ୟାହାର କରାଯିବ। ଏଥିପାଇଁ କ୍ୟାବିନେଟ ମଞ୍ଜୁରୀ ମିଳିସାରିଛି। ପୁଞ୍ଜି ପ୍ରତ୍ୟାହାରରୁ ଚଳିତବର୍ଷ ୧.୦୫ ଲକ୍ଷ କୋଟି ଟଙ୍କା ଆଦାୟ କରିବାକୁ ବଜେଟରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାବ୍ୟତୀତ ରିଜର୍ଭ ବ୍ୟାଙ୍କଠାରୁ ଚଳିତବର୍ଷ ଅତିରିକ୍ତ ଲାଭାଂଶ ମିଳିଛି। ପାୱାର ଟ୍ରାନ୍ସମିଶନ ଲାଇନ, ଷ୍ଟାଡିୟମ,ରେଲୱେ ଷ୍ଟାଡିୟମ, ରୋଡ୍ ଇନ୍ ଭଳି ସମ୍ପତ୍ତି ଲିଜ୍ ଅଥବା ଭଡ଼ା ସୂତ୍ରରେ ଦେଇ ସରକାର ନିଜର ଆୟ ବଢ଼ାଇବେ ବୋଲି କୁମାର କହିଛନ୍ତି।

---

> ଦେଶକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଭାବେ ଗଢି ତୋଳିବାକୁ ବ୍ୟାଙ୍କଗୁଡିକର ଋଣ ପ୍ରଦାନ ନିଶ୍ଚିତ ପକ୍ଷେ ୧୨% ହାରରେ ବଢିବା ଆବଶ୍ୟକ।
> – ଦିନେଶ କୁମାର ଖାରା, ଏମ୍‌ଡି, ଏସ୍‌ବିଆଇ



> ଅର୍ଥନୈତିକ ଅଭିବୃଦ୍ଧି ୫%କୁ ଖସିବା ନେଇ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ। ଆଗାମୀ ତ୍ରୈମାସଗୁଡିକରେ ଅଭିବୃଦ୍ଧି ୭% ଛୁଇଁବା ନେଇ ଆଶାବାଦୀ।
> – ବିବେକ ଦେବରୟ, ଅଧ୍ୟକ୍ଷ, ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ



# ଟ୍ରମ୍ପ-ମୋଦିଙ୍କ ମଧ୍ୟରେ ବାଣିଜ୍ୟ ଚୁକ୍ତି ସମ୍ଭାବନା

**ୱାଶିଂଟନ/ନୂଆଦିଲ୍ଲୀ,୨୧-୯**

**ହାଓଡି ମୋଦି ପରେ**
- ଚୁକ୍ତି ଅନୁଯାୟୀ ଦୁଇ ଦେଶ ଶୁଳ୍କ ହ୍ରାସ କରିବେ
- ହାର୍ଲେ ଡାଭିଡସନ ଶୁଳ୍କ ୫୦% ପାଇଁ ଟ୍ରମ୍ପଙ୍କ ଦାବି
- ଦୁଇ ଦେଶ ମଧ୍ୟରେ ଆଲୋଚନା ଶେଷ ପର୍ଯ୍ୟାୟରେ



ଆମେରିକାର ହ୍ୟୁଷ୍ଟନରେ 'ହାଓଡି ମୋଦି' କାର୍ଯ୍ୟକ୍ରମ ପରେ ଜାତିସଂଘ ସାଧାରଣ ପରିଷଦ ବୈଠକ ବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଏକ ସୀମିତ ବାଣିଜ୍ୟ ଚୁକ୍ତି ହୋଇପାରେ। ଦୁଇ ଦେଶ ମଧ୍ୟରେ ଏନେଇ ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ଆମେରିକା ନିର୍ବାଚନ ପୂର୍ବରୁ ଚାଇନା ସହ ବାଣିଜ୍ୟ ଚୁକ୍ତି ପାଇଁ ଟ୍ରମ୍ପ ଆଗ୍ରହ ପ୍ରକାଶ କରିଥିଲେ। ଏଥିନେଇ ଦୁଇ ଦେଶ ଆଲୋଚନା ଆରମ୍ଭ କରିଥିଲେ। ଇତିମଧ୍ୟରେ ଦୁଇ ଦେଶ ମଧ୍ୟରେ ଦୀର୍ଘ ଦିନ ହେବ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇଯାଇଛି। ପ୍ରାପ୍ତ ସୂଚନାନୁଯାୟୀ, ଆସନ୍ତା ସପ୍ତାହରେ ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ସହ ଟ୍ରମ୍ପ ଏଭଳି ଏକ ବାଣିଜ୍ୟ ଚୁକ୍ତି କରିବାକୁ ଯାଉଛନ୍ତି। ଫଳରେ ଜାପାନୀ ଉତ୍ପାଦ ଉପରେ ଆମେରିକା ଶୁଳ୍କ ହ୍ରାସ କରିବ। ଅଧିକାରୀଙ୍କ କହିବାନୁଯାୟୀ, ଭାରତ ସହିତ ସୀମିତ ବାଣିଜ୍ୟ ଚୁକ୍ତି ହେବା ପରେ ଆମେରିକାର କେତେକ ଉତ୍ପାଦ ଉପରେ ଭାରତ ଶୁଳ୍କ ହ୍ରାସ କରିବ। ସେହିପରି କେତେକ ଭାରତୀୟ ଉତ୍ପାଦ ଉପରେ ଆମେରିକା ଜେନେରାଲାଇଜ୍‌ଡ ସିଷ୍ଟମ ଅଫ୍ ପ୍ରିଫରେନ୍ସେସ୍(ଜିଏସ୍‌ପି)କୁ ପୁନର୍ବାର ଲାଗୁ କରିବ। ସୂଚନାଥାଉ କି, ହାର୍ଲେ ଡାଭିଡସନ ବାଇକ୍ ଉପରେ ଭାରତ ଅଧିକ ଟାରିଫ୍ ଆଦାୟ କରୁଛି ବୋଲି ଟ୍ରମ୍ପ ଅଭିଯୋଗ କରି ଏହାକୁ ୫୦%କୁ ହ୍ରାସ କରିବା ଲାଗି ସେ ଦାବି କରୁଛନ୍ତି। ସେହିଭଳି ଭାରତ ପକ୍ଷରୁ ଜାରି କରାଯାଇଥିବା ନୂଆ ଇ-କମର୍ସ ନିୟମକୁ ନେଇ ମଧ୍ୟ ଭାରତ ସହ ଆମେରିକାର ମତବିରୋଧ ରହିଛି। ଆମାଜନ, ୱାଲମାର୍ଟ ଭଳି କମ୍ପାନୀଙ୍କ ସ୍ୱାର୍ଥକୁ ଭାରତୀୟ ଇ-କମର୍ସ ନିୟମ ବିରୁଦ୍ଧାଚରଣ କରୁଛି ବୋଲି ଟ୍ରମ୍ପ ଅଭିଯୋଗ କରିଛନ୍ତି। ସୂଚନାଥାଉ କି, ନିକଟରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର କହିଥିଲେ ଯେ, ବାଣିଜ୍ୟ ବିବାଦର ସମାଧାନ ନେଇ ଆମେରିକା ସହ ଆଲୋଚନା ଚାଲିଛି। କେତେକ ବିବାଦ ଏପରି ରହିଛି ଯାହାର ସମାଧାନ ନିକଟରେ ହୋଇପାରିବ ବୋଲି ତାଙ୍କର ଆଶା ଥିବା ଜୟଶଙ୍କର କହିଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ରାଷ୍ଟ୍ରପତି ଟ୍ରମ୍ପ ଭାରତଠାରୁ ଆମେରିକାର ଶୀର୍ଷ କମ୍ପାନୀଙ୍କ ଲାଗି ଏକ ଉନ୍ନତ ବାଣିଜ୍ୟ ସର୍ତ୍ତ ଚାହୁଁଛନ୍ତି। ଭାରତ ସହ ପୂର୍ବର ଚୁକ୍ତି ଯୋଗୁ ଆମେରିକାର ବିନିର୍ମାଣ କ୍ଷେତ୍ରରେ ଲକ୍ଷ ଲକ୍ଷ ନିଯୁକ୍ତି ଚାଲିଯାଇଛି ବୋଲି ସେ ଅଭିଯୋଗ କରିଥିଲେ। ସୂଚନାଥାଉ କି, ଗତବର୍ଷ ଆମେରିକା ସହିତ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ମାତ୍ର ୧୪୨ ବିଲିୟନ ଡଲାର ଥିଲା, ଯାହା କି ଏହାର ଚାଇନା ସହ ୭୩୭ ବିଲିୟନ ଡଲାରର ଏକ ଛୋଟ ଅଂଶବିଶେଷ ରହିଛି।



## ୧୯ ଶାଖା ଖୋଲିଲା ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ

**ଭୁବନେଶ୍ୱର, ୨୧-୯ (ବ୍ୟୁରୋ)**

ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ (ୟୁଏସ୍‌ଏଫ୍‌ବି) ଓଡ଼ିଶାରେ ଏହାର ଉପସ୍ଥିତି ଜାହିର ଲାଗି ବିଭିନ୍ନ ଯୋଜନା ଗ୍ରହଣ କରୁଛି। ଏହି କାର୍ଯ୍ୟକ୍ରମ ମୁତାବକ ବ୍ୟାଙ୍କ ପକ୍ଷରୁ ରାଜ୍ୟରେ ୧୯ ଶାଖା ଖୋଲାଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତ ସହ ଭୁବନେଶ୍ୱରରେ ବ୍ୟାଙ୍କର ନୂଆ ଶାଖା ନୟାପଲ୍ଲୀଠାରେ ଶୁଭାରମ୍ଭ ହୋଇଥିବା ଏହାର ଏମ୍‌ଡି ତଥା ସିଇଓ ଗୋବିନ୍ଦ ସିଂ ଶନିବାର ସୂଚନା ଦେଇଛନ୍ତି।

ସ୍ଥାନୀୟ ଏକ ହୋଟେଲରେ ଖବରଦାତା କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ, ରାଜ୍ୟରେ ସମ୍ପ୍ରସାରଣ ନେଇ କାମ କରୁଛୁ। ଆଗାମୀ ୬ ମାସ ମଧ୍ୟରେ ଆଉ ୩୦ ନୂଆ ଶାଖା ଖୋଲିବା ଲାଗି ଯୋଜନା ରଖାଯାଇଛି। ରାଜ୍ୟରେ ବ୍ୟାଙ୍କ ଅଧିକରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଣ ନେଇ ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ଅନ୍ତର୍ଗତ ଆଗାମୀ ୬ ମାସରେ ୧୦ ହଜାର ଗ୍ରାହକଙ୍କୁ ବ୍ୟାଙ୍କ ସହ ଯୋଡିବା ନେଇ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହାବାଦ କାରବାରକୁ ୨୦୦ କୋଟି ଟଙ୍କାରେ ପହଞ୍ଚାଇବା ଲକ୍ଷ୍ୟ ରହିଥିବା ସିଂ ପ୍ରକାଶ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ସଞ୍ଚୟ ଖାତା ଉପରେ ୭% ସୁଧହାର ପ୍ରଦାନ କରାଯାଉଛି। ବରିଷ୍ଠ ନାଗରିକଙ୍କ କ୍ଷେତ୍ରରେ ଏହା ୯.୫%। ରିଟେଲ ଋଣ ଏବଂ ଜମାକୁ ବଢାଇବା ଦିଗରେ ପଦକ୍ଷେପ ନିଆଯାଉଛି। ସେହିଭଳି ଏମ୍‌ଏସ୍‌ଏମ୍‌ଇ ଏବଂ ମାଇକ୍ରୋଫାଇନାନ୍ସ କ୍ଷେତ୍ରକୁ ଫୋକସ୍ ଦିଆଯାଉଛି। ଗ୍ରାହକଙ୍କୁ ଋଣ ଯୋଗାଣ କ୍ଷେତ୍ରରେ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରାଯାଉଥିବା ସେ ପ୍ରକାଶ କରିଛନ୍ତି।



## ଟୟୋଟା ୟାରିସ୍, ଗ୍ଲାଞ୍ଜାର ଗ୍ରାଣ୍ଡ ପ୍ରିମିୟର

**ଭୁବନେଶ୍ୱର, ୨୧-୯ (ବ୍ୟୁରୋ)**

ଟୟୋଟା କିର୍ଲୋସ୍କାର ମୋଟର୍ସ ଲିମିଟେଡର ଅଧିକୃତ ବିକ୍ରେତା ଏସ୍ପିରିଟ ଟୟୋଟା ଶୋ'ରୁମ ପକ୍ଷରୁ ନୂଆ ୟାରିସ ଏବଂ ଗ୍ଲାଞ୍ଜା ମଡେଲର ଗ୍ରାଣ୍ଡ ପ୍ରିମିୟର କାର୍ଯ୍ୟକ୍ରମ ସ୍ଥାନୀୟ ଏସ୍‌ପ୍ଲାନେଡ ୱାନ ମଲ୍‌ଠାରେ ଶନିବାର ଆରମ୍ଭ ହୋଇଛି। ନୂଆ ମଡେଲଗୁଡ଼ିକୁ ଗ୍ରାହକଙ୍କ ଲାଗି ୨ ଦିନ ଲାଗି ପ୍ରଦର୍ଶନ କରାଯାଉଛି। ଏହି ଦୁଇ ଯାନ ସମ୍ପର୍କରେ ଗ୍ରାହକଙ୍କ ଜଣାଇବା ଲାଗି ଏଭଳି ଏକ କାର୍ଯ୍ୟକ୍ରମ ଶୋ'ରୁମ ପକ୍ଷରୁ ହାତକୁ ନିଆଯାଇଛି। ଏଠାରେ ଶୋ'ରୁମ ପକ୍ଷରୁ ଗ୍ରାହକଙ୍କ ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଯାନ ସମ୍ପର୍କରେ ସୂଚନା ପ୍ରଦାନ ତଥା ଅନ୍ୟାନ୍ୟ ବାଣିଜ୍ୟିକ ଇନକ୍ୱାରି ନେବା ଲାଗି ଅଭିଜ୍ଞ ଟିମ୍ ଏଠାରେ ରହିଛନ୍ତି। କମ୍ପାନୀର ୟାରିସ୍ ମଡେଲର ବଜାର ଦର ୮.୬୫ ଲକ୍ଷ ଟଙ୍କା ଥିବା ବେଳେ ଗ୍ଲାଞ୍ଜାର ମୂଲ୍ୟ ୭.୨୮ ଲକ୍ଷ ଟଙ୍କା ରହିଛି। ୟାରିସ ମଡେଲ୍ ଡୁଆଲ ଟୋନ ପଏଣ୍ଟ ସ୍କିମ ସହ ଆସୁଛି। ଗ୍ରାହକମାନେ ଏଥିରେ ୩ ଅତିରିକ୍ତ ଟ୍ରିମ୍ ଲାଭ କରିପାରିବେ। ୧.୫ ଲିଟରର ପେଟ୍ରୋଲ ଇଞ୍ଜିନ ବିକଳ୍ପରେ ଆସିଥିବା ଏହି ଯାନରେ କମ୍ପାନୀ ୩ ବର୍ଷର ୱାରେଣ୍ଟି ପ୍ରଦାନ କରୁଛି। ଏହାବାଦ ୧.୨ ଲିଟରର ପେଟ୍ରୋଲ ଇଞ୍ଜିନ, ୨ ଭାରିଆଣ୍ଟ ସହ ନୂଆ ଗ୍ଲାଞ୍ଜାରେ ଗ୍ରାହକମାନେ ମାନୁଆଲ ଏବଂ ସିଭିଟି ଟ୍ରାନ୍ସମିଶନ ବିକଳ୍ପ ପାଇବେ। ଏଥିରେ ଟଚ୍ ସ୍କ୍ରିନ ଅଡିଓ, ଆଣ୍ଡ୍ରଏଡ ଅଟୋ ଆପଲ କାର ପ୍ଲେ ଆପ୍ କମ୍ପାନୀ ସ୍ଥାନିତ କରିଛି। ୩ ବର୍ଷର ୱାରେଣ୍ଟି ସହ ଏହା ଆସୁଥିବା ବେଳେ ଏହାକୁ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇ ପାରିବ। କାର୍ଯ୍ୟକ୍ରମ ଅବସରରେ ଏସ୍ପିରିଟ ଟୟୋଟାର ସେଲ୍‌ସ ବିଭାଗ ଜେନେରାଲ ମ୍ୟାନେଜର ସତୀର୍ଥ ନାୟକ, ସେଲ୍‌ସ ମ୍ୟାନେଜର ସରୋଜ କୁମାର, ମାର୍କେଟିଂ ମ୍ୟାନେଜର ହରିଚରଣ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ।

## ୟେସ୍ ବ୍ୟାଙ୍କର ଶେୟାର ବିକିଲେ ରାଣା କପୁର

**ନୂଆଦିଲ୍ଲୀ,୨୧-୯**

ୟେସ୍ ବ୍ୟାଙ୍କର ପ୍ରମୋଟର ଗ୍ରୁପ୍ କମ୍ପାନୀ ଏବଂ ଏହାର ସହ ପ୍ରତିଷ୍ଠାତା ରାଣା କପୁର ବ୍ୟାଙ୍କର ମୋଟ୍ ୨.୭୫% ଅଂଶଧନ ବିକ୍ରି କରିଦେଇଛନ୍ତି। ଖୋଲା ବଜାରରେ ଏହାକୁ ବିକ୍ରି କରାଯାଇଛି। ମୋର୍ଗାନ କ୍ରେଡିଟ୍ସ ଶନିବାର ଏ ସମ୍ପର୍କରେ ଶେୟାର ବଜାରକୁ ଜଣାଇଛି। ଏଥିରେ ଦର୍ଶାଯାଇଛି ଯେ, ୟେସ୍ କ୍ୟାପିଟାଲ(ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ, ମୋର୍ଗାନ କ୍ରେଡିଟ୍ସ ପ୍ରାଇଭେଟ ଲିମିଟେଡ ଓ ରାଣା କପୁରଙ୍କ ପକ୍ଷରୁ ବ୍ୟାଙ୍କର ଶେୟାର ବିକ୍ରି କରାଯାଇଛି। ପ୍ରମୋଟର ୟୁନିଟ୍ସଙ୍କ ନିକଟରେ ୟେସ୍ ବ୍ୟାଙ୍କର ୯.୬୪% ଅଂଶଧନ ରହିଥିଲା, ଯାହା ଏବେ ୬.୮୯ ପ୍ରତିଶତକୁ ଖସିଆସିଛି। ତେବେ କେତେ ମୂଲ୍ୟରେ ଏହି ଅଂଶଧନକୁ ବିକ୍ରି କରାଯାଇଛି ସେ ସମ୍ପର୍କରେ ବଜାରକୁ ସ୍ପଷ୍ଟ କିଛି କୁହାଯାଇ ନାହିଁ। ନିୟାମକୀୟ ସୂଚନାରେ କୁହାଯାଇଛି ଯେ, ଚଳିତ ମାସ ୧୮ରୁ ୨୦ମଧ୍ୟରେ ଶେୟାର ବିକ୍ରି କରାଯାଇଛି।



## ନୂଆ ଟେକ୍ନୋଲୋଜିର ଫ୍ରିଜ୍ ଆଣିବ ଭୋଲ୍‌ଟାସ୍

**ଭୁବନେଶ୍ୱର, ୨୧-୯ (ବ୍ୟୁରୋ)**

ଟାଟା ଗ୍ରୁପ କମ୍ପାନୀର ଫାର୍ମ ଭୋଲଟାସ ବେକୋ ପକ୍ଷରୁ ନୂଆ ଟେକ୍ନୋଲୋଜିଯୁକ୍ତ ଫ୍ରିଜ୍ ଡିସେମ୍ବରରେ ବଜାରକୁ ଆସିବ। ତୁର୍କୀ କମ୍ପାନୀ ଆର୍ସେଲିକ ସହ ମିଳିତ ହୋଇ କମ୍ପାନୀ ଏ ଦିଗରେ କାର୍ଯ୍ୟ କରୁଛି। ଏହାଦ୍ୱାରା ସଦ୍ୟତମ ପ୍ରତ୍ୟକ୍ଷ କୁଲିଂ ରେଫ୍ରିଜରେଟର ସହ ବଜାରରେ କମ୍ପାନୀ ଏହାର ସ୍ଥିତି ଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଡିଲରମିଟ ଅବସରରେ କମ୍ପାନୀର ପୂର୍ବାଞ୍ଚଳ ବାଣିଜ୍ୟ ମୁଖ୍ୟ ସବ୍ୟସାଚୀ ଗୁପ୍ତା କହିଛନ୍ତି ଯେ, ଡାଇରେକ୍ଟ କୁଲ ପ୍ରଡକ୍ଟର ଏକ ବଡ ବଜାର ଦେଶରେ ଥିବା ବେଳେ ଏହି କ୍ଷେତ୍ରରେ ଭଲ କାରବାର ନେଇ ଆଶା ରହିଛି। ଏହି ପ୍ରଡକ୍ଟ ଗ୍ରାହକଙ୍କୁ ଆକର୍ଷଣୀୟ ମୂଲ୍ୟରେ ଯୋଗାଇ ଦିଆଯିବ। ଉକ୍ତ ବର୍ଗରେ ଏକ ଉନ୍ନତ ବଜାର ଅଂଶ ହାସଲ ନେଇ ଲକ୍ଷ୍ୟ ରହିଛି।

ସେ କହିଛନ୍ତି ଯେ, ପାର୍ବଣ ଉପଲକ୍ଷେ ଗ୍ରାହକଙ୍କୁ ନୂଆ ଅଫର ପ୍ରଦାନ କରାଯିବ। ଆକର୍ଷଣୀୟ ୱାରେଣ୍ଟି, ଇଏମ୍‌ଆଇ ଏବଂ କ୍ୟାଶବ୍ୟାକ ସୁବିଧା ପ୍ରଦାନ କରିବାକୁ ଯୋଜନା ରହିଛି। କାର୍ଯ୍ୟକ୍ରମରେ ଭୋଲଟାସ ଲିମିଟେଡର ଶାଖା ପ୍ରବନ୍ଧକ ମାନସ କୁମାର ମଲ୍ଲିକ, ବିତରକ ପପୁ ହଂସ ଏବଂ ରାକେଶ ନାରଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

---

# କେବଳ ବାଣିଜ୍ୟ ନୁହେଁ; ଗ୍ରାହକ ସମ୍ପର୍କକୁ ଦେଉ ପ୍ରାଥମିକତା

**ଗ୍ରାହକଙ୍କ ରୁଚିରେ ଏବେ ପରିବର୍ତ୍ତନ ଆସିଛି। ସେମାନେ ଏବେ ଗୁଣବତ୍ତା, ପ୍ରଡକ୍ଟ ସଲ୍ୟୁଶନ ଉପରେ ବିଶ୍ୱାସ କରୁଛନ୍ତି। ଇଲେକ୍‌ଟ୍ରୋନିକ୍ସ ପ୍ରଡକ୍ଟ ଯୋଗାଣ କ୍ଷେତ୍ରରେ ରାଜ୍ୟର ଏକ ଲୋକପ୍ରିୟ ବ୍ରାଣ୍ଡ ଭାବେ ପାତ୍ର ଇଲେକଟ୍ରୋନିକ୍ସ କାର୍ଯ୍ୟ କରୁଛି। ଏହାର ପ୍ରତିଷ୍ଠା ସହ ସଫଳ ପରିଚାଳନାର ସମସ୍ତ ଶ୍ରେୟ କୈଳାଶ ପାତ୍ରଙ୍କୁ ଯାଏ। ଗ୍ରାହକଙ୍କୁ ବ୍ରାଣ୍ଡ ସହ ଦୀର୍ଘ ସମୟ ଧରି ବାନ୍ଧି ରଖିବାରେ ପାତ୍ର ଇଲେକ୍‌ଟ୍ରୋନିକ୍ସ ଏକ ପ୍ରମୁଖ ସ୍ଥାନରେ ରହିଛି। ଶୋ'ରୁମ ପକ୍ଷରୁ ପ୍ରଦାନ କରାଯାଉଥିବା ସେବା, ପାର୍ବଣ ବଜାର ଏବଂ ଗ୍ରାହକଙ୍କ ଅଭିରୁଚି ପ୍ରସଙ୍ଗରେ ଶ୍ରୀ ପାତ୍ର ଧରିତ୍ରୀକୁ ଦେଇଥିବା ସାକ୍ଷାତ୍‌କାର...**



କୈଳାଶ ପାତ୍ର

**ପାତ୍ର ଇଲେକ୍‌ଟ୍ରୋନିକ୍ସ କାହିଁକି ସ୍ୱତନ୍ତ୍ର?**

କେବଳ ବାଣିଜ୍ୟରେ ଆମେ ସୀମିତ ହୋଇ ରହିନାହୁଁ। ଲୋକଙ୍କୁ ସଲ୍ୟୁଶନ ପ୍ରଦାନ ଦିଗରେ କାର୍ଯ୍ୟ କରୁଛୁ। ଆମେ 'କ୍ରିଏଟିଂ ରିଲେଶନଶିପ ବିଅଣ୍ଡ ବିଜ୍‌ନେସ୍ 'ମନ୍ତ୍ର ସହ ଅଗ୍ରସର। କେବଳ ବାଣିଜ୍ୟ ନୁହେଁ ଗ୍ରାହକଙ୍କ ସହ ରହିଥିବା ଆମର ସମ୍ପର୍କକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛୁ। ଶୋ'ରୁମ ଅଫର, ବିଭିନ୍ନ କମ୍ପାନୀ ସହ ସହଯୋଗିତା ଦ୍ୱାରା ଗ୍ରାହକଙ୍କୁ ସେବା ଯୋଗାଣ ଏବଂ ୫୦ ମାନୁଫାକ୍ଚରିଂ କମ୍ପାନୀର ପ୍ରଡକ୍ଟ ପ୍ରଦାନ କରୁଛୁ। ଫର୍ନିଚର ବର୍ଗରେ ଗୋଦ୍‌ରେଜ ଇଣ୍ଟେରିଓ,ସ୍ୱେଶଉଡ, ଜୁଆରି, ଫର୍ନିଚର କ୍ରାଫ୍ଟ, ଅର୍ବାନ ଲିଭିଂ ଭଳି ବ୍ରାଣ୍ଡ ଆମ ସହ ଯୋଡି ହୋଇଛନ୍ତି।

**ଉନ୍ନତ ସେବାକୁ ଗ୍ରାହକ ଗୁରୁତ୍ୱ ଦେଇଥାନ୍ତି। ଏହି ପ୍ରସଙ୍ଗକୁ ପାତ୍ର ଇଲେକ୍‌ଟ୍ରୋନିକ୍ସ କିଭଳି ଧ୍ୟାନରେ ରଖିଛି?**

ସେବା ଯୋଗାଣରେ ପାତ୍ର ଇଲେକ୍‌ଟ୍ରୋନିକ୍ସର ଭଲ ଟ୍ରାକ୍ ରେକର୍ଡ ରହିଛି। ବିକ୍ରି ପରବର୍ତ୍ତୀ ସେବା ଉପରେ ଅଧିକ ଧ୍ୟାନ ଦେଉ। ଗ୍ରାହକଙ୍କୁ ଦ୍ୱରିତ ସେବା ଯୋଗାଣ ଲାଗି ନିଜସ୍ୱ ଉଦ୍ୟମରେ ଏକ ସର୍ଭିସ୍ ଟେଲିଫୋନ ନମ୍ବର ବା ସର୍ଭିସ୍ ଷ୍ଟେଶନ ବ୍ୟବସ୍ଥା କରାଯାଉଛି। ଗ୍ରାହକଙ୍କ ଅଭିଯୋଗର ଦ୍ୱରିତ ସମାଧାନ କରିବା ଦିଗରେ କାର୍ଯ୍ୟ କରିବାକୁ ଯୋଜନା ରହିଛି। ଏଥି ଲାଗି ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି।

**କେତେ ଷ୍ଟୋର ସହ ସେବା ଯୋଗାଇ ଦେଉଛନ୍ତି?**

ସାରା ରାଜ୍ୟରେ ୧୮ ଷ୍ଟୋର ରହିଛି। କଟକରେ ସ୍ୱତନ୍ତ୍ର ଫର୍ନିଚର ଷ୍ଟୋର ବାଦ ବ୍ରହ୍ମପୁର, କେନ୍ଦୁଝର, ବାଲେଶ୍ୱର, ଜଗତ୍‌ସିଂହପୁର ଏବଂ ଢେଙ୍କାନାଳରେ ଥିବା ଶୋ'ରୁମ ଇଲେକଟ୍ରୋନିକ୍ସ ସାମଗ୍ରୀ ସହ ଫର୍ନିଚର ଯୋଗାଉଛୁ। ପଶ୍ଚିମ ଓଡ଼ିଶାରେ ସମ୍ବଲପୁର, ଝାରସୁଗୁଡାରେ ଫର୍ନିଚର ଏବଂ ରାଉରକେଲା, ଉତ୍ତର ଓଡ଼ିଶାରେ ବାଲେଶ୍ୱର, ବାରିପଦା ସହ ଯାଜପୁର, କଟକ, ଭୁବନେଶ୍ୱର, ଜଗତ୍‌ସିଂହପୁର, ଖୋର୍ଦ୍ଧା ଭଳି ସ୍ଥାନରେ ଷ୍ଟୋର ରହିଛି। ଚଳିତ ବର୍ଷ ପାର୍ବଣରେ କଟକର ଚାଉଳିଆଗଞ୍ଜରେ ନୂଆ ଷ୍ଟୋର ଯୋଡିବୁ। କଟକର ସିଡ଼ିଏ ଷ୍ଟୋରକୁ ଅଧିକ କଷ୍ଟମର ଫ୍ରେଣ୍ଡଲି ଏବଂ ଏକ୍ସପେରିଏନ୍ସ ଷ୍ଟୋର ଭାବେ ସଜାଇବାକୁ ଲକ୍ଷ୍ୟ ରହିଛି।

**ପାର୍ବଣ ଲାଗି 'ଦଶଭୁଜା' ଅଫର**

ପାର୍ବଣ ଲାଗି ପ୍ରତିବର୍ଷ ଭଳି ଚଳିତ ବର୍ଷ ସ୍ୱତନ୍ତ୍ର 'ଦଶଭୁଜା' ଅଫର ଡିଜାଇନ୍ କରାଯାଇଛି। ଏଥିରେ ଗ୍ରାହକ ୧୦ ଅଫର ପାଇପାରିବେ। ଗ୍ରାହକ ୧୦ ଟଙ୍କା ଡାଉନ୍‌ପେମେଣ୍ଟରେ ସାମଗ୍ରୀ କିଣିପାରିବେ। ସେହିଭଳି ୧୦ ମାସରୁ ଊର୍ଦ୍ଧ୍ୱ ଇଏମ୍‌ଆଇ, ଜିରୋ% ଇଣ୍ଟରେଷ୍ଟ, ଡେବିଟ ଏବଂ କ୍ରେଡିଟ କାର୍ଡ ଶପିଂରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ, ପେଟିଏମ୍‌ରେ ପେମେଣ୍ଟରେ ୧୦%ରୁ ଊର୍ଦ୍ଧ୍ୱ କ୍ୟାଶ ବ୍ୟାକ୍, ବଛାବଛା ଫର୍ନିଚର ମଡେଲ ଉପରେ ଫ୍ଲାଟ ୧୦ ହଜାର ଟଙ୍କା ଛାଡ଼, ଦୈନିକ ଲକି ଡ୍ର ଦ୍ୱାରା ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର, ୧୦ ଘଣ୍ଟା ମଧ୍ୟରେ ହୋମ୍ ଡେଲିଭରି, ୧୦ ରେଫ୍‌ରାଲ୍ ସେଲ୍‌ସରେ ଗ୍ରାହକଙ୍କୁ ସ୍ୱତନ୍ତ୍ର ଗିଫ୍ଟ, ଗୋଟିଏ ଇନ୍‌ଭଏସ୍‌ରେ ୧୦ ସାମଗ୍ରୀ କିଣିଲେ ନିଶ୍ଚିତ ଗିଫ୍ଟ ବ୍ୟବସ୍ଥା କରାଯାଇଛି। ସେହିଭଳି କମ୍ପାନୀଗୁଡିକ ଆକର୍ଷଣୀୟ ଅଫର ଦେଉଛନ୍ତି।

**ପୂଜା ବଜାରରେ କେଉଁ ନୂଆ ପ୍ରଡକ୍ଟ ଉପଲବ୍ଧ?**

ଚାହିଦାକୁ ନଜରରେ ରଖି କମ୍ପାନୀଗୁଡିକ ନୂଆ ପ୍ରଡକ୍ଟ ଆଣୁଛନ୍ତି। ଏବେ ନୂଆ କରି ସାମ୍‌ସଙ୍ଗ ପକ୍ଷରୁ ୮କେ ଟିଭି ଆସିଛି। ପୂର୍ବରୁ ୪କେ ଥିଲା। ଏଲ୍‌ଜି ମଧ୍ୟ ନୂଆ ଫିଚର, ହାଇଏଣ୍ଡ, ଓଲେଡ ଭଳି ପ୍ରଡକ୍ଟ ଆଣିଛି। ଦୁର୍ଗାପୂଜାର ଫୋକସ ନୂଆ ଟେକ୍ନୋଲୋଜି ପ୍ରଡକ୍ଟ ଉପରେ ରହିବ। ସମସ୍ତଙ୍କୁ ଫ୍ୟୁଚର ରେଡି କରାଇବା ଲକ୍ଷ୍ୟ ନେଇ ଆମେ ପ୍ରସ୍ତୁତ। କମ୍ପାନୀଗୁଡିକ ଚ୍ୟାଲେଞ୍ଜିଂ ପ୍ରାଇସ୍‌ରେ ଆଡଭାନ୍ସ ପ୍ରଡକ୍ଟ ପ୍ରଦାନ କରୁଛନ୍ତି।

**ଶୋ'ରୁମରେ ଫାଇନାନ୍ସ ନେଇ କିଭଳି ବ୍ୟବସ୍ଥା କରିଛନ୍ତି?**

ଫାଇନାନ୍ସ କ୍ଷେତ୍ରରେ ଗ୍ରାହକ ଯେଭଳି କୌଣସି ଅସୁବିଧା ସାମ୍ନା ନ କରନ୍ତି ତାକୁ ଧ୍ୟାନ ଦେଇଛୁ। ବର୍ତ୍ତମାନ ବଜାଜ ଫାଇନାନ୍ସ, ଏଚ୍‌ଡିଏଫ୍‌ସି ଫାଇନାନ୍ସ, ଏଚ୍‌ଡିବି, ଫାଇନଲ୍ୟାବ୍ସ, କ୍ୟାପିଟାଲ ଫାଷ୍ଟ ଭଳି ଫାଇନାନ୍ସ କମ୍ପାନୀର ସୁବିଧା ଆମର ସବୁ ଶୋ'ରୁମରେ ଉପଲବ୍ଧ। ଡେବିଟ ଏବଂ କ୍ରେଡିଟ କାର୍ଡ ଉପରେ ଇଏମ୍‌ଆଇ ରହିଛି। ୫ ମିନିଟରେ ସହଜ ଇଏମ୍‌ଆଇ ଦିଆଯାଉଛି।



ରୋହିତ୍ ଶର୍ମା ଓ ମହେନ୍ଦ୍ର ସିଂ ଧୋନୀଙ୍କ ଉପସ୍ଥିତିରେ ବିରାଟ କୋହଲି ନିଜକୁ ଜଣେ ଶକ୍ତିଶାଳୀ ଅଧିନାୟକ ଭାବେ ପ୍ରମାଣିତ କରିପାରିଛନ୍ତି ।

– ଗୌତମ ଗମ୍ଭୀର, ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ



ବର୍ତ୍ତମାନ ସମୟରେ ଶ୍ରେଷ୍ଠ–୪ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ବିରାଟ କୋହଲି, ବାବର ଆଜମ, ଷ୍ଟିଭ ସ୍ମିଥ୍ ଓ ଜୋ ରୁଟ୍ ରହିବେ ।

–ଶାହିଦ ଆଫ୍ରିଦୀ, ପୂର୍ବତନ ପାକିସ୍ତାନ କ୍ରିକେଟର୍

## ସଂକ୍ଷେପରେ

### କବିରଙ୍କୁ ଟାଇଟଲ



**ଭୁବନେଶ୍ୱର, ୨୧।୯(କ୍ରୀଡ଼ା ପ୍ରତିନିଧି):** ଅହମ୍ମଦାବାଦସ୍ଥିତ ର୍ୟାକେଟ ଏକାଡେମୀରେ ଅନୁଷ୍ଠିତ ଏଆରଏ-ଏଆଇଟିଏ ନ୍ୟାଶନାଲ ସିରିଜ ଟେନିସ ଟୁର୍ନାମେଣ୍ଟର ୧୮ ବର୍ଷରୁ କମ୍ ବାଳକ ବର୍ଗରେ ଓଡ଼ିଶାର କବିର ହଂସ ଟାଇଟଲ ବିଜୟୀ ହୋଇଛନ୍ତି। ଫାଇନାଲରେ କବିର ଅହମ୍ମଦାବାଦର ମୋହିତ ବୋନ୍ଦେରେଙ୍କୁ ୬-୨, ୫-୭, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି।

### ୧୦୦ତମ ମ୍ୟାଚ୍ ଟାଇ

**ଜୟପୁର, ୨୧।୯ (ପି.ଟି.):** ପ୍ରୋ କବାଡ଼ି ଲିଗ୍‌ରେ ଶନିବାର ଜୟପୁର ପିଙ୍କ୍ ପାନ୍ଥର୍ସ ଓ ଗୁଜରାଟ ଫରଚ୍ୟୁନଜିଆଣ୍ଟ୍ସ ମଧ୍ୟରେ ଖେଳାଯାଇଥିବା ଚଳିତ ସିଜନର ୧୦୦ତମ ମ୍ୟାଚ୍ ଟାଇରେ ଶେଷ ହୋଇଛି। ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ୨୮ ଲେଖାଏ ପଏଣ୍ଟ କରିଥିଲେ। ୨ୟ ମ୍ୟାଚ୍‌ରେ ୟୁପି ଯୋଦ୍ଧା ୪୨-୨୨ରେ ତାମିଲ ଥଲାଇଭାସକୁ ହରାଇ ଦେଇଛି।

# ଦୀପକଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

**ନୁର୍-ସୁଲତାନ (କାଜାଖସ୍ତାନ), ୨୧।୯ (ପି.ଟି.)**

ଜୁନିୟର ବିଶ୍ୱ ଚାମ୍ପିୟନ କୁସ୍ତିଯୋଦ୍ଧା ଦୀପକ ପୁନିଆ (୮୬ କିଗ୍ରା) ଏଠାରେ ଚାଲିଥିବା ବିଶ୍ୱ ରେସଲିଂ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ୨୦୨୦ରେ ଟୋକିଓରେ ହେବାକୁ ଥିବା ଅଲିମ୍ପିକ୍ସକୁ ମଧ୍ୟ ଯୋଗ୍ୟତା ହାସଲ କରିଛନ୍ତି। ଟୋକିଓ ଅଲିମ୍ପିକ୍ସକୁ ଟିକେଟ୍ ଅର୍ଜନ କରିବାରେ ସେ ୪ର୍ଥ ଭାରତୀୟ ରେସଲର୍ ହୋଇଛନ୍ତି। ଦୀପକଙ୍କ ପୂର୍ବରୁ ଏହି ଚାମ୍ପିୟନଶିପ୍ ଜରିଆରେ ଭିନେଶ

**୪ର୍ଥ ଭାରତୀୟ ରେସଲର୍**

ଫୋଗତ୍, ବଜରଙ୍ଗ ପୁନିଆ ଓ ରବି ଦାହିୟା ମଧ୍ୟ ବିଶ୍ୱର ସର୍ବୋଚ୍ଚ କ୍ରୀଡ଼ା ପ୍ରତିଯୋଗିତାକୁ ଯୋଗ୍ୟତା ହାସଲ କରିସାରିଛନ୍ତି।

ଶନିବାର ଅନୁଷ୍ଠିତ ପୁରୁଷ ୮୬ କିଗ୍ରା ସେମିଫାଇନାଲ ମୁକାବିଲାରେ ଦୀପକ ୮–୨ରେ ସୁଇଜରଲାଣ୍ଡର ଷ୍ଟିଫେନ୍ ରେଇଚମୁଥ୍‌ଙ୍କୁ ପରାସ୍ତ କରିଛନ୍ତି। ଫାଇନାଲରେ ପୁନିଆଙ୍କ ଲଢ଼େଇ ୨୦୧୬ ରିଓ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଇରାନର ହାସାନ ୟାଜଦାନିଚରାଟିଙ୍କ ସହ ରବିବାର ହେବ। ହାସାନ ୨୦୧୮ ଏସିଆନ ଗେମ୍ସର ୮୬ କିଗ୍ରା ବିଭାଗରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପୂର୍ବରୁ ଏହି ଭାରତୀୟ ରେସଲର୍ କ୍ୱାର୍ଟର ଫାଇନାଲରେ ୭–୬ରେ କଲମ୍ବିଆର କାର୍ଲୋସ ଅର୍ତ୍ତୁରୋଙ୍କୁ ମାତ୍ ଦେଇଥିଲେ। ଦୀପକ ୨୦୧୬ରେ ଜୁନିୟର ବିଶ୍ୱ ଚାମ୍ପିୟନ ମୁକୁଟ ପିନ୍ଧିଥିଲେ। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ଦୀପକ ଯଦି ଚାମ୍ପିୟନ ହୁଅନ୍ତି ତେବେ ୨ୟ ଭାରତୀୟ ଭାବେ ରେସଲିଂର ଏହି ସର୍ବୋଚ୍ଚ ପ୍ରତିଯୋଗିତାରେ ଚାମ୍ପିୟନ ହେବାର ସୌଭାଗ୍ୟ ଲାଭ କରିବେ। ୨୦୧୦ରେ ଏକମାତ୍ର ଭାରତୀୟ ଭାବେ ସୁଶୀଲ କୁମାର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ୍ ଜିତିଥିଲେ। ଭାରତ ଏଥିସହ ବିଶ୍ୱ ଚାମ୍ପିୟନଶିପ୍‌ରେ ଏହାର ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ନିଶ୍ଚିତ ହୋଇଛି। ବର୍ତ୍ତମାନ ସୁଦ୍ଧା ଭାରତ ୪ ପଦକ ନିଶ୍ଚିତ କରିସାରିଛି। ପୂର୍ବରୁ ଫୋଗତ୍, ବଜରଙ୍ଗ ଓ ଦାହିୟା ବ୍ରୋଞ୍ଜ ପଦକ ଜିତିସାରିଛନ୍ତି। ୨୦୧୩ ସଂସ୍କରଣରେ ଭାରତ ସର୍ବାଧିକ ୩ ପଦକ ଜିତିଥିଲା। ତେବେ ରବିବାର ଅନୁଷ୍ଠିତ ପୁରୁଷ ୬୧ କିଗ୍ରା ବିଭାଗର ବ୍ରୋଞ୍ଜ ପଦକ ଲଢ଼େଇ ମୁକାବିଲାରେ ରାହୁଲ ଆୱାରେ ୬–୧୦ରେ ଜର୍ଜିଆର ବେକ୍ ଲୋକଟାଡଜେଙ୍କ ନିକଟରୁ ହାରି ଅଳ୍ପକେ ପୋଡିୟମ ଫିନିଶ କରିବାରୁ ବଞ୍ଚିତ ହୋଇଛନ୍ତି।





ଦୀପକ ପୁନିଆ

# ଅମିତଙ୍କୁ ରୌପ୍ୟ ପଦକ

**ଏକଟେରିନବର୍ଗ(ରୁଷିଆ), ୨୧।୯(ପି.ଟି.)**

ପ୍ରଥମ ଭାରତୀୟ ବକ୍ସରଭାବେ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଥିବା ଅମିତ ପଙ୍ଘାଲ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେ ୫୨ କେଜି ଫାଇନାଲରେ ଅଲିମ୍ପିକ୍ ଚାମ୍ପିୟନ ଉଜ୍‌ବେକିସ୍ତାନର ଶାଖୋବିଦିନ ଜୋଇରୋଭଙ୍କଠାରୁ ହାରି ଯାଇଛନ୍ତି। ଜୋଇରୋଭ ଅଭିଜ୍ଞତାର ଉପଯୋଗ କରି ଅମିତଙ୍କୁ ୫–୦ରେ ପରାସ୍ତ କରିଥିଲେ। ତେବେ ସେ ଭାରତର ପ୍ରଥମ

**ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍**

ବକ୍ସରଭାବେ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତି ବଡ଼ ସଫଳତା ପାଇଛନ୍ତି। ଅନ୍ୟତମ ଭାରତୀୟ ମନୀଷ କୌଶିକ ୬୩ କେଜି ବିଭାଗର ସେମିଫାଇନାଲରେ ହାରି ବ୍ରୋଞ୍ଜ ପଦକ ପାଇଛନ୍ତି। ପ୍ରତିପକ୍ଷ ଢେଙ୍ଗା ଏବଂ ଶକ୍ତିଶାଳୀ ପ୍ରତିଯୋଗୀଙ୍କ ବିପକ୍ଷରେ ପଙ୍ଘାଲ ବହୁ ଚେଷ୍ଟା କରିଥିଲେ ହେଁ ଉପଯୁକ୍ତ ସ୍ଥାନରେ ପଞ୍ଚ୍ ମାରିବାରେ ବିଫଳ ହୋଇଥିଲେ। ଫଳରେ ଏହି ଏସିଆନ ଗେମ୍ସ ଏବଂ ଏସିଆନ ଚାମ୍ପିୟନଶିପ୍ ଗୋଲ୍ଡ ମେଡାଲିଷ୍ଟ ଐତିହାସିକ ସଫଳତାରୁ ବଞ୍ଚିତ ହୋଇଥିଲେ। ତେବେ ଏହି ରୌପ୍ୟ ପଦକ ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ସଫଳତା ବୋଲି ପରିଗଣିତ ହେଉଛି। ୨୦୧୭ ଏସିଆନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିବା ପରଠାରୁ ଏହି ରୋହତକ ବକ୍ସରଙ୍କୁ ରୋକିବା ପ୍ରତିପକ୍ଷଙ୍କ ପାଇଁ କଷ୍ଟକର ହୋଇ ପଡ଼ିଥିଲା। ଏହା ପୂର୍ବରୁ କୌଣସି ଭାରତୀୟ ବକ୍ସର କେବେହେଲେ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତି ନ ଥିଲେ। ଅତୀତରେ



ଏହି ମେଗା ଇଭେଣ୍ଟରେ ବିଜେନ୍ଦର ସିଂ(୨୦୦୯), ବିକାଶ କ୍ରିଷ୍ଣନ(୨୦୧୧), ଶିବା ଥାପା(୨୦୧୫) ଓ ଗୌରବ ବିଧୁରୀ(୨୦୧୭)ରେ ବ୍ରୋଞ୍ଜ ପଦକ ଜିତିବାକୁ ସକ୍ଷମ ହୋଇଥିଲେ। ଏଥର ପ୍ରତିଯୋଗିତାରେ ଭାଗ ନେଇଥିବା ୭୮ଟି ଦେଶ ମଧ୍ୟରୁ ୯ଟି ଦେଶର ପ୍ରତିଯୋଗୀ ଫାଇନାଲରେ ପ୍ରବେଶ କରିଥିଲେ ଏବଂ ଏଥିରେ ଭାରତ ଅନ୍ୟତମ ଦେଶ ଥିଲା। ଉଜ୍‌ବେକିସ୍ତାନରୁ ସର୍ବାଧିକ ୪ ବକ୍ସର ଫାଇନାଲରେ ପ୍ରବେଶ କରିଥିଲେ।

# ଗୌରବଙ୍କ କାର ଦୁର୍ଘଟଣାରେ ୩ ମୃତ

**ବାରମେର (ରାଜସ୍ଥାନ), ୨୧।୯ (ପି.ଟି.)**

ଏକ ଅଭାବନୀୟ ଘଟଣାକ୍ରମରେ ଭାରତୀୟ ରାଲି ଡ୍ରାଇଭର ଗୌରବ ଗିଲ୍‌ଙ୍କ କାର୍ ଏକ ମୋଟରସାଇକେଲକୁ ଧକ୍କା ଦେବା ଫଳରେ ୩ଜଣ ମୃତ୍ୟୁବରଣ କରିଛନ୍ତି। ଚଳିତବର୍ଷ ପ୍ରାରମ୍ଭରେ ଗୌରବ ଦେଶର ପ୍ରଥମ ମୋଟରସ୍ପୋର୍ଟ୍ସ ଡ୍ରାଇଭର ହିସାବରେ ଅର୍ଜୁନ ପୁରସ୍କାର ହାସଲ କରିଥିଲେ। ଏହି ଦୁର୍ଘଟଣାରେ ଗୌରବ ମଧ୍ୟ ଆହତ ହୋଇଛନ୍ତି ଓ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶନିବାର ଏଠାରେ ମ୍ୟାକ୍ସପେରିଏନ୍ସ ରାଲି

**ଜାତୀୟ ରାଲି ଚାମ୍ପିୟନଶିପ**

ଏଫ୍‌ଏମ୍‌ଏସ୍‌ସିଆଇ ଭାରତୀୟ ନ୍ୟାଶନାଲ ଚାମ୍ପିୟନଶିପ ରାଉଣ୍ଡ–୩ ଅବସରରେ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା।

ଏହି ଦୁର୍ଘଟଣାରେ ନରେନ୍ଦ୍ର, ତାଙ୍କ ପତ୍ନୀ ପୁଷ୍ପା ଓ ଏମାନଙ୍କ ପୁଅ ଜିତେନ୍ଦ୍ର ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣା ପରେ ରାଲିକୁ ବାତିଲ କରାଯାଇଛି। ଷ୍ଟେଜ୍–୧ରେ ଗୌରବ ଘଣ୍ଟାପ୍ରତି ୧୪୫ କି.ମି. ବେଗରେ ଗାଡି ଚଳାଉଥିଲେ। ୫ରୁ ୧୦ ମିଟର ମଧ୍ୟରେ ସେ ହଠାତ ଗାଡିକୁ ବାମ ପଟକୁ ନେଉଥିବା ବେଳେ ମୋଟରସାଇକେଲ ସହ କାରର ଧକ୍କା ହୋଇଥିଲା। ଗାଡିକୁ ରୋକିବା ପାଇଁ ଗୌରବ ଚେଷ୍ଟା କରିଥିଲେ ମଧ୍ୟ ସେ ବିଫଳ ହୋଇଥିଲେ।

ପ୍ରତିଯୋଗିତା ଚାଲୁଥିବା ବେଳେ ବ୍ୟାରିକେଡ ଭାଙ୍ଗି ରାସ୍ତା ଉପରକୁ ନ ଆସିବାକୁ ଆମେ ବାରମ୍ବାର ସତର୍କ କରାଇଥିଲେ ମଧ୍ୟ ଗାଁ ଲୋକେ ଏହାକୁ ଖରି କରୁନାହାନ୍ତି। ଯାହାଫଳରେ ଏଭଳି ଦୁର୍ଘଟଣା ଘଟୁଛି ବୋଲି ଆଇଏନ୍‌ଆରସି ପ୍ରମୋଟର ଭାମସି ମେର୍ଲା କହିଛନ୍ତି। ୧୫ ଦିନ ଆଗରୁ ରାସ୍ତା ବନ୍ଦ ହୋଇଛି ବୋଲି ଆମେ ବାରମ୍ବାର ସତର୍କ କରାଇ ଆସିଛୁ। ଫିଲ୍ଡ ମାର୍ଶାଲଙ୍କ ସହ ନରେନ୍ଦ୍ର ଯୁକ୍ତିତର୍କ କରିଥିଲେ। ଏହି ଅବସରରେ ସୁବିଧା ଦେଖି ନରେନ୍ଦ୍ର ବ୍ୟାରିକେଡ ଭାଙ୍ଗି ଟ୍ରାକ୍ ଉପରକୁ ଚାଲିଯାଇଥିଲେ। ଫଳରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ସେ କହିଛନ୍ତି। ଅତ୍ୟଧିକ ବେଗ ଥିବାରୁ ଗୌରବ ଗାଡିକୁ ରୋକିବାରେ ବିଫଳ ହୋଇଥିଲେ। ସବୁ ପ୍ରକାର ବିହିତ ବ୍ୟବସ୍ଥା ଗ୍ରହଣ କରିଥିଲେ ମଧ୍ୟ ଏଭଳି ଦୁର୍ଘଟଣା ଘଟିବା ନିହାତି ଦୁର୍ଭାଗ୍ୟଜନକ ବୋଲି ଏଫ୍‌ଏସ୍‌ସିଆଇ ଅଧ୍ୟକ୍ଷ ଜେ. ପୃଥ୍ୱୀରାଜ କହିଛନ୍ତି। ନରେନ୍ଦ୍ର ଶୋକସନ୍ତପ୍ତ ପରିବାରକୁ ଆମେ ସମବେଦନା ଜଣାଉଛୁ। ପୂରା ମୋଟୋରସ୍ପୋର୍ଟ୍ସ ପରିବାର ନେରେନ୍ଦ୍ରଙ୍କ ପରିବାର ସହ ବିପଦ ବେଳେ ଛିଡ଼ା ହୋଇଛି ବୋଲି ସେ କହିଛନ୍ତି।





ଦୁର୍ଘଟଣାଗ୍ରସ୍ତ ଗୌରବଙ୍କ କାର।

# ଜୟଦେବ ସଭାପତି, ହିମାଂଶୁ ସମ୍ପାଦକ

**ରାଜକୋଟ,୨୧।୯(ପି.ଟି.):** ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏସ୍‌ସିଏ) ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କ୍ରିକେଟ ପ୍ରଶାସକ ନିରଞ୍ଜନ ଶାହଙ୍କ ପୁଅ ଜୟଦେବ ଶାହ ଏସ୍‌ସିଏ ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି। ସେହିପରି ହିମାଂଶୁ ଶାହ ନୂଆ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି ବୋଲ ଶନିବାର ଆସୋସିଏଶନ ତରଫରୁ ଘୋଷଣା କରାଯାଇଛି। ନୂଆ ସଭାପତି ଜୟଦେବ ୧୨୦ଟି ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଛନ୍ତି ଓ ସେ ୨୦୧୮ରେ ସବୁ ଫର୍ମାଟରୁ ଅବସର ଘୋଷଣା କରିଥିଲେ। ଜୟଦେବ ସୌରାଷ୍ଟ୍ର ପାଇଁ ୧୧୦ଟି ମ୍ୟାଚ୍‌ରେ ନେତୃତ୍ୱ ନେଇଥିଲେ। ଏସ୍‌ସିଏର ନିର୍ବାଚନ ଅଧିକାରୀ ବରେଶ ସିହ୍ନା ନିର୍ବାଚିତ ଅନ୍ୟ ସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି।

**ନିର୍ବାଚିତ ଅଧିକାରୀ:**
**ଅଧ୍ୟକ୍ଷ:** ଜୟଦେବ ଶାହା
**ଉପ ସଭାପତି:** ଦୀପକ ଲଖାନି
**ସମ୍ପାଦକ:** ହିମାଂଶୁ ଶାହ
**ଯୁଗ୍ମ ସମ୍ପାଦକ:** କରନ ଶାହ
**କୋଷାଧ୍ୟକ୍ଷ:** ଶ୍ୟାମ ରାଇଚୁରା
**ଆପେକ୍ସ କାଉନସିଲ ମେମ୍ବର:** ନିଲେଶ ଦୋଶୀ, ଜୟବୀର ଶାହ, ବିକ୍ରାନ୍ତ ଓ୍ୱରା, ଅଭିଷେକ ତାଲାଟିଆ, ରାଜୁ ଶାହ, ଅଭିଷେକ କାମଦାର, ହିରେନ କୋଠାରି, ଚନା ମୋରି, ମିହିର ଶାହ, ମହେଶ କୋଟେଚା ଓ ହେମନ୍ତ ଶାହ।

## ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

# ପ୍ରମୋଦଙ୍କୁ ୨ ରୌପ୍ୟ ପଦକ

**ଭୁବନେଶ୍ୱର, ୨୧।୯(କ୍ରୀଡ଼ା ପ୍ରତିନିଧି)**

ବ୍ୟାଙ୍କକ୍‌ଠାରେ ଶନିବାର ଶେଷ ହୋଇଥିବା ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରମୋଦ ୨ଟି ରୌପ୍ୟ ପଦକ ପାଇଛନ୍ତି। ସିଙ୍ଗଲ୍ସ ଫାଇନାଲରେ ସେ ଅନ୍ୟତମ ଭାରତୀୟ ଖେଳାଳି ତଥା ତାଙ୍କ ଡବଲ୍ସ ପାର୍ଟନର ମନୋଜ ସରକାରଙ୍କ ବିପକ୍ଷ ମ୍ୟାଚ ଅଧାରୁ ଓହରି ଯାଇଥିଲେ। ପାଦରେ ଆଘାତ ଯୋଗୁ ସେ ୯–୧୧ରେ ପଛୁଆ ଥିବାବେଳେ ରିଟାୟର୍ଡ ହେବାକୁ ପସନ୍ଦ କରିଥିଲେ। ପୂର୍ବରୁ ଅନୁଷ୍ଠିତ ଡବଲ୍ସ ଫାଇନାଲରେ ପ୍ରମୋଦ–ମନୋଜ ଯୋଡ଼ି ଥାଇଲାଣ୍ଡର ମଙ୍ଗ୍‌ଖୋନ୍ ବୁନ୍‌ସୁନ ଏବଂ ସିରିପଙ୍ଗ ଟିମାରୋମ୍ ଯୋଡ଼ିଙ୍କଠାରୁ ୧୬–୨୧, ୨୧–୮, ୧୪–୨୧ ପଏଣ୍ଟରେ ପରାସ୍ତ ହୋଇଥିଲେ। "ଆହତ ସମସ୍ୟା ଯୋଗୁ ମୁଁ ରିସ୍କ ନେବାକୁ ଚାହିଁଲିନାହିଁ। ତେଣୁ ମନୋଜଙ୍କ ବିପକ୍ଷ ସିଙ୍ଗଲ୍ସ ଫାଇନାଲ ଅଧାରୁ ଓହରି ଯାଇଥିଲି। ତେଣୁ ରୌପ୍ୟ ପଦକ ପାଇ ମନରେ ଦୁଃଖ ନାହିଁ। ୩ ଦିନପରେ ଚାଇନା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଆରମ୍ଭ ହେବ। ତେଣୁ ବିଶ୍ରାମ ନେଇ ଚଳିତମାସ ୨୪ରୁ ୨୯ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବାକୁ ଆଶା ରଖିଛି" ବୋଲି ପ୍ରମୋଦ ପ୍ରକାଶ କରିଛନ୍ତି। ପ୍ରମୋଦ ଏଠାରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ ହେଁ ଟୋକିଓ ଅଲିମ୍ପିକ୍ସ ଆଶା ଉଜ୍ଜୀବିତ ରହିଛି। କାରଣ ନିକଟ ଅତୀତରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମ୍ୟାଚ ଗୁଡ଼ିକରେ ଭଲ ପ୍ରଦର୍ଶନ କରିଥିବାରୁ ତାଙ୍କର ପଏଣ୍ଟ ସଂଖ୍ୟା ୫୫୩୦ରେ ପହଞ୍ଚିଛି। ଯାହାକି ଅନ୍ୟ ପ୍ରତିଯୋଗୀଙ୍କଠାରୁ ସର୍ବାଧିକ। ଡାନିଏଲ ବେଥେଲ ୫୪୧୦, ମନୋଜ ସରକାର ୨୫୭୦, ଦାଇଶୁକେ ଫୁଜିହାରା ୨୪୮୦, ଉକୁନ ରୁକେଣ୍ଡି ୨୨୧୦ ଓ ବିକ୍ରମ କୁମାର ୧୪୭୦ ପଏଣ୍ଟ ସହିତ ଯଥାକ୍ରମେ ୨ୟରୁ ୬ଷ୍ଠ ସ୍ଥାନରେ ରହିଛନ୍ତି।





ପଦକ ସହ ପ୍ରମୋଦ ଭଗତ।

# ପ୍ରତିଷ୍ଠା ହେବ ୨୦ ଉତ୍କୃଷ୍ଟତା କେନ୍ଦ୍ର

**ନୂଆଦିଲ୍ଲୀ, ୨୧।୯ (ପି.ଟି.)**

୨୦୨୪ ପ୍ୟାରିସ ଓ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ ପୂର୍ବରୁ ଦେଶର ବିଭିନ୍ନ ସ୍ଥାନରେ ୨୦ଟି ନ୍ୟାଶନାଲ ସେଣ୍ଟର୍ସ ଅଫ୍ ଏକ୍ସଲେନ୍ସ (ଏନ୍‌ସିଇ) ବା ଜାତୀୟ ଉତ୍କୃଷ୍ଟତା କେନ୍ଦ୍ର ପ୍ରତିଷ୍ଠା କରିବାକୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଶନିବାର ନିଷ୍ପତ୍ତି ନେଇଛି। ଏହି ଉତ୍କୃଷ୍ଟତା କେନ୍ଦ୍ରଗୁଡ଼ିକରେ ଶ୍ରେଷ୍ଠ କୋଚ୍‌ମାନେ ଆଥ୍‌ଲେଟଙ୍କ ଦକ୍ଷତା ବିକାଶ କରାଇବା ଦିଗରେ କାମ କରିବେ ବୋଲି ଜଣାପଡ଼ିଛି। ପ୍ରତି ଏନ୍‌ସିଇରେ ୪ରୁ ୬ଟି ବିଭାଗର କ୍ରୀଡ଼ାକୁ ରଖାଯିବ। ବିଭିନ୍ନ ସ୍ଥାନରେ ରହିଥିବା ସାଇ ରିଜିଓନାଲ ସେଣ୍ଟର ଗୁଡ଼ିକରେ ଚାଲିଥିବା ବିଭିନ୍ନ ଯୋଜନାରୁ ଏହା ଅଲଗା ହୋଇଯିବ। ଯେଉଁଥିରେ ଆଥ୍‌ଲେଟଙ୍କୁ ଅଲଗା ପ୍ରଶିକ୍ଷଣ, ଆହାର ଓ କିଟ୍ ମିଳିପାରିବ। ଗୋଟିଏ କ୍ୟାମ୍ପସ ପରିସରରେ ଆଥ୍‌ଲେଟଙ୍କୁ ସମାନ ସୁବିଧା ସୁଯୋଗ ମିଳିବ। ଯେଉଁ ଆଥ୍‌ଲେଟ୍‌ମାନେ ଅଲିମ୍ପିକ ପାଇଁ ଟ୍ରେନିଂ ନେବେ ସେମାନଙ୍କ ଲାଗି ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସ ରିଜର୍ଭ ରହିବ। ତୃଣମୂଳସ୍ତରର ଆଥ୍‌ଲେଟ୍‌ମାନେ ଅନ୍ୟ ସାଇ ସେଣ୍ଟର ଗୁଡ଼ିକରେ ଟ୍ରେନିଂ ନେବେ। ପରେ ପ୍ରଦର୍ଶନକୁ ଭିତ୍ତି କରି ସେମାନଙ୍କୁ ଏନ୍‌ସିଇରେ ପ୍ରଶିକ୍ଷଣ ପାଇଁ ସୁଯୋଗ ଦିଆଯିବ। ନ୍ୟାଶନାଲ ସେଣ୍ଟର୍ ଅଫ୍ ଏକ୍ସଲେନ୍ସ ପାଇଁ ୨୦ ସାଇ ସେଣ୍ଟରକୁ ଚୟନ କରାଯାଇଛି। ସେଗୁଡ଼ିକ ହେଲା ସାଇ ସେଣ୍ଟର ପଟିଆଲା, ତ୍ରିଭେନ୍ଦ୍ରମ, ଚଣ୍ଡିଗଡ଼, ସୋନେପତ୍, ଲକ୍ଷ୍ନୌ, ଗୁଆହାଟୀ, ଇମ୍ଫାଲ, କୋଲକାତା, ଭୋପାଳ, ବେଙ୍ଗାଲୁରୁ, ମୁମ୍ବାଇ, ଗାନ୍ଧୀନଗର, ଜବାହରଲାଲ ନେହେରୁ ଷ୍ଟାଡିୟମ (ଦିଲ୍ଲୀ), ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ (ଦିଲ୍ଲୀ), ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମ (ଦିଲ୍ଲୀ), ଡ. କର୍ଣ୍ଣି ସିଂ ଶୁଟିଂ ରେଞ୍ଜ (ଦିଲ୍ଲୀ), ଡ. ଶ୍ୟାମ ପ୍ରସାଦ ମୁଖାର୍ଜୀ ସୁଇମିଂ ପୁଲ୍ କମ୍ପ୍ଲେକ୍ସ (ଦିଲ୍ଲୀ), ନ୍ୟାଶନାଲ ଓ୍ୱାଟର ସ୍ପୋର୍ଟ୍ସ ଏକାଡେମୀ (ଖେଲୋ ଇଣ୍ଡିଆ, ଆଲିପେଇ), ନ୍ୟାଶନାଲ ବକ୍ସିଂ ଏକାଡେମୀ (ଖେଲୋ ଇଣ୍ଡିଆ, ରୋହତକ୍) ଓ ନ୍ୟାଶନାଲ ରେସଲିଂ ଏକାଡେମୀ (ଖେଲୋ ଇଣ୍ଡିଆ,ଔରଙ୍ଗାବାଦ)।

# ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ଆଜି

**ଓସିଏ ନିର୍ବାଚନ**





**କଟକ ଅଫିସ,୨୧।୯**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ନିର୍ବାଚନର ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଶନିବାର ଶେଷ ହୋଇଛି। ଦାଖଲ ହୋଇଥିବା ୧୨ଟି ଯାକ ପ୍ରାର୍ଥିପତ୍ର ଯାଞ୍ଚ ହୋଇଥିବା ବେଳେ କେବଳ ଗୋଟିଏ ପ୍ରାର୍ଥିପତ୍ରକୁ ନେଇ ସମସ୍ୟା ସୃଷ୍ଟି ହୋଇଥିଲା। ପ୍ରଦୀପ ଚୌହ୍ୱାନଙ୍କ ଗୋଷ୍ଠୀ ପକ୍ଷରୁ ଉପସଭାପତି ପଦବୀ ନିମନ୍ତେ ଆବେଦନ କରିଥିବା ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକଙ୍କ ପ୍ରାର୍ଥିପତ୍ରରେ ତ୍ରୁଟି ରହିଛି ବୋଲି ବିପକ୍ଷ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଥିଲା । ଅଭିଯୋଗ ଭିତ୍ତିହୀନ ବୋଲି ପ୍ରମାଣିତ ହେବା ପରେ ୧୨ଟି ଯାକ ପ୍ରାର୍ଥିପତ୍ର କାଏମ ରହିଛି । ନିର୍ବାଚନ ପାଇଁ ରବିବାର ଚୂଡ଼ାନ୍ତ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରାଯିବ । ସୋନପୁର ଜିଲାରୁ ପ୍ରତିନିଧି ହୋଇ ଆସିଥିବା ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକ ପ୍ରଦୀପ ଚୌହ୍ୱାନଙ୍କ ଗୋଷ୍ଠୀ ପକ୍ଷରୁ ଉପସଭାପତି ପଦବୀ ନିମନ୍ତେ ଆଶାୟୀ ଅଛନ୍ତି। ତାଙ୍କ ପ୍ରାର୍ଥିପତ୍ରରେ ସାକ୍ଷୀ ପଡ଼ିଛନ୍ତି କଟକ ସନରାଇଜ କ୍ଲବର କୋଷାଧ୍ୟକ୍ଷ । ଏହି ପ୍ରସଙ୍ଗକୁ ବିପକ୍ଷ ଗୋଷ୍ଠୀ ବିରୋଧ କରିଥିଲେ । ପ୍ରାର୍ଥୀ ଯେଉଁ ୟୁନିଟରୁ ପ୍ରତିନିଧି ହୋଇ ଆସିବେ ସାକ୍ଷୀ ସେହି ୟୁନିଟର ହୋଇଥିବା ଆବଶ୍ୟକ ବୋଲି ଅଭିଯୋଗ ରହିଥିଲା। ଅପରାହ୍ନରେ ପ୍ରଶାନ୍ତଙ୍କ କାଗଜପତ୍ର ଦୀର୍ଘ ସମୟ ଧରି ଯାଞ୍ଚ କରାଯାଇଥିଲା। ପ୍ରଶାନ୍ତଙ୍କ ପକ୍ଷରୁ ସମସ୍ତ କାଗଜପତ୍ର ଅପରାହ୍ନ ପ୍ରାୟ ୫ଟା ସମୟରେ ନିର୍ବାଚନ ଅଧିକାରୀ ମାଖନଲାଲ ମଜୁମଦାରଙ୍କ ନିକଟରେ ଦାଖଲ ହୋଇଥିଲା। ଦୀର୍ଘ ସମୟର ଆଲୋଚନା ପରେ ପ୍ରଶାନ୍ତଙ୍କ ପ୍ରାର୍ଥିପତ୍ର କାଏମ ରଖାଯାଇଥିଲା ।

### ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବେ ପ୍ରଭାତ

ଆଶୀର୍ବାଦଙ୍କ ଗୋଷ୍ଠୀ ପକ୍ଷରୁ ଯୁଗ୍ମ ସମ୍ପାଦକ ପଦବୀ ନିମନ୍ତେ ୨ଜଣ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ଜଣେ ହେଲେ ଝାରସୁଗୁଡ଼ା ଜିଲାର ପ୍ରତିନିଧି ମେହତାବ ଖାଁ ଓ ଅନ୍ୟ ଜଣେ ସୁନ୍ଦରଗଡ଼ ଜିଲାର ପ୍ରତିନିଧି ପ୍ରଭାତ କୁମାର ଭୋଳ। ପ୍ରଭାତ ରବିବାର ପୂର୍ବାହ୍ନରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବେ ବୋଲି ଏହି ଗୋଷ୍ଠୀ ଘୋଷଣା କରିଛି। ଯାହାଫଳରେ ଏବେ ଯୁଗ୍ମ ସମ୍ପାଦକ ପଦବୀରେ ଲଢ଼ିବେ ମେହତାବ ଖାନ । ପ୍ରଦୀପଙ୍କ ଗୋଷ୍ଠୀରୁ ପ୍ରାର୍ଥୀ ହୋଇଥିବା ଦେବଗଡ଼ ଜିଲାର ପ୍ରତିନିଧି ସୁଜିତ କୁମାର ପ୍ରଧାନଙ୍କ ସହ ମେହତାବଙ୍କ ଲଢ଼େଇ ହେବ।

### ଗୋଟିଏ ପଦବୀ ସୁରକ୍ଷିତ

ପ୍ରାର୍ଥିପତ୍ରରେ କୌଣସି ତ୍ରୁଟି ନ ଥିବା ହେତୁ ଆଶୀର୍ବାଦ ବେହେରାଙ୍କ ଗୋଷ୍ଠୀ କେନ୍ଦ୍ରାପଡ଼ା ଜିଲାର ଶୁଭାଶିଷ ସେନାପତି ନିର୍ଦ୍ୱନ୍ଦ୍ୱରେ ଓସିଏର ଆପେକ୍ସ କାଉନସିଲ ସଦସ୍ୟ ଭାବେ ନିର୍ବାଚିତ ହେବେ । ଏଣୁ ହେବାକୁ ଥିବା ୬ଟି ପଦବୀର ନିର୍ବାଚନ ଭିତରୁ ଏବେ ଗୋଟିଏ ପଦବୀ ସୁରକ୍ଷିତ ହୋଇ ସାରିଛି ବୋଲି କୁହାଯାଇ ପାରିବ। ସଭାପତି, ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀ ନିମନ୍ତେ ୨ଜଣ ଲେଖାଏ ସାମ୍ନାସାମ୍ନି ହେବେ।

### ପହଞ୍ଚିଲେ ବିସିସିଆଇ ପର୍ଯ୍ୟବେକ୍ଷକ ହେମକୁମାର

ଓସିଏ ନିର୍ବାଚନ ପ୍ରକ୍ରିୟାରେ ସହଯୋଗ କରିବା ନିମନ୍ତେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ କଟକରେ ପହଞ୍ଚିଛନ୍ତି ହେମକୁମାର ପାଣ୍ଡେ। ଶନିବାର ପୂର୍ବାହ୍ନରେ ପହଞ୍ଚିବା ସହ ଷ୍ଟାଡିୟମ ପରିସରରେ ଚାଲିଥିବା ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟାରେ ସେ ପ୍ରାୟ ୩ ଘଣ୍ଟା ଧରି ଉପସ୍ଥିତ ଥିଲେ। ଆଗାମୀ ଦିନରେ ନିର୍ବାଚନ ନିମନ୍ତେ ଲାଗୁ ହୋଇଥିବା ଆଚରଣବିଧି ପାଳନ ଉପରେ ତାଙ୍କର ବିଶେଷ ଦୃଷ୍ଟି ରହିବ ବୋଲି ଜଣାପଡ଼ିଛି।



"ଆମ ପାଖରେ ଏକ ଯୁବ ଦଳ ରହିଛି। କିନ୍ତୁ ଆମେ ଏଠାରେ ପାରମ୍ପରିକ ଦକ୍ଷିଣ ଆଫ୍ରିକା ଶୈଳୀରେ ଖେଳିବାକୁ ଆସିଛୁ ।

–ରସି ଭାନ୍ ଡର୍ ଡୁସେନ
ଦକ୍ଷିଣ ଆଫ୍ରିକା କ୍ରିକେଟ ଉପଅଧିନାୟକ



"ଆସନ୍ତା ବର୍ଷ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ ହେବାକୁ ଥିବାରୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଯୁବ ଖେଳାଳିଙ୍କୁ ଅଧିକରୁ ଅଧିକ ସୁଯୋଗ ଦେବା ଆଶା ।

– ଶିଖର ଧାୱନ, ଭାରତୀୟ କ୍ରିକେଟର୍

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ଜୁନିୟର ଥ୍ରୋ ବଲ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୧।୯(କ୍ରୀଡ଼ା ପ୍ରତିନିଧି):** କୁଦିଆରୀସ୍ଥିତ ଯୁପି ସ୍କୁଲ ପରିସରରେ ରାଜ୍ୟସ୍ତରୀୟ ଥ୍ରୋ-ବଲ ଚାମ୍ପିୟନଶିପ୍ ଶନିବାର ଉଦ୍‌ଘାଟିତ ହୋଇଛି। ପ୍ରତିଯୋଗିତାର ବାଳିକା ବିଭାଗରେ ୧୮୦ ଓ ବାଳକରେ ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ବାଳକ ବିଭାଗ ମ୍ୟାଚରେ ରାଉରକେଲା ୨-୦ ସେଟ୍‌ରେ ଝାରସୁଗୁଡ଼ା, ଜଟଣୀ ୨-୦ରେ ଗଞ୍ଜାମ ଓ ପୁରୀ ୨-୦ ସେଟ୍‌ରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ସେହିପରି ବାଳିକା ବିଭାଗ ମ୍ୟାଚରେ ଖୋର୍ଦ୍ଧା ୨-୦ରେ ଯାଜପୁର ଏବଂ ପୁରୀ ୨-୧ ସେଟ୍‌ରେ କଟକକୁ ପରାସ୍ତ କରିଛି। ପୂର୍ବତନ ପୋଲିସ କମିଶନର(ମୁମ୍ବାଇ) ଅରୂପ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ରୁଦ୍ରନାରାୟଣ ସାମନ୍ତରାୟ, ମାନସ ଠାଟୋଇ, ଓଡ଼ିଶାରେ ଥ୍ରୋ-ବଲ୍‌ର ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ଦାସ, ସମ୍ପାଦକ ଜିତେନ୍ଦ୍ରନାଥ ଦାସ, ପରିଚାଳନା କମିଟି ଅଧକ୍ଷ ପ୍ରସନ୍ନ କୁମାର ପାଣି, ସତୀକାନ୍ତ ପଟ୍ଟନାୟକ, ସହ ସମ୍ପାଦକ ଯଶୋବନ୍ତ ପରମଗୁରୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

### ଚାର୍ଲ୍ସଙ୍କୁ ପୋଲ ପୋଜିଶନ

ସିଙ୍ଗାପୁର, ୨୧।୯ (ଏଏଫ୍‌ପି)- ଫେରାରି ଡ୍ରାଇଭର ଚାର୍ଲ୍ସ ଲେକ୍ଲର୍କ ସିଙ୍ଗାପୁର ଗ୍ରାଣ୍ଡ ପ୍ରିକ୍ସ ଫର୍ମୁଲା-୧ ରେସ୍‌ରେ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଇଟାଲୀ ଓ ବେଲଜିୟମ ଗ୍ରାଣ୍ଡପ୍ରିକ୍ସ ଫର୍ମୁଲା-୧ ରେସ୍‌ରେ ଟାଇଟଲ ହାସଲ କରିବା ପରେ ଚାର୍ଲ୍ସ ଏବେ କ୍ରମାଗତ ତୃତୀୟ ଗ୍ରାଣ୍ଡପ୍ରିକ୍ସ ଜିତି ହ୍ୟାଟ୍ରିକ ଅର୍ଜନ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ମୋନାକୋର ଏହି ୨୧ ବର୍ଷୀୟ ଡ୍ରାଇଭର ମର୍ସିଡିଜର ଲୁଇସ୍ ହାମିଲଟନ ଓ ଫେରାରିର ସେବାଷ୍ଟିଆନ ଭେଟେଲଙ୍କୁ ପଛରେ ପକାଇ ଏହି ସଫଳତା ପାଇଛନ୍ତି। ଚାର୍ଲ୍ସ ୧:୩୬. ୨୧୭ ସେକେଣ୍ଡ ସମୟ ନେଇ ଶୀର୍ଷ ସ୍ଥାନରେ ରହିଥିଲେ। ସେହିପରି ହାମିଲଟନ ୧: ୩୬.୪୦୮, ଭେଟେଲ ୧: ୩୬.୪୩୭ ସେକେଣ୍ଡ ସମୟ ନେଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ରବିବାର ଟାଇଟଲ ପାଇଁ ରେସ୍ ଆୟୋଜନ ହେବ।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

ବେଙ୍ଗାଲୁରୁ, ୨୧।୯ (ପି.ଟି.)

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ରବିବାର ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ଧର୍ମଶାଳାଠାରେ ଖେଳାଯିବାକୁ ଥିବା ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହେବା ପରେ ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ବିଜୟୀ ହୋଇ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧–୦ରେ ଅଗ୍ରଣୀ ହାସଲ କରିଛି। ଅନ୍ତିମ ମ୍ୟାଚ୍‌ରେ ବିଜୟୀ ହୋଇ ଭାରତ ୨–୦ରେ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ଦ୍ୱିତୀୟ ଟି୨୦ରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଭାରତ ବିଜୟ ହାସଲ କରିଥିଲା। ବୋଲର ଓ ଅଧିନାୟକ ବିରାଟ କୋହଲିଙ୍କ ପ୍ରଦର୍ଶନ ସହାୟତାରେ ଭାରତ ସହଜରେ ବିଜୟ ହାସଲ କରିଥିଲା। ଅନ୍ତିମ ମ୍ୟାଚ୍‌ରେ ଭାରତ ମଧ୍ୟ ଏହି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ରହିଛି।

ଯୁବ ଖେଳାଳିଙ୍କୁ ନେଇ ଗଠିତ ଅନଭିଜ୍ଞ ଦକ୍ଷିଣ ଆଫ୍ରିକା ଦଳ ଅବଶ୍ୟ ଘରୋଇ ଭାରତ ତୁଳନାରେ ସାମାନ୍ୟ ପଛରେ ଥିବା ପରି ମନେ ହେଉଛି। ତେଣୁ ଭାରତ ଏହି ମୁକାବିଲାରେ ଫେଭରାଇଟ୍ ମନେ ହେଉଛି। ଖରାପ ଶଟ୍ ଖେଳି ବେପରୁଆ ଭାବେ ଆଉଟ୍ ହେଉଥିବା ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଗତ ମ୍ୟାଚ୍‌ରେ ମଧ୍ୟ ସମାନ କାରଣ ଯୋଗୁ ବିଫଳ ହୋଇଥିଲେ। ଫଳରେ ଏବେ ସେ ସମସ୍ତଙ୍କ ନଜରରେ ରହିବା ସହ ଯାଞ୍ଚ ପରିସରରେ ରହିଛନ୍ତି। ଏବେ ପନ୍ତଙ୍କୁ ନେଇ ଭିନ୍ନ ମତ ପ୍ରକାଶ ପାଇଛି। ତାଙ୍କ ଶଟ୍ ଚୟନ ଓ ସ୍ୱଭାବ ନେଇ କେତେକେ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ଫର୍ମରେ ମଧ୍ୟ ଯଥେଷ୍ଟ ଅବନତି ହୋଇଛି। ଫଳରେ ତାଙ୍କ ପ୍ରତିଭାକୁ ନେଇ ହେଉଥିବା ଚର୍ଚ୍ଚାକୁ ମଧ୍ୟ କେତେକେ ଅସ୍ୱୀକାର କରିବାକୁ ପଛାଇ ନାହାନ୍ତି। ଅବଶ୍ୟ ସୁନୀଲ ଗାଭାସ୍କରଙ୍କ ଭଳି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ୨୧ ବର୍ଷୀୟ ପନ୍ତଙ୍କୁ ଉତ୍ସାହିତ କରିବା ସହ ସମର୍ଥନ କରିଛନ୍ତି। ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ ଆୟୋଜନ ହେବାକୁ ଆଉ ମାତ୍ର ବର୍ଷେ ବାକି ରହିଛି। ଏପରି ସ୍ଥଳେ ମହେନ୍ଦ୍ର ସିଂ ଧୋନୀଙ୍କୁ ବାଦ୍ ଦେଇ ଭବିଷ୍ୟତ କରିବା କଥା ଚିନ୍ତା କରିବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଦଳ ଭଲ ପ୍ରଦର୍ଶନ କରି ବିଜୟୀ ହେଉଥିବାରୁ ପନ୍ତଙ୍କ ପ୍ରଦର୍ଶନକୁ ନେଇ ଅବଶ୍ୟ ସେତେଟା ଚର୍ଚ୍ଚା ହେଉ ନାହିଁ।

ମୋହାଲିରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ କୋହଲିଙ୍କୁ ରୋକିବାରେ ଦକ୍ଷିଣ ଆଫ୍ରିକା ବୋଲରମାନେ ବିଫଳ ହୋଇଥିଲେ। ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ ମଧ୍ୟ ମୋହାଲି ଭଳି ମନେ ହେଉଥିବାରୁ କୋହଲି ପୁଣି ଥରେ କମାଲ କରିବେ ବୋଲି ଆଶା କରାଯାଉଛି। କୋହଲିଙ୍କ ପୂର୍ବରୁ ଭାରତୀୟ ଓପନିଂ ଯୋଡି ରୋହିତ ଶର୍ମା ଓ ଶିଖର ଧାୱନ୍‌ଙ୍କୁ ପୁଣି ଥରେ କମାଲ କରିବାକୁ ପଡିବ। କାଗିସୋ ରାବାଡ଼ାଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ପେସ୍ ବୋଲିଂ ଆଟାକକୁ ଏହି ଦୁଇ ବ୍ୟାଟ୍ସମ୍ୟାନ ପ୍ରତିହତ କରିବା ଜରୁରୀ ହୋଇ ପଡିଛି। ଏହି ଗ୍ରାଉଣ୍ଡ ସେତେଟା ବଡ଼ ନ ଥିବାରୁ ଏହି ଯୋଡି ଛକା ଓ ଚୌକା ବର୍ଷା କରିବା ଆଶା କରାଯାଉଛି। ମୋହାଲିରେ ରୋହିତ ବିଫଳ ହୋଇଥିବାରୁ ଏଠାରେ ବଡ଼ ସ୍କୋର କରିବେ ବୋଲି ଆଶା କରାଯାଉଛି। ପନ୍ତ ମଧ୍ୟ ଭଲ ପ୍ରଦର୍ଶନ କରି ସମାଲୋଚକଙ୍କୁ ଚୁପ୍ କରାଇବା ଲକ୍ଷ୍ୟରେ ରହିବେ। ମିଡଲ ଅର୍ଡରରେ ଶ୍ରେୟାସ ଆୟାରଙ୍କ ଭଳି ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ରହିଛନ୍ତି। ଆୟାରଙ୍କ ପରେ ଦୁଇ ଅଲରାଉଣ୍ଡ ହାର୍ଦ୍ଦିକ ପାଣ୍ଡ୍ୟା ଓ ରବୀନ୍ଦ୍ର ଜାଡେଜା ରହିଛନ୍ତି।

ଦୁଇ ନିୟମିତ ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଓ ଭୁବନେଶ୍ୱର କୁମାରଙ୍କ ଅନୁପସ୍ଥିତିରେ ଦୀପକ ଚହର ଓ ନବଦୀପ ସଇନି ଅବଶ୍ୟ ଭଲ ପ୍ରଦର୍ଶନ କରିଛନ୍ତି। ଦକ୍ଷିଣ ଆଫ୍ରିକା ନୂଆ ଅଧିନାୟକ କ୍ୱିଣ୍ଟନ ଡିକକ୍‌ଙ୍କୁ ଅଧିକ ଦାୟିତ୍ୱ ସମ୍ପନ୍ନ ହୋଇ ଖେଳିବାକୁ ପଡିବ। ଡେଭିଡ ମିଲର ଓ ରିଜା ହିଣ୍ଡ୍ରିକ୍ସଙ୍କ ଭଳି ବ୍ୟାଟ୍ସମ୍ୟାନ ତାଙ୍କୁ ସହଯୋଗ କରିବେ ବୋଲି ଆଶା କରାଯାଉଛି। ଦ୍ୱିତୀୟ ମ୍ୟାଚ୍‌ରେ ଡିକକ୍ ବୋଲରମାନଙ୍କୁ ଠିକ୍ ଭାବେ ହ୍ୟାଣ୍ଡଲ କରିପାରି ନ ଥିଲେ। ଦ୍ରୁତ ବୋଲରଙ୍କୁ ଭାରତୀୟ ବ୍ୟାଟ୍ସମ୍ୟାନ ସୁନ୍ଦର ଭାବେ ଖେଳିଥିଲେ। ତେବେ ଏହା ସତ୍ତ୍ୱେ ସେ ସ୍ପିନରମାନଙ୍କୁ ଡେରିରେ ବୋଲିଂ କରିବାକୁ ସୁଯୋଗ ଦେଇଥିଲେ। ସେ ଏହି ତ୍ରୁଟି ସୁଧାରିବେ ବୋଲି ଆଶା କରାଯାଉଛି। ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍ ଜିତି ଅତିକମ୍‌ରେ ସିରିଜ ଅମୀମାଂସିତ ରଖିବାକୁ ଚେଷ୍ଟା କରିବ। ଫଳରେ ରବିବାର ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।



ଅଭ୍ୟାସ ସେସନ ଅବସରରେ ଶନିବାର ଭାରତୀୟ ଦଳର ଖେଳାଳିମାନେ।

■ **ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ-ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ରିଷଭ ପନ୍ତ (ଉଇକେଟ କିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, କ୍ରୁନାଲ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ରାହୁଲ ଚହର, ଖଲିଲ ଅହମ୍ମଦ, ଦୀପକ ଚହର ଓ ନବଦୀପ ସଇନି।

■ **ଦକ୍ଷିଣ ଆଫ୍ରିକା ଦଳ:** କ୍ୱିଣ୍ଟନ ଡିକକ୍ (ଅଧିନାୟକ), ରାସି ଭାନଡର ଡୁସେନ (ଉପ- ଅଧିନାୟକ), ଟେମ୍ବା ବଭୁମା, ଜନିୟର ଡାଲା, ବିଜୋର୍ନ ଫର୍ଚ୍ୟୁନ, ବେଉରାନ ହେଣ୍ଡ୍ରିକ୍ସ, ରିଜା ହେଣ୍ଡ୍ରିକ୍ସ, ଡେଭିଡ ମିଲର, ଅନରିଚ ନୋର୍ଜେ, ଆଣ୍ଡିଲ ଫେଲୁକ୍ୱାୟୋ, ଡ୍ୱେନ ପ୍ରିଟୋରିୟସ, କାଗିସୋ ରାବାଡ଼ା, ତାବ୍ରେଜ ଶାମସି ଓ ଜନ-ଜନ ସ୍ମୁଟ୍ସ।

**ସମୟ: ସନ୍ଧ୍ୟା ୭ଟା, ସ୍ଥାନ: ବେଙ୍ଗାଲୁରୁ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

### ପାକିସ୍ତାନ-ଶ୍ରୀଲଙ୍କା ସିରିଜ୍
## ଡେଭିଡ ବୁନ୍ ମ୍ୟାଚ୍ ରେଫରି



**କରାଚୀ, ୨୧।୯:** ଆସନ୍ତା ୨୭ ତାରିଖରୁ ଘରୋଇ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ଓ ଦିନିକିଆ ସିରିଜ୍ ଖେଳାଯିବ। ଏହି ସିରିଜ୍ ଲାଗି ଆଇସିସି ଅଷ୍ଟ୍ରେଲିଆର ଡେଭିଡ୍ ବୁନଙ୍କୁ ମ୍ୟାଚ୍ ରେଫରି ନିଯୁକ୍ତ କରିଛି। ଆଇସିସି ରେଫରିଙ୍କ ମଧ୍ୟରେ ୫୮ ବର୍ଷୀୟ ବୁନ ସବୁଠୁ ଅଭିଜ୍ଞ। ସେ ଏପର୍ଯ୍ୟନ୍ତ ୧୩୫ ଦିନିକିଆ ଓ ୫୧ ଟି୨୦ ମ୍ୟାଚ୍‌ରେ ରେଫରି ଦାୟିତ୍ୱ ସମ୍ଭାଳି ସାରିଛନ୍ତି। ସେ ଅଷ୍ଟ୍ରେଲିଆ ପାଇଁ ୧୯୮୪ରୁ ୧୯୯୬ ପର୍ଯ୍ୟନ୍ତ ୧୦୭ ଟେଷ୍ଟ ଓ ୧୮୧ ଦିନିକିଆ ଖେଳିଥିଲେ। ଆଇସିସି ପକ୍ଷରୁ ଜୋଏଲ ୱିଲସନ ଓ ମାଇକେଲ ଗଫଙ୍କୁ ସିରିଜ୍ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏହା ବ୍ୟତୀତ ପିସିବି ଏଲିଟ ପ୍ୟାନେଲ ଅମ୍ପାୟର ଅଲିମ ଦାରଙ୍କ ସମେତ ଏସାନ ରାଜା, ସୋଜିବ ରାଜା ଓ ଅସିଫ ୟାକୁବଙ୍କୁ ନିଯୁକ୍ତ କରିଛି। ଉଲ୍ଲେଖଥାଉ କି, ୨୦୦୯ରେ ପାକିସ୍ତାନରେ ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ରାଜା ଅମ୍ପାୟର ଥିଲେ। ଆତଙ୍କବାଦୀ ଆକ୍ରମଣ ବେଳେ ସେ ଶ୍ରୀଲଙ୍କା ଦଳର ବସ୍‌ରେ ଥିଲେ। ଗୁଳି ତାଙ୍କ କିଡ୍‌ନୀ ଓ ବିଭିନ୍ନ ସ୍ଥାନରେ ବାଜିଥିଲା। ଏହାସତ୍ତ୍ୱେ ସେ କ୍ରିକେଟ ଫେରି ଅମ୍ପାୟରିଂ କରୁଛନ୍ତି।

# ବିଦାୟୀ ମ୍ୟାଚ୍‌ରେ ମାସକାଡ୍‌ଜାଙ୍କ ରେକର୍ଡ ଇନିଂସ

ଚଟ୍ଟଗ୍ରାମ,୨୧।୯

ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିବା ଜିମ୍ବାୱେ ଦଳର ଅଧିନାୟକ ହାମିଲଟନ ମାସାକାଡ୍‌ଜା କ୍ୟାରିୟରର ଅନ୍ତିମ ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟିଂ କରି ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଆଫଗାନିସ୍ତାନ ବିପକ୍ଷ ଅନ୍ତିମ ମ୍ୟାଚ୍‌ରେ ସେ ୪୨ ବଲରୁ ୭୧ ରନ୍ (୪ ଚୌକା, ୫ ଛକା)ର ଇନିଂସ ଖେଳିଥିଲେ। ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ବିଦାୟୀ ମ୍ୟାଚ୍‌ରେ ସର୍ବାଧିକ ସ୍କୋର କରିଥିବା ବ୍ୟାଟ୍ସମ୍ୟାନ ଭାବେ ସେ ନିଜ ନାମକୁ ରେକର୍ଡ ବୁକ୍‌ରେ ଲିପିବଦ୍ଧ କରିଛନ୍ତି। ମାସାକାଡଜାଙ୍କ ଏହି ବିସ୍ଫୋରକ ବ୍ୟାଟିଂ ଯୋଗୁ ଜିମ୍ବାୱେ ୭ ଉଇକେଟ୍‌ରେ ଆଫଗାନିସ୍ତାନକୁ ହରାଇ ଦେଇଛି।

ତ୍ରି-ରାଷ୍ଟ୍ରୀୟ ସିରିଜର ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଧାର୍ଯ୍ୟ ୨୦ ଓଭରରେ ୮ ଉଇକେଟ ହରାଇ ୧୫୫ ରନ୍ କରିଥିଲା। ଓପନର ରହମାନୁଲା ଗୁର୍ବାଜ ୬୧ ଓ ହଜାରୁତୁଲା ଜାଜାଇ ୩୧ ରନ୍ କରିଥିଲେ। ଜିମ୍ବାୱେ ପକ୍ଷରୁ କ୍ରିସ୍ ଏମ୍‌ପୋଫୁ ୪ ଓ ତିନୋତେଣ୍ଡା ମୁଟୋମ୍‌ବୋଜି ୨ ଉଇକେଟ ନେଇଥିଲେ। ପରେ ଜିମ୍ବାୱେ ଦଳର ଅଧିନାୟକ ମାସାକାଡ୍‌ଜା ବ୍ୟାଟିଂ କରିବା ପାଇଁ କ୍ରିଜ୍‌କୁ ଓହ୍ଲାଇଲାବେଳେ ତାଙ୍କୁ ଦଳର ସାଥୀ ଖେଳାଳିମାନେ ଗାର୍ଡ ଅଫ୍ ଅନର ଦେଇଥିଲେ। ମାସାକାଡ୍‌ଜାଙ୍କ ୭୧, ରେଗିସ ଚାକାବ୍‌ଭାଙ୍କ ୩୯ ଓ ସିନ ୱିଲିୟମ୍ସଙ୍କ ଅପରାଜିତ ୨୧ ରନ୍‌ର ଇନିଂସ ଯୋଗୁ ଦଳ ୩ ବଲ ପୂର୍ବରୁ ମ୍ୟାଚ୍ ଜିତି ନେଇଥିଲା। ଏହା ଜିମ୍ବାୱେ ଦଳର ଚଳିତ ତ୍ରିରାଷ୍ଟ୍ରୀୟ ସିରିଜ୍‌ରେ ପ୍ରଥମ ବିଜୟ। ମାସାକାଡଜା ୬୬ ଟି୨୦ ଇନିଂସରୁ ୧୧ ଅର୍ଦ୍ଧଶତକ ସହାୟତାରେ ୧,୬୬୨ ରନ ସଂଗ୍ରହ କରିଛନ୍ତି। ଟି୨୦ରେ ସେ ଜିମ୍ବାୱେ ପକ୍ଷରୁ ସର୍ବାଧିକ ସ୍କୋରର ରହିଛନ୍ତି। ସେହିଭଳି ବିଶ୍ୱରେ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ତାଲିକାର ସେ ୧୫ତମ ସ୍ଥାନ ଲାଭ କରିଛନ୍ତି।



ହାମିଲଟନ ମାସକାଡ୍‌ଜା

# ୨ ଗୁଣ ବଢ଼ିଲା କ୍ରିକେଟରଙ୍କ ଦୈନିକ ଭତ୍ତା

**ନୂଆଦିଲ୍ଲୀ,୨୧।୯:** ପୂଜା ପୂର୍ବରୁ ଭାରତୀୟ କ୍ରିକେଟରଙ୍କୁ ସ୍ୱତନ୍ତ୍ର ଭେଟି ମିଳିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କ୍ରିକେଟରଙ୍କ ଦୈନିକ ଭତ୍ତା ୨ ଗୁଣ ବଢ଼ାଇବାକୁ ନିଷ୍ପତ୍ତି ନେଇଛି। କ୍ରିକେଟ ପ୍ରଶାସକ କମିଟି (ସିଓଏ) ଏ ନେଇ ଘୋଷଣା କରିଛି। ବିଦେଶ ଗସ୍ତରେ ଯାଇଥିବା କ୍ରିକେଟରଙ୍କ ଭତ୍ତା ଦୁଇଗୁଣ ବଢ଼ାଯାଇଛି। ବିଦେଶ ଗସ୍ତରେ କ୍ରିକେଟରମାନେ ପୂର୍ବରୁ ଦୈନିକ ୧୨୫ ଡଲାର (୮, ୮୯୯ ଟଙ୍କା)ପାଉଥିଲେ। ଏବେ ଏହା ୨୫୦ ଡଲାର (୧୭,୭୯୯ ଟଙ୍କା)କୁ ବୃଦ୍ଧି କରାଯାଇଛି। ଏଥି ସହିତ ଘରୋଇ ଅନ୍ତର୍ଜାତୀୟ ସିରିଜରେ ମଧ୍ୟ ଖେଳାଳିଙ୍କ ଭତ୍ତାରେ ବୃଦ୍ଧି କରାଯାଇଛି। ଘରୋଇ ସିରିଜ ପାଇଁ ଖେଳାଳିଙ୍କୁ ପ୍ରତିଦିନ ୧୦୦ ଡଲାର ପ୍ରଦାନ କରଯାଉଥିଲା। ଡଲାର ମୂଲ୍ୟରେ ଉତ୍ଥାନ ପତନ ହେଉଥିବାରୁ ଏବେ ଖେଳାଳିଙ୍କୁ ୭୫୦୦ ଟଙ୍କା ଦିଆଯିବ। ଖେଳାଳିମାନେ ମିଳୁଥିବା ଏହି ଦୈନିକ ଭତ୍ତା ଦ୍ୱାରା ରହିବା, ଯାତ୍ରା କରିବା, ପୋଷାକ ସଫା କରିବା ପ୍ରଭୃତି କାର୍ଯ୍ୟ କରିଥାନ୍ତି। ସେହିପରି ଦଳର ସପୋର୍ଟ ଷ୍ଟାଫ୍, ଚୟନକର୍ତ୍ତାଙ୍କ ଦୈନିକ ଭତ୍ତାରେ ମଧ୍ୟ ବୃଦ୍ଧି କରାଯାଇଛି। ଉଲ୍ଲେଖଥାଉ କି, ଦୈନିକ ଭତ୍ତା ସହିତ ମ୍ୟାଚ ପାଉଣାର କୌଣସି ସମ୍ପର୍କ ନାହିଁ। ପ୍ରତ୍ୟେକ ଫର୍ମାଟରେ କ୍ରିକେଟରଙ୍କ ଭିନ୍ନ ଭିନ୍ନ ମ୍ୟାଚ୍ ଫି ପ୍ରଦାନ କରାଯାଇଥାଏ। ଟେଷ୍ଟ ମ୍ୟାଚ୍ ପାଇଁ ୧୫ ଲକ୍ଷ, ଦିନିକିଆ ମ୍ୟାଚ୍ ପାଇଁ ୬ ଲକ୍ଷ ଓ ଟି୨୦ ମ୍ୟାଚ୍ ପାଇଁ ୩ ଲକ୍ଷ ଟଙ୍କା ଦିଆଯାଇଥାଏ। ଯେଉଁ ଖେଳାଳି ଅନ୍ତିମ ଏକାଦଶରେ ସାମିଲ ହୋଇ ନ ଥାନ୍ତି ସେମାନଙ୍କୁ ମଧ୍ୟ ମ୍ୟାଚ୍ ପାଉଣା ପ୍ରଦାନ କରାଯାଇଥାଏ। ଏହା ବ୍ୟତୀତ କେନ୍ଦ୍ରୀୟ ଚୁକ୍ତି ଅନୁସାରେ କ୍ରିକେଟରମାନଙ୍କୁ ଗ୍ରେଡ ଅନୁସାରେ ଅଲଗା ଅଲଗା ପାଉଣା ପ୍ରଦାନ କରାଯାଇଥାଏ। ଏ ପ୍ଲସ୍ ଗ୍ରେଡ୍‌ରେ ସାମିଲ ଖେଳାଳିଙ୍କୁ ବର୍ଷକୁ ୭ କୋଟି, ଏ ଗ୍ରେଡରେ ସାମିଲ ଖେଳାଳିଙ୍କୁ ୫ କୋଟି, ବି ଗ୍ରେଡ୍‌ରେ ସାମିଲ ଖେଳାଳିଙ୍କୁ ୩ କୋଟି ଓ ସି ଗ୍ରେଡ୍‌ରେ ସାମିଲ ଖେଳାଳିଙ୍କୁ ୧ କୋଟି ଟଙ୍କା ପ୍ରଦାନ କରାଯାଇଥାଏ।

### ଦକ୍ଷିଣ ଆଫ୍ରିକା-ବୋର୍ଡ ଏକାଦଶ ଦ୍ୱିତୀୟ ୱାର୍ମଅପ୍ ଆଜି
## ପେସର, ସୁଶ୍ରୀଙ୍କ ଉପରେ ନଜର

**ସୁରଟ, ୨୧।୯:** ଦକ୍ଷିଣ ଆଫ୍ରିକା ଓ ବୋର୍ଡ ସଭାପତି ଏକାଦଶ ମଧ୍ୟରେ ଦ୍ୱିତୀୟ ମହିଳା ୱାର୍ମଅପ୍ କ୍ରିକେଟ ମ୍ୟାଚ ରବିବାର ଏଠାରେ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ ଖରାପ ପାଗ ଯୋଗୁ ବାତିଲ ହୋଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ବୋର୍ଡ ଏକାଦଶର ପେସର ଏବଂ ଓଡ଼ିଶା ସ୍ପିନର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ଉପରେ ନଜର ରହିବ।

ଏହି ମ୍ୟାଚରେ ମୁଖ୍ୟତଃ ଦୁଇ ପେସର ପୂଜା ବସ୍ତ୍ରକାର ଓ ମାନସି ଯୋଶୀଙ୍କ ଉପରେ ନଜର ରହିବ। ଉଭୟ ଯୋଶୀ ଓ ପୂଜା ଭାରତୀୟ ଟି୨୦ ଦଳରେ ସ୍ଥାନ ପାଇଛନ୍ତି। ତେଣୁ ୱାର୍ମଅପ୍ ମ୍ୟାଚରେ ଭଲ ପ୍ରଦର୍ଶନ କଲେ ସେମାନେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ପୂର୍ବରୁ ମୋମେଣ୍ଟମ ପାଇ ପାରିବେ। ୧୫ ବର୍ଷୀୟା ଓପନର ଶେଫାଳି ବର୍ମାଙ୍କ ଉପରେ ମଧ୍ୟ ନଜର ରହିବ। ଅଧିନାୟିକା ସୁଷମା ବର୍ମା ଓ ଉପଅଧିନାୟିକା ଦେବିକା ବୈଦ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହିଁବେ। ସୁଶ୍ରୀ ଦିବ୍ୟ ଦର୍ଶିନୀ ଭାରତ–ଏ ଦଳରେ ସ୍ଥାନ ପାଇଛନ୍ତି। ତେଣୁ ଏଠାରେ ଭଲ ପ୍ରଦର୍ଶନ କଲେ ତାଙ୍କର ମନୋବଳ ନିଶ୍ଚିତ ଦୃଢ଼ ହୋଇପାରିବ। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ମ୍ୟାଚ ପ୍ରାକ୍ଟିସ ପାଇଁ ବ୍ୟଗ୍ର। ପ୍ରଥମ ୱାର୍ମଅପ୍ ବାତିଲ ହୋଇ ଯାଇଥିବାରୁ ରିଜର୍ଭ ଖେଳାଳିଙ୍କୁ ପରଖି ନେବାକୁ ଏହା ହିଁ ପ୍ରକୃଷ୍ଟ ସମୟ।


ସୁଶ୍ରୀ ଦିବ୍ୟଦର୍ଶିନୀ

# ପନ୍ତଙ୍କୁ ସମର୍ଥନ କରାଯିବା ଆବଶ୍ୟକ

ଗୌତମ ଗମ୍ଭୀର

ସେପ୍ଟେମ୍ବର ମାସ ମୋ ପାଇଁ ସ୍ୱତନ୍ତ୍ର ଭାବେ କିଛି ମଧୁର ଭାବପ୍ରବଣତା ଆଣିଦେଇଛି। ଏହି ମାସରେ ଅର୍ଥାତ ୨୦୦୭ର ନବମ ମାସରେ ଆମେ ଆଇସିସି ଟି୨୦ ବିଶ୍ୱକପ୍ ହାସଲ କରିଥିଲୁ। ଯୁବରାଜ ସିଂ ଏହି ମେଗା ଇଭେଣ୍ଟରେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ଏହି ଟୁର୍ନାମେଣ୍ଟ ଓ ୨୦୧୧ ବିଶ୍ୱକପ୍‌ରେ ଯୁବରାଜ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରି ଭାରତକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଯୁବି ପରିଧାନ କରୁଥିବା ୧୨ ନମ୍ବର ଜର୍ସିକୁ ଅବସର ଦେବା ପାଇଁ ଅବଶ୍ୟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ କହିଛି। ଏହା କରାଯାଇଥିଲେ ତାଙ୍କ ପ୍ରତି ଏକ ବଡ଼ ସମ୍ମାନ ହୋଇଥାନ୍ତା। ଟି୨୦ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ଆମ ପାଇଁ କାମ ଦେଇଥିଲା ଓ ଏହା ଆମକୁ ବେଶ୍ ସୁହାଇଥିଲା। ଆଗକୁ କ'ଣ ହେବ ଆମେ ଜାଣି ନ ଥିଲୁ। ତେଣୁ ଭବିଷ୍ୟତ କଥା ଚିନ୍ତା ନ କରି ପରବର୍ତ୍ତୀ ବଲ୍ ଖେଳିବା ଉପରେ ଆମେ ମନୋନିବେଶ କରିଥିଲୁ। ଯୁବିଙ୍କୁ ମଧ୍ୟ ଗୋଟିଏ ଓଭରରେ ୬ଟି ଛକା ମାରିବାର ରହସ୍ୟ ବିଷୟରେ ପଚାରିଥିଲି। ଏମିତି ହୋଇଗଲା ବୋଲି ସେ କହିଥିଲେ।

ଯୁବି ଏହାକୁ ସହଜରେ ଗ୍ରହଣ କରି ନେଇଥିଲେ ବୋଲି କୁହନ୍ତି। ନିର୍ଭୀକ କ୍ରିକେଟ ଖେଳିବା ସହ ସେ ସ୍ପଷ୍ଟ ଆଭିମୁଖ୍ୟ ନେଇ ପଡିଆକୁ ଓହ୍ଲାଉଥିଲେ। ବଲର ଯୋଗ୍ୟତା ତଥା ମେରିଟ୍ ନେଇ ସେ ଖେଳୁଥିଲେ। ଟେଷ୍ଟରେ ଗୋଟିଏ ଇନିଂସରେ ଅନିଲ କୁମ୍ବଲେଙ୍କ ୧୦ ଉଇକେଟ ହାସଲ ଓ ଗୋଟିଏ ଓଭରରେ ଯୁବିଙ୍କ ୬ ଛକା ରେକର୍ଡର ପୁନରାବୃତ୍ତି ହେବା ପ୍ରାୟ ଅସମ୍ଭବ ବୋଲି କୁହାଯାଇପାରେ। ଯୁବି ଓ କୁମ୍ବଲେ ହେଉଛନ୍ତି ପ୍ରକୃତରେ କିମ୍ବଦନ୍ତୀ କ୍ରିକେଟର। ଭାରତୀୟ କ୍ରିକେଟ ପାଇଁ ଯୁବରାଜ, ହରଭଜନ ସିଂ, ଭିଭିଏସ୍ ଲକ୍ଷ୍ମଣ, ସଚିନ ତେନ୍ଦୁଲକର, ଅନିଲ କୁମ୍ବଲେଙ୍କ ଅବଦାନ ଅତୁଳନୀୟ। ଏହି କ୍ରିକେଟରମାନେ ଭାରତୀୟ କ୍ରିକେଟକୁ ଆଗକୁ ନେଇ ପାରିବେ।

ଯୁଜବେନ୍ଦ୍ର ଚହଲ, ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବଙ୍କୁ କୁମ୍ବଲେ ଓ ହରଭଜନ ଭଲ ଗାଇଡ୍ କରିପାରିବେ। ଏବେ ରିଷଭ ପନ୍ତ ନିର୍ଭୀକ କ୍ରିକେଟ ଖେଳି ସମାଲୋଚିତ ହେଉଛନ୍ତି। ତେଣୁ ଯୁବି ତାଙ୍କୁ କାହିଁକି ଗାଇଡ କରିପାରିବେ ନାହିଁ। ଟେଷ୍ଟରେ ମଧ୍ୟ ଯୁବି ଦିନିକିଆ ଭଳି ସଫଳ ହୋଇପାରିଥାନ୍ତେ। ଇନିଂସ କିପର ଗଢ଼ିବାକୁ ହୁଏ ତାହା ଯୁବିଙ୍କୁ ଭଲ ଭାବେ ଜଣା। ସେ ଏ ନେଇ ପନ୍ତଙ୍କୁ ଭଲଭାବେ ବୁଝାଇ ପାରିବେ। ନିକଟରେ ଅବସର ଗ୍ରହଣ କରିଥିବା କ୍ରିକେଟରମାନେ ଯୁବ ଖେଳାଳିଙ୍କୁ ଗାଇଡ କରିପାରିବେ। କାରଣ ସେମାନେ କିଛି ଦିନ ତଳେ ଡ୍ରେସିଂ ରୁମ୍ ଶେୟାର କରୁଥିଲେ। ପୁଣି ଯୁବି ଓ ପନ୍ତଙ୍କ ଭଳି ଖେଳାଳିଙ୍କ ମଧ୍ୟ ବୟସର ତାରତମ୍ୟ କମ୍ ହୋଇଥିବାରୁ ଏହା ବେଶ୍ କାମରେ ଆସିବ। ବ୍ୟକ୍ତିଗତ ଭାବେ ପନ୍ତଙ୍କ ଅପେକ୍ଷା ସଞ୍ଜୁ ସାମସନଙ୍କୁ ଉଇକେଟକିପର ବ୍ୟାଟ୍ସମ୍ୟାନ ଭାବେ ଅଧିକ ସମର୍ଥନ କରେ। ତେବେ ଟିମ୍ ମ୍ୟାନେଜମେଣ୍ଟ 'ଫିୟରଲେସ୍ ଟୁ କେୟାରଲେସ' ଭଳି ଶବ୍ଦ ବ୍ୟବହାର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପନ୍ତଙ୍କୁ ନେଇ ଟିମ୍ ମ୍ୟାନେଜମେଣ୍ଟ ଆଭିମୁଖ୍ୟ ଗ୍ରହଣ କରୁଛି ତାହା ନୈରାଶ୍ୟଜନକ। ଏଭଳି ଭାବେ କୌଣସି ଯୁବ ଖେଳାଳିଙ୍କୁ ହ୍ୟାଣ୍ଡଲ କରାଯାଏ ନାହିଁ। ପନ୍ତ ଉପଯୋଗୀ କ୍ରିକେଟ ଖେଳନ୍ତୁ ସମସ୍ତେ ଏହା ଚାହାନ୍ତି। ଏ ଭଳି ମନ୍ତବ୍ୟ ପନ୍ତଙ୍କୁ ସ୍ୱାଭାବିକ କ୍ରିକେଟ ଖେଳିବାକୁ ସୁଯୋଗ ଦେବନାହିଁ। ଏବେ ସେ ରନ ସଂଗ୍ରହ କରି କିପରି ଦଳରେ ତିଷ୍ଠି ରହିବେ ସେ ନେଇ ଖେଳିବେ। ତେଣୁ ପନ୍ତଙ୍କ ଉପରେ ଚାପ ପ୍ରୟୋଗ ନ କରି ତାଙ୍କୁ ସ୍ୱାଭାବିକ କ୍ରିକେଟ ଖେଳିବା ପାଇଁ ଉତ୍ସାହିତ କରାଯିବା ଆବଶ୍ୟକ।

ଅନ୍ତିମ ଟି୨୦ରେ ଭାରତ ପୁଣି ବିଜୟୀ ହେଉ। ବାଙ୍ଗାଲୋର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ ଏକ ଭଲ ଉଇକେଟ। ବ୍ୟାଟ୍ସମ୍ୟାନଙ୍କୁ ଅତ୍ୟଧିକ ସୁହାଉଥିବା ଉଇକେଟ ଦର୍ଶକଙ୍କ ପାଇଁ ସେତେଟା ଉପଭୋଗ୍ୟ ହେବ ନାହିଁ। ଏହି ମ୍ୟାଚ୍ ପନ୍ତଙ୍କ ପାଇଁ ଶେଷ ସୁଯୋଗ ବୋଲି କୁହାଯିବା ନିହାତି ଦୁର୍ଭାଗ୍ୟଜନକ।

*(ଗେମ୍‌ପ୍ଲାନ/ ଦୀନେଶ ଚୋପ୍ରା ମିଡିଆ)*



## ସଂକ୍ଷେପରେ

### ୨ ବେଲେରା ମୂଷା ମୃତ

ବାରଙ୍ଗ,୨୧।୯(ଡି.ଏନ୍.ଏ.): ନନ୍ଦନକାନନର କ୍ଷୁଦ୍ରସ୍ତନ୍ୟପାୟୀ କମ୍ପ୍ଲେକ୍ସର ୩୭ଡି ଏନକ୍ଲୋଜରରେ ରହୁଥିବା ୨ ବେଲେରା ମୂଷା ଶନିବାର ମରିପଡିଥିବା ଦାୟିତ୍ୱରେ ଥିବା କର୍ମଚାରୀ ଦେଖିବାକୁ ପାଇଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନାହିଁ ତେବେ ଶୁକ୍ରବାର ଏହି ୨ ମୂଷା ଏନକ୍ଲୋଜରରେ ଠିକ ସମୟରେ ଖାଇବା ସହ ସାଧାରଣରେ ବିଚରଣ କରୁଥିବାବେଳେ ହଠାତ ସେମାନଙ୍କ ମୃତ୍ୟୁ ହେବା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ୟବଚ୍ଛେଦ ପରେ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ଏହି ମୂଷାଙ୍କ ମୃତ୍ୟୁ ପରେ ସଂଖ୍ୟା ହ୍ରାସ ପାଇ ୨ରେ ପହଞ୍ଚିଛି।

### ବାହାରେ ବୁଲିଲା ବାରାଶିଙ୍ଗା

ବାରଙ୍ଗ,୨୧।୯(ଡି.ଏନ୍.ଏ.): ନନ୍ଦନକାନନରେ ବର୍ତ୍ତମାନ ହର୍ପିସ ଭାଇରସକୁ ନେଇ ଆତଙ୍କ ଦେଖାଦେଇଥିବାବେଳେ ଶନିବାର ସକାଳେ ଏକ ବାରାଶିଙ୍ଗା ଏନକ୍ଲୋଜରରୁ ବାହାରି ପଦାରେ ବୁଲିବା ଘଟଣା ନେଇ ଚର୍ଚ୍ଚା ଚାଲିଛି। ସବୁଦିନ ଭଳି ଶନିବାର ନନ୍ଦନକାନନ ଖୋଲିବା ପରେ ଦାୟିତ୍ୱରେ ଥିବା କର୍ମଚାରୀ ୩୮ ନଂ ଏନକ୍ଲୋଜରର ଫାଟକ ଖୋଲି ଭିତରକୁ ଯାଇଥିବାବେଳେ ଏକ ବାରାଶିଙ୍ଗାଟି କୌଶଳକ୍ରମେ ବାହାରକୁ ପଳାଇ ଆସିଥିଲା। ଏହାଦେଖି କର୍ମଚାରୀ ଜଣଙ୍କ ଏନକ୍ଲୋଜରର ଭିତରପଟୁ ଫାଟକକୁ ତାଲା ପକାଇବାକୁ ଉଦ୍ୟମ କରିଥିଲେ ସୁଦ୍ଧା ପକାଇପାରି ନ ଥିଲେ। ପରେ ବାରାଶିଙ୍ଗାକୁ ଏନକ୍ଲୋଜରରେ ପୂରାଇବାକୁ ଚେଷ୍ଟାକରି ବିଫଳ ହେବାରୁ ଏ ବିଷୟରେ ଜନ୍ତୁ ବିଭାଗର ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଜଣାଇଥିଲେ। ଖବରପାଇ ରାମକାଣ୍ଡିଙ୍କ ନେତୃତ୍ୱରେ ଏକ ୩ଜଣିଆ ଟିମ ପହଞ୍ଚିବା ବେଳକୁ ବାରାଶିଙ୍ଗାଟି ନନ୍ଦନକାନନ ପରିସର ମୁଖ୍ୟରାସ୍ତାରେ ବୁଲୁଥିବାର ଦେଖିଥିଲେ। ବହୁ ଲୁଚକାଳି ଖେଳ ପରେ ମଧ ବାରାଶିଙ୍ଗାଟିକୁ ଟିମ ଧରିପାରି ନଥିଲେ। ଶେଷରେ ଟ୍ରାଙ୍କୁଲାଇଜ କରି ଚିତ୍ରାହରିଣ ଏନକ୍ଲୋଜର ପାଖରୁ ବାରାଶିଙ୍ଗାକୁ ଧରି ଏନକ୍ଲୋଜରରେ ଛାଡିଥିଲେ। ଏବେ ନନ୍ଦନକାନନରେ ୯ଟି ବାରାଶିଙ୍ଗା ରହିଛନ୍ତି।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଶନିବାର ଜେନିଥ୍ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବରେ କଳାକାରଙ୍କ ଦ୍ୱାରା ପରିବେଷିତ ମଡର୍ନ ଡ୍ୟାନ୍ସ।

# ରାଜ୍ୟରେ ସ୍ଥାପନ ହେବ ଗାନ୍ଧିଜୀଙ୍କ ବିଶାଳ ପ୍ରତିମୂର୍ତ୍ତି

ଭୁବନେଶ୍ୱର, ୨୧।୯ (ବ୍ୟୁରୋ)

**କାର୍ଯ୍ୟକ୍ରମ ରୂପାୟନ କମିଟି ବୈଠକ**

- ୧୫୦ତମ ଜନ୍ମବାର୍ଷିକୀର କାର୍ଯ୍ୟକ୍ରମ ଚୂଡ଼ାନ୍ତ
- ରାଜ୍ୟ ତଥା ଜିଲାସ୍ତରରେ ହେବ ବିଭିନ୍ନ କାର୍ଯ୍ୟକ୍ରମ
- ଗାନ୍ଧୀଙ୍କ ନାମରେ ହେବ ଏକାଧିକ ମାର୍ଗ, ପ୍ରକାଶିତ ହେବ ପୁସ୍ତକ

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ସମାରୋହ ପାଳନ ପରିପ୍ରେକ୍ଷୀରେ ଆସନ୍ତା ଅକ୍ଟୋବର ୨ରେ ରାଜ୍ୟବ୍ୟାପୀ ଜୟନ୍ତୀ ଉତ୍ସବ ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଏନେଇ ଶନିବାର ଲୋକସେବା ଭବନରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ରୂପାୟନ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ପାଣିଗ୍ରାହୀ କହିଲେ, ରାଜ୍ୟରେ ଗାନ୍ଧିଜୀଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଉକ୍ତ ସ୍ଥାନକୁ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ସମୃଦ୍ଧ କରାଯିବ। ରାଜ୍ୟ ଓ ଜିଲା ସ୍ତରରେ ୧୫୦ ସ୍ଥାନରେ ବୃକ୍ଷରୋପଣ କରାଯିବ। ବିଭିନ୍ନ ଜିଲାରେ ରହିଥିବା କେତେକ ମାର୍ଗ ବା ରାସ୍ତାକୁ ଗାନ୍ଧିଜୀଙ୍କ ସ୍ମୃତିରେ ଉତ୍ସର୍ଗ କରାଯିବା ସହ ତାଙ୍କ ନାମରେ ନାମିତ କରାଯିବ ବୋଲି ସୂଚନା ଦିଆଯାଇଛି।

ଜିଲା ସ୍ତରରେ ଜିଲାପାଳଙ୍କ ଦ୍ୱାରା କାର୍ଯ୍ୟକ୍ରମମାନ ପରିଚାଳନା କରାଯିବ। ଉକ୍ତଦିନ ସକାଳେ ଭୁବନେଶ୍ୱରରେ ଛାତ୍ରୀଛାତ୍ର ତଥା ସଚେତନ ନାଗରିକଙ୍କୁ ନେଇ ମାନବଶୃଙ୍ଖଳ ଓ ରାଲି, ବିଧାନସଭା ପରିସର ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଗୀତଗୋବିନ୍ଦ ସଦନରେ ଶିଳ୍ପୀ ଶିବିର, ସୂଚନା ଭବନରେ 'ଗାନ୍ଧୀକଥା', ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କିତ ପୁସ୍ତକ ଲୋକାର୍ପଣ, ସାହିତ୍ୟ ଏକାଡେମୀ ଓ ଉର୍ଦ୍ଦୁ ଏକାଡେମୀର ମିଳିତ ଆନୁକୂଲ୍ୟରେ ଗୀତଗୋବିନ୍ଦ ଭବନରେ ଗାନ୍ଧୀ ଏବଂ ସ୍ୱାଧୀନତା ସଂଗ୍ରାମ ସମ୍ପର୍କିତ କବିତା ପାଠୋତ୍ସବ, ସନ୍ଧ୍ୟାରେ ସୂଚନା ଭବନରେ ଗାନ୍ଧୀଭଜନ ପରିବେଷଣ କରାଯିବ। ରବୀନ୍ଦ୍ର ମଣ୍ଡପ, ସୂଚନା ଭବନ, ରାଜ୍ୟ ସଂଗ୍ରହାଳୟ, ରାଜ୍ୟ ଅଭିଲେଖାଗାର, ସଂସ୍କୃତି ଭବନ, ଭଞ୍ଜକଳା ମଣ୍ଡପ ସମେତ କଟକର ସ୍ୱରାଜ୍ୟ ଆଶ୍ରମ ଓ ନୌବାଣିଜ୍ୟ ସଂଗ୍ରହାଳୟରେ ଗାନ୍ଧିଜୀଙ୍କ ତୈଳଚିତ୍ର ସ୍ଥାପନ କରାଯିବ।

ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ବିଧାୟକ ରାମଚନ୍ଦ୍ର ପଣ୍ଡା, ଗାନ୍ଧୀଦର୍ଶନ ପ୍ରବକ୍ତା ପ୍ରହ୍ଲାଦ ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଯୁଗ୍ମ ନିର୍ଦ୍ଦେଶକ ଲିପ୍‌ସା ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଯୁଗ୍ମ ଶାସନ ସଚିବ ଶୁଭଶ୍ରୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଗାନ୍ଧିଜୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ନିମନ୍ତେ ଗଠିତ ପ୍ରକାଶନ ଉପସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହାର ଅଧ୍ୟକ୍ଷ ତଥା ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗାନ୍ଧିଜୀଙ୍କ ଉପରେ ଲିଖିତ ୩ ପୁସ୍ତକର ଓଡ଼ିଆ ଅନୁବାଦ ପ୍ରକାଶ କରାଯିବାକୁ ନିଷ୍ପତ୍ତି ହୋଇଛି।

## ଘରୋଇ ଜମିରେ ରାସ୍ତା ନିର୍ମାଣ | ସିଏମ୍‌ସି କମିଶନରଙ୍କୁ ନୋଟିସ

କଟକ ଅଫିସ,୨୧।୯

କଟକ ମହାନଗର ନିଗମ(ସିମ୍‌ସି)ର ଟାଙ୍ଗରହୁଡା ମୌଜା(ବିଡାନାସୀ,ସିଡିଏ) ଖାତା ନଂ. ୨/୨୯,ପ୍ଲଟ ନଂ.୭/୭୮ ଜମିର ପ୍ରାୟ ୪୦ଡିସିମିଲରୁ ଅଧିକ ଜମିରେ ରାସ୍ତା ନିର୍ମାଣକୁ ନେଇ କଟକ ଲୋକ ଅଦାଲତ ସିଏମସି କମିଶନରଙ୍କୁ ହାଜର ହେବା ନିମନ୍ତେ ନୋଟିସ ଜାରି କରିଛନ୍ତି। ଏହି ଜମି ଖାନନଗରର ସୁରେନ୍ଦ୍ରନାଥ ଦାଶଙ୍କ ହୋଇଥିବା ବେଳେ ତାଙ୍କ ଅଜାଣତରେ ସିଏମସି ପକ୍ଷରୁ ରାସ୍ତା ନିର୍ମାଣ କରାଯାଉଛି। ଏ ନେଇ ଦାଶ ତାଙ୍କ ଓକିଲଙ୍କ ଜରିଆରେ ସିଏମସି କମିଶନରଙ୍କୁ ଦୁଇଥର ନୋଟିସ ଦେଇଥିଲେ ମଧ୍ୟ ସିଏମସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଦାଶ କଟକ ଲୋକଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଅଦାଲତ ୭୮୭/୧୯ ମାମଲା ରୁଜୁ କରି ସିଏମସି କମିଶନରଙ୍କୁ ଆସନ୍ତା ଅକ୍ଟୋବର ୧୪ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ଦେବାକୁ ନୋଟିସ ଜାରି କରିଛନ୍ତି।




# ହାତୀ ମୃତ୍ୟୁକୁ ନେଇ ବୈଷୟିକ କମିଟିର ବୈଠକ

- ଚିକିତ୍ସା ପଦ୍ଧତିକୁ କଲେ ତର୍ଜମା
- ବାହାରୁ ବିଶେଷଜ୍ଞ ଟିମ ଆସିବାକୁ ଦେଲେ ପରାମର୍ଶ



ବାରଙ୍ଗ,୨୧।୯(ଡି.ଏନ୍.ଏ.)

ନନ୍ଦନକାନନରେ ଗତ କିଛିଦିନ ମଧ୍ୟରେ ଲଗାତର ହାତୀ ମୃତ୍ୟୁ ହେଉଥିବାରୁ ଏହାର ମୁଖ୍ୟ କାରଣ ଖୋଜିବା ପାଇଁ ଶନିବାର ବୈଷୟିକ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ନନ୍ଦନକାନନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଟିମର ଅଧ୍ୟକ୍ଷ ଡ.ଏସ୍.କେ.ରାୟଙ୍କ ସଭାପତିତ୍ୱରେ ଡ.ଏଲ.ଏନ. ଆଚାର୍ଯ୍ୟ, ଡ.ଜେ.ଏନ.ମହାନ୍ତି, ନିର୍ଦ୍ଦେଶକ ଶଶିପଲ, ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ, ନନ୍ଦନକାନନର ତିନିଜଣ ଡାକ୍ତରଙ୍କ ସହ ଜନ୍ତୁ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ବୈଷୟିକ କମିଟିର ସଦସ୍ୟମାନେ ଡାକ୍ତରମାନଙ୍କର ଚିକିତ୍ସା ପ୍ରଣାଳୀ ଉପରେ ତର୍ଜମା କରିଥିଲେ। ନନ୍ଦନକାନନରେ ଥିବା ଅନ୍ୟ ୪ ହାତୀଙ୍କର ରକ୍ତନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇବା ସହ ଅଧିକ କ'ଣ ସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି ସେନେଇ ମଧ୍ୟ ପଚାରି ବୁଝିଥିଲେ। ଶେଷରେ ଅଧ୍ୟକ୍ଷ ରାୟ ଖବରଦାତାଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତରରେ କହିଥିଲେ, ଭାଇରସକୁ ରୋକାଯିବା ପାଇଁ ଆସାମ, କେରଳର ଏକ ବିଶେଷଜ୍ଞ ଟିମକୁ ଡକାଯିବାର ବ୍ୟବସ୍ଥା କରାଯାଉଛି। ନନ୍ଦନକାନନରେ ଏବେ ୪ଟି ହାତୀ ମଧ୍ୟରେ ସବୁଠାରୁ ଛୋଟହାତୀ ମାମାର ବୟସ ୨ବର୍ଷ ଓ ହୀରାର ବୟସ ୨୧ବର୍ଷ। ଯଦିଓ ଏହି ଭୁତାଣୁ ଛୋଟ ହାତୀମାନଙ୍କୁ ଆକ୍ରାନ୍ତ କରିଥାଏ ତଥାପି ନନ୍ଦନକାନନ ପକ୍ଷରୁ ହୀରା ଓ ମାମା ସମେତ ସମସ୍ତ ହାତୀ ଉପରେ ସର୍ତ୍ତକ ଦୃଷ୍ଟି ରଖାଯାଇଛି। ଏ ନେଇ ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି, ଜୁଲି ମଲାପରଠାରୁ ଆମେ ଆମେରିକାର ସ୍ମିଥସୋନିଆନ୍‌ସ ଜୁ ଓ ରିସର୍ଚ୍ଚ ସେଣ୍ଟର, ଆସାମର ହର୍ପିସ ଗବେଷଣା କେନ୍ଦ୍ର ଓ କେରଳର ଜଙ୍ଗଲ ବିଭାଗ ସହ ଯୋଗାଯୋଗରେ ରହିଛୁ। ସମସ୍ତ ହାତୀମାନଙ୍କୁ ଆଣ୍ଟିଭାଇରାଲ ଡୋଜ ଦିଆଯିବା ସହ ରକ୍ତନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି। ଶନିବାର ହର୍ପିସ ଭୁତାଣୁର ଲକ୍ଷଣ କୌଣିସ ହାତୀ କ୍ଷେତ୍ରରେ ଦେଖିବାକୁ ମିଳି ନାହିଁ। ଅନ୍ୟପଟେ ମୃତ୍ୟୁବରଣ କରିଥିବା ଜୁଲି, ଚନ୍ଦନ, ଗୌରୀ, କମଳାର ମାହୁନ୍ତ ଅର୍ଜୁନ ଖମାରୀ, ଧିରେନ ସାମଲ, ପ୍ରଦୀପ୍ତ ବାଗ, ରବୀନ୍ଦ୍ରନାଥ ଭୋଇଙ୍କୁ ହାତୀସଫାରୀର ହାତୀଶାଳକୁ ନଯିବାକୁ ଡାକ୍ତରମାନେ ଶନିବାର ମନାକରିବାକୁ ନେଇ ମାହୁନ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

**ଶ୍ରୀରାମ ରକ୍ଷା କବଚ**

ଜୀବନର ଯେ କୌଣସି ସମସ୍ୟାର ସମାଧାନ ପାଇଁ ବହୁ ପରୀକ୍ଷିତ ଶ୍ରୀରାମ ରକ୍ଷା କବଚ ନୀତି ନିୟମରେ ଧାରଣ କରନ୍ତୁ। ପ୍ରାପ୍ତି ପାଇଁ ଯୋଗାଯୋଗ କରନ୍ତୁ:

**ଶ୍ରୀ ରବି ମିଶ୍ର, ଜ୍ୟୋତିର୍ବିଦ୍**

ତାରିଣୀ ବିହାର, କୁମ୍ଭାରସାହି, ବିଡ଼ାନାସୀ, କଟକ – ୧୪
ମୋ: ୯୪୩୯୧୪୯୯୭୫

ପ୍ରତ୍ୟେକ ବୁଧବାର ମାଗଣା ଜାତକ ବିଚାର କରାଯାଏ।

# ନୀଳଗିରି ବାନର ଅସୁସ୍ଥ

ବାରଙ୍ଗ,୨୧।୯(ଡି.ଏନ୍.ଏ.)

ନନ୍ଦନକାନନରେ ଗତ ସପ୍ତାହ ମଧ୍ୟରେ ହର୍ପିସ ଭାଇରସ ଯୋଗୁ ହାତୀଙ୍କ ମୃତ୍ୟୁ ଖବରକୁ ନେଇ କର୍ତ୍ତୃପକ୍ଷ ଚିନ୍ତାରେ ଥିବାବେଳେ ଶନିବାର ଅନ୍ୟତମ ଆକର୍ଷକ ନୀଳଗିରି ବାନର ଅସୁସ୍ଥ ହୋଇପଡିବା ଚିନ୍ତା ଆହୁରି ବଢ଼ାଇ ଦେଇଛି। ନନ୍ଦନକାନନକୁ ଆସିବାପରଠାରୁ ନୀଳଗିରିଟି ଚର୍ଚ୍ଚାରେ ରହିଛି। ଏନକ୍ଲୋଜରରୁ ବାହାରିବା ଓ ପରେ ଦୁଇ ବାନରର ମୃତ୍ୟୁକୁ ନେଇ କର୍ତ୍ତୃପକ୍ଷ ଓ ପର୍ଯ୍ୟଟକ ନିରାଶ ହୋଇଥିଲେ। ଏବେ ପୁଣି ଜଣେ ଅସୁସ୍ଥ ହେବା ନାନା ଆଶଙ୍କା ସୃଷ୍ଟି ହେଉଛି। ଏକମାସରୁ ଊର୍ଦ୍ଧ୍ୱ ଦିନ ଧରି ଏକୁଟିଆଥିବା ଏହି ମାଈ ବାନରଟି ଶୁକ୍ରବାରଠାରୁ ଖାଇବା କମାଇଛି। ବିଶେଷକରି ଫଳ ଆହର କରିନାହିଁ। ଏପରିକି ଝାଡ଼ା ଓ ପରିସ୍ରା ମଧ ଠିକଭାବେ ହୋଇ ନ ଥିବାର ଜଣାପଡିଛି। ନୀଳଗିରି ଅସୁସ୍ଥ ହେବାର ସ୍ପଷ୍ଟ କାରଣ ଜଣାପଡି ନାହିଁ। ଗତ ୨୦୧୭ ସେପ୍ଟେମ୍ବର ୨୬ରେ ଚେନ୍ନାଇ ଭାଣ୍ଡାଲୁର ଚିଡ଼ିଆଖାନାରୁ ହଳେ ନୀଳଗିରି ବାନର ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନକୁ ଆସିଥିଲେ। ଆସିବାର ୩ଦିନ ପରେ ମାଈ ବାନରଟି ଏନକ୍ଲୋଜରରୁ ବାହରିଥିବାବେଳେ ପୁଣି ୨୦ମାର୍ଚ୍ଚ ୨୦୧୮ରେ ଦୁଇଜଣଯାକ ଏନକ୍ଲୋଜରରୁ ବାହାରିଥିଲେ। କିନ୍ତୁ ୩୧ମେ ୨୦୧୯ରେ ଅଣ୍ଡିରା ବାନର ମୃତ୍ୟୁପରେ ମାଈଟି ଏକୁଟିଆ ହୋଇଯାଇଥିଲା। ଅଣ୍ଡିରାର ମୃତ୍ୟୁର ପରଦିନ ମାଈଟି ଏକ ଛୁଆ ଜନ୍ମ ଦେଇଥିବାବେଳେ ଅଗଷ୍ଟ୧୪ରେ ଛୁଆଟିର ମଧ ମୃତ୍ୟୁ ଘଟିଥିଲା। ସେହିଦିନଠାରୁ ମାଈ ବାନରଟି ଏକୁଟିଆ ହୋଇ ନିଃସଙ୍ଗ ଜୀବନ ଜିଉଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ ତାଙ୍କୁ ଭକ୍ତ କୁହାଯାଏ।
ସନ୍ଥ ତୁଳସୀଦାସ



## ସଂକ୍ଷେପରେ

### ବାଇକ୍ ଚୋରି ଅଭିଯୋଗ

**ସାଲେପୁର,୨୧।୯(ଡି.ଏନ.ଏ.):** ସାଲେପୁର ଥାନା ଅଧୀନ ଚନ୍ଦ୍ରାଦେଇପୁର ଗ୍ରାମର ରମାପ୍ରସନ୍ନ କରଙ୍କ ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ରମାପ୍ରସନ୍ନ ଭୋର ୫ଟାରେ ବାଇକ୍‌ରେ ସାଲେପୁର କଲେଜ ନିକଟକୁ ଯାଇଥିଲେ। ପରେ ସେଠାରେ ଏକ ଦୋକାନରେ ବାଇକ୍ ରଖି ପ୍ରାତଃ ଭ୍ରମଣ କରୁଥିଲେ। ପ୍ରାତଃ ଭ୍ରମଣ ସାରି ବାଇକ୍ ରଖିଥିବା ସ୍ଥାନରେ ପହଞ୍ଚିବାବେଳକୁ ବାଇକ୍ ନ ଥିବା ଦେଖିଥିଲେ। କିଛି ସମୟ ଖୋଜା ଖୋଜି କରି ନିରାଶ ହେବାପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଅଞ୍ଚଳରେ କିଛିଦିନ ହେବ ଘନଘନ ବାଇକ୍ ଚୋରି ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ଅଫିସ ଅଟୋମେଶନ ସିଷ୍ଟମ ସମ୍ପର୍କିତ କର୍ମଶାଳା

**କଟକ ଅଫିସ,୨୧।୯:** ଖ୍ରୀଷ୍ଟ କଲେଜ ଅଧୀନରେ ଥିବା ମଲଟିମିଡିଆ ପାଠ୍ୟକ୍ରମ ଆଧାରିତ ଅଫିସ ଅଟୋମେଶନ ସିଷ୍ଟମ ସମ୍ପର୍କିତ ଦୁଇଦିନିଆ କର୍ମଶାଳା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ଡ. ସିଦ୍ଧାର୍ଥ କୁମାର ସାହୁ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଅଫିସ କାର୍ଯ୍ୟକୁ ଡିଜିଟାଲାଇଜେସନ କରିବା ଦ୍ୱାରା ଇ-ଫାଇଲିଂ କାମ ସହଜ ଓ ବ୍ୟବସ୍ଥିତ ହେବା ସହିତ ପେପରଲେସ ଦିଗରେ ଏହା ସହାୟକ ହେବ। କମ୍ୟୁନିଟି କଲେଜର ଆବାହକ ତଥା ଅଧ୍ୟାପକ ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ଓ ଅଧ୍ୟାପକ ଡ. ଅଭିଜିତ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ। ଏହି କର୍ମଶାଳାରେ ବୈଷୟିକ ବିଶେଷଜ୍ଞ ଦିପ୍ତୀକାନ୍ତ ମଙ୍ଗରାଜ, ରାକେଶ ରାଉତ, ଅମୀୟ କୁମାର ଦାଶ ପ୍ରମୁଖ ଦିଗଦର୍ଶନ ଦେଇଥିଲେ। ସନ୍ଦୀପ କୁମାର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ବିଦ୍ୟାର୍ଥୀମାନେ ଡିଜିଟାଲାଇଜେସନ ଏବଂ ଇ-ଫାଇଲିଂ ବିଷୟରେ ଜ୍ଞାନ ଆହରଣ କରିଥିଲେ।

### ପରିବେଶ ସବୁଜ ସୁନ୍ଦର କରିବାକୁ ଗଛ ଲଗାଇବା ଜରୁରୀ

କଟକ ଅଫିସ,୨୧।୯- ଦ ହେଲପିଙ୍ଗ ହେଣ୍ଡ ସୋସିଆଲ ଅରର୍ଗାନାଇଜେଶନ ପକ୍ଷରୁ ଶୁକ୍ରବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ, ସିଡିଏ, ସମେତ ଫୁଲନଖରା ଓ ଏହାର ଆଖପାଖ ଅଞ୍ଚଳରେ ୧୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଯାଇ ପରବେଶକୁ ସବୁଜ ସୁନ୍ଦର କରିବା ନିମନ୍ତେ ପଦକ୍ଷେପ ନିଆଯାଇଛି। ଏହି ଉପଲକ୍ଷେ ପରିବେଶ ସମ୍ବନ୍ଧିତ ସାଧାରଣ ସଭାରେ ଶିକ୍ଷାବିତ୍ ଯୋଗେଶ୍ୱରୀ ରାଉତ, ନିର୍ଦ୍ଦେଶକ ଡ. ଚିତ୍ରସେନ ଜଗତ ଦେଓ କହିଛନ୍ତି, ଫନୀପରେ ରାଜ୍ୟରେ ବହୁ ଗଛ ନଷ୍ଟ ହୋଇଯାଇଛି। ପରିବେଶକୁ ସବୁଜ ସୁନ୍ଦର କରିବା ପାଇଁ ପ୍ରତ୍ୟେକ ମଣିଷ ପ୍ରତିଦିନ ଗୋଟିଏ ଗଛ ଲଗାଇବା ଜରୁରୀ। ଏଥିରେ ସମ୍ପାଦକ ପ୍ରଦୀପ ନାୟକ, ଉପ ସଭାପତି ଶୋଭନ କାନୁନ୍‌ଗୋ, ମୁକେଶ ପରିଡା, ଜଗନ୍ନାଥ ସାହୁ, ଗୁପ୍ତେଶ୍ୱର ପରିଡା, ସୁମିତ ଦ୍ୱିବେଦୀ, ସୁଜିତ ମଲ୍ଲିକଙ୍କ ସମେତ ବହୁ ସାମାଜିକ କର୍ମୀ ଉପସ୍ଥିତ ଥିଲେ।

■ ନୂଆ ମାଲଗୋଦାମ ରାସ୍ତାରେ ବେଆଇନ ପାର୍କିଂ

# ନଷ୍ଟ ହେଲାଣି ରାସ୍ତା, ଲୋକେ ଅସନ୍ତୁଷ୍ଟ

**କଟକ ଅଫିସ, ୨୧।୯**

ନୂଆ ମାଲଗୋଦାମ ରାସ୍ତାରେ ବେଆଇନ ପାର୍କିଂକୁ ନେଇ ସମସ୍ୟା ସୃଷ୍ଟି ହୋଇଛି। ୨୦୧୫ ସେପ୍ଟେମ୍ବର ୩୦ରେ ଏହି ରାସ୍ତାରେ ପାର୍କିଂ ନ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଜିଆର୍‌ପି ପକ୍ଷରୁ ଏଠାକୁ ନୋ ପାର୍କିଂ ଜୋନ୍ ଘୋଷଣା କରାଯିବା ସହ ସାଇନ୍‌ବୋର୍ଡ ଲଗାଯାଇଥିଲା। କିଛିଦିନ ଏଠାରେ ବେଆଇନ ପାର୍କିଂ ବନ୍ଦ ରହିଥିଲା। ମାତ୍ର ୧/୨ ମାସ ପର୍ଯ୍ୟନ୍ତ ଜିଆର୍‌ପି ଏହି ନିୟମକୁ କଡ଼ାକଡ଼ି କରିଥିବାବେଳେ ପରବର୍ତ୍ତୀ ସମୟରେ ଚୁପ୍ ହୋଇ ବସିଯାଇଛି। ବେଆଇନ ପାର୍କିଂ ଯୋଗୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମାଲବାହୀ ଟ୍ରକ୍‌ଗୁଡ଼ିକ ଘଣ୍ଟା ଘଣ୍ଟା ଧରି ଛିଡ଼ାହେବା ଫଳରେ ଏହି ରାସ୍ତା ନଷ୍ଟ ହୋଇଗଲାଣି। ବର୍ଷାଦିନେ ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡ଼ିଛି। କେତେଜଣ ଅସାଧୁ ବ୍ୟକ୍ତି ଓ ପୋଲିସ ପ୍ରଶାସନ ସହାୟତାରେ ଏଭଳି ବେଆଇନ ପାର୍କିଂ କରାଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

■ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର
■ ସନ୍ଧ୍ୟା ହେଲେ ପଦାକୁ ବାହାରିବା କଷ୍ଟ

ଓମ୍‌ଛକସ୍ଥିତ ରେଲ୍‌ୱେର ପୂର୍ବତଟ ପ୍ରବେଶ ପଥରୁ ବିଜୟକୃଷ୍ଣ ଆଶ୍ରମ ପର୍ଯ୍ୟନ୍ତ ପ୍ରାୟ ୩୦ଫୁଟ୍ ଚଉଡାର ୨କିମି ରାସ୍ତା ରହିଛି। ଉକ୍ତ ଆଶ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବାରୁ ଏଠାକୁ ରାଜ୍ୟପାଳଙ୍କଠାରୁ ଆରମ୍ଭ କରି ବହୁ ବଡ଼ ବଡ଼ ଅଧିକାରୀ ଆସିଥାନ୍ତି। ଏହି ରାସ୍ତାରେ ମାଲଗୋଦାମକୁ ଯାଉଥିବା ମାଲବାହୀ ଟ୍ରକ୍ ଯାତାୟତ କରିଥାନ୍ତି। ତେବେ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମାଲବାହୀ ଟ୍ରକ୍‌ଗୁଡ଼ିକ ଏହି ରାସ୍ତାରେ ଛିଡ଼ାହେଉଛି। ଏଥିଯୋଗୁ ରାସ୍ତା ପାର୍ଶ୍ୱରେ ବାସ କରୁଥିବା ୩ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ହୃଦୟଙ୍ଗମ କରି ହାଇକୋର୍ଟ ଏଠାରେ ନୋ ପାର୍କିଂ ଜୋନ୍ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ କିଛିଦିନ ପାଳନ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏଠାରେ ବେଆଇନ ଭାବେ ଗାଡ଼ି ପାର୍କିଂ ହେଉଛି। ଏଠାରେ ନୋ ପାର୍କିଂ ସାଇନ୍‌ବୋର୍ଡ଼ ଲାଗିଥିଲେ ମଧ୍ୟ ଏଥିପ୍ରତି କାହାରି ଖାତିର ନାହିଁ। ତୁରନ୍ତ ଏ ଦିଗରେ ଜିଆର୍‌ପି ହସ୍ତକ୍ଷେପ କରି ହାଇକୋର୍ଟଙ୍କ ଆଦେଶ ପାଳନ ନ କଲେ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନ କରିବେ ବୋଲି ଧମକ ଦେଇଛନ୍ତି।

### ଏମାନେ କୁହନ୍ତି...

"ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଆର୍‌ପି ତୁରନ୍ତ ପଦକ୍ଷେପ ନେଇଥିଲା। ମାତ୍ର କିଛିଦିନ ପରେ ପୁଣି ଏହି ରାସ୍ତାରେ ଗାଡ଼ି ସବୁ ଘଣ୍ଟାଘଣ୍ଟା ଧରି ଛିଡ଼ା ହୋଇ ରହୁଛି। ସନ୍ଧ୍ୟା ହେଲେ ପଦାକୁ ବାହାରି ହେଉନି। ଏମିତି ସମସ୍ୟା ନିତିଦିନିଆ ହୋଇଛି। ଗୁହାରି କଲେ ବି କେହି ଶୁଣୁନାହାନ୍ତି।

**ମଳୟ କୁମାର ମୁଖାର୍ଜୀ, ସ୍ଥାନୀୟ ବାସିନ୍ଦା ତଥା ଆଇନଜୀବୀ**

"ଏଠାରେ ବେଆଇନ ପାର୍କିଂ ଯୋଗୁ ଆମେ ଅଣନିଃଶ୍ୱାସୀ ହୋଇପଡିଲୁଣି। ସନ୍ଧ୍ୟା ପୂର୍ବରୁ ଘରକୁ ଫେରିବାକୁ ବାଧ୍ୟ। ୪ ଚକିଆ କଥା ତ ଛାଡ, ଦୁଇଚକିଆ ଗାଡ଼ିରେ ଘରକୁ ଫେରିବା କଷ୍ଟକର ହୋଇପଡ଼ିଛି। ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଯାତାୟାତରେ ନାହିଁ ନ ଥିବା ଅସୁବିଧା ହେଉଛି।

**ଡ. ବିଜୟଚନ୍ଦ୍ର ପ୍ରଧାନ, ସ୍ଥାନୀୟ ବାସିନ୍ଦା**

"ଏହି ରାସ୍ତାରୁ ବେଆଇନ ପାର୍କିଂ ହଟାଇବା ଲାଗି ୨ଜଣ କର୍ମଚାରୀଙ୍କୁ କୁହାଯାଇଥିଲା। ତେବେ ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବା ଯୋଗୁ ଏଠାରେ କର୍ମଚାରୀଙ୍କୁ ସର୍ବଦା ନିଯୁକ୍ତ କରିବା ସମ୍ଭବ ହେଉନି। ମଝିରେ ମଝିରେ ସେଠାରେ ପହଞ୍ଚି ବେଆଇନ ପାର୍କିଂ କରୁଥିବା ଟ୍ରକଗୁଡ଼ିକୁ ହଟାଉଛି। ମାତ୍ର ପୋଲିସ ଆସିବା ପରେ ସେମାନେ ପୁନର୍ବାର ଗାଡ଼ି ରଖିଦେଉଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ।

**ଉମାକାନ୍ତ ବିଶ୍ୱାଳ, ଜିଆର୍‌ପି ଥାନା ଅଧିକାରୀ**

## ବହୁଗ୍ରାମ ଡିଗ୍ରୀ କଲେଜର ସ୍ୱାଗତ ଉତ୍ସବ




ସ୍ୱାଗତ ଉତ୍ସବରେ ଯୋଗଦେଇଥିବା ଅତିଥି।

**ସାଲେପୁର,୨୧।୯(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ବହୁଗ୍ରାମ ଡିଗ୍ରୀ କଲେଜ ପକ୍ଷରୁ ଶନିବାର ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୧୯-୨୦ ଶିକ୍ଷାବର୍ଷରେ ନାମ ଲେଖାଇଥିବା କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ବିକାଶ କୁମାର ସିଂହ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ କଲେଜ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହିତ ବଡ଼ ମଣିଷ ପରିବର୍ତ୍ତେ ଜଣେ ଆଦର୍ଶ ମଣିଷ ଭାବେ ପରିଚୟ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ବହୁଗ୍ରାମ କନିଷ୍ଠ କଲେଜ ଅଧ୍ୟକ୍ଷ ନୀରେନ୍ଦ୍ରନାଥ ସାହୁ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ମମତା ରାଉତ, ଅଧ୍ୟାପକ ସୁଲୋକ କୁମାର ନାୟକ, ଓଡ଼ିଆ ବିଭାଗ ମୁଖ୍ୟ ଡ. ଦିପ୍ତୀ ଭୂୟାଁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ର କୀର୍ତ୍ତିରଞ୍ଜନ ମଞ୍ଚ ପରିଚାଳନା କରିଥିବା ବେଳେ ସକ୍ଲିନ୍ ଅଲ୍ଲି ଧନ୍ୟବାଦ ଦେଇଥିଲେ।

# ପାଚିକା ଚୟନକୁ ନେଇ ସ୍କୁଲରେ ତାଲା



ସ୍କୁଲରେ ତାଲା ପକାଇଥିବା ଲୋକେ।

**ମାହାଙ୍ଗା,୨୧।୯(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ପଣସପୁର ପଞ୍ଚାୟତସ୍ଥ ସାହାସପୁର ପ୍ରାଥମିକ ବିଦ୍ୟାଳୟର ପାଚିକା ଚୟନକୁ ନେଇ ବିବାଦ ଦେଖାଯାଇଛି। ଶନିବାର ୨/୩ଥର ବୈଠକ ବସିବା ପରେ ମଧ ପାଚିକା ଚୟନ ହୋଇ ପାରି ନ ଥିଲା। ଫଳରେ ସ୍ଥାନୀୟ ଗ୍ରାମର ବୀରକିଶୋର ସାହୁ, ପ୍ରକାଶ ସାହୁ, ଶରତ ସାହୁ, ଅକ୍ଷୟ ଦାସ, ଭରତ ସାହୁ, ନିରଞ୍ଜନ ପୃଷ୍ଟି, ଅକ୍ଷୟ ମଲିକ, ରବୀନ୍ଦ୍ର ସାମଲ, ବୈଷ୍ଣବ ସାମଲ ଓ ବଂଶୀଧର ସେଠୀ ପ୍ରମୁଖ ସ୍କୁଲରେ ତାଲା ପକାଇ ପ୍ରତିବାଦ କରିବା ସହ ତୁରନ୍ତ ପାଚିକା ନିଯୁକ୍ତି କରିବାକୁ ଦାବି କରିଥିଲେ। ବିଦ୍ୟାଳୟରେ ତାଲା ପକାଯିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିଲା। ସୂଚନାଯୋଗ୍ୟ,ଏହି ବିଦ୍ୟାଳୟର ପାଚିକା ନିଯୁକ୍ତି ନିମନ୍ତେ ୩ ଜଣ ମହିଳା ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଓହରି ଯାଇଥିଲେ। ଅନ୍ୟ ଦୁଇ ଜଣ ମହିଳାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଥିଲା। ତେଣୁ ବୈଠକ ବସି ଏହାର ସମାଧାନ କରାଯିବାର ଥିଲା। ଏପରି କି ପାଚିକା ନିଯୁକ୍ତକୁ ନେଇ ବିଦ୍ୟାଳୟରେ ବାରମ୍ବାର ମଧ୍ୟାହ୍ନ ଭୋଜନ ବନ୍ଦ ହେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମାହାଙ୍ଗା ଶିକ୍ଷା ଅଧିକାରୀ ଚକ୍ରଧର ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ଘଟଣା ସମ୍ପର୍କରେ ଅବଗତ ଅଛି। ସୋମବାର ଏହା ଉପରେ ପଦକ୍ଷେପ ନିଆଯିବ।

### ଆଜିଠାରୁ ମା'ଚର୍ଚ୍ଚିକାଙ୍କ ଷୋଳପୂଜା

**ବାଙ୍କୀ,୨୧।୯(ସ୍ୱ.ପ୍ର.)**

ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ଷୋଳପୂଜା ରବିବାରଠାରୁ ଆରମ୍ଭ ହୋଇ ମହାଷ୍ଟମୀରେ ଶେଷ ହେବ। ଚଳିତ ବର୍ଷ ଦେବୀଙ୍କ ଷୋଳପୂଜା ୧୪ଦିନ ପାଳିତ ହେବ। ଷୋଳପୂଜା ସମୟରେ ଦେବୀଙ୍କୁ ଷୋଡ଼ଶ ଉପଚାରରେ ପୂଜା କରାଯିବା ସହିତ ନାନା ନୀତିକାନ୍ତି ପାଳନ କରାଯିବ। ଚଳିତ ବର୍ଷ ପୀଠରେ ମହାସପ୍ତମୀ ଅକ୍ଟୋବର ୪, ମହାଷ୍ଟମୀ ୫, ମହାନବମୀ ୬ ଓ ଅକ୍ଟୋବର ୮ତାରିଖରେ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହେବ ବୋଲି ରାଜଗୁରୁ ଭାବାନୀ ଶଙ୍କର ମହାପାତ୍ର ପ୍ରକାଶ କରିଛନ୍ତି।

### ପ୍ରଶିକ୍ଷଣ ଉଦ୍‌ଯାପିତ

**କଟକ ଅଫିସ,୨୧।୯**

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା(ଏନ୍‌ଏଲ୍‌ୟୁଓ) ଆନୁକୂଲ୍ୟରେ ଏବଂ ୟୁନିସେଫ ଓ ମହିଳା ତଥା ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି ଏବଂ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିଙ୍କ ସହାୟତାରେ ୫ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ୨୧ ଜିଲାର ୩୯ ପ୍ରଶିକ୍ଷାର୍ଥୀଙ୍କୁ ରିଫ୍ରେସର ପ୍ରଶିକ୍ଷଣ ଦିଆଯାଇଥିଲା। ଏନ୍‌ଏଲ୍‌ୟୁଓର କୁଳପତି ପ୍ରଫେସର ଶ୍ରୀକୃଷ୍ଣ ଦେବାରାଓ ସ୍ୱାଗତ ଭାଷଣ ଦେଇଥିଲେ। ଏନ୍‌ଏଲ୍‌ୟୁ ଶିଶୁ ଅଧିକାର କେନ୍ଦ୍ରର ସଂଯୋଜକ ଏସ୍. କନୟାରାମ ଏବଂ ବରିଷ୍ଠ ଗବେଷକ ପ୍ରମୋଦ କିଶୋର ଆଚାର୍ଯ୍ୟ ଯୋଗଦେଇ ଶିଶୁ ମଙ୍ଗଳ ସମିତିଗୁଡ଼ିକର ସଫଳ କାର୍ଯ୍ୟକ୍ଷମତା ଦିଗରେ ଥିବା ସମସ୍ୟା, ପ୍ରତିବନ୍ଧକ ସମ୍ବନ୍ଧରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ ଦିବସରେ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଡି.ପି. ଚୌଧୁରୀ ପ୍ରଶିକ୍ଷାର୍ଥୀଙ୍କୁ କିଶୋର ନ୍ୟାୟ ଆଇନର ଧାରାଗୁଡ଼ିକ ସମ୍ପର୍କରେ ଆଲୋଚନା କରି ପ୍ରଶିକ୍ଷାର୍ଥୀମାନଙ୍କର ସନ୍ଦେହ ଦୂର କରିଥିଲେ।

## ନିଶ୍ଚିନ୍ତକୋଇଲିରେ ପିଆଜ କଳାବଜାର
# କିଲୋ ୫୫ ଛୁଇଁଲାଣି

**ନିଶ୍ଚିନ୍ତକୋଇଲି,୨୧।୯(ସ୍ୱ.ପ୍ର.)**

ରାଜ୍ୟରେ ପିଆଜ ଦର ବଢ଼ିଚାଲିଥିଲାବେଳେ ନିଶ୍ଚିନ୍ତକୋଲି ବ୍ଲକ ଅଞ୍ଚଳରେ ଏହାର କିଲୋ ୫୦ରୁ୫୫ ଟଙ୍କାରେ ବିକ୍ରି ହେଲାଣି। ଦର ନିୟନ୍ତ୍ରଣରେ ପ୍ରଶାସନ ପକ୍ଷରୁ ଅଙ୍କୁଶ ଲଗା ଯାଉ ନ ଥିବାରୁ ଖାଉଟି ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏପରି କି ପିଆଜର କଳାବଜାର ସୃଷ୍ଟି କରି ବହୁ ମୁନାଫା ଖୋର ବ୍ୟବସାୟୀ ବହୁ ଅର୍ଥ ରୋଜଗାର କରୁଛନ୍ତି। ବ୍ଲକ ଅଞ୍ଚଳରେ ନିଶ୍ଚିନ୍ତକୋଇଲି, ନେମାଳ, ତରତ, କାଜିହାଟ, ବର୍ଗୀହାଟ, ମାଲିଆଛକ, ଶୁକରପଡା, ଜିଗ୍ନିପୁର, ନରେନ୍ଦ୍ରପୁର, ସାନ୍ତପୁର, ମହମ୍ମଦପୁର ଆଦି ସାପ୍ତାହିକ ହାଟ ରହିଛି। ଏସବୁ ହାଟକୁ ନିଶ୍ଚିନ୍ତକୋଇଲିରୁ ଦୈନିକ ଟ୍ରିପଟ୍ରିପ ପିଆଜ ଚାଲାଣ କରାଯାଇଥାଏ। ହେଲେ ଏହି ଅଞ୍ଚଳରେ ଥିବା ପିଆଜ ହୋଲସେଲରମାନେ ହାଟର ଆବଶ୍ୟକତା ମୁତାବକ ପିଆଜ ଯୋଗାଣ କରୁ ନ ଥିବାରୁ ଦର ବଢୁଛି। ସେହିପରି କେତେଜଣ ମୁନାଫାଖୋର ବ୍ୟବସାୟୀ ନିମ୍ନମାନର ପିଆଜ ଆଣି ଚଢାଦାମରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ବଡ଼ ବ୍ୟବସାୟୀ ନିଜ ଗୋଦାମ ବ୍ୟତୀତ ଅନ୍ୟ ସ୍ଥାନରେ ଲୁକ୍କାୟିତଭାବେ ପିଆଜ ରଖୁଛନ୍ତି। ମାତ୍ର ନାସିକରୁ ପିଆଜ ଆସୁ ନ ଥିବା କହି ଖୁଚୁରା ବେପାରୀଙ୍କଠାରୁ ଚଢା ଦାମ ନେଉଛନ୍ତି। ଏସମ୍ପର୍କରେ ସ୍ଥାନୀୟ ଯୋଗାଣ ଅଧିକାରୀ ପ୍ରିତମ ଦାସଙ୍କୁ ପଚାରିବାରେ, ନାସିକରେ ବର୍ଷା ଯୋଗୁ ପିଆଜ ଅମଦାନୀ କମିଛି। ଅପରପକ୍ଷରେ ଠିକ ସମୟରେ ରପ୍ତାନୀ ହୋଇପାରି ନ ଥିବାରୁ ଦର ସାମାନ୍ୟ ବୃଦ୍ଧି ପାଇଛି। ତେବେ ପିଆଜ କଳାବଜାର ସମ୍ପର୍କରେ ସେଭିଳି କିଛି ଅଭିଯୋଗ ଆସିନାହିଁ। ଯଦି କେହି କଳାବାଜର କରୁଥିବା ଜଣାପଡ଼େ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## ବ୍ଲକସ୍ତରୀୟ ଯୁବସଂସଦ କାର୍ଯ୍ୟକ୍ରମ




ଯୁବ ସଂସଦ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ସାଲେପୁର,୨୧।୯(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ଗୋପୀନାଥପୁରଠାରେ ବ୍ଲକସ୍ତରୀୟ ଯୁବସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ଓ ବିଜୟାନନ୍ଦ ଯୁବ ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଜୟାନନ୍ଦ ଯୁବ ପରିଷଦ ସମ୍ପାଦକ ବିଶ୍ୱରଞ୍ଜନ ସାହୁ ସଂଯୋଜନା କରିଥିଲେ। ଅତିଥି ଭାବେ ଅବତନ ଷଡ଼ଙ୍ଗୀ ଯୋଗଦେଇ ସ୍ୱଚ୍ଛଭାରତ ଓ ପଲିଥିନ୍‌ମୁକ୍ତ ସମାଜ ଗଠନ ପାଇଁ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଅଧ୍ୟାପକ ପ୍ରକାଶ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ଯୁବକଙ୍କ ସମାଜ ପ୍ରତି ଥିବା ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ପର୍କରେ କହିଥିଲେ। ରାମଚନ୍ଦ୍ର ପାଣି, ସ୍ମୃତିରଞ୍ଜନ ପାଣି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ମନୋଜ ବିଶୋଇ, ନରେନ୍ଦ୍ର ଦଳେଇ, ମନୋଜ ସାମଲ ଓ ଅଜୟ ଭୋଇ ପ୍ରମୁଖ ପରିଚାଳନା କରିଥିଲେ।

## ଜିଲାପାଳଙ୍କ ଗୋପଦ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ
# ବିଭିନ୍ନ ବିଭାଗକୁ ସୂଚନା ଦେଲା ବ୍ଲକ ପ୍ରଶାସନ

**ନିଶ୍ଚିନ୍ତକୋଇଲି,୨୧।୯(ସ୍ୱ.ପ୍ର.)**

କଟକ ଜିଲାପାଳ ଭବାନୀ ଶଙ୍କର ଚଇନିଙ୍କ ନିର୍ଦ୍ଦେଶମତେ ଆସନ୍ତା ୨୬ ଓ ୨୭ ତାରିଖରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଗୋପଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବ୍ଲକ ପକ୍ଷରୁ ଜଳ ସମ୍ପଦ ବିଭାଗର ସମସ୍ତ ଯନ୍ତ୍ରୀ, ରାଜସ୍ୱ, ଉଦ୍ୟାନ, ପାନୀୟଜଳ ଓ ପରିମଳ, ଗ୍ରାମ୍ୟ ଉନ୍ନୟନ, ଯୋଗାଣ, ବନ, ମୃତ୍ତିକା ସଂରକ୍ଷଣ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗ ଓ ସମସ୍ତ ଥାନାକୁ ଅବଗତ କରାଯାଇଛି। ଉପଜିଲାପାଳଙ୍କ ପତ୍ର ନଂ-୮୭୦୭/୧୬।୦୯।୨୦୧୯ ଅନୁଯାଇ ଭାରପ୍ରାପ୍ତ ବିଡିଓ ସୁଶାନ୍ତ ରଣା ପତ୍ର ନଂ-୫୧୧୬/୧୯।୦୯।୨୦୧୯ରେ ସମସ୍ତ ବିଭାଗକୁ ଚିଠି ମାଧ୍ୟମରେ ଏହା ଜଣାଇଛନ୍ତି। ୨୬ ତାରିଖରେ ଜିଲାପାଳ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିବା ସହିତ ବ୍ଲକରେ ରାତ୍ରି ଯାପନ କରିବେ। ୨୭ରେ ବିଭିନ୍ନ ଅଞ୍ଚଳ ଗ୍ରସ୍ତ କରି ଲୋକଙ୍କ ସମସ୍ୟା ବୁଝିବେ। ତେଣୁ ଏହି ୨ଦିନ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ରହିଛି।

# ଶିଶୁ ଯତ୍ନ, ଶିକ୍ଷା ସମ୍ପର୍କିତ ପ୍ରଶିକ୍ଷଣ ଉଦ୍‌ଯାପିତ

**ରଘୁନାଥପୁର, ୨୧।୯ (ଡି.ଏନ.ଏ.)**

ୟୁନିସେଫ ପକ୍ଷରୁ ରଘୁନାଥପୁର ଆଇସିଡିଏସ ଅଧୀନରେ ଥିବା ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ୩ଟି ପର୍ଯ୍ୟାୟରେ ଆଦ୍ୟ ଶୈଶବରେ ଯତ୍ନ ଓ ଶିକ୍ଷା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଜନ୍ମଠାରୁ ୬ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ଲାଳନ ପାଳନ, ମା'ମାନଙ୍କ ଭୂମିକା, ଉତ୍ତମ ସ୍ୱାସ୍ଥ୍ୟ ଓ ଖେଳକୁଦ ମାଧ୍ୟମରେ ଶିଶୁମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ଏହାର ଉଦ୍ଦେଶ୍ୟ ବୋଲି ପ୍ରଶିକ୍ଷଣ ଶିବିରରେ ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ ପ୍ରକାଶ କରିଥିଲେ। ପ୍ରତ୍ୟେକ ସପ୍ତାହରେ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ସେମାନଙ୍କ ମା'ଙ୍କୁ ଡାକି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବାର୍ତ୍ତା ଦେବାକୁ ଏଥିରେ ପ୍ରକାଶ କରାଯାଇଥିଲା। ଏହାଛଡା କୋମଳମତି ଶିଶୁଙ୍କୁ ଅଦରକାରୀ ବସ୍ତୁର ବିଭିନ୍ନ ଖେଳନା ତଥା ଛବି ଆଙ୍କି ସେଥିପ୍ରତି ଆକର୍ଷିତ କରିବାକୁ କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସୁପରଭାଇଜର ପ୍ରମୋଦିନୀ ଦାଶ, ସୁବାସ ମୋହିନୀ ସାହୁ, ସଂଯୁକ୍ତା ଦାସ, ବିଜୟଲକ୍ଷ୍ମୀ ପଣ୍ଡା, ସୋନାଲି ପ୍ରିୟଦର୍ଶିନୀ ପ୍ରମୁଖ କର୍ମୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୁନ୍ଦର ଭାବେ ପ୍ରସ୍ତୁତ ଏହାର ସଫଳ ରୂପାୟନ ସମ୍ପର୍କରେ ସିଡିପିଓ ମଲ୍ଲିକ କର୍ମୀମାନଙ୍କୁ ପରାମର୍ଶ ଦେବା ସହ ନିଜେ ଯାଇ ତତ୍ତ୍ୱାବଧାନ କରିବେ ବୋଲି ସତର୍କ କରାଇ ଦେଇଥିଲେ। କୃତ୍ତିବାସ ସାହୁ ପ୍ରଶିକ୍ଷଣ ଶିବିର ପରିଚାଳନା କରିଥିବା ବେଳେ ରଶ୍ମିତା ଦାସ ଓ ବୈଷ୍ଣବ ଚରଣ ବାରିକ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅଙ୍ଗନୱାଡ଼ି କର୍ମୀମାନେ।

# ଜାତୀୟ ଶିକ୍ଷାନୀତି-୧୯ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

**କଟକ ଅଫିସ,୨୧।୯**

ଜାତୀୟ ଶିକ୍ଷାନୀତି ପ୍ରତ୍ୟାହାର ଦାବିରେ ଅଲ ଇଣ୍ଡିଆ ସେଭ ଏଜୁକେଶନ କମିଟି(ଏଆଇଏସଇସି) କଟକ ଜିଲା ଶାଖା ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଭାପତି ଅକ୍ଷୟ ଦାଶ, ସମ୍ପାଦକ ବବି ବଳବନ୍ତରାୟଙ୍କ ନେତୃତ୍ୱରେ କର୍ମୀମାନେ ଜିଲାପାଳଙ୍କ ଜରିଆରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ଆରଏନଆଇଏଏସଇର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସୁରେନ୍ଦ୍ର ମୋହନ ପାଣି, ସାମାଜିକ କର୍ମୀ ଚିତ୍ତରଞ୍ଜନ ମହାନ୍ତି, ସଂଗ୍ରାମୀ ଫୋରମର ଆବାହକ ପ୍ରଶାନ୍ତ ଦାଶ, ସୁକାନ୍ତ ନାୟକ, ଅବସରପ୍ରାପ୍ତ ଶିକ୍ଷକ ମହେନ୍ଦ୍ର କାୟସ୍ତ, ସଙ୍ଗଠନର କୋଷାଧକ୍ଷ ବିନୋଦ ସେଠୀ ପ୍ରମୁଖ ଯୋଗଦେଇ ଉକ୍ତ ଶିକ୍ଷାନୀତି ବିରୋଧରେ ମତ ରଖିଥିଲେ। ଏହି ଶିକ୍ଷାନୀତି କାର୍ଯ୍ୟକାରୀ ହେଲେ ଦେଶର ଶିକ୍ଷା ବ୍ୟବସ୍ଥା ପ୍ରାଥମିକ ଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହେବ। ଶିକ୍ଷା ବ୍ୟବସ୍ଥାରେ ଗଣତାନ୍ତ୍ରିକ ପରମ୍ପରାକୁ ସମୂଳେ ଧ୍ୱଂସ କରି ଅମଲାତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତିଷ୍ଠା ହେବ। ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ ତୀବ୍ରରୂପ ନେବ। ଏହାଛଡା ଶିକ୍ଷାନୀତି ଉଭୟ ସ୍ୱାସ୍ଥ୍ୟସେବା ଓ ମେଡିକାଲ ଶିକ୍ଷାକୁ ସମ୍ପୂର୍ଣ୍ଣଭାବେ ବିପର୍ଯ୍ୟସ୍ତ ମୁଖକୁ ଠେଲି ଦେବ। ଏଣୁ ଏହି ଶିକ୍ଷା ନୀତି ଖସଡାକୁ ପ୍ରତ୍ୟାହାର କରିବାକୁ ସାରା ଦେଶରେ ଛାତ୍ର-ଶିକ୍ଷକ-ବୁଦ୍ଧିଜୀବୀ ଓ ଶିକ୍ଷାପ୍ରେମୀମାନେ ଜନଗଣ ଶିକ୍ଷା ଆନ୍ଦୋଳନ ସଂଗଠିତ କରିବା ପାଇଁ ଏଆଇଏସଇସି ପକ୍ଷରୁ ଆହ୍ୱାନ ଦିଆଯାଇଛି।




ଜାତୀୟ ଶିକ୍ଷାନୀତି ୨୦୧୯ ପ୍ରତ୍ୟାହାର ଦାବିରେ ବିକ୍ଷୋଭ କରାଯାଉଛି।



ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ ତାଙ୍କୁ ଭକ୍ତ କୁହାଯାଏ।
- ସନ୍ଥ ତୁଳସୀଦାସ



## ସଂକ୍ଷେପରେ

### ଶଟର ତାଡ଼ି ୬ଲକ୍ଷ ଟଙ୍କାର ବିଦେଶୀ ମଦ ଓ ଟଙ୍କା ଚୋରି

**ଖୁଣ୍ଟୁଣୀ,୨୧।୯(ଡି.ଏନ୍.ଏ.):** ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ପିଠାଖିଆ-ଓରନ୍ଦା ମଧବର୍ତ୍ତୀ ଗୁରୁଡିଝାଟିଆ ରାସ୍ତାରେ ଥିବା ଏକ ସରକାରୀ ବିଦେଶୀ ମଦ ଦୋକାନରୁ ୬ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବିଦେଶୀ ମଦ ଓ ୯୯ହଜାର ଟଙ୍କା ଚୋରି ହୋଇଥିବା ଶନିବାର ଅଭିଯୋଗ ହୋଇଛି। ଏ ନେଇ ଗୁରୁଡିଝାଟିଆ ପୋଲିସ ଏକ ମାମଲା(ନଂ.୯୧/୧୯) ରୁଜୁ କରି ତଦନ୍ତ ଚଳାଇଛି। ମଦ ଦୋକାନର ବିକ୍ରେତା ପ୍ରଦୀପ ସ୍ୱାଇଁଙ୍କ ସୂଚନା ଅନୁଯାୟୀ, ସବୁ ଦିନ ପରି ଶୁକ୍ରବାର ରାତିରେ ସେ ଟଙ୍କାକୁ ବାକ୍ସରେ ରଖିବା ପରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। କେହି ଦୁର୍ବୃତ୍ତ ମଧରାତ୍ରିରେ ପ୍ରଥମେ ଦୋକାନ ସିସି କ୍ୟାମେରା ଭାଙ୍ଗିବା ସହ ଶଟର ତାଡି ଟଙ୍କା ବାକ୍ସରୁ ୯୯ହଜାର ଟଙ୍କା ଓ ପ୍ରାୟ ୬ଲକ୍ଷ ଟଙ୍କାର ମଦ ପେଟି ନେଇ ପଳାଇଥିଲେ। ଖୁବ୍‌ଶୀଘ୍ର ଏହି ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଥାନା ଅଧିକାରୀ ବିଜୟ କୁମାର ବିସି କହିଛନ୍ତି।

### ଚୋରି ସାମଗ୍ରୀ ଜବତ, ୩ ଗିରଫ

**ଫୁଲନଖରା,୨୧।୯(ଡି.ଏନ୍.ଏ.):** କଟକ ସଦର ଥାନା ପୋଲିସ ଏକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ୩ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଗୋପାଳପୁର ଡିହସାହିର ମୀନକେତନ ଶତପଥୀ, ବିଶାଲ ରାଉତ ଓ ବାଲିକୁଦାର ଶିବ ବେହେରା। ଏମାନଙ୍କ ନିକଟରୁ ଗୋଟିଏ ଇଲେକ୍ଟ୍ରି ପମ୍ପସେଟ, କିରୋସିନ ପମ୍ପସେଟ, ଆଇରନ, ୱେଲଡିଂ ମେଶିନ ଓ ୩ଟି କଟର ଜବତ ହୋଇଛି। ସୂଚନା ଅନୁଯାୟୀ, କନ୍ଦରପୁର ଥାନା ଅଞ୍ଚଳର ବିଦ୍ୟାଧର ଖଟୁଆ ଗୋପାଳପୁର ଜାଗୁଲାଇ ସାହିରେ ଏକ ଗାଡି ଗ୍ୟାରେଜ କରିଥିଲେ। ବିଶ୍ୱକର୍ମାଙ୍କ ପୂଜା ସାରି ଗ୍ୟାରେଜରେ ତାଲା ପକାଇ ଖଟୁଆ ଘରକୁ ଯାଇଥିଲେ। ଏହା ପରଦିନ ସକାଳେ ଆସି ଦୋକାନ ଖୋଲିବାବେଳକୁ ପୂଜାରେ ବସିଥିବା ସମସ୍ତ ସାମଗ୍ରୀକୁ କେହି ଦୁର୍ବୃତ୍ତ ସ୍କାଏଲାଇଟ୍ ଭାଙ୍ଗି ନେଇଯାଇଛନ୍ତି। ଦୋକାନ ମାଲିକ ଖଟୁଆଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୪୦୬/୧୯)ରୁଜୁ କରିଥିଲା।

### ପ୍ରଶିକ୍ଷଣ ଉଦ୍‌ଯାପିତ

**କଟକ ଅଫିସ,୨୧।୯:** ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା(ଏନ୍‌ଏଲ୍‌ୟୁଓ) ଆନୁକୂଲ୍ୟରେ ଏବଂ ୟୁନିସେଫ ଓ ମହିଳା ତଥା ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି ଏବଂ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିଙ୍କ ସହାୟତାରେ ୫ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ୨୧ ଜିଲାର ୩୯ ଜଣ ପ୍ରଶିକ୍ଷାର୍ଥୀଙ୍କୁ ରିଫ୍ରେସର ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରାରମ୍ଭରେ ଏନ୍‌ଏଲ୍‌ୟୁଓ ର କୁଳପତି ପ୍ରଫେସର ଡ. ଶ୍ରୀକୃଷ୍ଣ ଦେବାରାଓ ସ୍ୱାଗତ ଭାଷଣ ଦେଇଥିଲେ। ଏନ୍‌ଏଲ୍‌ୟୁ ଶିଶୁ ଅଧିକାର କେନ୍ଦ୍ରର ବରିଷ୍ଠ ସଂଯୋଜକ ଏସ୍. କନୟାରାମ ଏବଂ ବରିଷ୍ଠ ଗବେଷକ ପ୍ରମୋଦ କିଶୋର ଆଚାର୍ଯ୍ୟ ଯୋଗଦେଇ ଶିଶୁ ମଙ୍ଗଳ ସମିତିଗୁଡ଼ିକର ସଫଳ କାର୍ଯ୍ୟକ୍ଷମତା ଦିଗରେ ଥିବା ସମସ୍ୟା, ପ୍ରତିବନ୍ଧକ ସମ୍ବନ୍ଧରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ ଦିବସରେ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଡି.ପି. ଚୌଧୁରୀ ପ୍ରଶିକ୍ଷାର୍ଥୀମାନଙ୍କୁ କିଶୋର ନ୍ୟାୟ ଆଇନର ଧାରାଗୁଡ଼ିକ ସମ୍ପର୍କରେ ଆଲୋଚନା କରି ପ୍ରଶିକ୍ଷାର୍ଥୀମାନଙ୍କ ସନ୍ଦେହ ଦୂର କରିଥିଲେ।

### ବିଦ୍ୟୁତ୍ ବିଲ୍‌ରେ ତ୍ରୁଟି ୬ ମାସକୁ ଆସିଛି ୩୫ ଲକ୍ଷ ଟଙ୍କା

**ଟାଙ୍ଗୀ(କଟକ),୨୧।୯(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଗରୁଡଗାଁ ପଞ୍ଚାୟତ ସପନପୁର ଗ୍ରାମର ବିଦ୍ୟୁତ୍ ଉପଭୋକ୍ତା ସନ୍ତୋଷ ପଲେଇଙ୍କୁ ଗତ ୧୯ ତାରିଖରେ ୬ ମାସର ବିଲ୍ ୩୫ଲକ୍ଷ ୭୪ହଜାର ୫୭୪ଟଙ୍କା ପ୍ରଦାନ କରାଯାଇଛି। ଆସନ୍ତା ୩୦ତାରିଖ ସୁଦ୍ଧା ଦେୟ ପ୍ରଦାନ କଲେ ୯୯ହଜାର ୯୪୬ଟଙ୍କା ରିହାତି ମିଳିବ ବୋଲି ବିଲରେ ଦର୍ଶାଯାଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ପ୍ରମୋଦ ସେଠୀ କୁହନ୍ତି, ଭୁଲ୍ ଥିଲେ ବିଲକୁ ଉପଭୋକ୍ତାଙ୍କୁ ନଦେଇ ଆମ ନଜରକୁ ଆଣିବା ଠିକ ହୋଇଥାନ୍ତା। ମେଶିନ ଠିକ ହେବା ପରେ ସଂଶୋଧିତ ବିଲ୍ ତିଆର କରି ଶୁଳ୍କ ଆଦାୟ କରାଯିବ ବୋଲି ସେ କହିଛନ୍ତି।

## ■ ନୂଆ ମାଲଗୋଦାମ ରାସ୍ତା

# ବେଆଇନ ପାର୍କିଂ, ଲୋକେ ଅସନ୍ତୁଷ୍ଟ

■ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର

■ସନ୍ଧ୍ୟା ହେଲେ ପଦାକୁ ବାହାରିବା କଷ୍ଟ

**କଟକ ଅଫିସ, ୨୧।୯**

ନୂଆ ମାଲଗୋଦାମ ରାସ୍ତାରେ ବେଆଇନ ପାର୍କିଂକୁ ନେଇ ସମସ୍ୟା ସୃଷ୍ଟି ହୋଇଛି। ୨୦୧୫ ସେପ୍ଟେମ୍ବର ୩୦ରେ ଏହି ରାସ୍ତାରେ ପାର୍କିଂ ନ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଜିଆର୍‌ପି ପକ୍ଷରୁ ଏଠାକୁ ନୋ ପାର୍କିଂ ଜୋନ୍ ଘୋଷଣା କରାଯିବା ସହ ସାଇନ୍‌ବୋର୍ଡ ଲଗାଯାଇଥିଲା। କିଛିଦିନ ଏଠାରେ ବେଆଇନ ପାର୍କିଂ ବନ୍ଦ ରହିଥିଲା। ମାତ୍ର ୧/୨ ମାସ ପର୍ଯ୍ୟନ୍ତ ଜିଆର୍‌ପି ଏହି ନିୟମକୁ କଡ଼ାକଡ଼ି କରିଥିବାବେଳେ ପରବର୍ତ୍ତୀ ସମୟରେ ଚୁପ୍ ହୋଇ ବସିଯାଇଛି। ବେଆଇନ ପାର୍କିଂ ଯୋଗୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମାଲବାହୀ ଟ୍ରକ୍‌ଗୁଡ଼ିକ ଘଣ୍ଟା ଘଣ୍ଟା ଧରି ଛିଡ଼ାହେବା ଫଳରେ ଏହି ରାସ୍ତା ନଷ୍ଟ ହୋଇଗଲାଣି। ବର୍ଷାଦିନେ ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡ଼ିଛି। କେତେଜଣ ଅସାଧୁ ବ୍ୟକ୍ତି ଓ ପୋଲିସ ପ୍ରଶାସନ ସହାୟତାରେ ଏଭଳି ବେଆଇନ ପାର୍କିଂ କରାଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଓମ୍‌ଛକସ୍ଥିତ ରେଲ୍‌ୱେର ପୂର୍ବତଟ ପ୍ରବେଶ ପଥରୁ ବିଜୟକୃଷ୍ଣ ଆଶ୍ରମ ପର୍ଯ୍ୟନ୍ତ ପ୍ରାୟ ୩୦ଫୁଟ୍ ଚଉଡାର ୨କିମି ରାସ୍ତା ରହିଛି। ଉକ୍ତ ଆଶ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବାରୁ ଏଠାକୁ ରାଜ୍ୟପାଳଙ୍କଠାରୁ ଆରମ୍ଭ କରି ବହୁ ବଡ଼ ବଡ଼ ଅଧିକାରୀ ଆସିଥାନ୍ତି। ଏହି ରାସ୍ତାରେ ମାଲଗୋଦାମକୁ ଯାଉଥିବା ମାଲବାହୀ ଟ୍ରକ୍ ଯାତାୟତ କରିଥାନ୍ତି। ତେବେ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମାଲବାହୀ ଟ୍ରକ୍‌ଗୁଡ଼ିକ ଏହି ରାସ୍ତାରେ ଛିଡ଼ାହେଉଛି। ଏଥିଯୋଗୁ ରାସ୍ତା ପାର୍ଶ୍ୱରେ ବାସ କରୁଥିବା ୩ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ହୃଦୟଙ୍ଗମ କରି ହାଇକୋର୍ଟ ଏଠାରେ ନୋ ପାର୍କିଂ ଜୋନ୍ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ କିଛିଦିନ ପାଳନ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏଠାରେ ବେଆଇନ ଭାବେ ଗାଡି ପାର୍କିଂ ହେଉଛି। ଏଠାରେ ନୋ ପାର୍କିଂ ସାଇନ୍‌ବୋର୍ଡ଼ ଲାଗିଥିଲେ ମଧ୍ୟ ଏଥିପ୍ରତି କାହାରି ଖାତିର ନାହିଁ। ତୁରନ୍ତ ଏ ଦିଗରେ ଜିଆର୍‌ପି ହସ୍ତକ୍ଷେପ କରି ହାଇକୋର୍ଟଙ୍କ ଆଦେଶ ପାଳନ ନ କଲେ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନ କରିବେ ବୋଲି ଧମକ ଦେଇଛନ୍ତି।

> ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଆର୍‌ପି ତୁରନ୍ତ ପଦକ୍ଷେପ ନେଇଥିଲା। ମାତ୍ର କିଛିଦିନ ପରେ ପୁଣି ଏହି ରାସ୍ତାରେ ଗାଡ଼ି ସବୁ ଘଣ୍ଟାଘଣ୍ଟା ଧରି ଛିଡ଼ା ହୋଇ ରହୁଛି। ସନ୍ଧ୍ୟା ହେଲେ ପଦାକୁ ବାହାରି ହେଉନି। ଏମିତି ସମସ୍ୟା ନିତିଦିନିଆ ହୋଇଛି। ଗୁହାରି କଲେ ବି କେହି ଶୁଣୁନାହାନ୍ତି।
> **- ମଳୟ କୁମାର ମୁଖାର୍ଜୀ, ସ୍ଥାନୀୟ ବାସିନ୍ଦା ତଥା ଆଇନଜୀବୀ**

> ଏଠାରେ ବେଆଇନ ପାର୍କିଂ ଯୋଗୁ ଆମେ ଅଣନିଃଶ୍ୱାସୀ ହୋଇପଡିଲୁଣି। ସନ୍ଧ୍ୟା ପୂର୍ବରୁ ଘରକୁ ଫେରିବାକୁ ବାଧା। ୪ ଚକିଆ କଥା ତ ଛାଡ଼, ଦୁଇଚକିଆ ଗାଡ଼ିରେ ଘରକୁ ଫେରିବା କଷ୍ଟକର ହୋଇପଡ଼ିଛି। ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଯାତାୟାତରେ ନାହିଁ ନ ଥିବା ଅସୁବିଧା ହେଉଛି।
> **- ଡ. ବିଜୟଚନ୍ଦ୍ର ପ୍ରଧାନ, ସ୍ଥାନୀୟ ବାସିନ୍ଦା**

> ଏହି ରାସ୍ତାରୁ ବେଆଇନ ପାର୍କିଂ ହଟାଇବା ଲାଗି ୨ଜଣ କର୍ମଚାରୀଙ୍କୁ କୁହାଯାଇଥିଲା। ତେବେ ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବା ଯୋଗୁ ଏଠାରେ କର୍ମଚାରୀଙ୍କୁ ସର୍ବଦା ନିଯୁକ୍ତ କରିବା ସମ୍ଭବ ହେଉନି। ମଝିରେ ମଝିରେ ସେଠାରେ ପହଞ୍ଚି ବେଆଇନ ପାର୍କିଂ କରୁଥିବା ଟ୍ରକଗୁଡ଼ିକୁ ହଟାଉଛି। ମାତ୍ର ପୋଲିସ ଆସିବା ପରେ ସେମାନେ ପୁନର୍ବାର ଗାଡ଼ି ରଖିଦେଉଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ।
> **- ଉମାକାନ୍ତ ବିଶ୍ୱାଳ, ଜିଆର୍‌ପି ଥାନା ଅଧିକାରୀ**



ଡିଜିପିଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ରାଷ୍ଟ୍ରୀୟ ପଛୁଆବର୍ଗ ମହାସଂଘର କର୍ମକର୍ତ୍ତା।

## ■ ନାବାଳିକାଙ୍କୁ ବଳାତ୍କାର, ହତ୍ୟା ଘଟଣା

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଡିଜିପିଙ୍କୁ ସ୍ମାରକପତ୍ର

**କଟକ ଅଫିସ, ୨୧।୯**

୨୦୧୧ ମସିହାରେ ଯାଜପୁରରେ ଘଟିଥିବା ବହୁଚର୍ଚ୍ଚିତ ନାବାଳିକା ଗଣବଳାତ୍କାର ଓ ହତ୍ୟାକାଣ୍ଡ ଘଟଣାରେ ପୋଲିସ କାହାରିକୁ ଗିରଫ କରିପାରିନାହିଁ। ଏ ନେଇ ଶନିବାର ରାଷ୍ଟ୍ରୀୟ ପଛୁଆବର୍ଗ ମହାସଂଘ ପକ୍ଷରୁ ପୋଲିସ ଡିଜିଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ପୋଲିସ ତଦନ୍ତରେ ଅବହେଳା ପ୍ରଦର୍ଶନ କରୁଛି ବୋଲି ସଂଘ ଦାବି କରିଛି। ସୂଚନା ଅନୁଯାୟୀ, ନାବାଳିକା ଓ ତାଙ୍କ ମା' ଘରେ ଶୋଇଥିବା ବେଳେ ରାତି ପ୍ରାୟ ୨ଟା ରେ ଅଭିଯୁକ୍ତମାନେ କବାଟ ବାଡେଇଥିଲେ। ନାବାଳିକାଙ୍କ ମା' କିଏ ବୋଲି ପଚାରିବାରୁ ପୋଲିସ ବୋଲି ଜଣେ ଅଭିଯୁକ୍ତ କହିଥିଲା। ଏତେ ରାତିରେ କଣ କାମ ଅଛି ବୋଲି ପଚାରିବାରୁ ତୁମ ନାଁରେ ଅଭିଯୋଗ ଅଛି ବୋଲି କହିଥିଲେ। କାଲି ସକାଳେ ଥାନାରେ ଦେଖା କରିବି ନାବାଳିକାଙ୍କ ମା' କହିଥିଲେ। ପରେ ଅଭିଯୁକ୍ତମାନେ କବାଟ ଭାଙ୍ଗି ଘର ଭିତରେ ପ୍ରବେଶ କରିଥିଲେ। ଏହା ପରେ ତାଙ୍କ ମା'ଙ୍କୁ ନିଶା ଦେଇ କାବୁ କରି ତାଙ୍କ ଆଗରେ ତାଙ୍କ ଝିଅଙ୍କୁ ବଳାତ୍କାର କରିଥିଲେ ଓ ପରେ ତାଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରିଥିଲେ। ଘଟଣାକୁ ଏତେ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି ଅଭିଯୁକ୍ତଙ୍କୁ ଧରିବାକୁ ସକ୍ଷମ ହୋଇନାହିଁ।

# ଅଫିସ ଅଟୋମେଶନ ସିଷ୍ଟମ ସମ୍ପର୍କିତ କର୍ମଶାଳା

**କଟକ ଅଫିସ,୨୧।୯**

ଖ୍ରୀଷ୍ଟ କଲେଜ ଅଧୀନରେ ଥିବା ମଲଟିମିଡିଆ ପାଠ୍ୟକ୍ରମ ଆଧାରିତ ଅଫିସ ଅଟୋମେଶନ ସିଷ୍ଟମ ସମ୍ପର୍କିତ ଦୁଇଦିନିଆ କର୍ମଶାଳା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଡ. ସିଦ୍ଧାର୍ଥ କୁମାର ସାହୁ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଅଫିସ କାର୍ଯ୍ୟକୁ ଡିଜିଟାଲାଇଜେଶନ କରିବା ଦ୍ୱାରା ଇ-ଫାଇଲିଂ କାମ ସହଜ ଓ ବ୍ୟବସ୍ଥିତ ହେବା ସହିତ ପେପରଲେସ ଦିଗରେ ଏହା ସହାୟକ ହେବ। କମ୍ୟୁନିଟି କଲେଜର ଆବାହକ ତଥା ଅଧ୍ୟାପକ ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ଓ ଅଧ୍ୟାପକ ଡ. ଅଭିଜିତ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ। ଏହି କର୍ମଶାଳାରେ ବୈଷୟିକ ବିଶେଷଜ୍ଞ ଦୀପ୍ତିକାନ୍ତ ମଙ୍ଗରାଜ, ରାକେଶ ରାଉତ, ଅମିୟ କୁମାର ଦାଶ ପ୍ରମୁଖ ଦିଗଦର୍ଶନ ଦେଇଥିଲେ। ସନ୍ଦୀପ କୁମାର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ବିଦ୍ୟାର୍ଥୀମାନେ ଡିଜିଟାଲାଇଜେଶନ ଏବଂ ଇ-ଫାଇଲିଂ ବିଷୟରେ ଜ୍ଞାନ ଆହରଣ କରିଥିଲେ।



କଟକ ଶତାବ୍ଦୀ ଭବନରେ ନୀଳଶୈଳ, ରାଜକିଶୋର ରାଜ୍ ସ୍ମୃତି ସଂସଦ ଓ ବିଶ୍ୱ ଓଡ଼ିଆ ସମ୍ମିଳନୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଓଡ଼ିଆ ସ୍ୱାକ୍ଷର ସଂକଳ୍ପ ଦିବସ ସମାରୋହରେ ଶନିବାର କୃତୀ ପ୍ରତିଯୋଗୀଙ୍କ ଗହଣରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ।

# ଦଳିତ ଶୋଷଣ ମୁକ୍ତି ମଞ୍ଚର ପ୍ରତିବାଦ ସଭା

**କଟକ ଅଫିସ, ୨୧।୯**

ଦଳିତ ଶୋଷଣ ମୁକ୍ତି ମଞ୍ଚ ପକ୍ଷରୁ ମେହେନ୍ତର ସମ୍ପ୍ରଦାୟର ଛାତ୍ରୀଛାତ୍ର ମାନଙ୍କୁ ଜାତି ସାର୍ଟିଫିକେଟ ଦିଆ ନଯିବା ପ୍ରତିବାଦରେ ଶନିବାର ଝାଞ୍ଜିରୀମଙ୍ଗଳାଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ମେହେନ୍ତରସମ୍ପ୍ରଦାୟର ଛାତ୍ରୀଛାତ୍ରମାନଙ୍କୁ ଦଳିତ ଜାତି ସାର୍ଟିଫିକେଟ ଦିଆଯାଉନାହିଁ। ସରକାରୀ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସାର୍ଟିଫିକେଟ ଦିଆଯାଉନାହିଁ । ଫଳରେ ସମସ୍ତ ପ୍ରକାର ସୁବିଧାରୁ ବଞ୍ଚିତ ହେବାକୁ ପଡୁଛି। ଏହି ସମସ୍ୟାକୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଏହି ସଭାରେ ସ୍ଥିର କରାଯାଇଥିଲା ।ଏଥିରେ ମୁକ୍ତି ମଞ୍ଚର ଜିଲା ଆବାହକ ଶରତ ଚନ୍ଦ୍ର ନାୟକଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ଆର୍‌ଆଇ ମାନୁନାହାନ୍ତି ଜିଲାପାଳଙ୍କ ନିର୍ଦ୍ଦେଶ

**କଟକ ସଦର,୨୧।୯(ଡି.ଏନ୍.ଏ.)**

କଟକ ଜିଲାର ବିଭିନ୍ନ ତହସିଲ ପକ୍ଷରୁ ପ୍ରସ୍ତୁତ ଫନୀ କ୍ଷତିଗ୍ରସ୍ତ ତାଲିକାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। କ୍ଷତିଗ୍ରସ୍ତ ତାଲିକାକୁ ସର୍ବସାଧାରଣରେ ପ୍ରକାଶ ପାଇଁ ଗତ ୧୮ତାରିଖରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଜିଲାର ସମସ୍ତ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅଯୋଗ୍ୟ ବ୍ୟକ୍ତିମାନଙ୍କୁ ବାଦ ଦେବା ସହ ଯୋଗ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ କୁହାଯାଇଥିଲା। କିନ୍ତୁ ଆଦେଶର ୪ଦିନ ବିତିଯାଇଥିଲେ ମଧ୍ୟ ତାଲିକା ସାର୍ବଜନୀନ ହୋଇପାରିଲା ନାହିଁ। ଫଳରେ ଆର୍‌ଆଇଙ୍କ ଅସହଯୋଗ ଉପରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ବିଶେଷକରି ବମ୍ଫୁରୀ, କନ୍ଦରପୁର, ଗତିରାଉତପାଟଣା, ବେଣ୍ଟକାର ରାଜସ୍ୱ କାର୍ଯ୍ୟାଳୟକୁ ଲୋକମାନେ ଯାଇ ନିରାଶ ହୋଇ ଫେରୁଥିବା ଦେଖାଯାଇଛି। ୨୮ତାରିଖ ପର୍ଯ୍ୟନ୍ତ ସମସ୍ତ ଦାବି ଗ୍ରହଣ କରାଯିବ ବୋଲି ଜିଲାପାଳ ଚୟନୀ ପତ୍ରସଂଖ୍ୟା ୨୯୨୬/୧୮/୯/୨୦୧୯ରେ ସମସ୍ତ ତହସିଲଦାର ଓ ବାଙ୍କୀ, ଆଠଗଡ଼, କଟକ ସଦର ଉପଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇସାରିଛନ୍ତି।

# ଜାତୀୟ ଶିକ୍ଷାନୀତି-୧୯ ପ୍ରତ୍ୟାହାର ଦାବିରେ ବିକ୍ଷୋଭ




ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେବାକୁ ଆସିଥିବା ଏଆଇଏସ୍‌ଇସିର ପ୍ରତିନିଧିମାନେ।

**କଟକ ଅଫିସ,୨୧।୯**

ଜାତୀୟ ଶିକ୍ଷାନୀତି ପ୍ରତ୍ୟାହାର ଦାବିରେ ଅଲ ଇଣ୍ଡିଆ ସେଭ ଏଜୁକେଶନ କମିଟି(ଏଆଇଏସଇସି) କଟକ ଜିଲା ଶାଖା ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଭାପତି ଅକ୍ଷୟ ଦାଶ, ସମ୍ପାଦକ ବବି ବଳବନ୍ତରାୟଙ୍କ ନେତୃତ୍ୱରେ କର୍ମୀମାନେ ଜିଲାପାଳଙ୍କ ଜରିଆରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ଆରଏନଆଇଏଏସଇର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସୁରେନ୍ଦ୍ର ମୋହନ ପାଣି, ସାମାଜିକ କର୍ମୀ ଚିତ୍ତରଞ୍ଜନ ମହାନ୍ତି, ସଂଗ୍ରାମୀ ଫୋରମର ଆବାହକ ପ୍ରଶାନ୍ତ ଦାଶ, ସୁକାନ୍ତ ନାୟକ, ଅବସରପ୍ରାପ୍ତ ଶିକ୍ଷକ ମହେନ୍ଦ୍ର କାୟସ୍ଥ, ସଙ୍ଗଠନର କୋଷାଧ୍ୟକ୍ଷ ବିନୋଦ ସେଠୀ ପ୍ରମୁଖ ଯୋଗଦେଇ ଉକ୍ତ ଶିକ୍ଷାନୀତି ବିରୋଧରେ ମତ ରଖିଥିଲେ। ଏହି ଶିକ୍ଷାନୀତି କାର୍ଯ୍ୟକାରୀ ହେଲେ ଦେଶର ଶିକ୍ଷା ବ୍ୟବସ୍ଥା ପ୍ରାଥମିକ ଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହେବ। ଶିକ୍ଷା ବ୍ୟବସ୍ଥାରେ ଗଣତାନ୍ତ୍ରିକ ପରମ୍ପରାକୁ ସମୂଳେ ଧ୍ୱଂସ କରି ଅମଲାତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତିଷ୍ଠା ହେବ। ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ ତୀବ୍ରରୂପ ନେବ। ଏହାଛଡା ଶିକ୍ଷାନୀତି ଉଭୟ ସ୍ୱାସ୍ଥ୍ୟସେବା ଓ ମେଡିକାଲ ଶିକ୍ଷାକୁ ସମ୍ପୂର୍ଣ୍ଣଭାବେ ବିପର୍ଯ୍ୟସ୍ତ ମୁଖକୁ ଠେଲି ଦେବ। ଏଣୁ ଏହି ଶିକ୍ଷା ନୀତି ଖସଡାକୁ ପ୍ରତ୍ୟାହାର କରିବାକୁ ସାରା ଦେଶରେ ଛାତ୍ର-ଶିକ୍ଷକ-ବୁଦ୍ଧିଜୀବୀ ଓ ଶିକ୍ଷାପ୍ରେମୀମାନେ ଜନଗଣ ଶିକ୍ଷା ଆନ୍ଦୋଳନ ସଂଗଠିତ କରିବା ପାଇଁ ଏଆଇଏସଇସି ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ଗୋପଦ ଅଭିଯାନ କାର୍ଯ୍ୟକ୍ରମ

**ଚୌଦ୍ୱାର,୨୧।୯(ଡି.ଏନ୍.ଏ)**



ରାଜ୍ୟ ସରକାରଙ୍କ ଗୋପଦ ଅଭିଯାନ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଶନିବାର ଜିଲାପାଳ ଭବାନୀ ଶଙ୍କର ଚୟନୀ ଚୌଦ୍ୱାର ପୌରପାଳିକାର ୧୦ନଂ. ୱାର୍ଡ ବୁଲି ଲୋକମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ୨୦୧୨ରୁ ନିର୍ମାଣାଧୀନ ଥିବା ବିଜୁ ପଟ୍ଟନାୟକ ପବ୍ଲିକ ପାର୍କକୁ ବୁଲି ଦେଖିଥିଲେ। ଏହି ପାର୍କରେ ଚାରାରୋପଣ, ବିଦ୍ୟୁତୀକରଣ, ଲ୍ୟାଣ୍ଡସ୍କେପିଂ ଆଦି କାର୍ଯ୍ୟ ବାକି ଥିବାରୁ ଏକ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ବ୍ରୋଞ୍ଜର ଏକ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ସିଡିଏ କର୍ମଚାରୀ ସଂଘର ସମ୍ପାଦକ ବିଜୟ ଭୂଷଣ ପତି, ମୁଖ୍ୟଯନ୍ତ୍ରୀ ରମେଶ ମହାନ୍ତି, ଓଏସ୍‌ଡି ଯନ୍ତ୍ରୀ ମନୋଜ ରଞ୍ଜନ ମହାପାତ୍ର, ସୀମାନ୍ତ ସେନାନାୟକ, ବିଷ୍ଣୁପ୍ରସାଦ ସେଠୀ, ଗୋପଦ ସଂଯୋଜକ ସରୋଜ ଆଚାର୍ଯ୍ୟ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପୂର୍ବତନ କାଉନସିଲର ତଥା ଜିଲା ଯୋଜନା ବୋର୍ଡ ସଦସ୍ୟ ଶୁଭେନ୍ଦୁ ସାମଲ ନିର୍ମାଣାଧୀନ ପାର୍କ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ।

# ପରିବେଶ ସୁନ୍ଦର କରିବାକୁ ଗଛ ଲଗାଇବା ଜରୁରୀ

**କଟକ ଅଫିସ,୨୧।୯**

ଦ ହେଲପିଙ୍ଗ ଆଣ୍ଡ ସୋସିଆଲ ଅର୍ଗାନାଇଜେଶନ ପକ୍ଷରୁ ଶୁକ୍ରବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ, ସିଡିଏ, ସମେତ ଫୁଲନଖରା ଓ ଏହାର ଆଖପାଖ ଅଞ୍ଚଳରେ ୧୦୦ରୁ ଉର୍ଦ୍ଧ୍ୱ ଗଛ ଲଗାଯାଇ ପରବେଶକୁ ସବୁଜ ସୁନ୍ଦର କରିବା ନିମନ୍ତେ ପଦକ୍ଷେପ ନିଆଯାଇଛି। ଏହି ଉପଲକ୍ଷେ ପରିବେଶ ସମ୍ବନ୍ଧିତ ସାଧାରଣ ସଭାରେ ଶିକ୍ଷାବିତ୍ ଯୋଗେଶ୍ୱରୀ ରାଉତ, ନିର୍ଦ୍ଦେଶକ ଡ. ଚିତ୍ରସେନ ଜଗତ ଦେଓ କହିଛନ୍ତି, ଫନୀପରେ ରାଜ୍ୟରେ ବହୁ ଗଛ ନଷ୍ଟ ହୋଇଯାଇଛି। ପରିବେଶକୁ ସବୁଜ ସୁନ୍ଦର କରିବା ପାଇଁ ପ୍ରତ୍ୟେକ ମଣିଷ ପ୍ରତିଦିନ ଗୋଟିଏ ଗଛ ଲଗାଇବା ଜରୁରୀ। ଏଥିରେ ସମ୍ପାଦକ ପ୍ରଦୀପ ନାୟକ, ଉପ ସଭାପତି ଶୋଭନ କାନୁନ୍‌ଗୋ, ମୁକେଶ ପରିଡା, ଜଗନ୍ନାଥ ସାହୁ, ଗୁପ୍ତେଶ୍ୱର ପରିଡା, ସୁମିତ ଦ୍ୱିବେଦୀ, ସୁଜିତ ମଲ୍ଲିକଙ୍କ ସମେତ ବହୁ ସାମାଜିକ କର୍ମୀ ଉପସ୍ଥିତ ଥିଲେ।

# ଗୋଟିଏ ରାତିରେ ସିରିଜ ଚୋରି

**ଖୁଣ୍ଟୁଣୀ,୨୧।୯(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କୋହଳ ଯୋଗୁ ଶୁକ୍ରବାର ରାତିରେ ୩ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଜାତୀୟ ରାଜପଥ ପାର୍ଶ୍ୱ ଡାକ୍ତରଖାନା ପାଖ ବଜାରରେ ଥିବା ରଞ୍ଜନ ସ୍ୱାଇଁଙ୍କ ଔଷଧ ଦୋକାନରୁ କେହି ଦୁର୍ବୃତ୍ତ ୭ହଜାର ଟଙ୍କା ନେଇଯାଇଛନ୍ତି। ଏହା ପରେ ଏକ ସାର ଦୋକାନରୁ କୀଟନାଶକ ଔଷଧ ଓ ୮ଶହ ଟଙ୍କା, ନିଶାକର ମାଳିଆଙ୍କ ଏକ ତେଜରାତି ଦୋକାନରୁ କେତେକ ସାମଗ୍ରୀ ଓ ୮ଶହ ଟଙ୍କା ନେଇଯାଇଛନ୍ତି।

# ୨୫ରୁ ମାଗଣା କୃତ୍ରିମ ଗୋଡ଼, କୈଲିପର୍ସ ପ୍ରଦାନ ଶିବିର

**କଟକ ଅଫିସ, ୨୧।୯**

ସ୍ଥାନୀୟ ମାଣିକଘୋଷ ବଜାରସ୍ଥିତ ରାଣୀଶକ୍ତି ମନ୍ଦିର ପ୍ରାଙ୍ଗଣରେ ସାମାଜିକ ସଙ୍ଗଠନ ଅଗ୍ରବଂଶୀ ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୫ରୁ ୨୭ ପର୍ଯ୍ୟନ୍ତ ମାଣିକଘୋଷ ବଜାରଠାରେ ମାଗଣା କୃତ୍ରିମ ଗୋଡ଼ ଓ କୈଲିପର୍ସ ପ୍ରଦାନ ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ଯେଉଁ ଭିନ୍ନକ୍ଷମମାନେ ଜନ୍ମରୁ କିମ୍ବା କୌଣସି ଦୁର୍ଘଟଣାରେ ହାତ, ଗୋଡ଼ ହରାଇଛନ୍ତି ସେମାନଙ୍କୁ ମାଗଣାରେ ଗୋଡ଼, ହାତ ପ୍ରଦାନ କରାଯିବ। ଏଥିସହିତ ପୋଲିଓଗ୍ରସ୍ତ ଲୋକମାନଙ୍କୁ ମାଗଣାରେ କୈଲିପର୍ସ ପ୍ରଦାନ କରାଯିବ। ଏଥିରେ ନ୍ୟାଶନାଲ ମାରୱାଡି ଫାଉଣ୍ଡେଶନ, ସିଲିଗୁରୀ, ପଶ୍ଚିମବଙ୍ଗରୁ ପ୍ରଶିକ୍ଷଣପ୍ରାପ୍ତ ଟିମ୍ ଦ୍ୱାରା କୃତ୍ରିମ ଗୋଡ଼ ଓ କୈଲିପର୍ସ ଲଗାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

# ରାଜ୍ୟସ୍ତରୀୟ କିଶୋର ନ୍ୟାୟ କର୍ମଶାଳା

**କଟକ ଅଫିସ, ୨୧।୯**




କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ।

ଜୁଡିସିଆଲ୍ ଏକାଡେମୀ ପରିସରରେ ରାଜ୍ୟସ୍ତରୀୟ କିଶୋର ନ୍ୟାୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟର କିଶୋର ନ୍ୟାୟ କମିଟି, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏବଂ ୟୁନିସେଫର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ କର୍ମଶାଳାରେ ଜୁଭେନାଇଲ୍ ଜଷ୍ଟିସ୍ କମିଟିର ଅଧ୍ୟକ୍ଷ ତଥା ହାଇକୋର୍ଟର ବିଚାରପତି ସଞ୍ଜୟ କୁମାର ମିଶ୍ର ଏବଂ ଜୁଭେନାଇଲ୍ ଜଷ୍ଟିସ୍ କମିଟିର ସଦସ୍ୟ ତଥା ହାଇକୋର୍ଟର ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଯୋଗଦେଇ ଆଇନର ଦ୍ୱନ୍ଦ୍ୱରେ ଆସୁଥିବା ଶିଶୁଙ୍କ ଯତ୍ନ ଓ ସୁରକ୍ଷା ସମ୍ପର୍କରେ ସାଙ୍ଗଠନିକସ୍ତର ଅପେକ୍ଷା ପାରିବାରିକ ଓ ସମ୍ପ୍ରଦାୟସ୍ତରରେ ଯତ୍ନ ନିଆଯିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗ ଶିଶୁର ଯତ୍ନ ଓ ସୁରକ୍ଷା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଓ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ହାଇକୋର୍ଟର ବିଚାରପତି କେ.ଆର୍ ମହାପାତ୍ର, ୟୁନିସେଫ୍‌ର ଚାଇଲ୍ଡ ପ୍ରୋଟେକଶନ୍ ସ୍ପେସିଆଲିଷ୍ଟ ତଥା ୟୁନିସେଫ୍ ଅଫିସର ବନ୍ଦନା କନ୍ଧାରୀ, ସୟଦ୍ ମନ୍‌ସୁର୍, ୱାଇସିଡିଏର ପ୍ରତିଷ୍ଠାତା ରାଜେନ୍ଦ୍ର ମେହେର୍, ଉଦୟନ କେୟାରର ପ୍ରତିଷ୍ଠାତା ଡ. କିରଣ ମୋଦି, ୱାଇସିଡିଏର ବରିଷ୍ଠ ପ୍ରୋଗ୍ରାମ ମ୍ୟାନେଜର୍ ଅରୁଣ ପ୍ରଧାନ, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀକ୍ରିଷ୍ଣାଦେବା ରାଓ ପ୍ରମୁଖ ଯୋଗଦେଇଥିଲେ।



ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ ତାଙ୍କୁ ଭକ୍ତ କୁହାଯାଏ।
ସନ୍ଥ ତୁଳସୀଦାସ



## ସଂକ୍ଷେପରେ

### ଟ୍ରେନରେ କଟି ଜଣେ ମୃତ

**ବୋଲଗଡ,୨୧।୯(ଡି.ଏନ.ଏ.)**- ଖୋର୍ଦ୍ଧା-ବଲାଙ୍ଗୀର ପୂର୍ବତଟ ରେଳ ପଥର ବୋଲଗଡ ଷ୍ଟେଶନ ନିକଟରେ ଟ୍ରେନରେ କଟି ଶନିବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୋଲଗଡ ଥାନା କପାସିଆ ଗ୍ରାମର ଅଧିକାରୀ ପ୍ରଧାନ (୫୭) । ଏ ନେଇ ବୋଲଗଡ ଥାନାରେ ନଂ ୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା । ପରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇ ମୃତକଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଆଇଆଇସି ଶେଖ ଆକବର ଅଲ୍ଲୀଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଅଧିକାରୀ ବୋଲଗଡ ଠାରୁ ନୟାଗଡ ପୁରୀ ପାସେଞ୍ଜର ଟ୍ରେନରେ ଚଢିଥିବା ବେଳେ ଖସି ପଡିଥିଲେ। ଫଳରେ ଟ୍ରେନରେ କଟି ତାଙ୍କର ମୃତ୍ୟୁ ଘଟିଥିବା ଅଧିକାରୀଙ୍କ ପୁଅ ଥାନାରେ ଅଭିଯୋଗ କରିଛନ୍ତି।

### ମହିଳାଙ୍କୁ ଅସଦାଚରଣ, ମାଡ଼ମାରି ୨ ଯୁବକ ଗିରଫ

**ଝାଁଳା,୨୧।୯(ଡି.ଏନ.ଏ.):**ଜଟଣୀ ଥାନା ଝାଁଳା ଫାଣ୍ଡି ଅନ୍ତର୍ଗତ ମେଡିକାଲ ଛକରେ ଜନୈକା ମହିଳାଙ୍କୁ ଅସଦାଚରଣ କରି ୨ ଯୁବକ ଗିରଫ ପରେ କୋର୍ଟ ଚାଲାଣ ହୋଇଛନ୍ତି। ସେମାନେ ହେଲେ ସ୍ଥାନୀୟ ଦୀକ୍ଷିତପଡା ମଣ୍ଡମୁହାଣର ପ୍ରଶାନ୍ତ ମଙ୍ଗରାଜ(୩୫), ରବୀନ୍ଦ୍ର ପ୍ରଧାନ(୩୦)। ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ସାଢେ ୧୨ଟାରେ ସ୍ଥାନୀୟ ଏକ ଗାଁର ଜନୈକା ମହିଳା ତାଙ୍କ ଝିଅ ୟୁକୋ ବ୍ୟାଙ୍କରୁ କାମ ସାରି ଘରକୁ ଫେରୁଥିଲେ। ଝାଁଳା ମେଡିକାଲ ଛକରେ ପୂର୍ବରୁ ବସି ରହିଥିବା ପ୍ରଶାନ୍ତ ଓ ତାଙ୍କ ସାଙ୍ଗ ରବୀନ୍ଦ୍ର ମହିଳା ଅସଦାଚରଣ କରିଥିଲେ। ଏହାକୁ ମହିଳା ଜଣକ ବିରୋଧ କରିବାକୁ ଯାଇ ଘଟଣାସ୍ଥଳରେ ହାତାହାତି ହୋଇଥିଲା। ଉକ୍ତ ସମୟରେ ପ୍ରଶାନ୍ତ ଏକ ବାଡ଼ିଶରେ ମହିଳାଙ୍କ ବାମହାତକୁ ବାଡେଇବାରୁ ତାଙ୍କ ହାତ ଭାଙ୍ଗି ଯାଇଥିଲା। ଏ ନେଇ ଝାଁଳା ଫାଣ୍ଡିରେ ଲିଖିତ ଅଭିଯୋଗ କରିବାରେ ଫାଣ୍ଡି ଅଧିକାରୀ ଶନିବାର ପ୍ରଶାନ୍ତ ଓ ରବୀନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

ବାକି ଟଙ୍କା ମାଗିବାରୁ ପ୍ରତିଶୋଧ

### ଦୋକାନରେ ନିଆଁ ଲଗାଇ ଦେଲେ

**ଖୋର୍ଦ୍ଧା ଅଫିସ,୨୧।୯:**ବାକି ଟଙ୍କା ମାଗିବାରୁ ଗୋଡା ମଠସାହିର ପ୍ରକାଶ ଗୁମାନ ସିଂ ଜଳଖିଆ ଓ ପାନ ଦୋକାନରେ ଶୁକ୍ରବାର ରାତିରେ ନିଆଁ ଲଗାଇ ଦିଆଯାଇଥିଲା। ଜଳୁଥିବାବେଳେ ଗାଁର କେତେଜଣ ଲୋକ ଉଠି ରାତି ପ୍ରାୟ ସାଢ଼େ ୧୧ଟାରେ ନିଆଁକୁ ଲିଭାଇଥିଲେ। ପ୍ରକାଶଙ୍କର କେବଳ ଜରିପାଲ ଜଳି ଯାଇଛି। କ୍ୟାବିନିଟି ବର୍ତ୍ତି ଯାଇଛି। ପ୍ରକାଶ ଜଣେ ଗରିବ ଲୋକ ହୋଇଥିବାରୁ କିପରି ବ୍ୟବସାୟ କରିବେ ଭୟଭୀତ ହୋଇପଡିଛନ୍ତି।

### ବେଆଇନ ପଥର ଖଣି ଖନନର ପ୍ରତିବାଦ ମହଙ୍ଗା ପଡିଲା

### ଅଭିଯୋଗକାରୀଙ୍କ ନାଁରେ ମାମଲା

**ଖୋର୍ଦ୍ଧା ଅଫିସ,୨୧।୯:**ଖୋର୍ଦ୍ଧା, ବେଗୁନିଆ, ଟାଙ୍ଗୀ ତହସିଲ ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା କଳାମୁଗୁନି ପଥର ବ୍ଲାଷ୍ଟିଂ, ଖଣି ଖନନ ବିରୋଧରେ ପ୍ରତିବାଦ କରିଥିବା ଯୁବକଙ୍କ ନାଁରେ ମାମଲା ରୁଜୁ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ଇଙ୍ଗିତରେ ଏସ୍‌ଟିଏଫ୍ ପକ୍ଷରୁ ଖୋର୍ଦ୍ଧାର ପ୍ରକାଶ ହାତୀଙ୍କ ନାଁରେ ଏହି ମାମଲା କରାଯାଇଛି। ପ୍ରକାଶଙ୍କ ଯୁକ୍ତି ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିବା, ଗଣମାଧ୍ୟମରେ ଖବର ପ୍ରକାଶ କରିବା, ବେଆଇନ ଖଣି ଖନକକୁ ପ୍ରତିରୋଧ କରିବା କ'ଣ ଭୁଲ। ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ଘଟଣାକୁ ଗୁରୁତ୍ୱ ନ ଦେବାରୁ ଏସ୍‌ଟିଏଫ୍ ଚଢ଼ାଉ ଜାରି ରହିଛି। ଏଭଳିସ୍ଥଳେ ଅଭିଯୋଗକାରୀଙ୍କୁ ଯଦି ମିଥ୍ୟା ଆରୋପ ଲଗାଇ ଛନ୍ଦି ଦିଆଯିବ ତେବେ ବେଆଇନ ଖଣି ଖନନକୁ ରୋକ୍ ଲଗାଇବାର ଆବଶ୍ୟକତା କ'ଣ ବୋଲି ସେ ଓଲଟି ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ଏସ୍‌ଟିଏଫ୍ ମଧ୍ୟ ଏହାର ତଦନ୍ତ କରି ସତ କ'ଣ ମିଥ୍ୟା କ'ଣ ବୁଝି ପଦକ୍ଷେପ ନେବା ଦରକାର ବୋଲି କୁହାଯାଉଛି।

■ ୟୁରିଆ ସାର କଳାବଜାର

# ସରକାରୀ ମୂଲ୍ୟରେ ପାଉନି ଚାଷୀ

■ବସ୍ତା ପିଛା ଅଧିକ ୫୦ରୁ ୭୦ ଟଙ୍କା

■ବିଲ୍ ଦେଉନାହାନ୍ତି ଡିଲର

**ଖୋର୍ଦ୍ଧା ଅଫିସ,୨୧।୯:**

ଖୋର୍ଦ୍ଧା ଜିଲାରେ ୟୁରିଆ ସାର କଳାବଜାର ହେଉଛି। ସରକାରୀ ମୂଲ୍ୟରେ ଚାଷୀ ୟୁରିଆ ସାର ପାଉନାହାନ୍ତି। ସରକାରୀ ମୂଲ୍ୟ ଅନୁସାରେ ୪୫ କେଜି ୟୁରିଆର ଦର ୨୬୬ ଟଙ୍କା ୫୦ ପଇସା ଓ ୫୦ କେଜି ଦାମ ୨୯୫ ଟଙ୍କା ରହିଛି। ହେଲେ ଡିଲରମାନେ ୪୫ ଓ ୫୦ କେଜିର ସାର ବସ୍ତା ପିଛା ୫୦ରୁ ୭୦ ଟଙ୍କା ଅଧିକ ନେଉଛନ୍ତି। ବିଲ୍ ମାଗିଲେ କହୁଛନ୍ତି ମନ ପାଇଲେ ନିଅ, ନ ହେଲେ ଚାଲିଯାଅ। ବିଚରା ଚାଷୀ ବାଧ ହୋଇ ଅଧିକ ଦାମରେ ସାର କିଣୁଛି। କୃଷି ବିଭାଗରେ ଅଭିଯୋଗ କଲେ ଉତ୍ତର ମିଳୁଛି ଅଧିକ ଦାମ ନେଇଥିବା ଡିଲରର ରସିଦ୍ ଆଣିଛ କି। ନାଁ କଲା ପରେ ଉତ୍ତର ମିଳୁଛି ପ୍ରମାଣ ଅଭାବରୁ କିଛି କରିହେବନି। ଏପଟେ ଚାଷୀ ଅଧିକ ଦାମରେ ୟୁରିଆ ସାର କିଣୁଥିବାବେଳେ ସେପଟେ ପ୍ରମାଣ ନ ଥିବା ଦର୍ଶାଇ କୃଷି ବିଭାଗ ଓ ପ୍ରଶାସନ ଚେଇଁ ଶୋଇଛି। ଚଳିତ ବର୍ଷ ଜିଲା ପାଇଁ ୯, ୫୦୦ ମେଟ୍ରିକ ଟନ ୟୁରିଆ ସାରର ଆବଶ୍ୟକତା ଥିଲା। ବର୍ତ୍ତମାନ ସୁଦ୍ଧା ୮୨୫୭.୪୭ ମେଟ୍ରିକ ଟନ ସାର ଆସି ସାରିଲାଣି। ତାହା ପୁଣି ବିକ୍ରି ସରିଛି। ପୁଣି ୧ ହଜାର ଟନ ସାରର ଆବଶ୍ୟକତା ଦର୍ଶାଯାଇ ମଗାଯାଇଛି। ଏଭଳିସ୍ଥଳେ ଚାଷୀ ୟୁରିଆ ସାର ପାଉନାହାନ୍ତି। ସାର ଯାଉଛି କୁଆଡେ, ନେଉଛି କିଏ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ଏହାର ତଦନ୍ତ କରି ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷେ ଖୋର୍ଦ୍ଧାରୁ ସାର କଟକ, ପୁରୀ, ନୟାଗଡ ଜିଲାକୁ ଯାଉଥିବା ଅଭିଯୋଗ ହେଉଛି।

### ରେକ୍ ପଏଣ୍ଟରେ ଅବ୍ୟବସ୍ଥା

ଟ୍ରେନ ଯୋଗେ ସାର ଜଟଣୀରେ ପହଞ୍ଚିବା ପରେ ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳକୁ ଯିବା ପାଇଁ ପରିବହନ କ୍ଷେତ୍ରରେ ଅସୁବିଧା ହେଉଛି। ଏଥିପାଇଁ ହୋଲସେଲରଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ପ୍ରତିବାଦ କଲେ ସାର ଯିବାରେ ବିଳମ୍ବ ହେଉଛି। କୌଣସି ହୋଲସେଲର ନିଜସ୍ୱ ଗାଡିରେ ସାର ଆଣିବାକୁ ଉଦ୍ୟମ କରିଥିଲେ ହେଁ ସୁବିଧା ପାଉନାହାନ୍ତି। କାରଣ ଏଠାରେ କେତେଜଣ ପରିବହନ ବ୍ୟବସ୍ଥାକୁ ନିଜ ହାତରେ ରଖି ହୋଲସେଲରମାନଙ୍କଠାରୁ ଅଧିକ ଅର୍ଥ ନେଉଛନ୍ତି। ସାର କଳାବଜାର ହେଉଥିବା ପଛରେ ଏହା ଗୋଟିଏ ବି କାରଣ ବୋଲି କୁହାଯାଉଛି। ଏହି ସମସ୍ୟା ବହୁଦିନର ହୋଇଥିଲେ ହେଁ ଏହାର ସମାଧାନ କରାଯାଉନି।

### ଖୋଜିଲେ ମିଳୁନି ସାର ରିଟେଲର ଦୋକାନ

ଜିଲାରେ ୟୁରିଆ ସାର ବିକ୍ରି କରିବାକୁ ୨୮୮ ପ୍ରାଇଭେଟ ଡିଲର ନିଯୁକ୍ତି ପାଇଥିବାବେଳେ ୧୬୪ ଡିଲର କାମ କରୁଛନ୍ତି। ସେହିପରି ୧୪୨ ସୋସାଇଟିରୁ ୧୧୬ କାମ କରୁଛି। ତେବେ ଯେଉଁମାନେ ଲାଇସେନ୍ସ ପାଇଛନ୍ତି ସେମାନେ ଦୋକାନ ଖୋଲୁ ନ ଥିଲେ ମଧ୍ୟ ଆଇନଗତ ପଦକ୍ଷେପ ନାହିଁ। କେତେଜଣ ଡିଲର ସାର୍ ଉଠାଣ କରୁଛନ୍ତି କିନ୍ତୁ ସେପରି ନାଁରେ ଦୋକାନ ଉପଲବ୍ଧ ନାହିଁ। ଜିଲାର ବିଭିନ୍ନ ଅଞ୍ଚଳରେ ରିଟେଲରଙ୍କ ଦୋକାନ ନ ଥିବା ଅଭିଯୋଗ ହୋଇଛି। ଯଦି ଦୋକାନ ଖୋଲୁନାହାନ୍ତି ସାର କୁଆଡେ ଯାଉଛି ତାହା ତଦନ୍ତସାପେକ୍ଷ। ଏ ନେଇ ଉପକୃଷି ନିର୍ଦ୍ଦେଶକ ଭାସ୍କର ବାରିକ କୁହନ୍ତି, ସାର କଳାବଜାର ହେଉଥିବା ଅଭିଯୋଗ ମିଳିନି। ତଥାପି ବିଭାଗ ପକ୍ଷରୁ ଏଥିପ୍ରତି ନଜର ରଖାଯାଇଛି। ସେହିଭଳି ଯେଉଁ ଘରୋଇ ଡିଲରମାନେ ସାର ଉଠାଣ କରୁଛନ୍ତି କିନ୍ତୁ ଦୋକାନ କରିନାହାନ୍ତି ତା'ର ମଧ୍ୟ ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି।

## ନୌସେନା ପକ୍ଷରୁ ଅନ୍ତର୍ଜାତୀୟ ତଟ ସ୍ୱଚ୍ଛତା ଦିବସ

**ବାଲୁଗାଁ,୨୧।୯(ଡି.ଏନ.ଏ.):**
ଭାରତୀୟ ନୌସେନା ବିଭାଗ ଚିଲିକା ଶାଖା ପକ୍ଷରୁ ଶନିବାର ଅନ୍ତର୍ଜାତୀୟ ତଟ ସ୍ୱଚ୍ଛତା ଦିବସ ପାଳିତ ହୋଇଛି । ଏହି ଉପଲକ୍ଷେ ଚିଲିକା ତଟରେ ସଫେଇ ଅଭିଯାନ ଆରମ୍ଭ ହୋଇଥିଲା। ଏଥିରେ ନୌସେନା କର୍ମୀ, ପ୍ରତିରକ୍ଷା ସୁରକ୍ଷା କର୍ମୀ, ଅର୍ଦ୍ଧସୈନିକ କର୍ମଚାରୀ, ପ୍ରଶିକ୍ଷାର୍ଥୀ, କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଏନ୍‌ସିସି କ୍ୟାଡେଟ୍ ସାମିଲ ହୋଇଥିଲେ। ନୌସେନା ପ୍ରଶିକ୍ଷାର୍ଥୀ ଦଳ ୱେଲର ନୌକା ସାହାଯ୍ୟରେ କାଳିଜାଈ ଦୀପ ପର୍ଯ୍ୟନ୍ତ ଓ ବିଦ୍ୟାଳୟ ଛାତ୍ରୀଛାତ୍ର ଚିଲିକା ତଟସ୍ଥ ୧୦ କି.ମି. ଦୂରରେ ଥିବା ଆଲପୁରଠାରେ ସଫେଇ କରିଥିଲେ । ପୂର୍ବରୁ ସମସ୍ତଙ୍କୁ ଗ୍ୟାସ୍ ବ୍ୟାଗ୍ ସାହାଯ୍ୟରେ ବର୍ଜ୍ୟବସ୍ତୁ ସଫେଇ ସମ୍ପର୍କରେ ଅବଗତ କରାଯାଇଥିଲା । ଆଇଏନ୍‌ଏସ୍ ଚିଲିକାର ପ୍ରାୟ ୪୦୦ କର୍ମଚାରୀ ଭୋର ୬ଘଟିକାରୁ ଏହି ଅଭିଯାନରେ ସାମିଲ ହୋଇଥିଲେ । ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ ପ୍ରଦାନ କରିଥିଲେ।



ଚିଲିକା ତଟବର୍ତ୍ତୀ ଅଞ୍ଚଳକୁ ସଫେଇ କରାଯାଉଛି।

## ଜମ୍ମୁ କଶ୍ମୀରରେ ୬ ଓଡ଼ିଆ ଶ୍ରମିକଙ୍କ ମିଳୁନି ପତ୍ତା

**ଖୋର୍ଦ୍ଧା ଅଫିସ,୨୧।୯:**
ଜମ୍ମୁ କଶ୍ମୀରକୁ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଯାଇଥିବା ୫ ଓଡ଼ିଆ ଶ୍ରମିକଙ୍କର ପତ୍ତା ମିଳୁନି। ସେମାନେ କ'ଣ କରୁଛନ୍ତି, କିପରି ଅଛନ୍ତି ସେମାନଙ୍କ ସମ୍ପର୍କରେ ନ ଜାଣି ପରିବାର ଲୋକେ ଚିନ୍ତିତ ହୋଇପଡିଛନ୍ତି। କଶ୍ମୀର ଅଞ୍ଚଳରୁ ୩୭୦ ଧାରା ଉଚ୍ଛେଦ ପରଠାରୁ ଘରକୁ ମଧ୍ୟ କିଛି ଟଙ୍କା ଆସିପାରିନାହିଁ। ଏଭଳିସ୍ଥଳେ ପରିବାରର ସଦସ୍ୟମାନଙ୍କର ଚିନ୍ତା ମଧ୍ୟ ବଢ଼ିଯାଇଛି। ଟାଙ୍ଗୀ ବ୍ଲକ ନିରାକାରପୁର ପଞ୍ଚାୟତ ନାନପଡ଼ା ଗ୍ରାମର ସୁବଳ ବେହେରାଙ୍କ ପୁଅ ଗୋବିନ୍ଦ, ଶ୍ୟାମ ଭୋଇଙ୍କ ପୁଅ ବିପିନ, ଦାଶ କାଣ୍ଡିଙ୍କ ପୁଅ ଜାଗେଶ୍ୱର, ପୁରୀ ଜିଲା ବେଣକେରା ନରେନ୍ଦ୍ରପୁର ଅଲୁଙ୍ଗୁ ଗ୍ରାମର ଅଛବ ଭୋଇଙ୍କ ପୁଅ ଗୌର, ଗଡ଼ିଶାଗୋଦା ଥାନା ଶ୍ରୀମୁକୁନ୍ଦପୁର ଗ୍ରାମର ଲକ୍ଷ୍ମୀଧର ଦାସଙ୍କ ପୁଅ ପ୍ରସନ୍ନ ୬ ମାସ ତଳେ ପୁରୀ ଜିଲା କଣାସ ଥାନା ଜଙ୍ଗାର ଗ୍ରାମର ଜଣେ ଠିକାଦାରଙ୍କ ମାଧ୍ୟମରେ ଜମ୍ମୁକଶ୍ମୀର ଅଞ୍ଚଳକୁ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। କାମ କରିବାର ତିନି ମାସ ପର୍ଯ୍ୟନ୍ତ ପରିବାର ସହ ଯୋଗାଯୋଗ ପ୍ରତ୍ୟେକ ଦିନ ହେଉଥିଲା। ତେବେ କଶ୍ମୀର ଅଞ୍ଚଳରୁ ୩୭୦ ଧାରା ଉଚ୍ଛେଦ ପରେ ସେମାନଙ୍କ ସହ ପରିବାରର ଲୋକଙ୍କ ଯୋଗାଯୋଗ ହୋଇପାରୁନାହିଁ। ଅପରପକ୍ଷେ କାମ କରିବାକୁ ନେଇଥିବା ଠିକାଦାର ଜଣକ ମଧ୍ୟ କୌଣସି ସୂଚନା ଦେଉନାହାନ୍ତି। ନିରାକାରପୁର ସରପଞ୍ଚ ହୃଷୀକେଶ ରାଉତରାୟ କହିଛନ୍ତି, ଦୁଇଦିନ ଭିତରେ ଯଦି କୌଣସି ଯୋଗାଯୋଗ ନ ହୁଏ ତେବେ ଜିଲାପାଳଙ୍କୁ ଅବଗତ କରାଯିବ ସେନେଇ ପଦକ୍ଷେପ ନିଆଯିବ।

## ଝିଅ ଜନ୍ମ କରି ଘରୁ ବିଦା ହେଲେ ମା'

**ଖୋର୍ଦ୍ଧା ଅଫିସ,୨୧।୯:**
ଝିଅ ଜନ୍ମ କରିବାରୁ ମା'କୁ ଘରୁ ବିଦା ହେବାକୁ ପଡିଛି। ଏଭଳି ଘଟଣା ଘଟିଛି ବାଣପୁର ଥାନାର ଭେଷରୀ ଗ୍ରାମରେ। ବାଣପୁର ଥାନା ଭୀମପୁର ଗ୍ରାମର ମଙ୍ଗୁଳି ପ୍ରଧାନଙ୍କ ଝିଅ ସମିତା ୧୦ ବର୍ଷ ପୂର୍ବେ ନିକଟସ୍ଥ ଭେଷରୀ ଗ୍ରାମର ବେଣୁଧର ଜେନାଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରଘର ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବର୍ଷେ ପର୍ଯ୍ୟନ୍ତ ସବୁ କିଛି ଠିକ୍‌ଠାକ୍ ଥିଲା। ଝିଅ ଜନ୍ମ ହେବା ପରେ ପରିବେଶ ବଦଳି ଯାଇଥିଲା। ଛୋଟିଆ ଛୋଟିଆ ଘଟଣାକୁ ନେଇ ବିନା ଦୋଷରେ ଶାଶୁ ଘରର ଲୋକେ ସମିତାଙ୍କୁ ଦାୟୀ କରି ଗାଳିଗୁଲଜ କରିବା ସହ ମାରଧର କରୁଥିଲେ। ପରେ ଝିଅଙ୍କ ଲାଳନ ପାଳନ ପାଇଁ ବାପ ଘରୁ ୫୦ ହଜାର ଟଙ୍କା ଯୌତୁକ ଆକାରରେ ଆଣିବାକୁ ଶାଶୁଘର ଲୋକ ସମିତାଙ୍କୁ କହିଥିଲେ। ମାତ୍ର ବାପଘର ଲୋକ ଦେଇପାରିବେ ନାହିଁ କହି ଅସାମର୍ଥ୍ୟ ପ୍ରକାଶ କରିଥିଲେ। ଏହାପରେ ଶାଶୁଘର ଲୋକ ସମିତାଙ୍କୁ ବିଭିନ୍ନ ଉପାୟରେ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ଆରମ୍ଭ କରିଦେଲେ। ପରୋକ୍ଷରେ ସମିତା ଘରୁ ଚାଲିଯିବା ପାଇଁ ଶାଶୁ ଘର ଲୋକ ଚାପ ପ୍ରୟୋଗ କଲେ। ଶେଷରେ ସମିତା ବାପଘରକୁ ଚାଲି ଆସିଲେ। ପରେ ନ୍ୟାୟ ପାଇଁ ବାଣପୁର କୋର୍ଟରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରି ରିପୋର୍ଟ ଦେବାକୁ କୋର୍ଟ ପୋଲିସକୁ ନିର୍ଦ୍ଦେଶ ଦେଇଥିଲା। ପୋଲିସ ନଂ. ୨୬୧/୧୯ରେ ମାମଲା ରୁଜୁ କରି ଶନିବାର ସ୍ୱାମୀ ବେଣୁଧରଙ୍କୁ ଗିରଫ କରିଥିଲା।

## ଡିଗ୍ରୀ କଲେଜରେ ଅଭିଭାବକ, ଶିକ୍ଷକ ବୈଠକ

**ବୋଲଗଡ,୨୧।୯(ଡି.ଏନ.ଏ.)**
ବୋଲଗଡ ବ୍ଲକ ବାଙ୍କୋଇ ସ୍ଥିତ କାଳିଚରଣ ପାଞ୍ଚଗଡ ଅନଙ୍ଗ ନରେନ୍ଦ୍ର (କେସିପିଏଏନ) ଡିଗ୍ରୀ କଲେଜରେ ଶନିବାର +୩ ପଞ୍ଚମ ସେମିଷ୍ଟର ଛାତ୍ରୀଛାତ୍ରଙ୍କ ଅଭିଭାବକ ଏବଂ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମନ୍ତରାୟ ପୌରୋହିତ୍ୟ କରିଥିଲେ। ଉଚ୍ଚ ଶିକ୍ଷାରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଶିକ୍ଷକ,ଶିକ୍ଷାର୍ଥୀ ଓ ଅଭିଭାବକଙ୍କ ଭୂମିକା ବିଷୟରେ ଅଧ୍ୟକ୍ଷ ପ୍ରାରମ୍ଭିକ ସୂଚନା ଦେଇ ଆଭିଭାବକଙ୍କୁ ସ୍ୱାଗତ ଜଣାଇଥିଲେ । ଏଥିସହିତ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଛାତ୍ରୀଛାତ୍ରମାନେ ହାରାହାରି ୭୫ ପ୍ରତିଶତ ଉପସ୍ଥାନ ଏବଂ ପ୍ରୋକ୍ଟୋରିଆଲ କ୍ଲାସ ମାଧ୍ୟମରେ ୨୦ ଜଣ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ ପ୍ରତି ଶିକ୍ଷକଙ୍କୁ ଦିଆଯାଇଥିବାର ସୂଚନା ଦେଇଥିଲେ। ଅଧ୍ୟାପକ ପ୍ରଶାନ୍ତ କୁମାର ତ୍ରିପାଠୀ ,ଅଧ୍ୟାପିକା ଝିଲ୍ଲୀ ମହନ୍ତ,ଅଧ୍ୟାପକ ସରୋଜ କୁମାର ମିଶ୍ର, ପୀତବାସ ମିଶ୍ର, ଜୟପ୍ରକାଶ ମିଶ୍ର , ରାଜକିଶୋର ବଇରିଗଞ୍ଜନ ଏବଂ ସୁକାନ୍ତ ବେହେରା ପ୍ରମୁଖ ଶିକ୍ଷା ବିଭାଗର ସଂସ୍କାରମୂଳକ ପଦକ୍ଷେପ ବିଷୟରେ ଅଭିଭାବକମାନଙ୍କ ସହିତ ଆଲୋଚନା କରିଥିଲେ।



ବୈଠକରେ ଉପସ୍ଥିତି ଅତିଥିମାନେ।

## ପଣ୍ଡାଲମରେ ଭାଗବତ ସଭା ଓ ସାହିତ୍ୟ ଆସର

ବେଗୁନିଆ, ୨୧ । ୯ (ଡି.ଏନ.ଏ.)

ବେଗୁନିଆ ଓ ବାଙ୍କୀ ବ୍ଲକ ସୀମାନ୍ତରେ ଥିବା ପଣ୍ଡାଲମ ଗାଁରେ ଶନିବାର କବି ଏବଂ ଭାଗବତ ପ୍ରେମୀଙ୍କ ସମାଗମ ଦେଖିବାକୁ ମିଳିଥିଲା। ଅଞ୍ଚଳରେ ସୁନାମ ଅର୍ଜନ କରିଥିବା ପଣ୍ଡିତ ଦାଶରଥି ଦାଶଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଭାଗବତ ସଭା, ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମିଳିତ ସାହିତ୍ୟ ସଂସଦ, କଣ୍ଟାବାଡ ଓ ଆଞ୍ଚଳିକ ଭାଗବତ ମଣ୍ଡଳୀ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଐତିହାସିକ ସତ୍ୟବାଦୀ ବଳିୟାରସିଂହ ଯୋଗଦେଇଥିଲେ। ବକ୍ତାଭାବେ ବମ୍ବେର ଜଗନ୍ନାଥ ସହସ୍ର ନାମଯଜ୍ଞ ପ୍ରବର୍ତ୍ତକ ମୁରଲୀଧର ପଲାଇ, ବିଶିଷ୍ଟ ଅତିଥି ଭାବେ ଭୁବନେଶ୍ୱର ନାଇଜର କୁଳସଚିବ ଡ. ଅଭୟ କୁମାର ନାୟକ ଏବଂ ଭାଗବତ ମହାମହିମ ଭିକ୍ଷୁ ମହାରାଜ ଯୋଗ ଦେଇଥିଲେ। ମିଳିତ ସାହିତ୍ୟ ସଂସଦର ସଭାପତି ରାଜକିଶୋର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କବିତା ଆସର ଏବଂ ଡ. ଅଖିଳେଶ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଭାଗବତ ସପ୍ତାହ ଅନୁଷ୍ଠିତ ହୋଇଥିଲା। କଟକ, ପୁରୀ, ନୟାଗଡ ଏବଂ ଖୋର୍ଦ୍ଧା ଜିଲାର ବହୁ କବୟିତ୍ରୀ, କବି ଏବଂ ଭାଗବତ ପ୍ରେମୀ ଯୋଗ ଦେଇଥିଲେ। ଏହି ଅବସରରେ ପିପିଏଲର ଅବସରପ୍ରାପ୍ତ ମହାପ୍ରବନ୍ଧକ ପୀତବାସ ରାଉତରାୟଙ୍କୁ ଦାଶରଥି ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସୁନାମ ଧନ୍ୟ ଭାଗବତ ପ୍ରବଚକ କୃଷ୍ଣଚନ୍ଦ୍ର ପଣ୍ଡା ଏବଂ କୁଦିଆରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଶୀନାଥ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଅଖିଳେଶ ମହାପାତ୍ର ଏବଂ ଡ. କବିତା ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଜବତ ବ୍ରାଉନସୁଗାର, ଟଙ୍କା ସହ ଅଭିଯୁକ୍ତମାନେ।

୧୮ ଗ୍ରାମ ବ୍ରାଉନ୍‌ସୁଗାର ଜବତ

## ୨ ମହିଳା ସମେତ ୩ ଗିରଫ

**ଜଟଣୀ,୨୧।୯(ଡି.ଏନ.ଏ.):**
ବ୍ରାଉନସୁଗାର ବିକ୍ରୟ କରୁଥିବା ଦୁଇମହିଳାଙ୍କ ସମେତ ୩ ଜଣଙ୍କୁ ଜଟଣୀ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ରୀନା ଦେଈ, ଶିଳ୍ପା ନାୟକ ଓ ରଞ୍ଜିତ ନାୟକ। ସ୍ଥାନୀୟ ନୂଆଗାଁ ଓ ଗାନ୍ଧୀ ଅଞ୍ଚଳରେ ସେମାନଙ୍କ ଘର। ସେମାନଙ୍କଠାରୁ ୧୮ ଗ୍ରାମ ବ୍ରାଉନ୍‌ସୁଗାର ଓ ୨୬ ହଜାର ୫ ଶହ ଟଙ୍କା ପୋଲିସ ଜବତ କରିଛି। ଏ ନେଇ ନଂ. ୩୬୮/୧୯ ରେ ମାମଲା ରୁଜୁ ହୋଇଛି।

ଘରୋଇ ବ୍ୟାଙ୍କର ଜୁଲମ ନେଇ ରିଜର୍ଭ ବ୍ୟାଙ୍କରେ ଫେରାଦ

## ଏନ୍‌ଓସି ପାଇଁ ଆକାଉଣ୍ଟରୁ କଟିଲା ୨.୨୪ ଲକ୍ଷ ଟଙ୍କା

**ଖୋର୍ଦ୍ଧା ଅଫିସ,୨୧।୯:**
ଏନଓସି ଦେବା ପାଇଁ ଜଣେ ଉପଭୋକ୍ତାଙ୍କଠାରୁ ଖୋର୍ଦ୍ଧା ପଲ୍ଲୀସ୍ଥିତ ଏକ ଘରୋଇ ବ୍ୟାଙ୍କ ୨ଲକ୍ଷ ୨୪ ହଜାର ୨ଶହ ଟଙ୍କା ଆକାଉଣ୍ଟରୁ କାଟି ନେଇଛି। ଏ ସମ୍ପର୍କରେ ଉପଭୋକ୍ତା ରିଜର୍ଭ ବ୍ୟାଙ୍କର ଦ୍ୱାରସ୍ଥ ହୋଇ ସମସ୍ତ ତଥ୍ୟ ଲିଖିତ ଆକାରରେ ପ୍ରଦାନ କରିଛନ୍ତି। ରିଜର୍ଭ ବ୍ୟାଙ୍କ ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଏଥିରେ ସୁଫଳ ନ ମିଳେ କୋର୍ଟର ଆଶ୍ରୟ ନେବେ ବୋଲି ଉପଭୋକ୍ତା ସଞ୍ଜୟ ମହାନ୍ତି କହିଛନ୍ତି। ପ୍ରକାଶଥାଉକି ଖୋର୍ଦ୍ଧା ବୁଢୀବଗିଚାସ୍ଥିତ ସଞ୍ଜୟ ୨୩।୬।୨୦୧୭ରେ ଖୋର୍ଦ୍ଧା ପଲ୍ଲୀସ୍ଥିତ ଏକ ଘରୋଇ ବ୍ୟାଙ୍କରେ ଦୁଇଟି ଆକାଉଣ୍ଟ ଖୋଲିଥିଲେ। ଏହି ଦୁଇ ଆକାଉଣ୍ଟ ଯୋଗେ ସଞ୍ଜୟ ବ୍ୟାଙ୍କରୁ ୯୫ ଲକ୍ଷ ଟଙ୍କା ବ୍ୟବସାୟିକ ଋଣ ନେଇଥିଲେ। ଋଣ ନେବାର ଏକ ବର୍ଷ ପରେ ସୁଧର ହାର ବୃଦ୍ଧି ହୋଇଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷ ସୁଧର ହାର କମାଇବାର ପ୍ରତିଶ୍ରୁତି ରକ୍ଷା ନ କରିବାରୁ ସଞ୍ଜୟ ବାଧ ହୋଇ ଅନ୍ୟ ବ୍ୟାଙ୍କ ଦ୍ୱାରା ନେଇଥିବା ସମ୍ପୂର୍ଣ୍ଣ ଋଣକୁ ଅଧିଗ୍ରହଣ କରିଥିଲେ। କିନ୍ତୁ ବ୍ୟାଙ୍କ ଏନଓସି ଦେବା ପାଇଁ ବ୍ୟବସାୟୀ ସଞ୍ଜୟକୁ ୨ ଲକ୍ଷ ୨୪ ହଜାର ୨ ଶହ ଟଙ୍କା ମାଗିଥିଲେ। ସଞ୍ଜୟ ଅରାଜି ହେବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଏନଓସି ଦେବାକୁ ରୋକ୍‌ଠୋକ ମନା କରି ଦେଇଥିଲେ। ତେବେ ଗତ ୧୯ ତାରିଖରେ ସଞ୍ଜୟଙ୍କ ୨ଟି ଆକାଉଣ୍ଟରୁ ଯଥାକ୍ରମେ ୯୪ ହଜାର ୪ ଶହ ଓ ୧ ଲକ୍ଷ ୨୯ ହଜାର ୮ ଶହ ଟଙ୍କା ଏପରି ୨ ଲକ୍ଷ ୨୪ ହଜାର ୨ ଶହ ଟଙ୍କା ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କ ଜମା ଖାତାରୁ ଉଠାଇ ନେଇଥିଲେ। ସଞ୍ଜୟ ଟଙ୍କା କଟିବା ସମ୍ପର୍କରେ ଯେତେ ଅଭିଯୋଗ କଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କର କୌଣସି ଅଭିଯୋଗ ଶୁଣିନାହାନ୍ତି।

## ବିଜେଡ଼ି ପକ୍ଷରୁ ସଭ୍ୟ ସଂଗ୍ରହ, ପ୍ରଶିକ୍ଷଣ ଶିବିର

**ବାଲୁଗାଁ,୨୧।୯(ଡି.ଏନ.ଏ.):**
ଚିଲିକା ନିର୍ବାଚନମଣ୍ଡଳୀର ବାଲୁଗାଁସ୍ଥିତ କାର୍ଯ୍ୟାଳୟଠାରେ ଶନିବାର ବିଜୁ ଜନତା ଦଳ ତରଫରୁ ସଭ୍ୟ ସଂଗ୍ରହ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ରଘୁନାଥ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭ୍ୟ ସଂଗ୍ରହ କରିବାକୁ ଚିଲିକା ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତ ଓ ଏନ୍‌ଏସିର ସଭାପତି ଏବଂ ନେତୃମଣ୍ଡଳୀଙ୍କୁ ପରାମର୍ଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାଣପୁର ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା ସେଠୀ, ଜିଲା ପରିଷଦ ସଭ୍ୟ ଡ଼ମ୍ବରୁଧର ନାୟକ, ଚିଲିକା ବ୍ଲକ ସଭାପତି ଦେବେନ୍ଦ୍ର ସାମନ୍ତସିଂହାର, ବାଣପୁର ବ୍ଲକ ସଭାପତି ଭବାନୀ ଶଙ୍କର ବଳିୟାରସିଂହ, ଏନ୍‌ଏସି ସଭାପତି ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ବାଲୁଗାଁ ଏନ୍‌ଏସି ସଭାପତି ଯୋଗେନ୍ଦ୍ର ନାଥ ପାତ୍ର, ଚିଲିକା ବ୍ଲକ୍ ଉପାଧ୍ୟକ୍ଷ ଉତ୍ପଳ ପାଇକରାୟ ଉପସ୍ଥିତ ଥିଲେ।





ଶିବିରରେ ଯୋଗ ଦେଇଥିବା ରାଜନେତାମାନେ।

■ ସତକୁ ଚାପିଦେବାର ଅପଚେଷ୍ଟା

# ତେଲୁଗୁ ଫିଲ୍ମର କାହାଣୀକୁ ନେଇ ପ୍ରତିବାଦ

### ବକ୍ସି ଜଗବନ୍ଧୁଙ୍କ ବଦଳେ କେଉଁଠୁ ଉଭା ହେଲେ ନରସିହ୍ମା ରେଡ୍ଡୀ

**ଖୋର୍ଦ୍ଧା ଅଫିସ,୨୧।୯**

ସତ ହିଁ ସବୁବେଳେ ସତ। ହେଲେ ସତକୁ ଚାପି ଦେବାକୁ ତେଲୁଗୁ ଫିଲ୍ମ ପକ୍ଷରୁ ଅପଚେଷ୍ଟା କରାଯାଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମୋଡ଼ ବଦଳାଇବାକୁ ଚେଷ୍ଟା ଆରମ୍ଭ ହୋଇଛି। ବକ୍ସି ଜଗବନ୍ଧୁଙ୍କ ବଦଳେ କେଉଁଠୁ ଉଭା ହେଲେ ନରସିହ୍ମା ରେଡ୍ଡୀ ବୋଲି ସାଧାରଣରେ ପ୍ରଶ୍ନ କରାଯାଇ ତେଲୁଗୁ ଫିଲ୍ମର ପ୍ରତିବାଦ ଖୋର୍ଦ୍ଧାରେ କରାଯାଇଛି।

ବିପ୍ଳବୀ ବୀର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ହୋଇଥିବା ପ୍ରଥମ ସ୍ୱାଧୀନତା ସଂଗ୍ରାମକୁ ଅପମାନିତ କରିବାକୁ ନିର୍ମିତ ହୋଇଛି ତେଲୁଗୁ ଫିଲ୍ମ ସାଏ ରା ନରସିହ୍ମା ରେଡ୍ଡୀ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ଏହା ମୁକ୍ତିଲାଭ କରିବ ବୋଲି ଜଣାପଡିଛି। ଏହି ଫିଲ୍ମରେ ୧୮୪୬ ମସିହାରେ ଆନ୍ଧ୍ରରେ ନରସିହ୍ମାଙ୍କ ନେତୃତ୍ୱରେ ଇଂରେଜମାନଙ୍କ ବିରୋଧରେ ହୋଇଥିବା ବିଦ୍ରୋହକୁ ବ୍ରିଟିଶ୍ ସରକାର ବିରୋଧରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଚିତ୍ରଣ କରାଯାଇଛି। ଆଶ୍ଚର୍ଯ୍ୟର କଥା, ସେନସର ବୋର୍ଡ ମଧ୍ୟ ଏଭଳି ଭୁଲକୁ ନଜର ଅନ୍ଦାଜ କରିଛି। ଏ ନେଇ ପାଇକ ବିଦ୍ରୋହ ସମ୍ପର୍କରେ ବିସ୍ତୃତ ଗବେଷଣା କରୁଥିବା ବିଶିଷ୍ଟ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଫିଲ୍ମ ନିର୍ମାଣକାରୀଙ୍କ ଏଭଳି ହୀନ ଉଦ୍ୟମକୁ ଦୃଢ ବିରୋଧ କରିଛନ୍ତି। ସେ କହିଛନ୍ତି, ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ହୋଇଥିବା ୧୮୧୭ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଜାତୀୟ ସ୍ତରରେ ମାନ୍ୟତା ପ୍ରଦାନ କରାଯାଇଛି। ୨୦୧୭ରେ ରାଜଧାନୀ ଦିଲ୍ଲୀରେ ହୋଇଥିବା ପାଇକ ବିଦ୍ରୋହର ଦୁଇଶହ ବର୍ଷ ପୂର୍ତ୍ତି ଉତ୍ସବରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ନିଜ ବକ୍ତବ୍ୟରେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ସ୍ୱୀକାର କରିଥିଲେ। ଯାହାକି ଓଡ଼ିଶାର ଗୁରୁତ୍ୱକୁ ଜାତୀୟ ସ୍ତରରେ ବଢାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଇକ ବିଦ୍ରୋହର ସ୍ମାରକୀ ଡାକଟିକଟ ଓ ମୁଦ୍ରା ପ୍ରଚଳନ ସହ ଉତ୍କଳ ବିଶ୍ୱବିଦ୍ୟାଳୟରେ ପାଇକ ବିଦ୍ରୋହ ଗବେଷଣା ଚେୟାରର ଲୋକାର୍ପଣ କରିଥିଲେ। ନିକଟରେ ବରୁଣେଇ ନିକଟରେ ରାଜ୍ୟ ସରକାର ଦେଇଥିବା ଜମିରେ ପାଇକ ବିଦ୍ରୋହର ସ୍ମାରକୀ, ମ୍ୟୁଜିୟମ, ସାମରିକ କଳା ଏକାଡେମୀ ଆଦି ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଖୋର୍ଦ୍ଧା ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ସ୍ୱାଧୀନତା ସଂଗ୍ରାମର ଐତିହାସିକ ସତ୍ୟତାକୁ ଚାପି ଦେବାର ଉଦ୍ୟମ ଅତ୍ୟନ୍ତ ନିନ୍ଦନୀୟ ବୋଲି ବଳିଆରସିଂହ କହିଛନ୍ତି। ଆନ୍ଧ୍ରର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ନେଇ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।



ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ ତାଙ୍କୁ ଭକ୍ତ କୁହାଯାଏ।
-ସନ୍ଥ ତୁଳସୀଦାସ



## ସଂକ୍ଷେପରେ

### ଶ୍ରୀମନ୍ଦିରରେ ସହସ୍ର କୁମ୍ଭାଭିଷେକ

ପୁରୀ ଅଫିସ, ୨୧।୯: ଶ୍ରୀମନ୍ଦିରରେ ଶନିବାର ସହସ୍ର କୁମ୍ଭାଭିଷେକ ଓ ଦେବୀ ଉତ୍ଥାପନ ନୀତି ଅନୁଷ୍ଠିତ ହୋଇଯାଇଛି। ସକାଳ ଧୂପ ସରିବା ପରେ ଭଣ୍ଡାରଘରୁ ଦୁର୍ଗାଦେବୀ ରତ୍ନସିଂହାସନକୁ ବିଜେ କରିଥିଲେ। ଏହାପରେ ଆଜ୍ଞାମାଳ ପାଇ ସୋମନାଥ ମଣ୍ଡପରେ ପଡିଥିବା ଖଟ ଉପରେ ବିଜେ କରିଥିଲେ। ସେଠାରେ ଦେବୀଙ୍କୁସହସ୍ର ଗଡୁ ଜଳରେ ସ୍ନାନ କରାଯାଇଥିଲା। ସ୍ନାନ ପରେ ଶ୍ରୀଅଙ୍ଗ ପୋଛା, ବେଶ, ବସ୍ତ୍ର ଆଦି ଲାଗି କରାଯାଇ ଶୀତଳ ଭୋଗ ଓ ବନ୍ଦାପନା ହୋଇଥିଲା।

### ନିଶା କାରବାର, ୧୧ଗିରଫ

ପୁରୀ ଅଫିସ, ୨୧।୯ : ଗତ କିଛିଦିନ ଧରି ପୁରୀ ଅବକାରୀ ବିଭାଗ ପକ୍ଷରୁ ଜୋରସୋରରେ ଧରପଗଡ ଚାଲିଛି। ଏହି କ୍ରମରେ ପୁରୀ ସଦର ଆଇଆଇସି ବିକାଶ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ ଭାବେ ନିଶା କାରବାର, ମଦ ବିକ୍ରି ନେଇ ୧୧ଜଣ୍ଙ୍କୁ ଗିରଫ କରାଯାଇଛି। ଗିରଫମାନେ ହେଲେ ରାହୁଲ ଦାଶ, ଅଙ୍କମା, ରଇତ ରାଜୁ, ଏସ୍.ରାଜଶ୍ରୀ, ବାବୁନା ଭୋଇ, ଲତା ଭୋଇ, ବିନୟା ଦେବୀ, ସୁନ୍ଦରୀମ୍ମା, ଏ.ପାଲମା,ଜି. କଦମା, ହୀନା ରଥ। ଏମାନଙ୍କ ଘର ମାର୍କଣ୍ଡେଶ୍ୱରସାହି, ନରେନ୍ଦ୍ରକୋଣ, ନୋଲିଆସାହି ଏବଂ ନୂଆସାହି ବୋଲି ଜଣାପଡିଛି। ଗିରଫଙ୍କଠାରୁ କୋରେକ୍ସ, ପୋଚ ଓ ରନ୍ଧାମଦ ଜବତ କରାଯାଇଛି।

### ପୂର୍ବତନ ଥାନାଧିକାରୀ, ଇଓଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ

ପୁରୀ ଅଫିସ, ୨୧।୯ :ଏକ ମାମଲାରେ ହାଜିରା ଲାଗି ବାରମ୍ବାର କୋର୍ଟ ନୋଟିସ ସତ୍ତ୍ୱେ କୁମ୍ଭାରପଡା ଥାନାର ପୂର୍ବତନ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ଏବଂ ପୌର ସଂସ୍ଥା ଏନଫୋର୍ସମେଣ୍ଟ ଅଫିସର ଶ୍ୟାମସୁନ୍ଦର ମହାପାତ୍ରଙ୍କ ବିରୋଧରେ ଶନିବାର ଏସ୍‌ଡିଜେଏମ କୋର୍ଟ ଜାମିନ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିଛନ୍ତି। ଆସନ୍ତା ନଭେମ୍ବର ୧୧ତାରିଖ ସୁଦ୍ଧା ତାଙ୍କୁ କୋର୍ଟରେ ହାଜର କରିବା ଲାଗି ଏସ୍‌ଡିଜେଏମ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଗୁଣ୍ଡିଚାମନ୍ଦିର ନିକଟରେ ରହୁଥିବା ରୀତା ଦାଶ ଉଭୟଙ୍କ ବିରୋଧରେ କୋର୍ଟରେ ଏକ ୱାନସିସି ଫାଇଲ କରିଥିଲେ। କୋର୍ଟ ଏହାର ବିଚାର କରି ଉଭୟଙ୍କୁ ହାଜିରା ଲାଗି ନିର୍ଦ୍ଦେଶ ଦେଇଥିଲେ। ମିଳିଥିବା ସୂଚନା ପ୍ରକାରେ ୨୦୧୮ ଉଭୟଙ୍କ ଉପସ୍ଥିତିରେ ତାଙ୍କ ଘର ନିକଟ ପାଚେରି ଭଙ୍ଗା ଯାଇଥିଲା। ଏହାକୁ ସେ ବିରୋଧ କରିଥିଲେ।

### ଆଜିଠୁ ଷୋଳପୂଜା, ବ୍ରାହ୍ମଣ ବରଣ କରିବେ ଗଜପତି ମହାରାଜା

ପୁରୀ ଅଫିସ, ୨୧।୯: ଶ୍ରୀକ୍ଷେତ୍ରର ଅଧିଷ୍ଠାତ୍ରୀ ମା'ବିମଳାଙ୍କ ପୀଠରେ ରବିବାରଠାରୁ ଆରମ୍ଭ ହେବ ଷୋଡ଼ଶ ଦିନାତ୍ମକ ପୂଜା। ଏଥିପାଇଁ ଶ୍ରୀନଅରରେ ଶୋତ୍ରୀୟ ବ୍ରାହ୍ମଣଙ୍କୁ ବରଣ କରିବେ ଗଜପତି ମହାରାଜା। ରବିବାର ଶ୍ରୀନଅରରେ ଗଜପତି ମହାରାଜାଙ୍କ ପଇତାଲାଗି, ଦେବାର୍ଚ୍ଚନା ଓ ମଙ୍ଗଳାର୍ପଣ ହେବ। ରାଜଗୁରୁଙ୍କୁ ଗଜପତି ଶ୍ରୀହସ୍ତ ଛୁଆଁ ଗୁଆ ନଡ଼ିଆ ପ୍ରଦାନ କରିବେ। ଗଜପତିଙ୍କ ପ୍ରତିନିଧି ଭାବେ ରାଜଗୁରୁ ଏହି ଗୁଆ ନଡ଼ିଆ ବ୍ରାହ୍ମଣମାନଙ୍କୁ ଦେଇ ବରଣ କରିବେ। ମା' ବିମଳାଙ୍କ ପୀଠ ନିମନ୍ତେ ପୂଜକ, ଜଣେ ପରିଚ୍ଛା, ଚଣ୍ଡୀପାଠ, ମନ୍ତ୍ରଯାପକ, ସହସ୍ରନାମ ପାଠକଙ୍କୁ ବରଣ କରାଯିବ। ଏଥିସହ ଶ୍ରୀମନ୍ଦିର ଭିତର ବେଢ଼ା ପରିସର ମା' ଭୁବନେଶ୍ୱରୀ, ମା' ବଟମଙ୍ଗଳା ଓ ମା' ଉତ୍ତରାୟଣୀ ପୀଠ ଲାଗି ପୂଜକ ଏବଂ ଚଣ୍ଡୀପାଠକ ବରଣ ହେବ। ଶ୍ରୀକ୍ଷେତ୍ର ମଧରେ ଥିବା ବିଭିନ୍ନ ଶକ୍ତିପୀଠ ଯଥା ଦକ୍ଷିଣକାଳୀ, ଆଲାମଚଣ୍ଡୀ ଓ କପିଳେଶ୍ୱରପୁର ଶାସନର ପଞ୍ଚମୁଖୀ ଠାକୁରାଣୀଙ୍କ ପୀଠରେ ଷୋଳପୂଜା ପାଇଁ ପୂଜକ, ଚଣ୍ଡୀପାଠକଙ୍କୁ ମଧ ବରଣ କରାଯିବ ବୋଲି ଜଣାପଡିଛି।

### ବ୍ୟବସାୟୀଙ୍କ ଆତ୍ମହତ୍ୟା

ନିମାପଡ଼ା,୨୧।୯(ଡି.ଏନ୍.ଏ.): ନିମାପଡ଼ା ବଜାରର ବ୍ୟବସାୟୀ ଅଶୋକ କୁମାର ବେହେରା(୫୫) ଶୁକ୍ରବାର ରାତିରେ ତାଙ୍କ ମହାବୀର କଲୋନୀସ୍ଥିତ ବାସଭବନରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସମ୍ପର୍କୀୟ କହିଛନ୍ତି। ତାଙ୍କୁ ଡାକ୍ତରଖାନାକୁ ଆଣାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ସ୍ଥାନୀୟ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାଇଁ ଚାରିଛକ ମେଡିକାଲକୁ ପଠାଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୧୮/୧୯) ରୁଜୁ କରି ତଦନ୍ତ ଚଳାଇଛି।

# ବ୍ଲକ୍ କାର୍ଯ୍ୟାଳୟରେ ମିଳୁନି ଭତ୍ତା ସମ୍ପର୍କିତ ତଥ୍ୟ

■ଭତ୍ତା ଟଙ୍କାରେ ମହା ଦୁର୍ନୀତି ଆଶଙ୍କା

■ଭିଜିଲାନ୍ସ ତଦନ୍ତ ଦାବି

ଗୋପ, ୨୧।୯(ଡି.ଏନ୍.ଏ.)

ଗୋପ ବ୍ଲକ୍‌ରେ ବଣ୍ଟନ କରାଯାଉଥିବା ଭତ୍ତା ସମ୍ପର୍କିତ ତଥ୍ୟ ଠିକ୍ ଭାବରେ ମିଳୁ ନାହିଁ। କେତେ ଟଙ୍କା ବଣ୍ଟାଯାଉଛି ଓ ଟଙ୍କା କିଏ ନେଉଛନ୍ତି ସେନେଇ କୌଣସି ତଥ୍ୟ ମିଳୁ ନ ଥିବା ଅଭିଯୋଗ ହେଉଛି। ଏପରି ଗୁରୁତର ଅଭିଯୋଗକୁ ନେଇ ଭିଜିଲାନ୍ସ ତଦନ୍ତ କରାଗଲେ ସମସ୍ତ ସତ ଘଟଣା ପଦାକୁ ଆସିବ ବୋଲି ଜଣାପଡ଼ିଛି। ନିକଟରେ ୨୧ଟି ପଞ୍ଚାୟତର ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ଗ୍ରାମରୋଜଗାର ସେବକ ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଠାରୁ ୩ ଲକ୍ଷ ୩୧ ହଜାର ଟଙ୍କା ଅଗ୍ରିମ ପଡ଼ିଥିବା ନେଇ ବିଭିନ୍ନ ସମୟରେ ଚର୍ଚ୍ଚା ହେବା ପରେ ଅଧିକାଂଶ ପଞ୍ଚାୟତର ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀ ଟଙ୍କା ଫେରାଇଥିବା ସୂଚନା ମିଳିଛି।

ଗୋପ ବ୍ଲକ୍‌ରେ ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତାରେ ୮୨୭୬ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଥିବାବେଳେ ୧୯୮୪ ଜଣଙ୍କୁ ବିଧବା ଭତ୍ତା ପ୍ରଦାନ କରାଯାଉଛି। ସେହିପରି ୪୫୦ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ କରାଯାଉଥିବାବେଳେ ମଧୁବାବୁ ପେନ୍‌ସନ୍ ଯୋଜନାରେ ୧୦୧୫୦ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ଗୋପ ବ୍ଲକ୍‌ରେ ୩୧ଟି ପଞ୍ଚାୟତ ମଧ୍ୟରୁ ଅଧିକାଂଶ ପଞ୍ଚାୟତରେ ଗ୍ରାମରୋଜଗାର ସେବକଙ୍କ ହାତରେ ଭତ୍ତା ବଣ୍ଟନ କରାଯାଉଥିବା ଜଣାପଡ଼ିଛି। ପ୍ରତି ମାସରେ ବ୍ଲକ୍ କାର୍ଯ୍ୟାଳୟରୁ ଭତ୍ତା ବଣ୍ଟନ ବାବଦ କୋଟି କୋଟି ଟଙ୍କା ଉଠାଣ କରାଯାଉଛି। ମାତ୍ର ଭତ୍ତା ବଣ୍ଟନ ସମ୍ପର୍କିତ କୌଣସି ହିସାବ ବ୍ଲକ୍ କାର୍ଯ୍ୟାଳୟରେ ନ ଥିବାବେଳେ କେବଳ ବିନିଯୋଗ ପ୍ରମାଣପତ୍ର ଦାଖଲ କରି ଟଙ୍କା ଉଠାଯାଉଥିବା ଜଣାପଡ଼ିଛି। ଖାତାର ବିବରଣୀ ନ ରଖି କେଉଁ ଭଳି ଭାବେ ଟଙ୍କା ବଣ୍ଟନ କରାଯାଉଛି ତାହା ଏବେ ତଦନ୍ତ ସାପେକ୍ଷ ହୋଇପଡ଼ିଛି। ସରକାରୀ ନିୟମ ଅନୁଯାୟୀ ଭତ୍ତା ବଣ୍ଟନ କାର୍ଯ୍ୟ ସଂପ୍ରସାରଣ ଅଧିକାରୀମାନେ ବଣ୍ଟନ କରିବାକୁ ରହିଥିବାବେଳେ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ଗ୍ରାମ୍ୟ ରୋଜଗାର ସେବକ ଭତ୍ତା ବଣ୍ଟନ କରୁଥିବାରୁ ବିଭିନ୍ନ ସମସ୍ୟା ଦେଖା ଦେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ବିଭିନ୍ନ ସମୟରେ ବୃଦ୍ଧ ବୃଦ୍ଧାମାନେ ବର୍ଦ୍ଧିତ ଭତ୍ତା ପାଇବା ଲାଗି ବ୍ଲକ୍ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ କୌଣସି ସୁଫଳ ମିଳିପାରୁନାହିଁ। ବର୍ଷ ବର୍ଷ ଧରି ଟଙ୍କାର ହିସାବ ସମ୍ପର୍କିତ ତଥ୍ୟ ଓ ଖାତାର ବିବରଣୀ ଯାଞ୍ଚ କରାଯାଉ ନ ଥିବାବେଳେ କୋଟି କୋଟି ଟଙ୍କା ଦୁର୍ନୀତୀ ହେଉଥିବା ଆଶଙ୍କା କରାଯାଉଛି। ଏ ସମ୍ପର୍କରେ ଗୋପ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ସେ କୁହନ୍ତି, କୌଣସି ଅନିୟମିତତା ହୋଇନାହିଁ। ସରକାରୀ ନିୟମ ଅନୁଯାୟୀ ଭତ୍ତା ବଣ୍ଟନ କରାଯାଉଛି ବୋଲି ସେ କହିଥିଲେ।



ରୋଟାରି କ୍ଲବ ପକ୍ଷରୁ ବାହାରିଥିବା ସଚେତନତା ଦୌଡରେ ଭାଗ ନେଇଥିବା ଯୁବତୀ ଯୁବକମାନେ।

## ଶାନ୍ତି ବାର୍ତ୍ତା ସଚେତନତା ଦୌଡ଼

ପୁରୀ ଅଫିସ, ୨୧।୯:

ବିଶ୍ୱ ଶାନ୍ତି ଦିବସ ଉପଲକ୍ଷେ ଶନିବାର ରୋଟାରୀ କ୍ଲବ ପକ୍ଷରୁ ଯୁବକମାନଙ୍କୁ ନେଇ ଶାନ୍ତି ବାହିନୀ ଗଠନ କରାଯାଇଥିଲା। ଏଥିରେ ପୁରୀ ସହର ଏବଂ ଆଖପାଖ ଅଞ୍ଚଳର ପ୍ରାୟ ୧୫୦ ଯୁବକ ଶାନ୍ତିର ବାର୍ତ୍ତା ପାଇଁ ଆୟୋଜିତ ସଚେତନତା ଦୌଡରେ ଭାଗ ନେଇଥିଲେ। ରୋଟାରୀ କ୍ଲବଠାରୁ ଆରମ୍ଭ ହୋଇଥିବା ଏହି ଦୌଡ ଚୈତନ୍ୟ ଛକ, ବେଳାଭୂମି ମାର୍ଗ ଦେଇ ପାନ୍ଥ ନିବାସ ପଛ ପାର୍ଶ୍ୱ ମଡେଲ ବିଚ୍‌ରେ ଶେଷ ହୋଇଥିଲା। ଏହାପରେ ବିଚ୍ ସଫେଇ କରାଯାଇଥିଲା। ଏଥିରେ ଏସ୍‌ପି ଉମାଶଙ୍କର ଦାଶ ସ୍ୱେଚ୍ଛାସେବୀମାନଙ୍କୁ ଶାନ୍ତି ସ୍ୱେଚ୍ଛାସେବୀ ହେବା ପାଇଁ ଶପଥ ପାଠ କରାଇଥିଲେ। ଏହି ଅବସରରେ ଲାଇଫ୍‌ଗାର୍ଡମାନଙ୍କୁ ୱାକିଟକି ପ୍ରଦାନ କରାଯାଇଥିଲା। ରୋଟାରୀ କ୍ଲବ ପକ୍ଷରୁ ଆୟୋଜତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁଗବ୍ରତ କର, ସନ୍ତୋଷ କୁମାର ପାତ୍ର, ସଭାପତି ରବିନାରାୟଣ ମିଶ୍ର, ସମ୍ପାଦକ ସନ୍ତୋଷ କୁମାର ଲେଙ୍କା, ପୂର୍ବତନ ସଭାପତି ଅଜୟ କୁମାର ଶାହା, ବଦ୍ରି ନାରାୟଣ ପାତ୍ର, ଅମ୍ବିକା ପ୍ରସାଦ ମହାନ୍ତି, ତପନ ଦାଶ, ବିଜୟ କୁମାର ପତି ଏବଂ ଇନର ହୁଇଲ କ୍ଲବର ସ୍ୱାଗତିକା ମହାନ୍ତି, ପଦ୍ମିନୀ ପାତ୍ର ପ୍ରମୁଖ ସାମିଲ ଥିଲେ। ନାରାୟଣ ଦାଶ ଧନ୍ୟବାଦ ଦେଇଥିଲେ।

## ୩ ଦେଶର ରାଷ୍ଟ୍ରଦୂତଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

କୋଣାର୍କ, ୨୧।୯(ଡି.ଏନ୍.ଏ.)

୩ ଦେଶର ରାଷ୍ଟ୍ରଦୂତ ଶନିବାର ଅପରାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ଭାରତରେ ଅବସ୍ଥାପିତ କୋଷ୍ଟାରିକାର ରାଷ୍ଟ୍ରଦୂତ କ୍ଲାଉଡିଓ ଆନ୍‌ସୋରେନା ମଣ୍ଟେରୋ, ପାରାଗୁଏର ରାଷ୍ଟ୍ରଦୂତ ଫ୍ଲେମିଂ ରାଉଲ ଦୁଆର୍ତେ ରାମୋସ୍ ଓ ଇକ୍ୱେଡରର ରାଷ୍ଟ୍ରଦୂତ ହେକ୍ଟୋର କ୍ୱେଭା ଜାକମ୍ ପ୍ରମୁଖ ସୂର୍ଯ୍ୟମନ୍ଦିର ମୁଖ୍ୟଫାଟକ ସମ୍ମୁଖରେ ପହଞ୍ଚିବା ପରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ସୂର୍ଯ୍ୟମନ୍ଦିରର ଐତିହ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ ଓ ମନ୍ଦିରର ଗାଥା ସମ୍ପର୍କରେ ସେମାନଙ୍କୁ ପର୍ଯ୍ୟଟନ ଅଧିକାରୀ ପ୍ରଧାନ ବିଷଦ୍ ଭାବରେ ବୁଝାଇଥିଲେ।



କୋଣାର୍କ ପରିଦର୍ଶନରେ ଆସିଥିବା ୩ଦେଶର ରାଷ୍ଟ୍ରାଦୂତଙ୍କ ସମେତ ଅନ୍ୟମାନେ।

## ଦୋକାନରୁ ଚୋରି, ୨ ଗିରଫ

ଡେଲାଙ୍ଗ, ୨୧।୯(ଡି.ଏନ୍.ଏ.)

ହରିରାଜପୁର ଫାଣ୍ଡି ଅଞ୍ଚଳରେ ଥିବା ଏକ ଭେରାଇଟିଷ୍ଟୋରରୁ ଚୋରି କରିଥିବା ଅଭିଯୋଗରେ ଡେଲାଙ୍ଗ ପୋଲିସ ଶନିବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ସେମାନେ ହେଲେ ବରପଦା ଗ୍ରାମର ଦିଲୀପ ନାୟକ ଓରଫ ବିଂଶିଆ (୩୦) ଓ ହରିପୁର ଗ୍ରାମର ବାଦଲ ବାରିକ (୧୯)। ଦୋକାନରୁ କବାଟ ଭାଙ୍ଗି ଡ୍ରରେ ଥିବା ୧୦ ହଜାର ଟଙ୍କା,ସୁନାମୁଦି ଓ ଦୋକାନରେ ଥିବା ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିଲେ। ହରିରାଜପୁର ପମ୍ପ ହାଉସ ଛକଠାରେ ରାମଚନ୍ଦ୍ର ଜେନାଙ୍କର ଏକ ଭେରାଇଟିଷ୍ଟୋର ରହିଛି। ସେ ଗତ ୧୯ ତାରିଖ ରାତି ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଚାଲିଯାଇଥିଲେ। ପରେ ରାତିରେ ଚୋର ୨ଜଣ ଚୋରି କରୁଥିବା ନେଇ ଅନ୍ୟ ଦୋକାନୀମାନେ ଖବର ଦେବାରୁ ରାମଚନ୍ଦ୍ର ସେଠାକୁ ଆସି ପୋଲିସକୁ ଖବର ଦେଇଥିଲେ। ଏନେଇ ଦୋକାନୀ ରାମଚନ୍ଦ୍ର ହରିରାଜପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ୧୭୪/୧୯ ମାମଲା ରୁଜୁ କରିଥିଲା।

## ଗଞ୍ଜେଇ, ଅଫିମ ଜବତ: ୨ଗିରଫ

ପୁରୀ ଅଫିସ, ୨୧।୯ :

ପୁରୀ ସହରରେ ଗଞ୍ଜେଇ ମାଫିଆଙ୍କ ରାଜ ଚାଲିଛି। ପୁରୀ ଠାରୁ ଆରମ୍ଭ କରି ଏହାର ଚେର କଲିକତା, ଦିଲ୍ଲୀ ପର୍ଯ୍ୟନ୍ତ ଲମ୍ବିଛି। ନିକଟରେ ପୁରୀ ଷ୍ଟେଶନରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଥିଲା। ଶନିବାର ଟାଉନ ଥାନା ପୋଲିସ ୨୭କେଜି ୩୦୦ଗ୍ରାମ ଗଞ୍ଜେଇ ଏବଂ ୪୦ଗ୍ରାମ ଅଫିମ୍ ଜବତ କରିଛି। ଏନେଇ ପୋଲିସ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାସେଳି ସାହି ପଣାପ୍ରିୟାଲେନ୍‌ର ଡାମି ଓରଫ ଦାମୋଦର ପଣ୍ଡା(୨୯) ଏବଂ ଲୋକନାଥ ରୋଡ ହାତିଶାଳର



ବିଜୟ ସାମନ୍ତରାୟ (୫୬)। ଏନେଇ ଥାନାରେ ନଂ. ୧୭୦/୧୯ରେ ମାମଲା ରୁଜୁ ହୋଇଛି। ସୂଚନା ପ୍ରକାରେ ପୁରୀ ପୋଲିସ ପକ୍ଷରୁ ଅପରାଧ କ୍ଲିନ୍ ଡ୍ରାଇଭ ଅଭିଯାନ ଜାରି ରହିଛି। କୌଣସି ସୂତ୍ରରୁ ଖବରପାଇ ଟାଉନ ଥାନା ପୋଲିସ ପୃଥକ ଭାବେ ଏକ ଟିମ୍ ଉଭୟ ସ୍ଥାନରେ ଚଢାଉ କରିଥିଲା।

## ପଞ୍ଚାୟତ ବିକାଶ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ

କଣାସ, ୨୧।୯(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଚାଲିଥିବା ଲିଙ୍ଗଗତ ସମ୍ବେଦନଶୀଳତା ପଞ୍ଚାୟତ ବିକାଶ ଯୋଜନା ପ୍ରଶିକ୍ଷଣ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ବରିଷ୍ଠ ଖବରଦାତା ବିଭୂତି ଭୂଷଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିତେନ୍ଦ୍ର ହରିଚନ୍ଦନ ଯୋଗଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ପଞ୍ଚାୟତର ଉନ୍ନତି ପାଇଁ ବିଭିନ୍ନ କମିଟି ଉପରେ କିପରି ଗୁରୁତ୍ୱ ଦେଉଛନ୍ତି ଓ କମିଟିର ସଭ୍ୟମାନେ ପ୍ରଶିକ୍ଷଣ ନେଇ କିପରି ଦକ୍ଷତା ବୃଦ୍ଧିକରିପାରିବେ ସେ ସମ୍ପର୍କରେ ହରିଚନ୍ଦନ ସୂଚନା ଦେଇଥିବା ବେଳେ ଅର୍ଥପ୍ରତି ଲାଳାୟିତ ନ ହେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷକ ଭାବେ ରାଜବଲ୍ଲଭ ସ୍ୱାଇଁ ଏବଂ ଅଶୋକ କୁମାର ସ୍ୱାଇଁ ଯୋଗଦେଇଥିଲେ। ଏହି କର୍ମଶାଳାରେ ସିରେଇ, କାଦୁଆ, ଅଣ୍ଡାଳସିଂହ, ଦୋକନ୍ଦା, ବଡାସ, ପଞ୍ଚାୟତର ଷ୍ଟାଣ୍ଡିଂ କମିଟିର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିବାବେଳେ ଅନୁଷ୍ଠାନର କର୍ମଚାରୀ ସନ୍ତୋଷ ହରିଚନ୍ଦନ ପରିଚାଳନା କରିଥିଲେ।

## ଭାରତ୍ କୋ ଜାନୋ ପ୍ରତିଯୋଗିତା




ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀମାନେ।

ସାକ୍ଷୀଗୋପାଳ, ୨୧।୯(ଡି.ଏନ୍.ଏ.)

ଭାରତ ବିକାଶ ସତ୍ୟବାଦୀ ଶାଖା ପକ୍ଷରୁ ଭାରତ କୋ ଜାନୋ ଜଣା ଅଜଣା ପ୍ରତିଯୋଗିତା ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ, କଣାସ, ପିପିଲି, ଡେଲାଙ୍ଗ, ନିମାପଡା ଓ ପୁରୀ ସଦର ବ୍ଲକର ୩୧ ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେହିପରି ୧୩ଟି ଦଳ ଓଡ଼ିଆ, ସଂସ୍କୃତ ଓ ହିନ୍ଦୀ ଭାଷାରେ ରାଷ୍ଟ୍ରୀୟ ସମୂହ ଗାନ କରିଥିଲେ। ଏହି ଅବସରରେ ସ୍ୱଚ୍ଛତା ହିଁ ସେବା ସଚେତନତା କାର୍ଯ୍ୟକ୍ରମରେ ପ୍ଲାଷ୍ଟିକ ହଟାଅ ସମାଜ ବଞ୍ଚାଅ ସ୍ଲୋଗାନ ଦେଇ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖାଯାଇଥିଲା। ଏନଟିପିସି ସହାୟତାରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭବମ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଭାରତ ବିକାଶ ପରିଷଦର ସ୍ଥାନୀୟ ସଭାପତି ସତ୍ୟବାଦୀ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ରାଷ୍ଟ୍ରୀୟ ଉପାଧକ୍ଷ ସଚ୍ଚିଦାନନ୍ଦ ପଣ୍ଡା, ରାଜ୍ୟ ସଭାପତି ଶୁଭାଶିଷ କର ଓ ରାଜ୍ୟ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ପୁରୀ ଶାଖା ସଭାପତି ପଦ୍ମନାଭ ପଣ୍ଡା, ଭୁବନେଶ୍ୱର ମେଧାବୀ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରସନ୍ନ କୁମାର ସାହୁ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଭିଭାବକ ମାନଙ୍କୁ ରାଷ୍ଟ୍ରୀୟ ଚେତନାରେ ଉଦ୍‌ବୁଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଭ୍ରମରବର ସ୍ୱାଇଁ, ନବଘନ ଶତପଥୀ, ଶୁଶାନ୍ତ ରଥ ଓ ବସନ୍ତ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମା' ମଙ୍ଗଳାଙ୍କ ସହସ୍ର କୁମ୍ଭାଭିଷେକ

କାକଟପୁର, ୨୧।୯(ଡି.ଏନ୍.ଏ.)

ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ସହସ୍ର କୁମ୍ଭାଭିଷେକ ନୀତି ଶନିବାର ଅନୁଷ୍ଠିତ ହୋଇଯାଇଛି। ରବିବାରଠାରୁ ମା'ଙ୍କ ଶାରଦୀୟ ପାର୍ବଣ ପୂଜା ଆରମ୍ଭ ହେବ। ଶନିବାର ଅପରାହ୍ନ ସାଢ଼େ ୨ଟାରେ ମା'ଙ୍କୁ ୧୦୮ କଳସ ଜଳରେ ସ୍ନାନ କରାଯିବା ପରେ ବସ୍ତ୍ର, ଫୁଲ, ଚନ୍ଦନ ଲାଗି କରାଯାଇଥିଲା। ପରେ ଆଳତି, ଭୋଗ, ନୈବେଦ୍ୟ ମା'ଙ୍କୁ ଲାଗି ହେବା ପରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ମନ୍ଦିର ଫିଟାଯାଇଥିଲା। ରବିବାର ମନ୍ଦିରରେ ସପ୍ତଶତୀ ଚଣ୍ଡୀପାଠ, ଅଖଣ୍ଡ ଦୀପ ସ୍ଥାପନା ସହ ମା'ଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହେବ ବୋଲି ପୂଜକ ପ୍ରଦୀପ ପଣ୍ଡା କହିଛନ୍ତି। ଚଳିତବର୍ଷ ମା'ଙ୍କ ଶାରଦୀୟ ପାର୍ବଣ ପୂଜା ପାଇଁ ଷୋଡ଼ଶ ଉପଚାର ପୂଜାପଣ୍ଡା ଭାବେ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କୁ ମନୋନୀତ କରାଯାଇଛି।

■ ଠିକଣା ସମୟରେ ମିଳିଲାନି ଆମ୍ବୁଲାନ୍ସ

## ବେହୋସ ଛାତ୍ରୀଙ୍କୁ ହସ୍ପିଟାଲ ନେବାକୁ ହଇରାଣ

ପୁରୀ ଅଫିସ, ୨୧।୯:

ଅନ୍ତର୍ଜାତୀୟ ବେଳାଭୂମି ସଫେଇ ଦିବସ ଉପଲକ୍ଷେ ପାନ୍ଥ ନିବାସ ପଛ ପାର୍ଶ୍ୱ ବେଳାଭୂମିରେ ମେଗା ଇଭେଣ୍ଟ ଆୟୋଜନ କରାଯାଇଥିଲା। ବଲିଉଡ୍ କଳାକାରଠୁ ଆରମ୍ଭ କରି ବହୁ ସେଲିବ୍ରିଟି ଯୋଗ ଦେଇଥିଲେ। ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଏଠାରେ ଏକତ୍ରିତ ହେବେ ବୋଲି ପ୍ରଶାସନ ପୂର୍ବରୁ ଆକଳନ କରିଥିଲା। ଏହି ସଂଖ୍ୟା ବି ଅଧିକ ହୋଇଯାଇଥିଲା। ଏଥିରେ ଏସ୍‌ଏଚ୍‌ଜି, ମତ୍ସ୍ୟଜୀବୀ ସମ୍ପ୍ରଦାୟ, ବେଳାଭୂମି ଉଠାଦୋକାନୀ, ହୋଟେଲ ମାଲିକ ଓ କର୍ମଚରୀ, ଫଟୋଗ୍ରାଫର ସଂଘ, ଲାଇଫ୍‌ଗାର୍ଡ, ବିଭିନ୍ନ ସ୍କୁଲ କଲେଜ ଛାତ୍ରୀଛାତ୍ର, ଏନ୍‌ସିସି, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଟୁରିଷ୍ଟ ଗାଇଡ୍, ସେବାୟତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ତେବେ ଏତେବଡ ଆୟୋଜନ ହୋଇଥିଲେ ମଧ ଆମ୍ବୁଲାନ୍ସ ସେବାକୁ ବ୍ୟବସ୍ଥିତ କରାଯାଇପାରି ନ ଥିଲା। ଫଳରେ ବେହୋସ ହୋଇପଡିଥିବା ଜଣେ ଛାତ୍ରୀଙ୍କୁ ହସ୍ପିଟାଲ ନେବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ହଇରାଣ ହେବାକୁ ପଡିଥିଲା। ଆମ୍ବୁଲାନ୍ସ ନ ପାଇ ଏକ ବୋଲେରୋରେ ସମ୍ପୃକ୍ତା ଛାତ୍ରୀଙ୍କୁ ହସ୍ପିଟାଲ ନିଆଯାଇଥିଲା।

କାର୍ଯ୍ୟକ୍ରମ ଶେଷ ହେବାର ଠିକ୍ ପରେ ପରେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନରେ ଆସିଥିବା ଜଣେ ଛାତ୍ରୀ ହଠାତ୍ ବେହୋସ ହୋଇ ପଡିଯାଇଥିଲେ। ଶିକ୍ଷାନବିଶ ଆଇଏଏସ୍ ଅଧିକାରୀ ଡ. ଶୁଭଙ୍କର ମହାପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ଛାତ୍ରୀଙ୍କୁ ଟେକି ଟେକି ପାନ୍ଥନିବାସ ପରିସରକୁ ନେଇଯାଇଥିଲେ। ହେଲେ ସେତେବେଳକୁ ଆମ୍ବୁଲାନ୍ସ ସେଠାରେ ନ ଥିଲା। ଫଳରେ ଅନ୍ୟ ଏକ ଗାଡିରେ ଛାତ୍ରୀଙ୍କୁ ହସ୍ପିଟାଲ ନିଆଯାଇଥିଲା। ଏ ସମ୍ପର୍କରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସାହୁ କହିଛନ୍ତି, ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମ ଶେଷ ହେବା ପରେ ଆମ୍ବୁଲାନ୍ସ ପଳାଇ ଯାଇଥିଲା। ସମ୍ପୃକ୍ତା ଛାତ୍ରୀଙ୍କୁ ଆଣି ପହଞ୍ଚିବା ବେଳକୁ ଆମ୍ବୁଲାନ୍ସ ନ ଥିବାରୁ ଅନ୍ୟ ଏକ ଗାଡିରେ ହସ୍ପିଟାଲ ନିଆଯାଇଥିଲା। ତାଙ୍କର ଡିହାଇଡ୍ରେଶନ ହୋଇଥିଲା। କିଛି ସମୟ ଚିକିତ୍ସା ହେବା ପରେ ସେ ସୁସ୍ଥ ହୋଇ ଘରକୁ ଫେରିଯାଇଥିଲେ।



ବେହୋସ ହୋଇଥିବା ଛାତ୍ରୀଙ୍କୁ ହସ୍ପିଟାଲ ନିଆଯାଉଛି।

■ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ମାମଲା

## ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

ନିମାପଡ଼ା,୨୧।୯(ଡି.ଏନ୍.ଏ.):

ନିମାପଡ଼ା ସହକାରୀ ଜିଲ୍ଲା ଦୌରାଜଜଙ୍କ କୋର୍ଟରେ ଶନିବାର ଏକ ଚାଞ୍ଚଲ୍ୟକର ରାୟ ପ୍ରକାଶ ପାଇଛି। ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ମନ୍ଦିର ଭିତରେ ବଳାତ୍କାର କରାଯାଇଥିବା ଘଟଣାର ବିଚାର କରି ସହକାରୀ ଜିଲ୍ଲା ଦୌରାଜଜ ପୂଜା ଷଡ଼ଙ୍ଗୀ ଅଭିଯୁକ୍ତ ଯୁବକଙ୍କୁ ୧୦ବର୍ଷ କାରାଦଣ୍ଡା ଦେଶ, ୧୦ହଜାର ଟଙ୍କା ଜରିମାନା, ଜରିମାନା ନ ଦେଲେ ଅଧିକ ୬ମାସ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି। ଦଣ୍ଡାଦେଶ ପରେ ଅଭିଯୁକ୍ତ ରାମଚଣ୍ଡୀ ଥାନା ଅନ୍ତର୍ଗତ କାନପୁର ଗ୍ରାମର ଆଲୋକ ନାୟକଙ୍କୁ ନିମାପଡ଼ା ଜେଲକୁ ପଠାଇଦିଆଯାଇଛି।

ସୂଚନା ଅନୁଯାୟୀ, ରାମଚଣ୍ଡୀ ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀ ଘରେ ଶୋଇଥିବା ବେଳେ ଅଭିଯୁକ୍ତ ଜଣକ ତାଙ୍କୁ ଉଠାଇ ଆଣିବା ସହ ଏକ ମନ୍ଦିରରେ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ପୀଡ଼ିତାଙ୍କ ଦାଦା ୧୫ଜୁନ ୨୦୧୫ରେ ରାମଚଣ୍ଡୀ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୫୨/୧୫)ରୁଜୁ କରି ତଦନ୍ତ ଚଳାଇଥିଲା। ଉକ୍ତ ଘଟଣାର କିଛିଦିନ ପରେ ପୋଲିସ ଅଭିଯୁକ୍ତ ଆଲୋକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ କୋର୍ଟରେ ଏ ସମ୍ପର୍କରେ ଜି.ଆର୍. ୭୦୦/୧୫ରେ ଏହି ମାମଲାର ବିଚାର ଚାଲିଥିଲା। ଶନିବାର ଏହି ମାମଲାର ରାୟ ପ୍ରକାଶ ପାଇଥିଲା। ସରକାରଙ୍କ ପକ୍ଷରୁ ସରକାରୀ ଆଇନଜୀବୀ ପ୍ରବୋଧ କୁମାର ପରିଡା ଓ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ବାମନ ନାୟକ ଏହି ମାମଲା ପରିଚାଳନା କରିଥିଲେ।